୬୦ତମ ବର୍ଷ ୨୪ ନଭେମ୍ବର ୨୦୧୭ ଚତୁର୍ଥ ସଂଖ୍ୟା

# ନବଜ୍ୟୋତି

ନବଜ୍ୟୋତି କାର୍ଯ୍ୟାଳୟ, ପବ୍ଲିକେସନ୍ ଡିପାର୍ଟମେଣ୍ଟ, ଶ୍ରୀଅରବିନ୍ଦ ଆଶ୍ରମ, ପଣ୍ଡିଚେରୀ–୨


1962

We thirst for perfection.
Not this human perfection which is
a perfection of the ego and bars the
way to the Divine perfection.
But that one perfection which
has the power to manifest upon earth
the Eternal Truth

We thirst for perfection. Not this human perfection which is a perfection of the ego and bars the way to the divine perfection.

But that one perfection which has the power to manifest upon earth the Eternal Truth.

(CWM-15, p. 173) - The Mother

ଆମେ ପରିପୂର୍ଣ୍ଣତା ଲାଗି ପିପାସୀ ହୋଇ ରହିଛୁ । ତାହାକୁ ଏହି ମନୁଷ୍ୟସ୍ତରୀୟ ପରିପୂର୍ଣ୍ଣତା ବୋଲି ଆଦୌ କୁହାଯିବ ନାହିଁ । ମାନବୀୟ ପରିପୂର୍ଣ୍ଣତା ହେଉଛି ଅହଂର ପରିପୂର୍ଣ୍ଣତା ଓ ତାହା ଦିବ୍ୟ-ପରିପୂର୍ଣ୍ଣତାର ପଥକୁ ଓଗାଳି କରି ରଖିଥାଏ ।

ମାତ୍ର, ଆମେ ସେହି ପରିପୂର୍ଣ୍ଣତାର ପିପାସୀ, ଯାହା ମଧ୍ୟରେ କି ଏହି ପୃଥିବୀପୃଷ୍ଠରେ ଶାଶ୍ୱତ ପରମସତ୍ୟର ଅଭିବ୍ୟକ୍ତି ଘଟାଇବାର ଶକ୍ତି ନିହିତ ହୋଇ ରହିଛି ।

- ଶ୍ରୀମା

୬୦ତମ ବର୍ଷ ୨୪ ନଭେମ୍ବର ୨୦୧୭ ଚତୁର୍ଥ ସଂଖ୍ୟା

# ନବଜ୍ୟୋତି

ଶ୍ରୀଅରବିନ୍ଦଙ୍କ ପୂର୍ଣ୍ଣାଙ୍ଗ ଓ ପ୍ରଗତିଶୀଳ ଅଧ୍ୟାତ୍ମ ଜୀବନ-ଦୃଷ୍ଟି ଦ୍ୱାରା ପ୍ରେରିତ
ଯୋଗ, ସମାଜ, ଶିକ୍ଷା ଓ ସଂସ୍କୃତି ସମ୍ବନ୍ଧୀୟ ତ୍ରୈମାସିକ ପତ୍ରିକା ।

ପ୍ରେରଣା : ଶ୍ରୀ ରାମକୃଷ୍ଣ ଦାସ ପ୍ରତିଷ୍ଠାତା : ଶ୍ରୀ ପ୍ରପତ୍ତି
ସଂପାଦକ : ଶ୍ରୀ ବିଶ୍ୱମ୍ଭର ସାମନ୍ତ

**ପ୍ରତି ସଂଖ୍ୟା : ୨୦ ଟଙ୍କା, ବାର୍ଷିକ ଚାନ୍ଦା : ୮୦ ଟଙ୍କା, ଆଜୀବନ ସଭ୍ୟଚାନ୍ଦା (୨୦ ବର୍ଷ) : ୮୦୦ ଟଙ୍କା**

# ସୂଚୀପତ୍ର

[ନବଜ୍ୟୋତି • ନଭେମ୍ବର, ୨୦୧୭]


**ଯୋଗ-ଦର୍ଶନ**

| | | | | |
|---|---|---|---|---|
| ପୂର୍ଣ୍ଣାଙ୍ଗ ପୂର୍ଣ୍ଣତାର ଯୋଗ | ... | ଶ୍ରୀଅରବିନ୍ଦ | ... | ୯ |
| ଚେତନାର ପରିବର୍ତ୍ତନ ଓ ନବଜନ୍ମ | ... | ଶ୍ରୀମା | ... | ୧୧ |
| ସତ୍ୟକୁ ବାଛିବା | ... | ଶ୍ରୀମା | ... | ୧୨ |
| ମାତୃଶକ୍ତିମାନଙ୍କ ସମ୍ପର୍କରେ | ... | ଶ୍ରୀମା | ... | ୧୩ |

**ସଂସ୍କୃତି-କଳା-ସାହିତ୍ୟ-ବିଜ୍ଞାନ**

| | | | | |
|---|---|---|---|---|
| ବନ୍ଦେ ମାତରମ୍ | ... | ଶ୍ରୀଅରବିନ୍ଦ | ... | ୧୭ |
| ଦୁଇଟି ଶିକ୍ଷା | ... | ଶ୍ରୀ ନଳିନୀକାନ୍ତ ଗୁପ୍ତ | ... | ୨୧ |
| ଭଗ ସବିତା, ଯେ ଭୋକ୍ତା – ତାଙ୍କ ଉଦ୍ଦେଶ୍ୟରେ (ଋଗ୍‌ବେଦ : ମଣ୍ଡଳ - ୫, ସୂକ୍ତ : ୮୨, ଋଷି : ଶ୍ୟାବାଶ୍ୱ ଆତ୍ରେୟ) | ... | ଶ୍ରୀଅରବିନ୍ଦ | ... | ୨୩ |
| ଶ୍ରୀମା'ଙ୍କର ମହାପ୍ରୟାଣ | ... | ଶ୍ରୀ ମାଧବ ପଣ୍ଡିତ | ... | ୨୬ |
| ଆଜିର ସଙ୍କଟ : କ୍ରମ ବିକାଶରେ ଅନିବାର୍ଯ୍ୟ ? | ... | ଶ୍ରୀ ମନୋଜ ଦାସ | ... | ୩୩ |
| ନବଯୁଗର ଆହ୍ୱାନ | ... | ଶ୍ରୀ ପ୍ରପତ୍ତି | ... | ୩୬ |
| ସିଦ୍ଧି ଦିବସ | ... | ଶ୍ରୀ ପଞ୍ଚାନନ ମହାନ୍ତି | ... | ୩୯ |
| ଲକ୍ଷ୍ୟ ପଛରେ ଲାଗି ରହିବା | ... | ଶ୍ରୀ ବିଶ୍ୱମ୍ବର ସାମନ୍ତ | ... | ୪୨ |
| ଶ୍ରୀଅରବିନ୍ଦ ଓ ଦିଲୀପକୁମାର (୪) | ... | ... | ... | ୪୬ |

**ସାଧନା-ପରମ୍ପରା**

| | | | | |
|---|---|---|---|---|
| ଜ୍ଞାନେଶ୍ୱରୀ | ... | ... | ... | ୫୦ |

**ଅନ୍ତରାଳ ଜଗତ୍**

| | | | | |
|---|---|---|---|---|
| ସୂକ୍ଷ୍ମଦର୍ଶନ (ଶ୍ରୀମା'ଙ୍କ ସହ ଏକ କଥୋପକଥନ) | ... | ... | ... | ୫୬ |

**ସମ୍ପାଦକୀୟ**

| | | | | |
|---|---|---|---|---|
| ନୂତନ ସୃଷ୍ଟି ପାଇଁ କ୍ରିୟାଶୀଳ ଏକ ନୂତନ ଚେତନା | ... | ... | ... | ୫୮ |


❖

It was the descent of Krishna into the physical ...

The descent of Krishna would mean the descent of the Overmind Godhead preparing, though not itself actually bringing, the descent of Supermind and Ananda. Krishna is the Anandamaya, he supports the evolution through the Overmind leading it towards his Ananda.

(24 Nov 1976, Darshan Message ) – Sri Aurobindo

ଏହା ଥିଲା ଭୌତିକ ସତ୍ତାରେ କୃଷ୍ଣଙ୍କର ଅବତରଣ ...

କୃଷ୍ଣଙ୍କର ଅବତରଣର ଅର୍ଥ ହେଉଛି ଅଧିମାନସ ଈଶ୍ୱରଙ୍କର ଅବତରଣ ଯାହା ଅତିମାନସ ଓ ଆନନ୍ଦର ଅବତରଣ ନିମିତ୍ତ ପଥ ପ୍ରସ୍ତୁତ କରେ ଯଦିଓ ଏହି ଅବତରଣ ଅତିମାନସକୁ ସଙ୍ଗରେ ନେଇ ଆସେ ନାହିଁ । କୃଷ୍ଣ ହେଉଛନ୍ତି ଆନନ୍ଦମୟ, ସେ ଅଧିମାନସ ମାଧ୍ୟମରେ ବିବର୍ତ୍ତନକୁ ସାହାଯ୍ୟ କରି ତାହାକୁ ତାଙ୍କରି ଆନନ୍ଦ ଦିଗରେ ନେଇଯା'ନ୍ତି ।

– ଶ୍ରୀଅରବିନ୍ଦ



As soon as one is convinced that there is a living and real Truth seeking to express itself in an objective universe, the only thing that seems to have any importance or value is to come into contact with this Truth, to identify oneself with it as perfectly as possible, and to no longer be anything but a means of expressing it, making it more and more living and tangible so that it may be manifested more and more perfectly.

(CWM, Vol. 9, p. 257) – The Mother

ଯେଉଁ ମୁହୂର୍ତ୍ତରେ ତୁମର ହୃଦ୍‌ବୋଧ ହୁଏ ଯେ ଏକ ଜୀବନ୍ତ ଓ ଯଥାର୍ଥ ଦିବ୍ୟସତ୍ୟ ରହିଛି ଯାହାକି ବାସ୍ତବ ବିଶ୍ୱଜଗତରେ ନିଜକୁ ପ୍ରକାଶ ଓ ଅଭିବ୍ୟକ୍ତ କରିବାକୁ ଚାହୁଁଛି, ସେତେବେଳେ ଏକମାତ୍ର ଯେଉଁ ଜିନିଷର କୌଣସି ଗୁରୁତ୍ୱ ବା ମୂଲ୍ୟ ରହିଛି ତା’ ହେଉଛି ସେହି ଦିବ୍ୟସତ୍ୟ ସଙ୍ଗେ ସଂଯୋଗ ସ୍ଥାପନ କରିବା, ଯେତେ ଅଧିକ ପୂର୍ଣ୍ଣ ଓ ନିଖୁଣ ଭାବରେ ସମ୍ଭବ ସେହି ସତ୍ୟ ସହ ନିଜେ ଏକାତ୍ମ ହୋଇଯିବା ଏବଂ ଆଉ ଅନ୍ୟ କିଛି ନହୋଇ ସେହି ସତ୍ୟକୁ ପ୍ରକାଶ କରିବାର ଏକ ନିମିତ୍ତ ବା ଅବଲମ୍ବନ ହୋଇ ଉଠିବା ଏବଂ ତାହାକୁ ଆହୁରି ଅଧିକରୁ ଅଧିକ ଜୀବନ୍ତ ଓ ଅନୁଭବଗମ୍ୟ କରି ଗଢ଼ି ତୋଳିବା, ଯାହା ଫଳରେ ସେହି ସତ୍ୟ ଆହୁରି ଅଧିକରୁ ଅଧିକ ପୂର୍ଣ୍ଣ ଓ ନିଖୁଣ ଭାବରେ ଅଭିବ୍ୟକ୍ତ ହୋଇପାରେ ।

— ଶ୍ରୀମା



# ପୂର୍ଣ୍ଣାଙ୍ଗ ପୂର୍ଣ୍ଣତାର ଯୋଗ

## ଶ୍ରୀଅରବିନ୍ଦ

ପୂର୍ଣ୍ଣାଙ୍ଗ ପୂର୍ଣ୍ଣତାର ଯୋଗ ମନୁଷ୍ୟକୁ ଦେଖିଥାଏ ଏକ ଦିବ୍ୟ-ଆଧ୍ୟାତ୍ମିକ ସତ୍ତା ରୂପେ, ଯେ କି ମନ, ପ୍ରାଣ ଓ ଦେହ ଭିତରେ ନିବର୍ତ୍ତିତ ହୋଇ ରହିଛି; ତେଣୁ ମନୁଷ୍ୟର ଦିବ୍ୟପ୍ରକୃତିର ବିମୁକ୍ତି ଓ ପୂର୍ଣ୍ଣତାକୁ ଏହା ନିଜର ଲକ୍ଷ୍ୟ ରୂପେ ଗ୍ରହଣ କରେ। ପୂର୍ଣ୍ଣ ଭାବରେ ବିକଶିତ ଏବଂ ଆଧ୍ୟାତ୍ମିକ ସତ୍ତା ଭିତରେ ଏକ ଆନ୍ତର ଜୀବନ ଯାପନକୁହିଁ ନିଜର ସତ୍ତା ଓ ଯଥାର୍ଥ ଜୀବନ ରୂପେ ଗଢ଼ି ତୋଳିବା ପାଇଁ ଏହା ଅଭୀପ୍ସା କରିଥାଏ, ଏବଂ ମନ, ପ୍ରାଣ ଓ ଦେହର ସମସ୍ତ ଆଧ୍ୟାତ୍ମିକ ଭାବାପନ୍ନ କ୍ରିୟାକଳାପକୁ ସେହି ଯଥାର୍ଥ ଜୀବନର କେବଳ ଏକ ବାହ୍ୟ ମାନବୀୟ ପ୍ରକାଶ ହିସାବରେ ରୂପାୟିତ କରିବା ପାଇଁ ଏହା ଯତ୍ନ କରୁଥାଏ। ଏହି ଆଧ୍ୟାତ୍ମିକ ସତ୍ତାଟି ଖାଲି ଯେପରି ଏକ ଅସ୍ପଷ୍ଟ, ଅନିର୍ଦ୍ଦିଷ୍ଟ ବସ୍ତୁ ହୋଇ ନରୁହେ ବା ଅପୂର୍ଣ୍ଣ ଭାବରେ ଉପଲବ୍ଧ ଓ ମନର ଅବଲମ୍ବନ ବା ମନର ସୀମା ଭିତରେ ନିର୍ଭରଶୀଳ ହୋଇ ନରୁହେ ସେଥିଲାଗି ଏହା ଅଭୀପ୍ସା କରିଥାଏ ମନକୁ ଅତିକ୍ରମ କରି ଅତିମାନସ ଜ୍ଞାନ, ସଂକଳ୍ପ, ବୋଧ, ଅନୁଭୂତି ଓ ସଂବୋଧି ଭିତରେ ପ୍ରବେଶ କରିବା ପାଇଁ ଏବଂ ପ୍ରାଣିକ ଓ ଦୈହିକ କ୍ରିୟାର ସେହିସବୁ ଗତିଶୀଳ ସକ୍ରିୟ କର୍ମୋଦ୍ୟୋଗଗୁଡ଼ିକୁ ବାସ୍ତବ ରୂପ ଦେବା ପାଇଁ ଯାହା ଆଧ୍ୟାତ୍ମିକ ସତ୍ତାର ସ୍ୱକୀୟ ସ୍ୱାଭାବିକ କ୍ରିୟାସକଳ। ପୂର୍ଣ୍ଣଯୋଗ ଜୀବନକୁ ଗ୍ରହଣ କରେ, କିନ୍ତୁ ସେହି ପାର୍ଥିବ ଓ ଭୌତିକ ଜୀବନ ପଛରେ ରହିଥିବା ବ୍ୟାପକ ଅତି ଜାଗତିକ କ୍ରିୟାଗୁଡ଼ିକୁ ମଧ୍ୟ ହିସାବକୁ ନେଇ ତାହା ସଂପର୍କରେ ସଚେତ ରହିଥାଏ ଏବଂ ନିଜକୁ ସେହି ଦିବ୍ୟ-ପରମସତ୍ତାଙ୍କ ସଙ୍ଗେ ସଂଯୁକ୍ତ କରି ରଖେ, ଯେଉଁ ପରମ ଉତ୍ସଟି ମଧ୍ୟରେ ଏହି ସମସ୍ତ ଆଂଶିକ ଓ ନିମ୍ନତର ସ୍ଥିତିମାନ ସଂଭୂତ ହୋଇଛି।

ଏହା ଫଳରେ ସେ ଚାହିଁଥାଏ ତା'ର ସମଗ୍ର ଜୀବନ ଯେପରି ନିଜର ଦିବ୍ୟ-ଉତ୍ସଟି ସଂପର୍କରେ ସଚେତ ହେବ ଏବଂ ଜ୍ଞାନ, ସଂକଳ୍ପ, ଅନୁଭୂତିବୋଧ ଓ ଦେହର ପ୍ରତ୍ୟେକଟି କ୍ରିୟାରେ ପରମଙ୍କଠାରୁ ଉତ୍ସାରିତ ଦିବ୍ୟ-ମୂଳପ୍ରେରଣାଗୁଡ଼ିକୁ ଅନୁଭବ କରିପାରିବ। ପାର୍ଥିବ ଲକ୍ଷ୍ୟ ମଧ୍ୟରେ ଯାହା କିଛି ସାରବସ୍ତୁ ରହିଥାଏ ପୂର୍ଣ୍ଣଯୋଗ ତହିଁରୁ କୌଣସିଟିକୁ ବର୍ଜନ କରେ ନାହିଁ, ବରଂ ତାହାକୁ ଆହୁରି ବିସ୍ତାରିତ କରିଦିଏ, ବର୍ତ୍ତମାନ ତା'ଠାରୁ ଲୁକ୍କାୟିତ ହୋଇ ରହିଥିବା ତାହାର ଯଥାର୍ଥ ତାତ୍ପର୍ଯ୍ୟ ଓ ଅର୍ଥକୁ ଆବିଷ୍କାର କରି ତାହାର ସେହି ବୃହତ୍ତର ସତ୍ୟ ମଧ୍ୟରେ ବାସ କରିବାକୁ ଆଗେଇ ଯାଏ ଏବଂ ବର୍ତ୍ତମାନ ତାହା ଯେପରି ଏକ ସୀମାବଦ୍ଧ, ପାର୍ଥିବ ଓ ମରଣଶୀଳ ବସ୍ତୁ ହୋଇ ରହିଛି, ତାହା ବଦଳରେ ତାହାକୁ ରୂପାନ୍ତରିତ କରିଦିଏ ଅନନ୍ତ, ଦିବ୍ୟ ଓ ଅମରତ୍ୱର ସମସ୍ତ ମୂଲ୍ୟଧାରଣ କରିଥିବା ଏକ ଦିବ୍ୟବସ୍ତୁରେ।

... ... ବିଶ୍ୱାତୀତ ପରମ ଭଗବାନଙ୍କ ପ୍ରତି ନିଜକୁ ଉନ୍ମୋଚିତ କରିଦେବା ହେଉଛି ଏହି ପୂର୍ଣ୍ଣାଙ୍ଗ ପୂର୍ଣ୍ଣତାର ଏକ ପ୍ରଧାନ ଆବଶ୍ୟକ ସର୍ତ୍ତ, ବିଶ୍ୱଗତ ଭଗବାନଙ୍କ ସଙ୍ଗେ ନିଜକୁ ଯୁକ୍ତ ଓ ମିଳିତ କରିଦେବା ହେଉଛି ଏହାର ଅନ୍ୟ ଏକ ପ୍ରଧାନ ଆବଶ୍ୟକ ସର୍ତ୍ତ। ଏହିଠାରେ ଆତ୍ମପୂର୍ଣ୍ଣତାର ଯୋଗ ଜ୍ଞାନ, କର୍ମ ଓ ଭକ୍ତିଯୋଗଗୁଡ଼ିକ ସଙ୍ଗରେ ଏକତ୍ର ମିଳିତ ହୋଇ ଯାଇଥାଏ। କାରଣ ସେହି ପରମ ସତ୍ତା, ପରମ ଚେତନା ଓ ପରମ ଆନନ୍ଦଙ୍କ ସଙ୍ଗେ ଯୁକ୍ତ ଓ ମିଳିତ ନହେବା ଯାଏ ଏବଂ ସମସ୍ତ ବସ୍ତୁ ତଥା ସମସ୍ତ ଜୀବ ମଧ୍ୟରେ ରହିଥିବା ତାଙ୍କର ସେହି ବିଶ୍ୱଗତ ଆତ୍ମା ସହ ଏକତ୍ୱ ଲାଭ ନକରିବା ଯାଏ ମନୁଷ୍ୟର ପ୍ରକୃତିକୁ ଏକ ଦିବ୍ୟ-ପ୍ରକୃତିରେ ବଦଳାଇ ଦେବା ବା ତାହାକୁ ସେହି ଦିବ୍ୟଜ୍ଞାନ, ସଂକଳ୍ପ ଓ ଅସ୍ତିତ୍ୱଗତ ଦିବ୍ୟ-ଆନନ୍ଦର ଏକ ନିମିତ୍ତ ବା ଯନ୍ତ୍ର ରୂପେ ଗଢ଼ିତୋଳିବା ଆଦୌ ସମ୍ଭବ ନୁହେଁ। ମଣିଷ ସେହି ଦିବ୍ୟ-ପ୍ରକୃତିକୁ କେବେହେଲେ ପୂରାପୂରି ପୃଥକୀଭୂତ ଭାବରେ ଏକ ସ୍ୱକୀୟ ଶକ୍ତି ରୂପେ ଅଧିକାର କରିପାରିବ ନାହିଁ; କେବଳ ଏକ ଆତ୍ମ-ପ୍ରତ୍ୟାହାର ମୂଳକ ନିମଜ୍ଜନ ଦ୍ୱାରା ତା' ସହିତ ଏକ ଧରଣର ଏକତ୍ୱଲାଭ କରିପାରେ। କିନ୍ତୁ ସେହି ଏକତ୍ୱ ଏକ ଅନ୍ତରତମ ଆଧ୍ୟାତ୍ମିକ ଏକତ୍ୱ ହୋଇ ପାରିବ ନାହିଁ ଯେପର୍ଯ୍ୟନ୍ତ ମନୁଷ୍ୟ ଏଠାରେ ମନ, ପ୍ରାଣ ଓ ଦେହରେ ଏକ ପୃଥକୀଭୂତ ସ୍ୱତନ୍ତ୍ର ଅସ୍ତିତ୍ୱ ନେଇ ଅଲଗା ଭାବରେ ଜୀବନ ଧାରଣ କରି ରହିଥିବ।

ସଂପୂର୍ଣ୍ଣ ପରିପୂର୍ଣ୍ଣତା ହେଉଛି ସେହି ସଂପଦ ଲାଭ ଯାହା ଏହି ଆଧ୍ୟାତ୍ମିକ ଏକତ୍ୱ ମାଧ୍ୟମରେ, ଆଉ ମଧ୍ୟ ବିଶ୍ୱସତ୍ତାର ଅନ୍ୟସବୁ ସ୍ଥାୟିରୂପ ବିଶ୍ୱମନ, ବିଶ୍ୱପ୍ରାଣ ଓ ବିଶ୍ୱ ରୂପାୟନ

ସହ ଏକତ୍ୱ ମାଧ୍ୟମରେ ଆସିଥାଏ । ଅଧିକନ୍ତୁ, ଯେତେବେଳେ ମନୁଷ୍ୟ ଜୀବନକୁ ମନୁଷ୍ୟ ଭିତରେ ଅଭିବ୍ୟକ୍ତ ହେଉଥିବା ସେହି ପରମ ଭଗବାନଙ୍କର ଆତ୍ମପ୍ରକାଶ ବୋଲି ତଥାପି ଗ୍ରହଣ କରାଯାଉଛି ସେତେବେଳେ ଆମ ଜୀବନ ଉପରେ ସେହି ସମଗ୍ର ଦିବ୍ୟ-ପ୍ରକୃତିର କ୍ରିୟା ଅବଶ୍ୟ ସଂଘଟିତ ହେଉଥିବ, ଏବଂ ଏହାହିଁ ଆଣି ଦେଉଛି ଅତିମାନସ ପରିବର୍ତ୍ତନର ସେହି ଆବଶ୍ୟକତାଟିକୁ ଯାହା ଆମ ବାହ୍ୟ ପ୍ରକୃତିର ନାନା ଦୋଷଯୁକ୍ତ କ୍ରିୟା ବଦଳରେ ଅଧ୍ୟାତ୍ମସତ୍ତାର ସ୍ୱଭାବଗତ ମୂଳ କ୍ରିୟାକୁହିଁ ରୂପାୟିତ କରିବ ଏବଂ ଆମର ମନୋମୟ, ପ୍ରାଣିକ ଓ ଦୈହିକ ଅଂଶଗୁଡ଼ିକୁ ଏକ ଆଧ୍ୟାତ୍ମିକ ଆଦର୍ଶରେ ଆଧ୍ୟାତ୍ମିକ ଭାବାପନ୍ନ କରି ସେଗୁଡ଼ିକୁ ରୂପାନ୍ତରିତ କରିଦେବ । ଏହି ତିନୋଟି ଉପାଦାନ ଅର୍ଥାତ୍ ପରମ ଭଗବାନଙ୍କ ସଙ୍ଗେ ମିଳିତ ହେବା, ବିଶ୍ୱ ଆତ୍ମା ସହ ଯୁକ୍ତ ଓ ମିଳିତ ହେବା ଏବଂ ସେହି ବିଶ୍ୱାତ୍ମକତା ମାଧ୍ୟମରେ ସେହି ବିଶ୍ୱାତୀତ ପରମ ଉତ୍ସଠାରୁ ନିଃସୃତ ଏକ ଜୀବନ କ୍ରିୟାକୁ ପରିପୋଷଣ କରିବା କିନ୍ତୁ ତଥାପି ବ୍ୟକ୍ତିକୁହିଁ ସେହି ଆତ୍ମାର ସଞ୍ଚରଣ ପଥ ଓ ସ୍ୱାଭାବିକ ନିମିତ୍ତ ରୂପେ ଗ୍ରହଣ କରିବା – ଏହାହିଁ ହେଉଛି ମାନବସତ୍ତାର ପୂର୍ଣ୍ଣାଙ୍ଗ ଦିବ୍ୟ ପୂର୍ଣ୍ଣତାର ସାର କଥା ।

(Bulletin, April. 1969, p. 12,14-16)

## ଆନ୍ତର ଶୁଦ୍ଧି ଓ ଅଭିବ୍ୟକ୍ତି

ନିମ୍ନ ପ୍ରକୃତି ଓ ତା'ର ବାଧାବିଘ୍ନଗୁଡ଼ିକ ଉପରେ ଅତ୍ୟଧିକ ମନ ଦେବା ଏକ ଭୁଲ୍, ଏହା ହେଉଛି ସାଧନାର ନକାରାତ୍ମକ ପାର୍ଶ୍ୱ । ସେଗୁଡ଼ିକୁ ଦେଖିପାରିବା ଓ ଶୁଦ୍ଧ କରିବା ନିଶ୍ଚୟ ଆବଶ୍ୟକ, କିନ୍ତୁ ସେଇଗୁଡ଼ିକହିଁ ସବୁଠୁ ଗୁରୁତ୍ୱପୂର୍ଣ୍ଣ ଜିନିଷ ବୋଲି ମନେ କରି, କେବଳ ସେଇଥିରେ ମନୋନିବେଶ କରି ଲାଗି ରହିଲେ ତାହା ସହାୟକ ହୁଏ ନାହିଁ । ଅବତରଣର ସକାରାତ୍ମକ ଦିଗ ବା ପାର୍ଶ୍ୱଟି ହେଉଛି ଅଧିକ ଗୁରୁତ୍ୱପୂର୍ଣ୍ଣ ଜିନିଷ । ଯଦି ଜଣେ ସକାରାତ୍ମକ ଅନୁଭୂତିର ଜିନିଷଗୁଡ଼ିକୁ ଆବାହନ କରିବା ପୂର୍ବରୁ ତା'ର ନିମ୍ନ-ପ୍ରକୃତି ସମଗ୍ର ଭାବରେ ଓ ସବୁଦିନ ପାଇଁ ଶୁଦ୍ଧ ହେବା ସକାଶେ ଅପେକ୍ଷା କରେ, ତା'ହେଲେ ତାହାକୁ ହୁଏତ ଚିରକାଳ ପାଇଁ ଅପେକ୍ଷା କରିବାକୁ ପଡ଼ିପାରେ । ଏହା ସତ୍ୟ ଯେ ନିମ୍ନତର ପ୍ରକୃତି ଯେତେ ଅଧିକ ଶୁଦ୍ଧ ହୁଏ, ଉଚ୍ଚତର ପ୍ରକୃତିର ଅବତରଣ ସେତେ ଅଧିକ ସହଜ ହୁଏ, କିନ୍ତୁ ଏହା ମଧ୍ୟ ସତ୍ୟ ଓ ଅଧିକତର ସତ୍ୟ ଯେ ଉଚ୍ଚତର ପ୍ରକୃତି ଯେତେ ଅଧିକ ଅବତରଣ କରେ, ନିମ୍ନତର ପ୍ରକୃତି ସେତେ ଅଧିକ ଶୁଦ୍ଧ ହୁଏ । ନା ପୂର୍ଣ୍ଣ ଶୁଦ୍ଧି, ନା ସ୍ଥାୟୀ ବା ପୂର୍ଣ୍ଣ ଅଭିବ୍ୟକ୍ତି, କୌଣସିଟି ମଧ୍ୟ ହଠାତ୍, ତତ୍କ୍ଷଣାତ୍ ଭାବରେ ଆସେ ନାହିଁ, ଏଥିପାଇଁ ସମୟ ଓ ଧୈର୍ଯ୍ୟପୂର୍ଣ୍ଣ ଅଗ୍ରଗତି ପ୍ରୟୋଜନ । ଏହି ଦୁଇଟି ଜିନିଷ (ଶୁଦ୍ଧି ଓ ଅଭିବ୍ୟକ୍ତି) ପାଖ ପାଖ ହୋଇ ଆଗେଇ ଚାଲନ୍ତି ଏବଂ ଗୋଟିଏ ଅନ୍ୟଟିର ହାତ ଧରି ଆଗେଇବାର ଖେଳାରେ ଅଧିକରୁ ଅଧିକ ଶକ୍ତିଶାଳୀ ହୋଇ ଉଠୁଥା'ନ୍ତି । – ଏହାହିଁ ସାଧନାର ସାଧାରଣ ମାର୍ଗ ।

– ଶ୍ରୀଅରବିନ୍ଦ

# ଚେତନାର ପରିବର୍ତ୍ତନ ଓ ନବଜନ୍ମ

## ଶ୍ରୀମା

ଏକମାତ୍ର ଯେଉଁ ଜିନିଷ ଯଥାର୍ଥରେ ଫଳପ୍ରଦ, ତା' ହେଉଛି ଚେତନାର ପରିବର୍ତ୍ତନ । ଅତିମାନସ ଶକ୍ତିର ସ୍ପନ୍ଦନ ସଙ୍ଗେ ଏକ ଅନ୍ତରଙ୍ଗ, ନିରନ୍ତର ତଥା ଅଖଣ୍ଡ ଓ ଅନିବାର୍ଯ୍ୟ ସଂଯୋଗ ଓ ଐକ୍ୟର ମାଧ୍ୟମରେ ଯେଉଁ ଆନ୍ତର ମୁକ୍ତି ଆସିଥାଏ, ଏହା ହେଉଛି ସେହି ପରିବର୍ତ୍ତନ । ଅତିମାନସ ଶକ୍ତିସମୂହ ସଙ୍ଗେ, ଭଗବତ୍ ଶକ୍ତିସମୂହ ସଙ୍ଗେ ଏହି ସଂଯୋଗ ଓ ଐକ୍ୟ ହେଉ ଆମ ପ୍ରତ୍ୟେକଟି ମୁହୂର୍ତ୍ତର ଅଭିନିବେଶ, ଏହାହିଁ ହେଉ ଆମ ସତ୍ତାର ସମଗ୍ର ଉପାଦାନର ସଂକଳ୍ପ, ଶରୀରର ସମସ୍ତ ଦେହକୋଷକୁ ନେଇ ଏହାହିଁ ହେଉ ଆମ ସମଗ୍ର ସତ୍ତାର ଅଭୀପ୍ସା । ଏହାର ପରିଣତି ବା ଫଳାଫଳ କ'ଣ ହେବ ସେ ନେଇ ପୂର୍ବରୁ ଭାବନା କରିବାର ଆଦୌ କୌଣସି ଆବଶ୍ୟକତା ଆଉ ନାହିଁ । ବିଶ୍ୱଶକ୍ତିର ଲୀଳା ଓ ଅଭିବ୍ୟକ୍ତି ଭିତରେ ଯାହା ହେବାର ଅଛି ତାହାହିଁ ହେବ, ଏବଂ ତାହା ହେବ ଖୁବ୍ ସ୍ୱାଭାବିକ ଭାବରେ, ସ୍ୱତଃସ୍ଫୂର୍ତ୍ତ ଭାବରେ, ସ୍ୱୟଂଚାଳିତ ଭାବରେ, ଆପେ ଆପେ; ସେସମ୍ପର୍କରେ ପୂର୍ବରୁ ଆଦୌ କୌଣସି ଭାବନାର କିଛି ବି ପ୍ରୟୋଜନ ନାହିଁ । ଯେଉଁ ଗୋଟିଏ କଥା ଜରୁରୀ ତାହା ହେଉଛି ସେହି ଦିବ୍ୟଶକ୍ତି ସହ, ସେହି ଦିବ୍ୟ-ଆଲୋକ, ସେହି ଦିବ୍ୟସତ୍ୟ, ସେହି ଦିବ୍ୟସାମର୍ଥ୍ୟ ସହିତ ଓ ଅତିମାନସ ଚେତନାର ସେହି ଅନିର୍ବଚନୀୟ ଆନନ୍ଦ ସହିତ ନିରନ୍ତର, ସାମଗ୍ରିକ ଓ ସମ୍ପୂର୍ଣ୍ଣ ସଂଯୋଗ – ନିରନ୍ତର, ହଁ, ନିରନ୍ତର ସଂଯୋଗ ।

ଏହାହିଁ ହେଉଛି ଆନ୍ତରିକତା । ବାକି ସବୁକିଛି ହେଉଛି ଅନୁକରଣ, ଏହା ହେଉଛି ପ୍ରାୟ ନିଜ ପାଇଁ ନିଜର ଏକ ଭୂମିକାରେ ଅବତୀର୍ଣ୍ଣ ହେବା ।

ସମ୍ପୂର୍ଣ୍ଣ ବିଶୁଦ୍ଧି ହେଉଛି ନିଜେ *ହୋଇଉଠିବା*; ଏକ ଆତ୍ମ-ପୂର୍ଣ୍ଣତାର ଅଭିବ୍ୟକ୍ତି ଭିତରେ ଚିରନ୍ତର ଭାବରେ ଅଧିକରୁ ଅଧିକ ହୋଇ ଉଠିବା । ଜଣେ *ହୋଇ ଯାଇଛି* ବୋଲି ଛଳନା କଲେ ଚଳିବ ନାହିଁ : ସ୍ୱତଃସ୍ଫୂର୍ତ୍ତ ଭାବରେ ତୁମକୁ ତାହା *ହୋଇ ଉଠିବାକୁ* ହେବ ।

ଏହାହିଁ ହେଉଛି ଆନ୍ତରିକତା ।

*

ଆମ ପାଇଁ ନବଜନ୍ମର ଅର୍ଥ ହେଉଛି ଆମ ଭିତରୁ ପୁରୁଣା ଚେତନା ଖସିପଡ଼ିବା । କିନ୍ତୁ ଏହା କେବଳ ଏପରି ଏକ ନବଜନ୍ମ ନୁହେଁ ଯେଉଁଥିରେ ତୁମେ ହଠାତ୍ ଗୋଟିଏ ମୁହୂର୍ତ୍ତରେ ତୁମର ସବୁତକ ଅତୀତ ସହିତ ସଂପର୍କ ଛିନ୍ନ କରିଦେବ । ତୁମର ପୁରାତନ ବ୍ୟକ୍ତିତ୍ୱ, ତୁମର ବାହ୍ୟ ନିମ୍ନ ପ୍ରକୃତିର ମୃତ୍ୟୁ ଏବଂ ନୂଆ କରି ଏକ ଜୀବନ ଆରମ୍ଭ କରିବା ଭିତରେ ଏକ ପ୍ରକାର କ୍ରମାଗତତା ରହିଥାଏ । ନବଜନ୍ମର ଅନୁଭୂତି ଭିତରେ, ପୁରୁଣା ସତ୍ତାର ପ୍ରତ୍ୟାଖ୍ୟାନର ଗତିବୃତ୍ତି ସହିତ ଓତପ୍ରୋତ ଭାବେ ଜଡ଼ିତ ରହିଥାଏ ତହିଁରୁ ଉଠି ଆସିଥିବା ନୂଆ ଚେତନାର ଓ ନୂଆ ଶକ୍ତିର ଗତିବୃତ୍ତିଗୁଡ଼ିକ । ଯାହା ଫଳରେ ଚେତନାରୁ ଯେଉଁ ଜିନିଷଗୁଡ଼ିକ ଫୋପାଡ଼ି ଦିଅ, ତାହା ଭିତରୁ ଯାହାସବୁ ଉତ୍ତମ ଜିନିଷ ଥିବ ତାହା ପୁଣି ଏକ ନୂତନ ସୃଷ୍ଟିରେ ନୂଆ ଚେତନା ସହ ଯୁକ୍ତ ହେବା ପାଇଁ ସମ୍ଭବପର ହୋଇପାରେ । ନବଜନ୍ମର ପ୍ରକୃତ ତାତ୍ପର୍ଯ୍ୟ ହେଲା ଯେଉଁ ଅବଚେତନାର ଗର୍ଭ ଭିତରକୁ ଦିବ୍ୟଚେତନା ପ୍ରବେଶ କରି ତହିଁରେ ନିଜକୁ ହଜାଇ ଦେଇଥିଲା, ସେହି ଅବଚେତନା ଭିତରେ ପୁଣି ଥରେ ସେହି ଦିବ୍ୟ-ଭଗବତ୍ ଚେତନାର ନବ ଜାଗରଣ ।

ମୃତ୍ୟୁ, ଅନ୍ଧକାର ଓ ଅଜ୍ଞାନର ସେହି ନିଶ୍ଚେତନାର ରାଜ୍ୟ ଭିତରକୁ ଅବତରଣ କରିବା ସତ୍ତ୍ୱେ ଦିବ୍ୟ ଭଗବତ୍ ଚେତନା ପୁଣିଥରେ ନିଜର ସ୍ୱରୂପ ସଂପର୍କରେ ସଚେତ ଓ ଜାଗ୍ରତ୍ ହୋଇଉଠେ । ଅଜ୍ଞାନର ସେହି ଜଗତ୍ ଆମେ ଦେଖୁଥିବା ଏହି ସ୍ଥୂଳ ଜଗତର ରାତ୍ରିଠାରୁ ମଧ୍ୟ ଆହୁରି ଅନ୍ଧକାରମୟ । ଯଦି ଏହା ଭିତରେ ପ୍ରବେଶ କରି ତୁମେ ଏଥିରୁ ବାହାରି ଆସିବ, ସେତେବେଳେ ତୁମକୁ ସବୁଠୁ ନିବିଡ଼ ତମସାଛନ୍ନ ରାତ୍ରିର ଅନ୍ଧକାର ମଧ୍ୟ ବେଶ୍ ପରିଷ୍କାର ଦେଖାଯିବ, ଠିକ୍ ଯେମିତି ଭଗବତ୍ ଚେତନାର ଦିବ୍ୟ-ଆଲୋକ, ତମସାହୀନ ଅତିମାନସ ଆଲୋକର ଦିବ୍ୟ-ଦର୍ଶନ ପାଇଲାପରେ ସେହି ଆଲୋକ ତୁଳନାରେ ଆମ ସ୍ଥୂଳ ଜଗତର ଏହି ସୂର୍ଯ୍ୟ ମନେହେବ ଅନ୍ଧକାରମୟ, ଅତ୍ୟନ୍ତ କଳା । ତଥାପି ସେହି ଚରମ ଅନ୍ଧକାରର ଗଭୀରତାରେ ଗୋପନରେ ଲୁକ୍କାୟିତ ହୋଇ ରହିଛି ସେହି ଦିବ୍ୟ-ଆଲୋକ । ସେହି ଦିବ୍ୟ-ଆଲୋକ ଓ ସେହି ଦିବ୍ୟଚେତନା ତୁମ ଭିତରେ ଜାଗରିତ ହେଉ, ତୁମ ଭିତରେ ସଂପନ୍ନ ହେଉ ସେହି ମହାନ୍ ନବଜନ୍ମ ।

(MCW, Vol. 2, pp. 118-119)

# ସତ୍ୟକୁ ବାଛିବା

## ଶ୍ରୀମା

*ପ୍ରଶ୍ନ : ସତ୍ୟ କ'ଣ ? ଆପଣ ଯେତେବେଳେ କହନ୍ତି 'ସତ୍ୟ', ତାହା କେଉଁ ଅର୍ଥରେ କହନ୍ତି ?*

**ଶ୍ରୀମା :** ତୁମେ ସତ୍ୟର ଏକ ମାନସିକ ସଂଜ୍ଞା ଚାହୁଁଛ । ସତ୍ୟକୁ ମନର ଭାଷାରେ ବ୍ୟକ୍ତ କରି ହେବ ନାହିଁ । ହଁ, ପ୍ରକୃତରେ ବିଷୟଟି ଏହିପରି । ଏବଂ ଯେଉଁସବୁ ପ୍ରଶ୍ନ କରାଯାଏ ସେସବୁଗୁଡ଼ିକ ହେଉଛି ମାନସିକ ପ୍ରଶ୍ନ । ସତ୍ୟକୁ ସୂତ୍ରବଦ୍ଧ କରିହେବ ନାହିଁ, ତାହାର ସଂଜ୍ଞା ନିର୍ଣ୍ଣୟ କରିହେବ ନାହିଁ, ସତ୍ୟରେ ବାସ କରିବାକୁ ହେବ ।

ଏବଂ ଯିଏ ପୂର୍ଣ୍ଣ ଭାବରେ ସତ୍ୟ ପାଇଁ ଉତ୍ସର୍ଗୀକୃତ, ଯିଏ କେବଳ ସତ୍ୟକୁ ଆଶ୍ରୟ କରି ବାସ କରିବାକୁ ଚାହେଁ, ସତ୍ୟର ସେବା କରିବାକୁ ଚାହେଁ, ସେ ପ୍ରତ୍ୟେକ ମୁହୂର୍ତ୍ତରେ ଜାଣି ପାରିବ କ'ଣ କରାଯିବା ଉଚିତ : ଏହା ହେବ ଏକ ଧରଣର ସ୍ୱତଃସିଦ୍ଧ ଜ୍ଞାନ ବା ପ୍ରତ୍ୟାଦେଶ (ଅଧିକାଂଶ ସମୟରେ କୌଣସି ଶବ୍ଦ ନଥାଇ, କିନ୍ତୁ କେତେକ ସମୟରେ ଶବ୍ଦ ଆକାରରେ ପ୍ରକାଶିତ ହୁଏ), ଯାହା ତୁମକୁ ପ୍ରତ୍ୟେକ ମୁହୂର୍ତ୍ତରେ ଜଣାଇ ଦେବ ସେଇ ମୁହୂର୍ତ୍ତର ସତ୍ୟ କ'ଣ । ଏବଂ ଏଇଥି ପାଇଁ ବିଷୟଟି ଏତେ ଆଗ୍ରହଜନକ ହୋଇଥାଏ । ତୁମେ 'ସତ୍ୟ'କୁ ଜାଣିବାକୁ ଚାହଁ, ଯାହାକି ପ୍ରାଞ୍ଜଳଭାବେ ସଂଜ୍ଞାବଦ୍ଧ, ସୁବିନ୍ୟସ୍ତ ଓ ସୁପ୍ରତିଷ୍ଠିତ ହୋଇଛି । ତା'ପରେ ତୁମେ ବିଶ୍ରାମ ନେବ... ଆଉ ଖୋଜିବାର କୌଣସି ପ୍ରୟୋଜନ ନାହିଁ ! ତୁମେ ଏହାକୁ ତୋଳି ଉଠାଇ ନିଅ ଏବଂ କୁହ, 'ଏଇ ତ, ଏହାହିଁ ହେଉଛି ସତ୍ୟ' ଏବଂ ତା'ପରେ ଏହା ସ୍ଥିରୀକୃତ ହୋଇଯାଏ । ସମସ୍ତ ଧର୍ମ ଏହାହିଁ କରିଛନ୍ତି । ସେମାନେ ସେମାନଙ୍କର ସତ୍ୟକୁ ପ୍ରତିଷ୍ଠିତ କରିଛନ୍ତି ଏକ ଅନ୍ଧ ନୀତି ହିସାବରେ; କିନ୍ତୁ ଏହା ଆଉ ସତ୍ୟ ହୋଇ ରହି ନଥାଏ ।

ସତ୍ୟ ହେଉଛି ଏପରି କିଛି ଯାହା ଜୀବନ୍ତ, ଗତିଶୀଳ, ଯାହା ପ୍ରତ୍ୟେକ ମୁହୂର୍ତ୍ତରେ ନିଜକୁ ପ୍ରକାଶ କରେ ଏବଂ ଏହା ପରମଙ୍କ ଦିଗରେ ଆଗେଇ ଯିବା ପାଇଁ ଗୋଟିଏ ପଥ । ପରମଙ୍କ ଦିଗରେ ଆଗେଇ ଯିବା ପାଇଁ ପ୍ରତ୍ୟେକଙ୍କର ନିଜ ନିଜର ପଥ ରହିଛି । ବୋଧହୁଏ ଏପରି କେତେକେ ଅଛନ୍ତି ଯେଉଁମାନେ ସେହି ଏକ ସମୟରେ ସବୁଦିଗରୁ ପରମଙ୍କ ଅଭିମୁଖେ ଆଗେଇ ଯିବା ପାଇଁ ସମର୍ଥ ହୁଅନ୍ତି । କିନ୍ତୁ କେତେକେ ତାଙ୍କର ଅଭିମୁଖୀ ହୁଅନ୍ତି ପ୍ରେମର ପଥ ଦେଇ, କେତେକେ ଶକ୍ତିର ପଥ ଦେଇ, କେତେକେ ଚେତନାର ପଥ ଦେଇ ଓ ଆଉ କେତେକେ ସତ୍ୟର ପଥ ଦେଇ । କିନ୍ତୁ ଏଥି ଭିତରୁ ପ୍ରତ୍ୟେକଟି ବିଭାବ ସ୍ୱୟଂ ପରମଙ୍କ ପରି ଅଖଣ୍ଡ, ଅଲଂଘନୀୟ ଓ ସଂଜ୍ଞାତୀତ । ପରମ ହେଉଛନ୍ତି ସେହି ଅଖଣ୍ଡ, ଅଲଂଘନୀୟ ଓ ସଂଜ୍ଞାତୀତ ଏବଂ ଯାହାର ନିଜ କ୍ରିୟାକୁ ଆଦୌ ଧରିହେବ ନାହିଁ ଏବଂ ତାଙ୍କର ଗୁଣଗୁଡ଼ିକର ଧର୍ମ ମଧ୍ୟ ସେହି ପ୍ରକାରର ।

ଥରେ ତୁମର ଏସମ୍ପର୍କରେ ଜ୍ଞାନ ହେଲେ, ତୁମେ ଯେତେବେଳେ ଏଥି ଭିତରୁ କୌଣସି ଗୋଟିଏ ବିଭାବର ସେବାରେ ନିଜକୁ ନିୟୋଜିତ କର ସେତେବେଳେ ତୁମେ ଜାଣିପାରିବ (ଏହା ଜୀବନରେ, ସମୟରେ, ସମୟର ଗତି ଭିତରେ ପ୍ରକାଶିତ ହୁଏ), ପ୍ରତି ମୁହୂର୍ତ୍ତରେ ଜାଣି ପାରିବ ସତ୍ୟ କ'ଣ, ପ୍ରତି ମୁହୂର୍ତ୍ତରେ ଜାଣି ପାରିବ ଚେତନା କ'ଣ, ପ୍ରତି ମୁହୂର୍ତ୍ତରେ ଜାଣିପାରିବ ଶକ୍ତି କ'ଣ ଏବଂ ପ୍ରତି ମୁହୂର୍ତ୍ତରେ ଜାଣିପାରିବ ପ୍ରେମ କ'ଣ । ଏହା ଯୁଗପତ୍ ବହୁମୁଖୀ ଶକ୍ତି, ପ୍ରେମ, ଚେତନା ଓ ଆନନ୍ଦ – ଯାହା ଅସଂଖ୍ୟ ଭାବରେ ନିଜକୁ ବ୍ୟକ୍ତ ଜଗତରେ ପ୍ରକାଶିତ କରେ, ଯେଉଁଭଳି ଭଗବାନ୍ ଏହି ବ୍ୟକ୍ତ ଜଗତରେ ନିଜକୁ ଅସଂଖ୍ୟ ଅଗଣିତ ଭାବେ ପ୍ରକାଶ କରନ୍ତି ।

(CWM, Vol. 15, page. 396)

# ମାତୃଶକ୍ତିମାନଙ୍କ ସମ୍ପର୍କରେ

## ଶ୍ରୀମା

*ପ୍ରଶ୍ନ : ମହାକାଳୀଙ୍କ ମୂର୍ତ୍ତି ସଂପର୍କରେ ଯେଉଁସବୁ ଗଳ୍ପ ଓ ପ୍ରବାଦ ପ୍ରଚଳିତ ଅଛି, ସେଗୁଡ଼ିକ କ'ଣ ସତ୍ୟ ?*

**ଶ୍ରୀମା** : କେଉଁସବୁ ଗଳ୍ପ ? ସେ ସଂପର୍କରେ ତ ଶହ ଶହ ଗଳ୍ପ କୁହାଯାଇଥାଏ । ତୁମେ କେଉଁ ଗଳ୍ପ ଓ ପ୍ରବାଦ କଥା ପଚାରୁଛ ? କେଉଁ ମହାକାଳୀ ? ତାଙ୍କର ଯେଉଁସବୁ ପ୍ରତିକୃତି, ଯେଉଁସବୁ ମୂର୍ତ୍ତି ଓ ବିଗ୍ରହ ଗଢ଼ାଯାଇଛି ? ସେଗୁଡ଼ିକ ହେଉଛି ମଣିଷର ଦୃଷ୍ଟି ନେଇ ସତ୍ୟକୁ ଦେଖିବା । ପ୍ରକୃତରେ ତାଙ୍କର ରୂପ ସେପରି ନୁହେଁ ।

ମୋର ମନେହୁଏ, ତୁମକୁ ମୁଁ ଥରେ କହିସାରିଛି ଯେ ନିଜ ନିଜର ଉଚ୍ଚତର ସତ୍ୟରେ ମୂଳ ସତ୍ତାସବୁ ରହିଛନ୍ତି, ଏବଂ ସେମାନଙ୍କର ଏକ ସୁନିର୍ଦ୍ଦିଷ୍ଟ ଧରଣ ମଧ୍ୟ ରହିଛି । କିନ୍ତୁ ଯେତେବେଳେ ସେମାନେ ପୃଥିବୀର ନିକଟରୁ ନିକଟତର ହୋଇ ରହିଥିବା ଅଧିକରୁ ଅଧିକତର ଭୌତିକ ବସ୍ତୁମୟ ଜଗତଗୁଡ଼ିକରେ ପ୍ରକଟିତ ହୁଅନ୍ତି; ସେମାନେ ବିଭିନ୍ନ ପ୍ରକାର ରୂପ ପରିଗ୍ରହ କରନ୍ତି ଏବଂ ସେମାନଙ୍କର ସଂଖ୍ୟା ମଧ୍ୟ ଏକପ୍ରକାର ଅଦ୍ଭୁତ ଭାବରେ ବହୁଗୁଣିତ ହୁଏ । ତୁମେ ଯଦି ବୁଝିବାକୁ ଚାହଁ ତେବେ ଦେଖିବ ଶ୍ରୀଅରବିନ୍ଦ ଏଠାରେ ଯେଉଁ ଦିବ୍ୟସତ୍ତାମାନଙ୍କ କଥା କହୁଛନ୍ତି, ସେମାନେ ଅତିମାନସର ଖୁବ୍ ନିକଟବର୍ତ୍ତୀ ଜଗତର ଅନ୍ତର୍ଗତ, ଅତିମାନସ ଉତ୍ସ ସହ ସେମାନଙ୍କର ଖୁବ୍ ସୁସ୍ପଷ୍ଟ ଓ ସଚେତ ସଂପର୍କ ରହିଛି । ଏହି ସତ୍ତାମାନେ ମଧ୍ୟ ସେହି ଜଗତଗୁଡ଼ିକରେ ଅଭିବ୍ୟକ୍ତ ହୁଅନ୍ତି, ଶ୍ରୀଅରବିନ୍ଦ ଯାହାକୁ କହିଛନ୍ତି ଅଧିମାନସ ଜଗତ୍ । ସେଠାରେ ସେମାନଙ୍କର ରୂପ ଅଧିକ ସୁଚିହ୍ନିତ, ଅଧିକ ସୁନିର୍ଦ୍ଦିଷ୍ଟ ହୋଇଥାଏ କିନ୍ତୁ ତହିଁ ସଙ୍ଗେ ସଙ୍ଗେ ସେମାନଙ୍କ ଶକ୍ତି ଓ କ୍ଷମତାର ମଧ୍ୟ କିଛିଟା ହ୍ରାସ ହୋଇଥାଏ । ତା'ପରେ ଅଧିମାନସରୁ ସେମାନେ ଓହ୍ଲାଇ ଆସନ୍ତି ମଣିଷ ମନର ଜଗତକୁ – ଜାଗତିକ ମନର ସ୍ତରକୁ ଏବଂ ସେଠାରେ... ଉଦାହରଣସ୍ୱରୂପ ବିଚାରା ମହାକାଳୀଙ୍କ ଦୃଷ୍ଟାନ୍ତ ନିଅ; ଏଠାରେ ତୁମର ଅସଂଖ୍ୟ କାଳୀ ସ୍ଥାନ ପାଇଛନ୍ତି, ଗୋଟିକଠାରୁ ଅନ୍ୟଟି ଆହୁରି ଭୟାନକ, କେତେକ ତ ପୂରା ଭୟଙ୍କରୀ ଓ ଭୀଷଣା, ଭୟପ୍ରଦା ଏବଂ ବେଳେବେଳେ ସେମାନେ ବିସ୍ପୃହା ଉଦ୍ରେକକାରୀ ଓ ବୀଭତ୍ସ ସତ୍ତାର ରୂପ ନେଇଥା'ନ୍ତି, କିନ୍ତୁ ସେଗୁଡ଼ିକ ପୂରାପୂରି ମଣିଷ ମନର ଗଠନ ଅର୍ଥାତ୍ ସେମାନଙ୍କର ସେହି ବାହ୍ୟ ଆକୃତିକୁ ମଣିଷର କଳ୍ପନାହିଁ ରୂପ ଦେଇଥାଏ, ମଣିଷ ମନର ଗଠନ କ୍ଷମତାହିଁ ରୂପ ଦେଇଥାଏ । ସେହିସବୁ ରୂପ ଭିତରେ ହୁଏତ ମହାକାଳୀଙ୍କ ପ୍ରଚଣ୍ଡ ଶକ୍ତିର କିଛିଟା ଝାପ୍‌ସା ପ୍ରତିବିମ୍ବ ରହିପାରିଥାଏ କିନ୍ତୁ ତାହା ଏତେ ହ୍ରାସ ପ୍ରାପ୍ତ, ଏପରି ବିକୃତ ଓ ହାନିଗ୍ରସ୍ତ ହୋଇ ମଣିଷ ଚେତନାର ପରିସର ଭିତରକୁ ଅଣାଯାଇଥାଏ ଯେ ସତରେ ସେ ପୂରାପୂରି ଅସ୍ୱୀକାର କରିପାରନ୍ତି ଯେ ତାହା ହେଉଛି ସ୍ୱୟଂ ସେ ! ମହାକାଳୀଙ୍କୁ ପ୍ରତିନିଧିତ୍ୱ କରିବା ଉଦ୍ଦେଶ୍ୟରେ ଗଠିତ ଅନେକ ବିଗ୍ରହ ଓ ମୂର୍ତ୍ତିରେ ମୁଁ ଯେତେ ପ୍ରକାର ସମ୍ଭାବ୍ୟ ଭୟପ୍ରଦ ବୀଭତ୍ସତା ଦେଖିଛି, ଆମେ ସେହି ମୂର୍ତ୍ତିଗୁଡ଼ିକ ବିଷୟରେ କିଛି କହିବା ନାହିଁ । ଯଦି ବଡ଼ ବଡ଼ ଶିଳ୍ପୀ କୌଣସି ମୂର୍ତ୍ତିଗଠନ କରିଥା'ନ୍ତି ତେବେ ତଥାପି କିଛି ସୌନ୍ଦର୍ଯ୍ୟ ହୁଏତ ରହିଯାଇଥାଏ, କିନ୍ତୁ ସାଧାରଣତଃ ଯେହେତୁ ବେଶୀ ଭାଗରେ ଏହିସବୁ ଶିଳ୍ପୀ ବା ଚିତ୍ରକାରଙ୍କର ଆଦୌ କୌଣସି କୁଶଳତା ନ ଥାଏ, ସେମାନଙ୍କ ଅଙ୍କନ ବା ମୂର୍ତ୍ତିରେ ସେହି ସୌନ୍ଦର୍ଯ୍ୟର କିଛି ବି ରହେ ନାହିଁ । ଆଉ ସେହି ପ୍ରତିକୃତିଗୁଡ଼ିକ, ତାହା ମୂର୍ତ୍ତି ହେଉ ବା ଚିତ୍ରାଙ୍କନ ହେଉ, ଯେଉଁଗୁଡ଼ିକୁ ମନ୍ଦିରରେ ସ୍ଥାପନ କରାଯାଇଥାଏ, ସେହି ଉଦ୍ଦେଶ୍ୟରେ ଏକ ଧାର୍ମିକ ଉତ୍ସବ ଅନୁଷ୍ଠିତ ହୁଏ ଏବଂ ସେହି ପୂଜକ-ପୁରୋହିତ ବା ତାଙ୍କ ସହକାରୀ ଯଦି ଗୂଢ଼ବିଦ୍ୟାର ଜ୍ଞାନ ଓ ଶକ୍ତିସମ୍ପନ୍ନ କୌଣସି ବ୍ୟକ୍ତି ହୋଇଥା'ନ୍ତି, ଏପରିକି ଖୁବ୍ ସୀମିତ ଶକ୍ତିସମ୍ପନ୍ନ ହୋଇଥିଲେ ମଧ୍ୟ, ସେ ତାଙ୍କର ଅଭୀପ୍ସା ଦ୍ୱାରା ଓ ପୂଜାପାଠ ମନ୍ତ୍ର ଆଦିର କ୍ରିୟା ଦ୍ୱାରା ସେହି ବିଗ୍ରହ ବା ପ୍ରତିକୃତି ଭିତରକୁ ଏକ ଅପାର୍ଥିବ ସୂକ୍ଷ୍ମଜଗତର ଚେତନାକୁ ଆବାହନ କରି ଆଣି ପାରନ୍ତି । ଏହାହିଁ ହେଉଛି ଅର୍ଚ୍ଚନା ଆଉ ପୂଜା ଆଦିର ନୀତି । ତୁମକୁ କୁହାଯାଏ ଏହା ଏକ କାଷ୍ଠଖଣ୍ଡ ନୁହେଁ, ପାଷାଣ-ପ୍ରସ୍ତର ନୁହେଁ, ଖାଲି ଏକ ଚିତ୍ରପଟ ନୁହେଁ, ଏହା ଭିତରେ ରହିଛି ଏକ ଶକ୍ତି ଯାହାକୁ କି ଧାର୍ମିକ ପୂଜାନୁଷ୍ଠାନ ଆଦି ଦ୍ୱାରା ଆନୀତ କରାଯାଇଛି ଏବଂ

ସେହି ଶକ୍ତିକୁହିଁ ତୁମେ ପୂଜା-ପ୍ରାର୍ଥନା କରିପାର । ଏହା ଠିକ୍; କିନ୍ତୁ ସେହି ପୂଜକଙ୍କ ସ୍ୱଭାବ-ପ୍ରକୃତି ସଂପର୍କରେ, ତାଙ୍କର ଗୁହ୍ୟଜ୍ଞାନ ଆଦି ସଂପର୍କରେ ଏବଂ ସେ ଯୋଗାଯୋଗ ରଖିଥିବା ଓ ଆବାହନ କରୁଥିବା ଶକ୍ତି ସଂପର୍କରେ ତୁମର ଯଥାର୍ଥ ଜ୍ଞାନ ଓ ଧାରଣା ଥିବା ଉଚିତ । ତେଣୁ ସେହି କ୍ଷେତ୍ରରେ ଅନେକ କିଛି ଜିନିଷ ରହିପାରିଥାଏ । ସେଠାରେ 'କିଛି ଶକ୍ତି' ରହିଥାଏ (ଯଦି ଅବଶ୍ୟ ଏପରି ହୋଇଥାଏ ଯେ ସେହି ପୂଜା ଅନୁଷ୍ଠାନକୁ ଏପରି କେହି ମୂର୍ଖ, ନିର୍ବୋଧ ପୂଜକ ସମ୍ପନ୍ନ କରିଛି, ଯାହାରକି ଆଦୌ କୌଣସି ଶକ୍ତି ନାହିଁ, ଯେ କୌଣସି କିଛିକୁ ଆବାହନ କରି ଆଣି ପାରି ନାହିଁ ଓ ଖାଲି କେବଳ ଲୋକ ଦେଖାଣିଆ କିଛି ଆଚାର ଅନୁଷ୍ଠାନ ମାତ୍ର କରିଛି – କିନ୍ତୁ ଏପରି କ୍ୱଚିତ୍ ଘଟିଥାଏ, ବେଶୀ ଭାଗ କ୍ଷେତ୍ରରେ ଏପରି ଘଟେ ବୋଲି ମୁଁ କହିପାରିବି ନାହିଁ, କେବଳ କ୍ୱଚିତ୍ ଏପରି ଘଟିଥାଏ), ତା' ନ ହେଲେ ସାଧାରଣତଃ 'କିଛି ଗୋଟାଏ' ରହିଥାଏ, କିନ୍ତୁ ସେପରି କ୍ଷେତ୍ରରେ ଏହି 'କିଛି ଗୋଟାଏ'ର ଗୁଣ ଓ ସ୍ୱଭାବ ଅନନ୍ତ ପ୍ରକାରର ହୋଇଥାଏ, ଏଗୁଡ଼ିକ ଭିତରେ ସୀମାହୀନ ତାରତମ୍ୟ ରହିଥାଏ ଏବଂ ସମୟ ସମୟରେ ଏହା ଖୁବ୍ ଅନର୍ଥକର ହୋଇଥାଏ । ମୁଁ ମହାକାଳୀଙ୍କର ଉଦାହରଣ ଦେଲି କାରଣ ମଣିଷ ଚେତନାରେ ମହାକାଳୀଙ୍କର ଧାରଣା ବିଶେଷ ଭାବରେ ଭୟଙ୍କରୀ ହୋଇଥାଏ । ଆମେ ଯେତେବେଳେ ଅନ୍ୟାନ୍ୟ ଦେବାଦେବୀଙ୍କ କଥା ନେଉ, ଦୃଷ୍ଟାନ୍ତସ୍ୱରୂପ ମହାସରସ୍ୱତୀ, ତାଙ୍କ ଉପରେ ସମସ୍ତ ପ୍ରକାର କଳା, ସାହିତ୍ୟ ଆଦି ବିଦ୍ୟାର ଗୁଣ ଓ କ୍ଷମତା ଆରୋପ କରାଯାଇଥାଏ, ସେ ଆମ ଆଗରେ ଏପରି ଭୀଷଣା ଓ ଭୟଙ୍କରୀ ହୋଇ ରହି ନ ଥା'ନ୍ତି । କିନ୍ତୁ ଅନ୍ୟ କେତେକ ଦେବାଦେବୀ ବିଶେଷ ଭାବରେ ମହାକାଳୀଙ୍କର ଉଗ୍ରଶକ୍ତି, ପ୍ରଚଣ୍ଡତା, ସମରନିପୁଣ ଧ୍ୱଂସକାରୀ କ୍ଷମତା ଆଦି ସଂପର୍କରେ ଏପରି ଭୀଷଣ ଓ ଭୟଙ୍କର ଧାରଣାସବୁ ରଖାଯାଇଥାଏ ଯେ ସେହିସବୁ ଦେବାଦେବୀ ଯେଉଁ ଶକ୍ତି ନିଜ ସଙ୍ଗରେ ନେଇ ଆସିଥା'ନ୍ତି ତାହା ଆବାହନ କରୁଥିବା ଲୋକମାନଙ୍କ ପାଇଁ ବେଶ୍ ବିପଜ୍ଜନକ ହୋଇପଡ଼େ । ଭାରତକୁ ଆସିବା ପରେ ମୁଁ ଏ ସଂପର୍କରେ ଅସଂଖ୍ୟ କାହାଣୀ ଶୁଣିଛି । ଏହିପରି ଅସଂଖ୍ୟ ବିଗ୍ରହଙ୍କ ସଂସ୍ପର୍ଶରେ ଆସିଛି ଏବଂ ଏପରି ଅନେକ ଲୋକଙ୍କୁ ଜାଣିଛି, ଯେଉଁମାନଙ୍କ ଘରେ କାଳୀ-ବିଗ୍ରହର ପୂଜା ହୋଇଥାଏ ଓ କେତେକ କ୍ଷେତ୍ରରେ ସେମାନଙ୍କ ପାଇଁ ନାନା ଭୟଙ୍କର ଘଟଣା ଘଟିଛି । ମୁଁ ବରାବର ସେମାନଙ୍କୁ ସତର୍କ କରିଦିଏ; ମୁଁ ସେମାନଙ୍କୁ କୁହେ ଯେ ''କେବେହେଲେ ଏପରି ଭାବ ନାହିଁ ଯେ ତୁମର ଦୁର୍ଭାଗ୍ୟ ପାଇଁ ମହାକାଳୀହିଁ ଦାୟୀ, ସେଥିପାଇଁ ତାଙ୍କୁ ଆଦୌ ଦାୟୀ କରାଯାଇ ନପାରେ । କିନ୍ତୁ ଏପରି ହୋଇପାରେ ଯେ ତୁମ ଘରେ ଯେଉଁ କାଳୀ ମୂର୍ତ୍ତିକୁ ତୁମେ ପୂଜା କରୁଛ ତାହା ଭିତରେ କୌଣସି ଅପଶକ୍ତି, ପ୍ରତିହିଂସା-ପରାୟଣ କୌଣସି ସତ୍ତାର ଆବିର୍ଭାବ ହୋଇଛି; ହୁଏତ ଅତ୍ୟନ୍ତ ଈର୍ଷାପରାୟଣ, ଭୀଷଣ ଓ ସ୍ୱେଚ୍ଛାଚାରୀ ଏବଂ ଏକ ଭୟାନକ ପ୍ରତିଶୋଧର ଭାବ ପୋଷଣ କରୁଥିବା ଏକ ସତ୍ତା ସେଠାରେ ଆସନ ଜମାଇଛି; ଏବଂ ଯେହେତୁ ତୁମର ବିଶ୍ୱାସ ଅଛି ଏବଂ ସାଧାରଣତଃ ଏଗୁଡ଼ିକ ପ୍ରାଣସତ୍ତାର ଅପଶକ୍ତି ହୋଇଥା'ନ୍ତି, ତେଣୁ ପ୍ରକୃତରେ ନାନା ସାଙ୍ଘାତିକ ପରିଣାମ ଓ ବିପଦ ଘଟିପାରେ ।'' ମୁଁ ଏପରି ଲୋକଙ୍କୁ ଜାଣେ ଯେଉଁମାନେ ଏହି ଧରଣର ନାନା ଦୁର୍ଭୋଗର ଅନୁଭୂତି ପରେ ଓ ସେମାନଙ୍କ ଘରୁ ଏହି ମହାକାଳୀ ବିଗ୍ରହକୁ ଉଠାଇ ନେଇ ଗଙ୍ଗାରେ ନିକ୍ଷେପ କରି ଦେଇଛନ୍ତି । ଯଦି ତାହା ସାଙ୍ଗକୁ ସେମାନେ ନିଜର ମନୋଭାବରେ କିଛିଟା ସ୍ୱାଧୀନତା ବା ମୁକ୍ତିର ଭାବ ଅର୍ଜନ କରି ପାରନ୍ତେ ତା'ହେଲେ ସେମାନଙ୍କର ସମସ୍ତ କ୍ଷତି ଓ ଦୁର୍ଭୋଗ ପୂରାପୂରି ଦୂର ହୋଇ ଯାଇପାରନ୍ତା କିନ୍ତୁ ସେମାନଙ୍କ ଭିତରୁ କେତେକେ ନିଜର କାର୍ଯ୍ୟ ଯୋଗୁଁ ଏପରି ଭୟଭୀତ ହୋଇ ପଡ଼ନ୍ତି ଯେ ସେହିସବୁ ଦୁର୍ଭୋଗ ସେହିପରି ଗଡ଼ିଚାଲେ ।

ଗୁହ୍ୟବିଦ୍ୟା ସଂପର୍କରେ ଅନ୍ତତଃ ପ୍ରାଥମିକ ଜ୍ଞାନ ନଥିଲେ ଏସବୁ ଜିନିଷରେ ଆଦୌ ହାତ ଦେବା ଉଚିତ ନୁହେଁ । ଦୁର୍ଭାଗ୍ୟବଶତଃ ସମସ୍ତ ଧର୍ମରେ,– ଖାଲି ଏଠାରେ ନୁହେଁ ସବୁ ଧର୍ମରେ – ଯେ ପ୍ରକୃତରେ ବିଶ୍ୱସ୍ତ ବା ଅଧିକାରୀ ତାହାକୁ ଏ ଜ୍ଞାନ ଦିଆଯାଏ ନାହିଁ । ସମୟ ସମୟରେ ଧର୍ମଯାଜକ ବା ପୁରୋହିତମାନଙ୍କ ପାଖରେ ଏହି ଗୁହ୍ୟବିଦ୍ୟାର ଜ୍ଞାନ ରହିଥାଏ (ସବୁ ସମୟରେ ଥାଏ ବୋଲି ମୁଁ କହୁ ନାହିଁ) କିନ୍ତୁ, ଯେତେବେଳେ ସେମାନଙ୍କ ପାଖରେ ଏହି ଜ୍ଞାନ ଥାଏ, ସେମାନେ ତାହାକୁ ବିଶ୍ୱସ୍ତ ବା ଅଧିକାରୀ ଲୋକମାନଙ୍କ ହାତରେ ନଦେବା ପାଇଁ ସମସ୍ତ ଯତ୍ନ ଓ ସତର୍କତା ନେଇଥା'ନ୍ତି । କାରଣ ତା'ହେଲେ ସେମାନେ ନିଜର କ୍ଷମତା ଓ କର୍ତ୍ତୃତ୍ୱରୁ ବଞ୍ଚିତ ହୋଇଯିବେ ବୋଲି ଭୟ କରନ୍ତି । ସମସ୍ତ ଧର୍ମାନୁଷ୍ଠାନ ଭିତରେ ଏହାହିଁ ପ୍ରକୃତରେ ନିନ୍ଦନୀୟ ଏକ ମନ୍ଦ ମିଥ୍ୟାଚାର ।

ସେ ଯାହାହେଉ, ଆମ ଆଲୋଚ୍ୟ ବିଷୟରୁ ଅନେକ ଦୂରକୁ ଚାଲି ଆସିଲେଣି । ଆମର ଆଲୋଚ୍ୟ ବିଷୟକୁ ଏଥରକ ଫେରିଯିବା । ପୃଥିବୀର ବାତାବରଣରେ ଅବଶ୍ୟ ଏକ କାଳୀ ପ୍ରକୃତରେ ରହିଛନ୍ତି ଯେ କି ପାର୍ଥିବ ଜିନିଷଗୁଡ଼ିକୁ ନେଇ ନାନା କାର୍ଯ୍ୟ କରିଥା'ନ୍ତି । ସେ ମହାକାଳୀଙ୍କଠାରୁ ସଂପୂର୍ଣ୍ଣ ସ୍ୱାଧୀନ ବା ସ୍ୱତନ୍ତ୍ର ବୋଲି କୁହାଯାଇ ନପାରିଲେ ମଧ୍ୟ ତାହାକୁ ପୂରାପୂରି ମହାକାଳୀଙ୍କର ଅଭିବ୍ୟକ୍ତି ବୋଲି ମଧ୍ୟ କୁହାଯାଇ ପାରିବ ନାହିଁ । କିନ୍ତୁ ସେ ମହାକାଳୀଙ୍କର ସଂପୂର୍ଣ୍ଣ ଆଜ୍ଞାଧୀନା ଓ ବଶବର୍ତ୍ତିନୀ ଏବଂ ତାଙ୍କର ପ୍ରଧାନ ଗୁଣଗୁଡ଼ିକର ଅଧିକାରିଣୀ । କ୍ଷମତା ଓ ଫଳପ୍ରଦତା ଦୃଷ୍ଟିରୁ ସେଗୁଡ଼ିକ ଅନେକ ହ୍ରାସପ୍ରାପ୍ତ ହେଲେ ମଧ୍ୟ, ତାଙ୍କଠାରେ ମହାକାଳୀଙ୍କର ସେହି ଗୁଣଗୁଡ଼ିକ ରହିଛି ଓ ସେହି ସ୍ୱଭାବର ସୌନ୍ଦର୍ଯ୍ୟ ମଧ୍ୟ ରହିଛି । ସମ୍ଭବତଃ ତୁମମାନଙ୍କ ଭିତରୁ କେତେକଙ୍କର ସେହି ମହାକାଳୀଙ୍କ ସହ ସଂପର୍କ ରହିଛି । ସେ କେବେହେଲେ ପ୍ରତିଶୋଧପରାୟଣା ହୋଇ କିଛି କରନ୍ତି ନାହିଁ, ଯେଉଁମାନେ ତାଙ୍କୁ ଭଲ ପାଆନ୍ତି ସେ କେବେହେଲେ ସେମାନଙ୍କର କିଛି କ୍ଷତି କରନ୍ତି ନାହିଁ । ଯେଉଁ ଦେଶ ବା ଜାତି ତାଙ୍କୁ ଉପଯୁକ୍ତ ସମ୍ମାନ ଓ ଶ୍ରଦ୍ଧା ନ ଦେଖାଇଲା ସେ କେବେହେଲେ ତାଙ୍କୁ ଶାସ୍ତି ଦେବା ପାଇଁ ମହାମାରୀ ପଠାନ୍ତି ନାହିଁ । କିନ୍ତୁ ସେ ବଳ ପ୍ରୟୋଗକୁ ଭଲ ପାଆନ୍ତି, ଯୁଦ୍ଧକୁ ଭଲ ପାଆନ୍ତି, ତାଙ୍କର ନ୍ୟାୟ ଚୂର୍ଣ୍ଣବିଚୂର୍ଣ୍ଣ କରିଦିଏ ।...

(*'ମା' ବହି ପ୍ରସଙ୍ଗରେ* : ଶ୍ରୀମା, ପୃଷ୍ଠା : ୮୬ - ୯୧)

*

*ପ୍ରଶ୍ନ : ଆମେ ମହାସରସ୍ୱତୀଙ୍କର ଯେଉଁ ଚିତ୍ରରୂପ ଦେଖୁ ତାହା କ'ଣ ସତ୍ୟ ?*

**ଶ୍ରୀମା** : ହେ, ଭଗବାନ୍ ! (*ହାସ୍ୟ*) ଯେତେବେଳେ ଗୋଟିଏ ଛୋଟ ପିଲା କୌଣସି ବ୍ୟକ୍ତିଙ୍କର ପ୍ରତିକୃତି ଆଙ୍କିବାକୁ ଚେଷ୍ଟା କରେ ତାହା କ'ଣ ସେହି ବ୍ୟକ୍ତିଙ୍କ ଅନୁରୂପ ହୁଏ ? ଏ କ୍ଷେତ୍ରରେ ମଧ୍ୟ କଥାଟି ସେହିପରି; ବେଳେବେଳେ ଆହୁରି ଖରାପ ! କାରଣ ପିଲାଟିର ମନୋଭାବ ସ୍ୱଚ୍ଛ ଓ ଆନ୍ତରିକ, କିନ୍ତୁ ଯେଉଁ ଲୋକ ଦେବାଦେବୀଙ୍କ ଚିତ୍ର ଆଙ୍କେ ବା ମୂର୍ତ୍ତି ଗଢ଼େ ତାହାର ଗୁଡ଼ିଏ ବଦ୍ଧମୂଳ ଓ ପୂର୍ବକଳ୍ପିତ ଧାରଣା ଥାଏ କିଂବା ନ ହେଲେ ଅନ୍ୟମାନେ ସେ ବିଷୟରେ ଯାହା କହିଛନ୍ତି ବା ଶାସ୍ତ୍ରରେ ଯାହା ଲେଖା ଅଛି ବା ଅନ୍ୟମାନେ ଯେପରି ଦେଖିଛନ୍ତି ସେହିଗୁଡ଼ିକହିଁ ତା' ଭିତରେ ଭର୍ତ୍ତି ହୋଇ ରହିଥାଏ । ତେଣୁ ସେହିଗୁଡ଼ିକ ଦ୍ୱାରାହିଁ ସେ ଆବଦ୍ଧ ହୋଇ ରହିଥାଏ । ସମୟ ସମୟରେ, ବିଭିନ୍ନ କାଳରେ ଏପରି ସବୁ ଶିଳ୍ପୀ ଦେଖାଦିଅନ୍ତି ଯେଉଁମାନଙ୍କର ଏକ ଅନ୍ତର୍ଦୃଷ୍ଟି ଥାଏ, ଏକ ବିରାଟ ଅଭୀପ୍ସା ଥାଏ, ଦୃଷ୍ଟି ଓ ଅନ୍ତର୍ସତ୍ତାରେ ଏକ ବିପୁଳ ଶୁଦ୍ଧତା ଥାଏ; ସେହିମାନେହିଁ ଏପରି କିଛିକୁ ରୂପ ଦେଇଥାଆନ୍ତି ଯାହାକୁ ବେଶ୍ ଉତ୍ତମ ବୋଲି କୁହାଯାଇପାରିବ । କିନ୍ତୁ ଏପରି ଦୃଷ୍ଟାନ୍ତ ଖୁବ୍ ବିରଳ । ସାଧାରଣତଃ ଏହାର ବିପରୀତଟାହିଁ ଅଧିକ ଦେଖାଯାଏ ।

ମୁଁ ପ୍ରାଣ ଓ ମନର ଜଗତରେ ଏହି ଧରଣର କେତେକ ରୂପ ଦେଖିଛି ଯେଉଁଗୁଡ଼ିକ ପ୍ରକୃତରେ ମନୁଷ୍ୟର ସୃଷ୍ଟି । ଊର୍ଦ୍ଧ୍ୱରୁ ଏକ ଶକ୍ତି ଅଭିବ୍ୟକ୍ତ ହୋଇଥାଏ । କିନ୍ତୁ ମିଥ୍ୟାର ଏହି ତ୍ରିଧା ଜଗତରେ ମଣିଷ ପ୍ରକୃତରେ ତା'ର ନିଜର ପ୍ରତିଚ୍ଛବିରେହିଁ ଭଗବାନଙ୍କୁ ସୃଷ୍ଟି କରିଛି– ଊଣା ଅଧିକେ– ଏବଂ ଏପରିସବୁ ସତ୍ତା ରହିଛନ୍ତି ଯେଉଁମାନେ ସେହିସବୁ ରୂପ ନେଇ ପ୍ରକାଶ ପାଆନ୍ତି ଯାହାକି ମଣିଷର ଗଠନଧର୍ମୀ ଚିନ୍ତାରହିଁ ଫଳ । ଏବଂ ଏପରି କ୍ଷେତ୍ରରେ ଦେଖିବ ଏହା ପ୍ରକୃତରେ ଭୟଙ୍କର ହୋଇଥାଏ ! ମୁଁ ଏହିପରି କେତେକ ରୂପ ଗଠନ ମଧ୍ୟ ଦେଖିଛି (*ନୀରବତା*) ଏବଂ ଏଗୁଡ଼ିକ ଏତେ ଅଜ୍ଞାନପ୍ରସୂତ, ଏତେ ଅବୋଧଗମ୍ୟ, ଏତେ ପ୍ରକାଶହୀନ... ।

(*'ମା' ବହି ପ୍ରସଙ୍ଗରେ* : ଶ୍ରୀମା, ପୃଷ୍ଠା : ୨୦୨-୨୦୩)

*

*''ମହାସରସ୍ୱତୀ ହେଲେ ମା'ଙ୍କର କର୍ମଶକ୍ତି, ତାଙ୍କରି ପୂର୍ଣ୍ଣତା ଓ ଶୃଙ୍ଖଳାର ମୂର୍ତ୍ତି । ଶକ୍ତିଚତୁଷ୍ଟୟଙ୍କ ମଧ୍ୟରେ ସେ କନିଷ୍ଠା, କାର୍ଯ୍ୟନିଷ୍ପାଦନର କ୍ଷମତାରେ ପରମ ନିପୁଣା, ସ୍ଥୂଳ ପ୍ରକୃତିର ନିକଟତମା । ...ସିଦ୍ଧକର୍ମୀର ଅନ୍ତରଙ୍ଗ ଓ ଯଥାଯଥ ଜ୍ଞାନ, ସୂକ୍ଷ୍ମବୋଧ ଓ ଧୈର୍ଯ୍ୟ, ଅନ୍ତର୍ଜ୍ଞାନୀ ମନର ଏବଂ ସଚେତନ ହସ୍ତର ତଥା ସୂକ୍ଷ୍ମଦର୍ଶୀ ସୃଷ୍ଟିରେ ନିର୍ଭୁଲତା ଏହିସବୁ ମହାସରସ୍ୱତୀ ନିଜର ପ୍ରକୃତି ମଧ୍ୟରେ ନିରନ୍ତର ଧାରଣ କରି ରହିଛନ୍ତି ଏବଂ ଯାହାକୁ ସେ ବାଛି ନିଅନ୍ତି ତାହାକୁ ସେ ସେହି ସକଳ ସମ୍ପଦ ଦାନ କରନ୍ତି ।''*

('ମା' ପୁସ୍ତକ, ପୃଷ୍ଠା - ୫୦) — ଶ୍ରୀଅରବିନ୍ଦ

**ଶ୍ରୀମା** : ଅଭିବ୍ୟକ୍ତିର ଶୃଙ୍ଖଳାରେ ସେ ହେଉଛନ୍ତି ଶେଷ ବା ସର୍ବକନିଷ୍ଠା । ଏବଂ ତାଙ୍କର ବିଶେଷ ସ୍ୱଭାବରେ, ତାଙ୍କର ଭାବସ୍ପନ୍ଦନର ଗୁଣ ଓ ବୈଶିଷ୍ଟ୍ୟରେ ସେ ଏପରିକି ଏକ ଛୋଟ ପିଲାର ପାଖାପାଖି । ସେ କିଶୋର ଓ ପିଲାମାନଙ୍କୁ ଭଲ ପାଆନ୍ତି, ଯାହା କିଛି ଗଢ଼ି ହେଉଥାଏ, ରୂପାନ୍ତର ଓ ପୂର୍ଣ୍ଣତା ଲାଭ ପାଇଁ ଯାହା ଆଗରେ ଦୀର୍ଘପଥ ରହିଛି ସେମାନଙ୍କୁ ସେ ପସନ୍ଦ କରନ୍ତି । କିଶୋରମାନଙ୍କ କାମକୁ ସେ ଭଲ ପାଆନ୍ତି । ସ୍ୱଭାବରେ ସେ ସର୍ବକନିଷ୍ଠା କିଶୋରୀ ଓ ଅଭିବ୍ୟକ୍ତିର ଶେଷରେ ସେ ଆସିଛନ୍ତି ।

*ପ୍ରଶ୍ନ : ଶ୍ରୀଅରବିନ୍ଦ ଏକ 'ସଚେତନ ହସ୍ତ' କଥା କହିଛନ୍ତି, ତାହାର ଅର୍ଥ କ'ଣ ?*

**ଶ୍ରୀମା** : କ'ଣ ! ମୁଁ ତୁମକୁ ଏ ବିଷୟରେ ଯେ କେତେଥର କହିସାରିଛି, ତା'ର ହିସାବ ନାହିଁ, ମୁଁ ତୁମକୁ ଶହେଥର ଏହି ବିଷୟ ବ୍ୟାଖ୍ୟା କରିଥିଲେ ବି ତୁମେ ପୁଣି ସେହି ପ୍ରଶ୍ନ ପଚାରୁଛ ? ମୁଁ ତୁମକୁ କହିଛି ଯେ ଯେକୌଣସି କାମଟିଏ ହାତକୁ ନିଅ ନା କାହିଁକି ତୁମର ପ୍ରଥମ କାମ ହେଉଛି ନିଜ ହାତର ଦେହକୋଷଗୁଡ଼ିକରେ ଚେତନାର ସଂଚାରଣ କରିବା । ତୁମେ ଯଦି ଖେଳିବାକୁ ଯାଉଛ, ଯଦି କୌଣସି କାମ କରିବାକୁ ଯାଉଛ, ତୁମ ହାତଦେଇ ଯେକୌଣସି କାମ କରିବାକୁ ଯାଉଛ, ତୁମ ହାତର ଦେହକୋଷସବୁରେ ଯଦି ଚେତନାର ସଂଚାରଣ ନ କର ତେବେ ତୁମେ କାମଟି ଆଦୌ ଭଲ ଭାବରେ କରିପାରିବ ନାହିଁ । ମୁଁ ଏ ବିଷୟରେ ତୁମକୁ କେତେଥର କହିଛି ? ଏବଂ ଚେତନାର ଏହି ସ୍ଥାପନ ବା ସଂଚାରଣକୁ ପୂରା ଅନୁଭବ କରିହୁଏ । ତୁମେ ଏହା ଅନୁଭବ କରିପାରିବ । ତୁମେ ଏହି ଦକ୍ଷତାଟି ଅର୍ଜନ କରିପାରିବ । ହସ୍ତକୁ ସଚେତ କରିବା ପାଇଁ ନାନା ପ୍ରକାର କୌଶଳ ଅଭ୍ୟାସ କରିପାର ଏବଂ ଗୋଟିଏ ମୁହୂର୍ତ୍ତ ଆସିବ ଯେତେବେଳେ ଏହା ଏପରି ସଚେତ ହୋଇଉଠିବ ଯେ କାମଗୁଡ଼ିକ କରିବା ପାଇଁ ଏହା ଉପରେ ସଂପୂର୍ଣ୍ଣ ଭାବରେ ଛାଡ଼ିଦେଇପାରିବ, ତୁମର କ୍ଷୁଦ୍ର ମନର କୌଣସି ହସ୍ତକ୍ଷେପ ବିନା ତାହା ସେ କାମଗୁଡ଼ିକ ସମ୍ପନ୍ନ କରିପାରିବ ।

*ପ୍ରଶ୍ନ : ଶ୍ରୀଅରବିନ୍ଦ ମହାଲକ୍ଷ୍ମୀଙ୍କ ସଂପର୍କରେ କହିଛନ୍ତି ''ଯାହାକିଛି ହୀନ ...ସେହିସବୁ ତାଙ୍କ ଆଗମନରେ ପ୍ରତିବନ୍ଧକ ହୁଏ ।''*

('ମା' ପୁସ୍ତକ, ପୃଷ୍ଠା - ୪୭-୪୮) — ଶ୍ରୀଅରବିନ୍ଦ

**ଶ୍ରୀମା** : ହଁ, ଯାହାକିଛି ହୀନ, ଯେଉଁଠି ଉଦାରତା ନାହିଁ, ଯେଉଁଠି ଅନୁରାଗ ନାହିଁ, ଯେଉଁଠି ମର୍ଯ୍ୟାଦା ନାହିଁ, ଯେଉଁଠି ଆନ୍ତର ସମୃଦ୍ଧିର ଅଭାବ ରହିଛି, ସେହି ସମସ୍ତ ନୀରସ, ଶୁଷ୍କ, ଆତ୍ମସ୍ୱାର୍ଥପରାୟଣ ସଂକୀର୍ଣ୍ଣତା ମହାଲକ୍ଷ୍ମୀଙ୍କ ଆଗମନରେ ପ୍ରତିବନ୍ଧକ ହୁଏ । ଏଠାରେ ପ୍ରକୃତରେ ଅର୍ଥ-ସମ୍ପଦର ପ୍ରଶ୍ନ ଉଠୁ ନାହିଁ, ଜଣେ ଅତ୍ୟନ୍ତ ବିତ୍ତଶାଳୀ ଧନୀ ଲୋକ ମଧ୍ୟ ମହାଲକ୍ଷ୍ମୀଙ୍କ ଦୃଷ୍ଟିକୋଣରୁ ଅତ୍ୟନ୍ତ ଦରିଦ୍ର ହୋଇପାରେ । ଏବଂ ଜଣେ ଅତି ଦରିଦ୍ର ଲୋକ ମଧ୍ୟ, ଯଦି ତା'ର ହୃଦୟ ମହତ୍ ଓ ଉଦାର ହୋଇଥାଏ ତେବେ ମହାଲକ୍ଷ୍ମୀଙ୍କ ଦୃଷ୍ଟିରୁ ତାହାକୁ ବିପୁଳ ସଂପଦର ଅଧିକାରୀ ବୋଲି କୁହାଯିବ ।

*ପ୍ରଶ୍ନ : ଆମେ ଯେତେବେଳେ କାହାକୁ 'ଅତି ଦରିଦ୍ର ଲୋକ' ବୋଲି କହୁ, ସେତେବେଳେ ଠିକ୍ କେଉଁ ଅର୍ଥରେ କାହାକୁ 'ଦରିଦ୍ର ଲୋକ' ବୋଲି କୁହାଯିବ ?*

**ଶ୍ରୀମା** : ସେହି ଲୋକହିଁ ପ୍ରକୃତରେ ଦରିଦ୍ର ଯାହାର କୌଣସି ଗୁଣ ନାହିଁ, କୌଣସି ଶକ୍ତି ବା ସାମର୍ଥ୍ୟ ନାହିଁ, କୌଣସି ଉଦାର ବଦାନ୍ୟତା ନାହିଁ । ସେ ନିଜେ ମଧ୍ୟ ପ୍ରକୃତରେ ଜଣେ ଦୁଃଖୀ, ମ୍ରିୟମାଣ ଅସୁଖୀ ଲୋକ । ଅଧିକନ୍ତୁ ସେହି ଲୋକହିଁ ଅସୁଖୀ ହୁଏ, ଯାହା ଭିତରେ ଉଦାରତା ବା ବଦାନ୍ୟତା ନାହିଁ, ଯଦି ଜଣକର ପ୍ରକୃତି ବଦାନ୍ୟ ହୁଏ, ବିନିମୟରେ ପାଇବାର କୌଣସି ଆଶା ନରଖି, କୌଣସି ହିସାବ କିତାବ ନକରି ଯେ ଦାନ କରିପାରେ, ସେ କେବେହେଲେ ଅସୁଖୀ ହୁଏ ନାହିଁ । ଯେଉଁ ଲୋକମାନେ ସବୁବେଳେ ଖାଲି ନିଜର ସ୍ୱାର୍ଥ ଖୋଜନ୍ତି, ସବୁ ଜିନିଷକୁ ନିଜ ଆଡ଼କୁ ଗୋଟାଇ ଆଣିବାକୁ ଲୋଭ କରନ୍ତି, କେବଳ ନିଜର ସ୍ୱାର୍ଥ ଓ ଲାଭର ଦୃଷ୍ଟିନେଇ ଦୁନିଆର ସବୁକିଛିକୁ ଦେଖନ୍ତି, ସେହିମାନେହିଁ ଅସୁଖୀ ହୁଅନ୍ତି । କିନ୍ତୁ ଯେତେବେଳେ ଜଣେ କୌଣସି ହିସାବ କିତାବ ନକରି, ମାପଚୂପ ନକରି ନିଜକୁ ଉଦାର ଓ ଅକୃପଣ ଭାବରେ ଦେଇ ଦେଇପାରେ ସେ କେବେହେଲେ ଅସୁଖୀ ହେବ ନାହିଁ, କେବେହେଲେ ନୁହେଁ । ଯେ କେବଳ ନିଜ ପାଇଁ ନେଇନେବାକୁ ଚାହେଁ ସେ ଅସୁଖୀ, ଯେ ନିଜକୁ ଦେଇଦେବାକୁ ଚାହେଁ ସେ କେବେ ବି ଅସୁଖୀ ହୁଏ ନାହିଁ ।

(*'ମା' ବହି ପ୍ରସଙ୍ଗରେ* : ଶ୍ରୀମା, ପୃଷ୍ଠା : ୯୯-୧୦୨) ✤

# ବନ୍ଦେ ମାତରମ୍

## ଶ୍ରୀଅରବିନ୍ଦ

### ପୁରାତନ ବର୍ଷ :

ବିଶ୍ୱ ଇତିହାସରେ ଏପରି ଯୁଗସବୁ ଆସେ ଯେତେବେଳେ ଏହାର ନିୟତିଗୁଡ଼ିକର ପଥବାହି ଚାଲିଥିବା ଅଦୃଶ୍ୟ ଶକ୍ତିଟି ପରିବର୍ତ୍ତନ ପାଇଁ ଏକ ଆଚ୍ଛନ୍ନ ଭାବାବେଗରେ ଏବଂ ପୁରାତନ ଧାରା ଭିତରେ ପଡ଼ି ରହି ପ୍ରବଳ ଅଧୀରତାରେ ଉବୁଟୁବୁ ହେଲାପରି ମନେ ହେଉଛି । ମହାମାୟା ଆଦ୍ୟାଶକ୍ତି ଜାତିମାନଙ୍କୁ (nations) ତାଙ୍କ ଶ୍ରୀକରରେ ତୋଳିଧରି ସେମାନଙ୍କର ନୂତନ ରୂପାୟନ ପାଇଁ ସଂକଳ୍ପବଦ୍ଧ ହୋଇ ସାରିଛନ୍ତି । କମାଣର ନିନାଦରେ ଏବଂ ସେନାବାହିନୀର ଭାରୀ ବୁଟ୍‌ର ସଶବ୍ଦ ଆଘାତରେ, ବିଶାଳ ସାମ୍ରାଜ୍ୟଗୁଡ଼ିକର ଅଧଃପତନଜନିତ କରାଳ ବିଧ୍ୱଂସରେ, ଏବଂ କ୍ଷିପ୍ର ଓ ପ୍ରଚଣ୍ଡ ବିପ୍ଳବଗୁଡ଼ିକର ଅଶାନ୍ତ ଉଦ୍‌ବେଳନରେ ଭରା ଦ୍ରୁତ ସଂହାରର ଆଉ ଉଦ୍ଦାମ ଶକ୍ତିର ଉଚ୍ଛ୍ୱାସରେ ମୁଖରିତ ସୃଜନର ଏସବୁ ଯୁଗଗୁଡ଼ିକ; ପୃଥିବୀକୁ ସତେଅବା ନିକ୍ଷେପ କରାଯାଉଛି ଏକ ଉତ୍ତପ୍ତ ହଣ୍ଡାରେ ଆଉଟା ହେବାକୁ, ତା'ପରେ ଉଦ୍ଭବ ହେଉଛି ତା'ର ନୂଆ ରୂପରେ, ନୂଆ ନୂଆ ବିଶେଷତ୍ୱକୁ ନେଇ । ସେଗୁଡ଼ିକ ଏପରି ଯୁଗ ଯେତେବେଳେ ବିଜ୍ଞ ମାନବର ବୁଦ୍ଧି ହଜିଯାଉଛି ଏବଂ ଦୂରଦୃଷ୍ଟିସମ୍ପନ୍ନ ବ୍ୟକ୍ତିର ସତର୍କତା ପାଲଟି ଯାଉଛି ଏକ ହାସ୍ୟରସାତ୍ମକ ପ୍ରହସନରେ, କାରଣ ଏହା ହେଉଛି ମହାମାନବର, ସ୍ୱପ୍ନଦ୍ରଷ୍ଟାର ଯୁଗ, ଧର୍ମାନ୍ଧ ଆଉ ଧର୍ମଯୋଦ୍ଧାର ଯୁଗ, — ଦିବ୍ୟତଥ୍ୟ ଉନ୍ମୋଚନର ଯୁଗ ଯେତେବେଳେ ଅବତାରଗଣ ସମ୍ଭୂତ ହୁଅନ୍ତି ଏବଂ ଅନେକ ଆଚମ୍ବିତ ଘଟଣାମାନ ଘଟିଯାଏ । ଏହିଭଳି ଏକ ଯୁଗର ଆବିର୍ଭାବରେ ଅଷ୍ଟାଦଶ ଶତାବ୍ଦୀର ପରିସମାପ୍ତି ଘଟିଥିଲା ଆଉ ଆଗମନ ହେଲା ଊନବିଂଶ ଶତାବ୍ଦୀର; ଏହିପରି ଏକ ସମୟ ଭିତର ଦେଇ ଆମେ ନିଜକୁ ଦେଖୁଛୁ ବିଂଶ ଶତାବ୍ଦୀର ପ୍ରତ୍ୟୁଷ ପ୍ରହରରେ ଯାହାର ଶୈଶବକାଳୀନ ସମ୍ବତ୍ସରଗୁଡ଼ିକ ଅନେକ ଆଶ୍ଚର୍ଯ୍ୟ ଘଟଣାର ସାକ୍ଷିସ୍ୱରୂପ ବିଦ୍ୟମାନ । ପୂର୍ବବର୍ତ୍ତିତ ଶତାବ୍ଦୀର ଗଣ୍ଡଗୋଳରୁ ଉପୁଜିଥିବା ପରିଣାମରୁ ନୂତନ ୟୁରୋପ ଜନ୍ମ ନେବା ସାଙ୍ଗକୁ ପାଶ୍ଚାତ୍ୟ ଜଗତର ଆଧୁନିକୀକରଣ ହୋଇଥିଲା । ଆମେ ବର୍ତ୍ତମାନ ସହଯୋଗ କରି ଚାଲିଛୁ ଏକ ନୂତନ ଏସିଆର ଜନ୍ମ ପାଇଁ ଓ ପ୍ରାଚ୍ୟର ଆଧୁନିକୀକରଣ ପାଇଁ । ଏହି ଜୁଆରର ଅୟମାରମ୍ଭ ହୋଇଥିଲା ସେତେବେଳେ ସୁଦୂର ଆମେରିକାରେ କିନ୍ତୁ ଅଶାନ୍ତିର କେନ୍ଦ୍ରବିନ୍ଦୁ ଥିଲା ପଶ୍ଚିମ ଓ କେନ୍ଦ୍ରୀୟ ୟୁରୋପ । ଏହି ସମୟ ମଧ୍ୟରେ ତିନୋଟି ସ୍ରୋତ ପ୍ରବାହିତ ହୋଇଛି ଯଥା : ଦକ୍ଷିଣ ଆଫ୍ରିକାରୁ ସୂତ୍ରପାତ ହୋଇଥିବା ବିଦ୍ରୋହୀ ଜାତୀୟତାବାଦର; ଜାପାନରୁ ଜନ୍ମ ନେଇଥିବା ଏସୀୟ ପୁନର୍ଭ୍ୟୁଦୟର, ରୁଷିଆରୁ ପ୍ରବାହିତ ପ୍ରାଚ୍ୟ ଗଣତନ୍ତ୍ରର ସ୍ରୋତ; ଏବଂ ସମଗ୍ର ପ୍ରାଚ୍ୟ, ଦକ୍ଷିଣ ଓ ପଶ୍ଚିମ ଏସିଆ, ଉତ୍ତରଭାଗ କିଂବା ଏସୀୟ ରୀତି ନୀତି ଅନୁସୃତ ଆଫ୍ରିକା ଓ ରୁଷିଆ ପର୍ଯ୍ୟନ୍ତ ବିଶାଳ ଭୂଖଣ୍ଡକୁ ପରିବ୍ୟାପ୍ତ ହୋଇଛି ଅଶାନ୍ତିର ଏଇ କେନ୍ଦ୍ରଟି ଯାହା ୟୁରୋପ ଭିତରେ ଅର୍ଦ୍ଧ-ଏସୀୟ (Semi-Asiatic) ମୂଳ ତତ୍ତ୍ୱର ରୂପ ନେଇଛି । ବିପ୍ଳବର ଗତି ଯେତିକି କ୍ଷିପ୍ରତର ହେଉଛି ପୂର୍ବବର୍ଷ ପରି ପ୍ରତିଟି ନୂତନ ବର୍ଷ ସେତିକି ଅଧିକ ଘଟଣାବହୁଳ ହୋଇଉଠୁଛି ଏବଂ ଚରମ ପରିପୂର୍ଣ୍ଣତା ଅଭିମୁଖେ ଏକ ବିରାଟ ଅଗ୍ରଗତିର ଅଲିଭା ଦାଗ ରଖିଯାଉଛି । ୧୯୦୬-୦୭ ବର୍ଷଟି ଅର୍ଥାତ୍ ଆମର ହିସାବ ଅନୁଯାୟୀ ୧୩୧୩ ଅବ୍ଦ । ନୂତନ ଶତାବ୍ଦୀର ଆଉ କୌଣସି ବର୍ଷଟି ଏତେ ଅଧିକ ଘଟଣାରେ ପୂର୍ଣ୍ଣ ହୋଇନି ।

ଆମେ ଯଦି ଦେଶର ସେପାରିକୁ ଦୃଷ୍ଟି ନିକ୍ଷେପ କରୁ ତା'ହେଲେ ସର୍ବତ୍ର ଦେଖିପାରିବା କିପରି ସମୁଦାୟ ଭୂଖଣ୍ଡ ହେଉଛି ବିକ୍ଷୁବ୍ଧ ଓ ନୂଆ ନୂଆ ସୃଜନଶୀଳତାରେ ଆକ୍ରାନ୍ତ । ସୁଦୂର ପ୍ରାଚ୍ୟରେ ବର୍ଷଟି ସେପରି କିଛି ବିଶେଷ ଆଶ୍ଚର୍ଯ୍ୟଜନକ ଘଟଣାଦୃଷ୍ଟିରୁ ଉଲ୍ଲେଖଯୋଗ୍ୟ ବୋଲି ଧରାଯାଇନି, କିନ୍ତୁ ପରିଣାମରେ ମୋଟାମୋଟି ବହୁତ କିଛି ଦେଖିବାକୁ ମିଳିଛି । ଏଇ ବାରମାସ ମଧ୍ୟରେ ଚାଇନା ନିଜକୁ ଏପରି ଦ୍ରୁତଗତିରେ ଶିକ୍ଷିତ କରି ଚାଲିଛି, ତାଲିମ ଦେଇ ଲାଗିଛି ଓ ଅସ୍ତ୍ରଶସ୍ତ୍ରରେ ସୁସଜ୍ଜିତ କରି ରଖୁଛି ଯାହା ସମ୍ପର୍କରେ ବାହ୍ୟ ଜଗତର ଧାରଣା ହେଉଛି ନିହାତି ନଗଣ୍ୟ । ପାଶ୍ଚାତ୍ୟକୁ ସେ ଏକ ପର୍ଯ୍ୟବେକ୍ଷକ କମିଟି ପଠେଇଛି ଏବଂ ଆସନ୍ତା ଦଶବର୍ଷ ମଧ୍ୟରେ ସାମ୍ବିଧାନିକ ସରକାର ଗଢ଼ିବା ପାଇଁ ନିଷ୍ପତ୍ତି ମଧ୍ୟ ନେଇଛି । ତା'ର ଶିକ୍ଷା ବ୍ୟବସ୍ଥାରେ ବୈପ୍ଳବିକ ପରିବର୍ତ୍ତନ ଆଣିବା ପାଇଁ ଓ ଆଧୁନିକ ଚାହିଦାର ପରିସୀମା ଭିତରକୁ ଶିକ୍ଷାକୁ ଆଣିବା ଉଦ୍ଦେଶ୍ୟରେ

ସେ କାର୍ଯ୍ୟଟିକୁ ଆଗେଇ ନେଇଛି । ତା'ର ଜନସାଧାରଣଙ୍କୁ ନିଃଶେଷ କରି ପକାଉଥିବା ଅଫିମର କୁପ୍ରଭାବରୁ ନିଜକୁ ମୁକ୍ତ କରିବାର ମହାନ ଦାୟିତ୍ୱଟିକୁ ସେ ନିଜ ହାତକୁ ଆଣିଛି ଦୃଢ଼ତାର ସହିତ । ବାହାର ଦେଶକୁ, ମୁଖ୍ୟତଃ ଜାପାନକୁ ହଜାର ହଜାର ସଂଖ୍ୟାରେ ସେ ତା'ର ଯୁବକମାନଙ୍କୁ ପ୍ରେରଣ କରିବାରେ ଲାଗିଛି ତାଲିମ ନେବା ପାଇଁ ଏକ ବିକାଶୋନ୍ମୁଖୀ ମହାନ୍ କାର୍ଯ୍ୟ ଉଦ୍ଦେଶ୍ୟରେ । ଜାପାନୀ ପ୍ରଶିକ୍ଷଣଦାତାମାନଙ୍କ ସହାୟତାରେ ସେ ନିଜେ ଚୁପ୍‌ଚାପ୍ ତାଲିମ ନେଉଛି ଯୁଦ୍ଧ ଓ ବିଜ୍ଞାନ ସମ୍ପର୍କରେ, ଏକ ସୃଶୃଙ୍ଖଳିତ ସେନାବାହିନୀକୁ ସଂଗଠିତ କରିବା ଦିଗରେ । ସେ ଅପରିସୀମ ଅଗ୍ରଗତି କରିଛି ଏବଂ ବର୍ତ୍ତମାନ ସେ ବ୍ୟସ୍ତ ଏକ ସାର୍ଥକ ନୌବାହୀନିର ସୁଦୃଢ଼ ଭିତ୍ତି ସ୍ଥାପନ ପାଇଁ । ବ୍ରିଟିଶ ବେପାରୀମାନଙ୍କର ଔଦ୍ଧତ୍ୟପୂର୍ଣ୍ଣ ପ୍ରତିବାଦ ସତ୍ତ୍ୱେ ତା' ଜାତୀୟ ଲକ୍ଷ୍ୟଗୁଡ଼ିକର ସାଧନ ପାଇଁ ନିଜ ହାତକୁ ବିପୁଳ ପରିମାଣର ଆମଦାନୀଶୁଳ୍କ (Customs Revenue) ନେଇ ଆସିଛି । ତିବ୍‌ବତ ଉପରେ ଅନୈତିକ ଲୁଣ୍ଠନ ଜନିତ ଆକ୍ରମଣରୁ ଫାଇଦା ଉଠେଇବାର ସୁଯୋଗ ସେ ଇଂଲଣ୍ଡକୁ ଦେଇନି ତା'ର ସଫଳ କୂଟନୀତି ବଳରେ ଆଉ ମଙ୍ଗୋଲୀୟ ଜଗତର ସେଇ ସୀମା ଚୌକି ବା ଘାଟି (out post) ଉପରେ ତା' ନିୟନ୍ତ୍ରଣକୁ ବଜାୟ ରଖିଛି ।

ଏହି ବର୍ଷ ମଧ୍ୟରେ ନିଜ ଦେଶରେ ଏବଂ ବିଦେଶରେ ଜାପାନ ତା' ଶିଳ୍ପଭିତ୍ତିକ ପ୍ରସାରକୁ ଜୋର୍‌ସୋରରେ ଆଗକୁ ଠେଲିନେଇ ଯିବାରେ ଲାଗିଛି । ମାଞ୍ଚୁରିଆ ଉପରେ ତା' ବାଣିଜ୍ୟଗତ ବିଜୟକୁ ଜାପାନ ବାସ୍ତବ ରୂପେ ଫଳପ୍ରଦ କରିପାରିଛି ଆଉ ୟୁରୋପୀୟ ବେପାର ସହିତ ପୂର୍ଣ୍ଣ ନିଷ୍ଠାରେ ମୁକାବିଲା କରିବା ଆରମ୍ଭ କରିଦେଇଛି ଏବଂ ତା'ର ଉତ୍ପାଦନକାରୀମାନେ ୟୁରୋପ ଓ ଆମେରିକାକୁ ମାଡ଼ିଗଲେଣି । ତା' ସେନାବାହିନୀର ପୁନର୍ଗଠନ ଏତେ ବିଶାଳ ଓ ସୁଚାରୁରୂପେ ସମ୍ପନ୍ନ ହୋଇଛି ଯାହା ଫଳରେ ଏହି ଦ୍ୱୀପର ସାମ୍ରାଜ୍ୟଟି ତା' ନିଜ ପରିସୀମା ଏବଂ କାର୍ଯ୍ୟକଳାପ ଭିତରେ ଦୁର୍ବାର ହୋଇଉଠିଲାଣି । ସ୍ୱୟଂ ଜାପାନ ଏବଂ ଆମେରିକା ମଧ୍ୟରେ ଛୋଟିଆ ମେଘଖଣ୍ଡର ଆକସ୍ମିକ ଆବିର୍ଭାବ ଘଟିଛି, କିନ୍ତୁ ସେଇ ସ୍ୱାଭାବିକ, ପ୍ରକୃତିସ୍ଥ, ନରମ ସ୍ୱଭାବ ଓ ଶାନ୍ତ ଅବିଚଳ ଭାବ ଭିତରେ ସେ ତା'ର ନିଜ ଆଚରଣକୁ ଅକ୍ଷୁଣ୍ଣ ରଖିପାରିଛି । ଏବଂ ଯେତେ ଦୂର ପର୍ଯ୍ୟନ୍ତ ବାଧାବିଘ୍ନ ସବୁ ରହିଥିଲେ ମଧ୍ୟ ସେ ଯେ ନୈତିକ ଦୃଷ୍ଟିକୋଣରୁ କିଂବା ବସ୍ତୁତଃ ବିନା କ୍ଷତିରେ ସେଥିରୁ ମୁକୁଳି ଆସିପାରିବ ଏ ସଂକ୍ରାନ୍ତରେ ଆମେ ନିଶ୍ଚିନ୍ତ ରହିପାରୁ ।

ସୁଦୂର ପ୍ରାଚ୍ୟର ଅନ୍ୟାନ୍ୟ ଭୂଖଣ୍ଡରେ ଆଗାମୀ ଆନ୍ଦୋଳନ ସମ୍ପର୍କରେ କିଞ୍ଚିତ୍ ସୂଚନା ମିଳିବାରେ ଲାଗିଛି । ଫିଲିପାଇନ୍‌ସରେ ଅଶାନ୍ତି ଆଉ ନାହିଁ ଏବଂ ଆମେରିକା ତା' ଅଧିବାସୀମାନଙ୍କୁ ଏକ ନିର୍ଦ୍ଧାରିତ ମାନର ସ୍ୱାୟତ୍ତ ଶାସନ ପାଇଁ ମଞ୍ଜୁରି ଦେଇସାରିଛି ଯାହାକୁ ଫିଲିପାଇନ୍‌ବାସୀମାନେ ନିଜ ପାରୁପର୍ଯ୍ୟନ୍ତ ଓ ଇଚ୍ଛା ଅନୁସାରେ ପ୍ରୟୋଗ କଲେ ସମ୍ପୂର୍ଣ୍ଣ ସ୍ୱାଧୀନତାର ପୁନରୁଦ୍ଧାର ପାଇଁ ତାହା ଏକ ସାଧନ ରୂପେ ହୁଏତ କାର୍ଯ୍ୟ କରିପାରେ । ମହାର୍ଘମୂଲ୍ୟ ବିନିମୟରେ ଅନୁପ୍ରବେଶକାରୀ ଫ୍ରାନ୍ସ ପାଖରେ ରାଜ୍ୟର ଏକ ବୃହତ୍ ଅଞ୍ଚଳ ଉତ୍ସର୍ଗ କରି ଶିଆମ୍ (Siam) ତା'ର ଆଭ୍ୟନ୍ତରୀଣ ସାର୍ବଭୌମତ୍ୱ ଉପରେ ଜାରୀ ହୋଇଥିବା ଅପମାନଜନକ କଟକଣାରୁ ତ୍ରାହି ପାଇଯାଇଛି; କିନ୍ତୁ ସେ ତା'ର ନୌବାହିନୀର ଓ ସାମରିକ ବିକାଶ ପ୍ରତି ଅଧିକ ଧ୍ୟାନ ଦେବାକୁ ଆରମ୍ଭ କରିଦେଲାଣି ଆଉ ଯଦି ଏହି ଅର୍ଥରେ ଧରି ନିଆଯାଏ ଯେ ତା'ର ସ୍ୱାଧୀନତାକୁ ସୁରକ୍ଷିତ ରଖିବା ପାଇଁ ଗୋଟିଏ ବାଟ ତାକୁ ମିଳିଯାଇଛି ତା'ହେଲେ ତ ଭଲ ହେଲା । ବର୍ତ୍ତମାନ ଦେଖିବାକୁ ଗଲେ ଶିଆମ୍ ହେଉଛି ଏକ ଦୁର୍ବଳ ଅଞ୍ଚଳ ମଙ୍ଗୋଲ ଅଧିକୃତ ଏସିଆ ଭୂଖଣ୍ଡ ଭିତରେ । ତା' ନହେଲେ ଏବର୍ଷର ଘଟଣାବଳୀ ସୂଚେଇ ଦେଇଛି ଯେ ରୁଷିଆକୁ ସଂଘାତିକ ଆଘାତ ଦେବା ଦ୍ୱାରା ଜାପାନ ସୁଦୂର ପ୍ରାଚ୍ୟରେ ୟୁରୋପୀୟ ଶୋଷଣ ପ୍ରକ୍ରିୟାର ଗତିରୋଧ କରିଛି ।

କିନ୍ତୁ ଗତବର୍ଷର ସବୁଠୁ ଉଲ୍ଲେଖନୀୟ ବିଶେଷତ୍ୱ ହେଉଛି ଇସଲାମୀୟ ବିଶ୍ୱର ଅଭ୍ୟୁଦୟ । ଜାତୀୟ ଶିକ୍ଷାର ଗୋଟିଏ ମହାନ୍ ବିଧିବଦ୍ଧ କାର୍ଯ୍ୟକ୍ରମର ଅୟମାରମ୍ଭକୁ ଏହା ଦେଖିବାକୁ ପାଇଛି ଆଫଗାନିସ୍ଥାନରେ ଯାହାକୁ ନେଇ ରାଷ୍ଟ୍ରର ଏକ ବଳିଷ୍ଠ ଭିତ୍ତି ସ୍ୱୟଂ ନିଜ ମଧ୍ୟରେ ସେ ସ୍ଥାପନ କରିପାରେ ଆଧୁନିକ ଧାରାରେ ଓ ବୈଜ୍ଞାନିକ ଜ୍ଞାନ ଏବଂ ପ୍ରଶିକ୍ଷଣରେ ସୁସଜ୍ଜିତ ରହି । ଅମୀର ଅବ୍‌ଦୁର୍ ରହମନ୍ ଆଫଗାନିସ୍ଥାନକୁ ଦୃଢ଼ୀଭୂତ କଲେ । ଏହା ସ୍ପଷ୍ଟତଃ ହବିବୁଲ୍ଲାଙ୍କ ଲକ୍ଷ୍ୟ ଯିଏ ଏହାର ଆଧୁନିକୀକରଣ କରିବା ପାଇଁ ରାଷ୍ଟ୍ରନୀତିଜ୍ଞତାର ନୈପୁଣ୍ୟରେ ତାଙ୍କ ପିତାଙ୍କ ତୁଳନାରେ କୌଣସି ଗୁଣରେ ଊଣା ବୋଲି ଜଣା ପଡ଼ନ୍ତିନି । ପର୍ସିଆରେ ଏହି ବର୍ଷଟି ଏକ ଶାନ୍ତିପୂର୍ଣ୍ଣ ବିପ୍ଳବକୁ ସଂଘଟିତ କରିଛି – ସବୁଠୁ ନରମ ଏକ ଶାନ୍ତିପୂର୍ଣ୍ଣ ଚାପର

ବଶବର୍ତ୍ତୀ ହୋଇ ଜଣେ ଏସୀୟ ନରପତି ତାଙ୍କ ନିଜ ପ୍ରଜାମାନଙ୍କୁ ସଂସଦୀୟ ସରକାର ଗଢ଼ିବା ପାଇଁ ଅନୁମତି ଦେଇଛନ୍ତି, ଆଉ ଇରାନ ତା' ଜାତୀୟଜୀବନକୁ ଫେରିପାଇଛି । ଖାଲି ଆରବୀୟ ପାଶାଙ୍କଠାରୁ ଅଧିକ ବଳଶାଳୀ ଓ ଅଧିକ ପ୍ରଶିକ୍ଷିତ ହୋଇ ନୁହେଁ, କିନ୍ତୁ ଦେଶର ସର୍ବୋଚ୍ଚ ନ୍ୟାୟପରାୟଣ ଶାସକଙ୍କ ଦ୍ୱାରା ପରିଚାଳିତ ହୋଇ ଇଜିପ୍ଟ୍‌ରେ ଏକ ଜାତୀୟତାବାଦୀ ଆନ୍ଦୋଳନ ସାଙ୍ଗକୁ ଇଂଲଣ୍ଡର ଜବରଦଖଲକାରୀ ଭୂମିକାକୁ ମଧ୍ୟ ଏହି ବର୍ଷଟିରେ ଦେଖିବାକୁ ମିଳିଛି । ଦେନ୍‌ସଇ (Denshawi)ରେ ପ୍ରଦର୍ଶିତ ବ୍ରିଟିଶ ନିର୍ମମତାର ଦୃଶ୍ୟ ଏହାର ଲକ୍ଷ୍ୟକୁ ପଣ୍ଡ କରିଦେଇଛି ଏବଂ ଇଜିପ୍ଟ୍‌ବାସୀଙ୍କୁ ସମର୍ପଣ ପାଇଁ ଭୟଭୀତ କରିବା ପରିବର୍ତ୍ତେ ବରଂ ଏହା ସେମାନଙ୍କୁ ଅଧିକ କୃତସଂକଳ୍ପ ଓ ସଂଘବଦ୍ଧ କରି ତୋଳିଛି । ଏହା ବର୍ତ୍ତମାନ ଯେ ଏକ ସମୟର ପ୍ରଶ୍ନ ଯେତେବେଳେ ଏଇ ଜାଗରଣ ଅବଶିଷ୍ଟ ଇସଲାମୀୟ ଜଗତରେ ତା'ର ପ୍ରଭାବ ବିସ୍ତାର କରିଚାଲିବ ଆଉ ପଶ୍ଚିମ ଏସିଆରେ ବେଶ୍ କୃତିତ୍ୱର ସହିତ ୟୁରୋପୀୟମାନଙ୍କର ପଥରୋଧ କରିବ ଯେମିତି ପ୍ରାଚ୍ୟ ଭୂଖଣ୍ଡରେ ଏହାର ଅଗ୍ରଗତିକୁ ବ୍ୟାହତ କରାଯାଇଥିଲା ।

ଏଇ ବିଶ୍ୱଜନୀନ ଏସୀୟ ଆନ୍ଦୋଳନରେ ଭାରତକୁ କେଉଁ ଭୂମିକାରେ ଅବତୀର୍ଣ୍ଣ ହେବାକୁ ପଡ଼ିବ ? ୧୩୧୩ ଅବ୍ଦରେ ଏହା କ'ଣ କରିଥିଲା ? ଭାରତରେ ମଧ୍ୟ ବିପୁଳ ଅଗ୍ରଗତି ହୋଇଛି,– ସେ ଅଗ୍ରଗତି ଏଭଳି ବିରାଟ ଆକାର ଧାରଣ କରିଥିଲା ଯେ ଆମେ ଏହାର ମହତ୍ତ୍ୱକୁ ଯଥାର୍ଥରେ ଉପଲବ୍ଧି କରିବା ପାଇଁ ସମର୍ଥ ହୋଇପାରିବା ନାହିଁ ଯେପର୍ଯ୍ୟନ୍ତ ଏହାର ଫଳାଫଳଗୁଡ଼ିକର ଆପେ ଆପେ ସମାଧାନ ନହୋଇଛି । ଏଇ ବର୍ଷଟିର ଆରମ୍ଭ ହୋଇଥିଲା ବରିସାଲରେ; ଏହା ଶେଷ ହୋଇଛି କୋମିଲାଠାରେ । ପୂର୍ବବଙ୍ଗଳାରେ ସଂଗ୍ରାମର କ୍ରମବର୍ଦ୍ଧିଷ୍ଣୁ ପ୍ରଖରତାକୁ ଆକଳନ କରାଯାଇପାରେ । ଏଇ ଅନନ୍ୟ ସନ୍ଧିକ୍ଷଣରେ ଏବଂ ପୃଷ୍ଠଭାଗରେ ଏହା ଯେମିତି ପ୍ରତୀୟମାନ ହେଉଛି ତା' ଅପେକ୍ଷା ଏହାର ଗଭୀରତର ତାତ୍ପର୍ଯ୍ୟ ରହିଛି । ଏହାର ମର୍ମ ହେଲା ଯେ ଭାରତର ଭବିଷ୍ୟତକୁ ଅକ୍ତିଆର କରିବା ପାଇଁ ଦୁଇଟି ଶକ୍ତି ନିଶ୍ଚୟ ଲଢ଼େଇ କରିବେ – ଗୋଟିଏ ହେଲା ବ୍ରିଟିଶ ପ୍ରଶାସନ ଏବଂ ଆରଟି ହେଲା ଭାରତର ସର୍ବସାଧାରଣ – ଏମାନେ ଶେଷରେ ପ୍ରକୃତ ଦ୍ୱନ୍ଦ୍ୱ ଯୁଦ୍ଧରେ ପରସ୍ପରକୁ ଭେଟିଛନ୍ତି । ବରିସାଲ ଘଟଣାର ତାତ୍ପର୍ଯ୍ୟ ହେଲା ଶାନ୍ତିପୂର୍ଣ୍ଣ, ଆତ୍ମବଳିତୁଲ୍ୟ ସହନଶୀଳତା; କୋମିଲା ଘଟଣାର ତାତ୍ପର୍ଯ୍ୟ ହେଲା ସକ୍ରିୟ ନିର୍ଭୀକ ପ୍ରତିରୋଧ । ବର୍ତ୍ତମାନ ଲଢ଼େଇ କେବଳ ଚାଲିଛି ଏଇ ବିରାଟ ଦେଶର ସୁଦୂର ପୂର୍ବପ୍ରାନ୍ତରେ, କିନ୍ତୁ ଏହାର ତୀବ୍ରତା ଯେଉଁଭଳି ଭାବରେ ବୃଦ୍ଧି ପାଇବାରେ ଲାଗିଛି ନିଶ୍ଚୟ ଏହା ପଶ୍ଚିମ ଦିଗକୁ ବ୍ୟାପିଯିବ । ଏକ କ୍ରମବର୍ଦ୍ଧମାନ ପ୍ରଚଣ୍ଡ ଅଗ୍ନିସ୍ଫୁଲିଙ୍ଗରୁ ନିଶ୍ଚୟ ନିଆଁ ଜଳିବ ପଶ୍ଚିମବଙ୍ଗରେ ଏବଂ ଭାରତ ବର୍ତ୍ତମାନ ଏତେଦୂର ପର୍ଯ୍ୟନ୍ତ ଐକ୍ୟବଦ୍ଧ ହୋଇ ସାରିଲାଣି ଯେ ପ୍ରଶାସନ ପକ୍ଷରେ ଏଇ ସଂଘର୍ଷକୁ ଆଉ ଦୀର୍ଘ କାଳ ଧରି ଆଡ଼େଇ ଦେବାଟା ସମ୍ଭବପର ହେବ ନାହିଁ ।

ଏଇ ବର୍ଷଟିର ଦ୍ୱିତୀୟ ବିଶେଷତ୍ୱ ହେଉଛି ଜାତୀୟବାଦୀ ଦଳର ଦ୍ରୁତ ଅଭିବୃଦ୍ଧି । ମାତ୍ର କେତୋଟି ମାସ ଭିତରେ ଏହା ପୂର୍ବବଙ୍ଗଳାକୁ କବଳିତ କରି ନେଇଛି । ଏହ୍ଲାବାଦ ଓ ଉତ୍ତର ଭାରତରେ ଏହା ଅଗ୍ନିସଂଯୋଗ କରିଛି ଆଉ ମାଡ୍ରାସର ଅଭ୍ୟନ୍ତରରେ ଆଲୋଡ଼ନ ସୃଷ୍ଟି କରିଛି । ବଙ୍ଗଳା ଭିତରେ ଏହା ନୈତିକ ପ୍ରଭାବ ବିସ୍ତାର କରିବାରେ ଏକ ସ୍ୱତନ୍ତ୍ର ଓ ସ୍ୱୀକୃତି ପ୍ରାପ୍ତ ଶକ୍ତିଭାବେ ଏଭଳି କ୍ଷମତାଶାଳୀ ହୋଇଛି ଯେ ଆବେଦନ କରିବା ବସ୍ତୁତଃ ଲୋପ ପାଇଗଲାଣି ଆଉ ସମଗ୍ର ଜାତି ଆତ୍ମବିକାଶ ଓ ଶାନ୍ତିପୂର୍ଣ୍ଣ ପ୍ରତିରୋଧ ପାଇଁ ବର୍ତ୍ତମାନ ପ୍ରତିଶ୍ରୁତି ବଦ୍ଧ । ମାତ୍ର କେତେଗୋଟି ମରହଟ୍ଟା ସାପ୍ତାହିକୀ, ପଞ୍ଜାବରେ ଗୋଟିଏ ପତ୍ରିକା, କଲିକତାରେ 'ସନ୍ଧ୍ୟା' ଓ 'ନିଉଇଣ୍ଡିଆ', ଏଗୁଡ଼ିକୁ ବାଦ୍ ଦେଲେ କିଛି ମାସ ପୂର୍ବେ ପ୍ରେସ ପୂରାପୂରି ନରମପନ୍ଥୀ ପାଲଟି ଯାଇଥିଲା । ମାଡ୍ରାସରେ 'ବାଳଭାରତ' ଓ 'ଆନ୍ଧ୍ରକେଶରୀ', ଉତ୍ତରରେ 'ଆଫ୍‌ତାବ୍' ଏବଂ କଲିକତାରେ ଆମ ନିଜ ପତ୍ରିକା 'ବନ୍ଦେ ମାତରମ୍' ପରି ଜାତୀୟବାଦୀ ପତ୍ରିକାଗୁଡ଼ିକ, ନୂତନ ଚେତନାରେ ଉଦ୍‌ବୁଦ୍ଧ କିଛି ସ୍ଥାନୀୟ ପତ୍ରପତ୍ରିକାର ଆବିର୍ଭାବ, ଯୁଗାନ୍ତର ପରି ପତ୍ରିକାମାନଙ୍କର ଅଚାନକ ଲୋକପ୍ରିୟତା ଆଉ ସେଭଳି ସ୍ୱର ଉତ୍ତୋଳନ କରିପାରୁନଥିବା ନୂତନ ବିଚାରଧାରାର ପତ୍ରିକାମାନଙ୍କ ଉପରେ ନୂତନ ଭାବଧାରାର ଯେଉଁ ବ୍ୟାପକ ପ୍ରଭାବ, ଏ ସମସ୍ତେ ଗୋଟି ଗୋଟି କରି ସୂଚନା ଦେଇ ଚାଲିଛନ୍ତି କିପରି କ୍ଷିପ୍ର ଗତିରେ ଜାତୀୟତାବାଦ ନିଜର ବିଧିବଦ୍ଧ ସ୍ୱରୂପ ପ୍ରକଟ କରିବା ସହିତ ଦେଶକୁ ନିଜ ଅଧିକାରକୁ ନେଇଛି ।

ଏ ବର୍ଷର ତୃତୀୟ ବିଶେଷତ୍ୱ ହେଉଛି ଜାତୀୟ ଶିକ୍ଷାର ବିକାଶ । ବଙ୍ଗଳା ଜାତୀୟ କଲେଜ କେବଳ ଏକ ପ୍ରତିଷ୍ଠିତ

ସତ୍ୟରୂପେ ପ୍ରକାଶ ପାଇନି କିନ୍ତୁ ଏହାର ସଂଖ୍ୟା ଦ୍ରୁତ ଗତିରେ ବଢ଼ିଚାଲିଛି ଏବଂ ଉନ୍ନତତର ଶିକ୍ଷା ବ୍ୟବସ୍ଥାର ଭିତ୍ତିଟିଏ ଗଢ଼ି ତୋଳିବା କାର୍ଯ୍ୟ ଆରମ୍ଭ କରିଦେଇଛି । ବର୍ଷର ଆରମ୍ଭରେ ରଙ୍ଗପୁର ଓ ଢାକାରେ ବିଦ୍ୟାଳୟଗୁଡ଼ିକ ପ୍ରତିଷ୍ଠିତ ହୋଇ ସାରିଥିଲା । କିନ୍ତୁ ବରିସାଲରେ ହିଂସାତ୍ମକ କାଣ୍ଡଟିଏ ଘଟିଗଲା ପରେ ମଇମନ୍ ସିଂ, କିଶୋରଗଞ୍ଜ, କୋମିଲା, ଚାନ୍ଦପୁର ଓ ଦିନାଜପୁରରେ ନୂତନ ବିଦ୍ୟାଳୟମାନ ପ୍ରତିଷ୍ଠିତ ହେଲା । ସେଇ ଦିନଠାରୁ ଆଉ କିଛି ଅଧିକ ବିଦ୍ୟାଳୟର ସ୍ଥାପନା ହୋଇଛି,– ମଗୁରା ବିଦ୍ୟାଳୟ, ଜେସୋର୍ ଜିଲ୍ଲାରେ ଗୋଟିଏ, ଜଲପାଇଗୁଡ଼ିରେ ଆଉ ଗୋଟିଏ ଏବଂ ସେଇପରି ମୋଗ୍ରାରେ ଏକ ନିଃଶୁଳ୍କ ପ୍ରାଥମିକ ବିଦ୍ୟାଳୟ ସ୍ଥାପିତ ହୋଇଥିଲା । ଆମେ ହୃଦୟଙ୍ଗମ କରୁଛୁ ଯେ ଚିଟ୍ଟାଗଞ୍ଜ ଏବଂ ନୂଆଖାଲିରେ ମଧ୍ୟ ଏକ ଜାତୀୟ ବିଦ୍ୟାଳୟର ପ୍ରତିଷ୍ଠା ସମ୍ଭବପର । ଗୋଟିଏ ବର୍ଷ ଭିତରେ ଏପରି ରେକର୍ଡ଼ ! କିଛି ଛୋଟିଆ କଥା ନୁହେଁ । ଯାହା ଠିକ୍ ଆଶା କରାଯାଉଥିଲା ଏ ସକଳ ବିଦ୍ୟାଳୟଗୁଡ଼ିକର ସଂଖ୍ୟାରେ ଅଭିବୃଦ୍ଧି ଘଟିଛି ଜାତୀୟତାବାଦର ପେଣ୍ଠସ୍ଥଳୀ ପୂର୍ବବଙ୍ଗଳାରେ ।

ଏହା ହେଲା ୧୩୧୩ ଅବ୍ଦର ଭାରତବର୍ଷରେ ଜାତୀୟତାବାଦୀ ପ୍ରଗତିର ରେକର୍ଡ଼ । ଆଉ ଏ ବର୍ଷଟି ଶେଷ ହୋଇଛି ଭୀଷଣ ସଂକଟର ଆରମ୍ଭ ସମୟରେ ଯାହା ହୁଏତ ଆମକୁ ନେଇଯାଇ ପାରେ ଅନେକ ଦୂରକୁ, ଖାଲି ଆରମ୍ଭ ଓ ପ୍ରସ୍ତୁତିର ପର୍ବଗୁଡ଼ିକୁ ଅତିକ୍ରମ କରି, ଏହା ହେଉଛି ଧାରାବାହିକ ଏବଂ ଦ୍ରୁତ ବିକାଶର ଏକ ରେକର୍ଡ଼ । ଅନେକ ଦିନ ଆଗରୁ ଆମେ ଏକ ଭବିଷ୍ୟତ୍ ବାଣୀ ଶୁଣିଥିଲୁ ଯେ ୧୯୦୭ ମସିହାର ବର୍ଷଟି ଭାରତରେ ଜାତୀୟ ମୁକ୍ତିର ପ୍ରକୃତ ସଂଗ୍ରାମକୁ ଭେଟିବ । ଏକଥା ମଧ୍ୟ ପ୍ରାୟ ମନେ ହେବ ସତେ ଯେମିତି ଟିପ୍ପେରାରେ ଘଟିଯାଇଥିବା ବିକ୍ଷୋଭରେ ପ୍ରଥମ ପାହାରଟା ବାଜିଥିଲା ।

[ବନ୍ଦେ ମାତରମ୍, ଏପ୍ରିଲ ୧୬, ୧୯୦୭]

(କ୍ରମଶଃ)

ଅନୁବାଦ : ଶ୍ରୀ ଉମେଶ ପ୍ରସାଦ ପଟ୍ଟନାୟକ ✤

The present is the most important moment in life.
*12 February 1952* – The Mother

*With best compliments from :*

**AUM SWASTIK FOODS**

**MAITAPUR, BALASORE, ODISHA**

# ଦୁଇଟି ଶିକ୍ଷା

## ଶ୍ରୀ ନଳିନୀକାନ୍ତ ଗୁପ୍ତ

ମୋର ସୁଦୀର୍ଘ ଜୀବନକାଳରୁ ତଥା ଜୀବନରୁ ମୁଁ ଦୁଇଟି ଶିକ୍ଷା ଲାଭ କରିଛି; ସେଇ କଥାଟି ଆଜି କହିବି । ଜୀବନକୁ ସୁନ୍ଦର କରି ଗଢ଼ିବାକୁ ହେଲେ – ତାହା ବ୍ୟକ୍ତିଗତ ଜୀବନ ହେଉ ଅବା ସମଷ୍ଟିଗତ ଜୀବନ ହେଉ, ଉଭୟ କ୍ଷେତ୍ରରେ – ଏ ଦୁଇଟି ଯାକରେ ଆଣିଦେବ ଅବ୍ୟର୍ଥ ସାଫଲ୍ୟ – ମୋର ଯେତେଦୂର ମନେହୁଏ; କାରଣ ଏ ଦୁଇଟି ହେଉଛନ୍ତି ଅବିଚଳ ଓ ଅପରିହାର୍ଯ୍ୟ ପ୍ରତିଷ୍ଠା ।

ପ୍ରଥମଟି ହେଉଛି କାହାରି ଉପରେ ଦୋଷାରୋପ କରିବ ନାହିଁ । ସଚରାଚର କାହିଁକି, ସଦାସର୍ବଦା ଦେଖାଯାଏ ଯେ କେଉଁଠି କିଛି ଭୁଲ୍ ତ୍ରୁଟି ନଜରରେ ପଡ଼ିଲେ ଆମେ ତାହାର ହେତୁ ଆବିଷ୍କାର କରୁ ବାହାର ଅବସ୍ଥାର ଭିତରେ କିଂବା ଅପର କୌଣସି ବ୍ୟକ୍ତି ପାଖରେ ଅବା କେତେ ଲୋକଙ୍କ ପାଖରେ । କିନ୍ତୁ ସେଇ ଦୋଷର ହେତୁଟି ଯେ ମୋଠାରେ, କିଂବା ହେତୁର ହେତୁ ଯେ ମୁଁ ହୋଇଥିବି, ତାହା ଆମ ଆଖିରେ ଜମା ପଡ଼େ ନାହିଁ; ଅଥଚ ତାହାହିଁ ହେଉଛି ଅବିସଂବାଦୀ, ଅବ୍ୟଭିଚାରୀ ସତ୍ୟ ।

ମୁଁ ଯଦି ଦୁଃଖୀ, ତାହାର କାରଣ ବି ମୁଁ ନିଜେ । ଏହା ତ ଆମର ପ୍ରାଚୀନ ପରିଚିତ କର୍ମବାଦ । ମୋ ଜୀବନରେ ଯାହା କିଛି ଘଟେ, ତାହା ମୋର ନିଜରହିଁ କର୍ମଫଳ – ସେଇ କର୍ମର ଫଳରେ ଆଉ କୌଣସି ବ୍ୟକ୍ତି ବା ବସ୍ତୁ ଭାଗୀଦାର ନୁହନ୍ତି । ଆମର ସମସ୍ତଙ୍କର ପରିଚିତ ଗୋଟିଏ ଗୀତର ମର୍ମସ୍ପର୍ଶୀ କଥାଟି ମନେ ପଡ଼ିଯାଏ :

ଦୋଷ କାରୋ ନହେ ଗୋ ଶ୍ୟାମା,
ଆମି ସ୍ୱଖାତ ସଲିଲେ ଡୁବେ ମରି, ଓ ମା ।

ଏଇଟି ଯେ କବିତାର ଏକ ପଦ ମାତ୍ର ଯେଉଁଥିରେ ଆବେଗ ଉଚ୍ଛ୍ୱାସ ଖାଲି ପ୍ରକଟ ହୋଇଛି, ତାହା ନୁହେଁ; ଏହା ହେଉଛି ଦୃଢ଼ ବାସ୍ତବ କଥା । ଖାଣ୍ଟି ବୈଜ୍ଞାନିକ ସତ୍ୟ ।

ସ୍ମରଣ ରଖିବାକୁ ହେବ ଯେ କୌଣସି ଦୋଷ ବା ତ୍ରୁଟି ଯାହା ଆମେ ବାହାରେ ଦେଖିବାକୁ ପାଉ, ସେସବୁ ଦୋଷ ବା ତ୍ରୁଟି ମୋ ନିଜ ଭିତରେ ରହିଛି । ନିଜ ଭିତରେ କାହିଁକି ଦେଖେ ନାହିଁ ସେଗୁଡ଼ିକ – କାରଣ ମୋର ଦୃଷ୍ଟି ସତତ ରହିଛି ବାହାରେ । ବିଶ୍ୱର ଗଠନହିଁ ଏଇ ପ୍ରକାର – ସେଇ କାରଣରୁ କୁହାଯାଏ – 'ଯାହା କିଛି ବ୍ରହ୍ମାଣ୍ଡରେ ରହିଛି, ସେସବୁ ପିଣ୍ଡରେ ରହିଛି; ଯାହା ପିଣ୍ଡରେ ନାହିଁ, ତାହା ବ୍ରହ୍ମାଣ୍ଡରେ ବି ନାହିଁ ।' ଏଇ କଥାଟି ଅନ୍ୟ ଭାବରେ କୁହାଯାଏ ଯେ ଯାହା ନାହିଁ ଭାରତେ, ତାହା ନାହିଁ ଭୂ-ଭାରତେ; ଯାହା ଅଛି ଭୂ-ଭାରତେ, ସେସବୁହିଁ ଭାରତେ (ଅବଶ୍ୟ ଏ କଥାଟି ମହାଭାରତ ସଂପର୍କରେ କୁହାଯାଇ ଥିଲା ପ୍ରଥମେ) । ପାଶ୍ଚାତ୍ୟ ଦେଶରେ ଜ୍ଞାନ-ବିଜ୍ଞାନ କ୍ଷେତ୍ରରେ microcosm (ଅଣୁ-ଜଗତ୍) ଆଉ macrocosm (ବିଶ୍ୱ-ଜଗତ୍) ଏଇ ଦ୍ୱୈତ ତତ୍ତ୍ୱର ସହାୟରେ ଏଇ ସିଦ୍ଧାନ୍ତଟିହିଁ କୁହାଯାଇଥାଏ । ଏଇ ଯେଉଁ ଆବିଷ୍କାର, ତାହା ଚହଳ ପକାଇ ଦେଇଥିଲା ତା'ର ଚମତ୍କାରିତାରେ । ତୁମେ ଯେତେବେଳେ କୌଣସି ଗୋଟିଏ ତ୍ରୁଟି ଅନ୍ୟ ଭିତରେ କି ବିଶ୍ୱ ମଧ୍ୟରେ ଆବିଷ୍କାର କରିଛ, ସେତେବେଳେ ନିଜ ଚେତନାରେ, ନିଜ ଅନ୍ତରରେ ଦୃଷ୍ଟିପାତ କର । ଟିକିଏ ଲକ୍ଷ୍ୟ କଲେ ଦେଖିପାରିବ ଅକପଟରେ ଓ ସରଳ ଭାବରେ ଯେ ସେଇ ଏକା ଦୋଷ ବା ତ୍ରୁଟି ତୁମ ନିଜ ଅନ୍ତରରେ, ନ୍ୟୂନାଧିକ ମାତ୍ରାରେ ରହିଥିବ – ରହିଥାଇପାରେ । ମର୍ତ୍ତ୍ୟର କୌଣସି ବି ବ୍ୟକ୍ତି ତ୍ରୁଟି-ମୁକ୍ତ ନୁହେଁ; ଯେଉଁ ଦୋଷତ୍ରୁଟି ବିଶ୍ୱରେ ଏଠି ସେଠି ଭରି ରହିଛି, ପୃଥିବୀର ମାଟି ସହିତ ମିଶି ରହିଛି ସେଥିରୁ କେହି ମୁକ୍ତ ନୁହନ୍ତି । ସୁତରାଂ ଆମେ ଯେବେ ଜଗତ୍ ସଂସାରକୁ ଉଦ୍ଧାର କରିବାକୁ ବାହାରୁ, ଯେବେ ଅପର ବ୍ୟକ୍ତିକୁ ସଂସ୍କାର କରିବାକୁ ବାହାରି ପଡୁ ସେତେବେଳେ ସର୍ବାଗ୍ରେ କରଣୀୟ ହେଉଛି ନିଜକୁ ସଂସ୍କାର କରିବା, ନିଜକୁ ଉଦ୍ଧାର କରିବା – ଆତ୍ମାନାମ୍ ଉଦ୍ଧରେତ୍ । ଏଇ କାମଟି ତୁମର ପ୍ରଥମ କାମ ଏବଂ ସହଜ କାମ, କାହିଁକି ନା ସେଇଟି ତୁମର ଅଧିକାର କ୍ଷେତ୍ରର ମଧ୍ୟରେ ରହିଛି । ଏକଥା ଅବଶ୍ୟ ଆମେ କହିବାକୁ ଯାଉନୁ ଯେ ସେତେବେଳଯାଏଁ ତୁମେ ବାହାରର କାମଟି ମୁଲତବି ରଖିବ ବା ଏକେବାରେ ବାଦ୍ ଦେଇଦେବ ଯେତେବେଳ ଯାଏଁ ପୂର୍ଣ୍ଣ ଆତ୍ମଶୁଦ୍ଧି ବା ଆତ୍ମସିଦ୍ଧି ତୁମେ ଅର୍ଜନ ନକରିଛ । ତାହା ଆଦୌ ନୁହେଁ, ଏ ଦୁଇଟି କାମ ଯୁଗପତ୍ ଚାଲିବ । ବରଂ ବାହାରର ସଂସ୍ପର୍ଶରେ ଆସି କେବଳ ଯେ ତୁମେ ଯାବତୀୟ ଭୁଲ୍, ଦୋଷ-ତ୍ରୁଟି ଆବିଷ୍କାର କରିବ ବାହ୍ୟ-ଜଗତର, ସେତିକି ନୁହେଁ, ତୁମ ନିଜ ଅନ୍ତରରେ ଥିବା ଦୋଷତ୍ରୁଟି ବି ଆବିଷ୍କୃତ ହୋଇପଡ଼ିବ ଆପଣାଛାଏଁ ଆଉ ତତ୍

ସଙ୍ଗେ ସଙ୍ଗେ ସେଗୁଡ଼ିକ ସହ କାରବାର କରିବାକୁ ଏକ ସୁଯୋଗ ବି ମିଳିବ – ସେଗୁଡ଼ିକର ମୁହାଁମୁହିଁ ହେବାର । ଏଇପରି ଭାବରେ ଆମେ ନିଜ ବିଷୟରେ ଯେତେ ସଚେତନ ହେଉ ଏବଂ ଯେତେଦୂର ନିଜକୁ ପରିଷ୍କୃତ ଓ ସମୁନ୍ନତ କରୁ ଆମର ବାହାର କାମ ବି ସେତେ ପରିମାଣରେ ପରିଷ୍କୃତ ଓ ସମୁନ୍ନତ ହୋଇ ଉଠିଥାଏ, ଆହୁରି ବି ନିଜଠାରେ ଦୋଷତ୍ରୁଟି ଦେଖିବାର ଓ ସ୍ୱୀକାର କରିବାର କ୍ଷେତ୍ରରେ କିଛି ଅପରାଧ ନାହିଁ । କାରଣ ସମଗ୍ର ବିଶ୍ୱ ଏପରି ଐକ୍ୟ, ଯେଉଁଠି ପ୍ରତ୍ୟେକେ ଅପର ସହିତ ମିଳିମିଶି ଅଖଣ୍ଡ, ଅଭିନ୍ନ, ଅଭେଦ ଐକ୍ୟରେ ବାନ୍ଧି ହୋଇଥା'ନ୍ତି । ତାହାର ଗୋଟିଏ ବିନ୍ଦୁକୁ ସ୍ପର୍ଶ କଲେ ତାହାର ଅନୁରୂପ ସ୍ପନ୍ଦନ ସର୍ବତ୍ର ଖେଳେଇ ହୋଇଯିବ । ସେଇ କାରଣରୁ ମୁଁ ଯେବେ ମୋ ଭିତରେ କିଛି ପରିବର୍ତ୍ତନ ଘଟାଇ ପାରିଲି, ତା'ହେଲେ ଜଗତ୍ ମଧ୍ୟରେ ବି ପରିବର୍ତ୍ତନର ତରଙ୍ଗ ଚଳାଇ ଦେବି ମୋ ସ୍ପନ୍ଦନର ଭିତର ଦେଇ । ଜଗତ୍ ଭିତରେ ସାକ୍ଷାତ୍ ଭାବରେ ପରିବର୍ତ୍ତନ ନେଇ ଆସିବାର କିଛି କ୍ଷମତା ମୋର ନଥାଇପାରେ, କିନ୍ତୁ ନିଜକୁ, ନିଜର କ୍ଷେତ୍ରକୁ ବଦଳାଇବାର କ୍ଷମତା ତ ମୋର ରହିଥିବ । ମାନୁଷୀ ବ୍ୟକ୍ତିତ୍ୱର ମହିମା ଏଇଠାରେ – ଅନ୍ୟ କଥାରେ କହିଲେ – ମଣିଷ ଭିତରେ, ମର୍ତ୍ତ୍ୟ ମଧ୍ୟରେ ଦେବତ୍ୱର ଅଧିଷ୍ଠାନ ।

ଠିକ୍ ଏହାର ପରବର୍ତ୍ତୀ କଥାଟି ହେଉଛି ମୋର ଦ୍ୱିତୀୟ ଶିକ୍ଷାର କଥା – ମଣିଷ ଭିତରେ ଏଇ ଯେଉଁ ସ୍ୱେଚ୍ଛାଶକ୍ତି, ଏଇଟିକୁ ଯେତେଦୂର ସମ୍ଭବ କ୍ରମଶଃ ଊର୍ଦ୍ଧ୍ୱକୁ ତୋଳି ଧରିବାକୁ ପଡ଼ିବ ଏବଂ ସେଇଟି କରିବାକୁ ସିଏ ଯେତେଦୂର ସକ୍ଷମ ହେବ, ଚେଷ୍ଟାର ଫଳ ଓ କର୍ମର ଫଳ ସେତେ ସୁଚାରୁ ହେବ । ଇଂରାଜୀରେ ଏକ କଥା ରହିଛି : "Hitch your wagon to the star" । ଅର୍ଥାତ୍ ତୁମର ଯାନଟିକୁ ଆକାଶର ତାରା ସହିତ ଯୋଖିଦିଅ । ଅର୍ଥାତ୍ ତୁମର ଲକ୍ଷ୍ୟ ହେବ, ଗନ୍ତବ୍ୟ ହେବ ଊର୍ଦ୍ଧ୍ୱତମ, ସୁଦୂରତମ, ସମତଳରେ ଆଉ ତାହା ରହିବ ନାହିଁ – ସେଇଠାରେ ନିଜକୁ ପ୍ରସାରିତ କରିନେବା ନୁହେଁ, ପରିଚିତ ସମତଳ ଛାଡ଼ି ଉଠିଚାଲିବାକୁ ପଡ଼ିବ ଉପର ସ୍ତରକୁ । ଉନ୍ନତି କହିଲେ ତାହାହିଁ ବୁଝାଏ । କେବଳ ପ୍ରଗତି ନୁହେଁ, ଖାଲି ଆଗେଇ ଚାଲିବା ନୁହେଁ, ତା' ସହିତ ଊର୍ଦ୍ଧ୍ୱାରୋହଣ ରହିଛି ମଧ୍ୟ ।

ମଣିଷ କାହିଁକି ଦୁର୍ଭୋଗରେ ପଡ଼ିଯାଏ – ଏଇ କାରଣରୁ ଯେ ତା'ର ଚେତନା ପଡ଼ିଥାଏ ଏକାନ୍ତ ନିମ୍ନତମ ସ୍ତରରେ – ଦେହ ଓ ପ୍ରାଣର ଦାବି ନେଇ, ସାମାନ୍ୟ କିଛି ମନର ଭରସା ନେଇ; ମଣିଷମାନଙ୍କ ମଧ୍ୟରେ ଯେଉଁମାନେ ଜ୍ଞାନରେ, ଚରିତ୍ରରେ ଶ୍ରେଷ୍ଠତମ, ସେମାନେ ବି ଏଇ ପରିଧି ମଧ୍ୟରେ ଆବଦ୍ଧ । ମନୁଷ୍ୟକୁ ଖାଲି ଦେହ-ପ୍ରାଣ ଉପରକୁ ଉଠିଗଲେ ଚଳିବ ନାହିଁ, ମନର ଘେରକୁ ବି ଡେଇଁ ଯିବାକୁ ପଡ଼ିବ ତା'ଠାରୁ ଉଚ୍ଚତର ସ୍ତର ଆଡ଼କୁ । ସମାଜର ପକ୍ଷରେ, ସମଷ୍ଟି ଜୀବନର ପକ୍ଷରେ ଏଇ ମୁହୂର୍ତ୍ତରେ ହୁଏତ ସେଇ କାମଟି କରିବାର ସାମର୍ଥ୍ୟ ଆସି ନାହିଁ, କିନ୍ତୁ ବ୍ୟକ୍ତିର, ବ୍ୟକ୍ତିବିଶେଷର ସେ କ୍ଷମତା ରହିଛି ଅବଶ୍ୟ । ସମାଜରେ ଯେଉଁମାନେ ଅଗ୍ରଣୀ, ପୁରୋଧା, ଦିଗ୍‌ଦର୍ଶକ, ସର୍ବୋପରି ଯିଏ ଲୋକନାୟକ, ସେମାନଙ୍କୁ ପଥ କ'ଣ, ଗନ୍ତବ୍ୟ କେଉଁଠିକୁ – ଏକଥା ଜାଣିବାକୁ ପଡ଼ିବ । ସେମାନେ ଆଗେ ଊର୍ଦ୍ଧ୍ୱତର ସ୍ଥିତି ଲାଭ କରିବେ ଆଉ କେମିତି ତାହା ହେବ : କି ଉପାୟରେ ?

ଏହାର ଉତ୍ତର : 'ତଦ୍‌ବିଦ୍ଧି ପ୍ରଣିପାତେନ ପରିପ୍ରଶ୍ନେନ ସେବୟା ।' ମୋର ଏଇଟିହିଁ ଦ୍ୱିତୀୟ ଶିକ୍ଷା । ମୋ ଜୀବନରେ ଏଇ ଦୁଇଟି ଶିକ୍ଷା ।

(ରଚନାବଳୀ ୮ମ ଖଣ୍ଡ, 'କାଲେର ଆହ୍ୱାନରୁ' ଗୃହୀତ)

ଅନୁବାଦ : କୃଷ୍ଣାଦେବୀ ❖

ନିଜର ସ୍ୱଭାବରେ ଯାହା ନାହିଁ ତାହା ଅର୍ଜନ କରିବା ପାଇଁ, ଏପର୍ଯ୍ୟନ୍ତ ଯାହା ଜାଣି ନାହଁ ତାହା ଜାଣିବା ପାଇଁ, ଏପର୍ଯ୍ୟନ୍ତ ଯାହା କରିପାରି ନାହଁ ତାହା କରିବାକୁ ସମର୍ଥ ହେବା ପାଇଁ ତୁମର ଏକ ଅବିଚଳିତ ସଂକଳ୍ପ ରହିବା ଆବଶ୍ୟକ ।

ତୁମକୁ ନିରନ୍ତର ଅଗ୍ରଗତି କରିବାକୁ ହେବ ସେହି ଆଲୋକ ଓ ଶାନ୍ତି ଭିତରେ ଯାହା ଆସିଥାଏ ନିଜର କୌଣସି ବ୍ୟକ୍ତିଗତ କାମନା ନ ରହିଲେ ।

– ଶ୍ରୀମା

ବେଦରହସ୍ୟ - (ଦ୍ୱିତୀୟଭାଗ) : ନିର୍ବାଚିତ ସୂକ୍ତାବଳୀ – ୭

# ଭଗ ସବିତା, ଯେ ଭୋକ୍ତା – ତାଙ୍କ ଉଦ୍ଦେଶ୍ୟରେ

## (ଋଗ୍‌ବେଦ : ମଣ୍ଡଳ - ୫, ସୂକ୍ତ : ୮୨, ଋଷି : ଶ୍ୟାବାଶ୍ୱ ଆତ୍ରେୟ)

## ଶ୍ରୀଅରବିନ୍ଦ

**ତତ୍‌ସବିତୁର୍ବୃଣୀମହେ ବୟଂ ଦେବସ୍ୟ ଭୋଜନମ୍ ।**
**ଶ୍ରେଷ୍ଠଂ ସର୍ବଧାତମଂ ତୁରଂ ଭଗସ୍ୟ ଧୀମହି ॥୧॥**

ଅର୍ଥ – ସେହି ସବିତୃଦେବଙ୍କର [ତତ୍‌ସବିତୁଃ ଦେବସ୍ୟ] ଶ୍ରେଷ୍ଠ [ଶ୍ରେଷ୍ଠମ୍], ସମସ୍ତଙ୍କୁ ଉପଯୁକ୍ତ ସ୍ଥାନ ଦେଇଥିବା [ସର୍ବଧାତମମ୍], ଲକ୍ଷ୍ୟ ସାଧନକାରୀ [ତୁରମ୍] ସେହି ଭୋଗ୍ୟ ବସ୍ତୁକୁ [ଭୋଜନମ୍] (ଆନନ୍ଦକୁ) ଆମେମାନେ ବରଣ କରୁଛୁ [ବୟଂ ବୃଣୀମହେ], ଏପରିକି ଆମେ ଆମ ଚିନ୍ତାରେ 'ଭଗ'ଙ୍କୁ (ଆନନ୍ଦକୁ) ଧ୍ୟାନ କରୁଛୁ [ଭଗସ୍ୟ ଧୀମହି] ।

**ଅସ୍ୟ ହି ସ୍ୱୟଶସ୍ତରଂ ସବିତୁଃ କଚ୍ଚନ ପ୍ରିୟମ୍ ।**
**ନ ମିନନ୍ତି ସ୍ୱରାଜ୍ୟମ୍ ॥୨॥**

ଅର୍ଥ – କାରଣ [ହି], ସେମାନେ ଏହି ସବିତାଙ୍କର [ଅସ୍ୟ ସବିତୁଃ] ବସ୍ତୁଗତ କୌଣସି ସୁଖକୁ [କଚ୍ଚନ ପ୍ରିୟମ୍] କ୍ଷୀଣ କରନ୍ତି ନାହିଁ [ନ ମିନନ୍ତି], କାରଣ, ସେ ସ୍ୱୟଂ ଜୟଶୀଳ ଅଟନ୍ତି [ସ୍ୱୟଶସ୍ତରମ୍], ଏହି ଦିବ୍ୟଭୋକ୍ତାଙ୍କର ସ୍ୱରାଜତାକୁ [ସ୍ୱରାଜ୍ୟମ୍] (କ୍ଷୀଣ କରନ୍ତି ନାହିଁ) ।

**ସ ହି ରତ୍ନାନି ଦାଶୁଷେ ସୁବାତି ସବିତା ଭଗଃ ।**
**ତଂ ଭାଗଂ ଚିତ୍ରମୀମହେ ॥୩॥**

ଅର୍ଥ – ଦାତାଙ୍କ ନିମନ୍ତେ [ଦାଶୁଷେ] ଆନନ୍ଦ ଉତ୍ପନ୍ନ କରୁଥିବା [ରତ୍ନାନି ସୁବାତି] ଏହି ଦେବ ହେଉଛନ୍ତି ବସ୍ତୁଗୁଡ଼ିକର ଜନ୍ମଦାତା [ଭଗଃ ସବିତା]; ଆମେମାନେ ସେହି ଆନନ୍ଦୋପଭୋଗର ବିଚିତ୍ର ବୈଭବକୁ [ତଂ ଚିତ୍ରଂ ଭାଗମ୍] ଆକାଙ୍‌କ୍ଷା କରୁଛୁ [ଇମହେ] ।

**ଅଦ୍ୟା ନୋ ଦେବ ସବିତଃ ପ୍ରଜାବତ୍‌ସାବୀଃ ସୌଭଗମ୍ ।**
**ପରା ଦୁଃଷ୍ୱପ୍ନ୍ୟଂ ସୁବ ॥୪॥**

ଅର୍ଥ – ହେ ଦିବ୍ୟସ୍ରଷ୍ଟା [ଦେବ ସବିତଃ], ଆଜି ତୁମେ ଆମ ମଧ୍ୟରେ [ଅଦ୍ୟ ନଃ] ଫଳୋତ୍ପାଦକ ସୌଭାଗ୍ୟକୁ [ପ୍ରଜାବତ୍ ସୌଭଗମ୍] ଜନ୍ମଦିଅ [ସାବୀଃ], ଦୁଃସ୍ୱପ୍ନର ବିଷୟଗୁଡ଼ିକୁ [ଦୁଃଷ୍ୱପ୍ନ୍ୟମ୍] ବହିଷ୍କାର କର [ପରା ସୁବ] ।

**ବିଶ୍ୱାନି ଦେବ ସବିତର୍ଦୁରିତାନି ପରା ସୁବ ।**
**ଯଦ୍ ଭଦ୍ରଂ ତନ୍ନ ଆସୁବ ॥୫॥**

ଅର୍ଥ – ହେ ସବିତୃଦେବ [ସବିତଃ], ସକଳ ଦୁରିତକୁ (କଳୁଷକୁ) [ବିଶ୍ୱାନି ଦୁରିତାନି] ବିଦୂରିତ କର [ପରା ସୁବ]; ଯାହା ମଙ୍ଗଳକର [ଯଦ୍ ଭଦ୍ରମ୍] ତାହା ଆମ ନିମନ୍ତେ ଜାତ କରାଅ [ତତ୍ ନଃ ଆସୁବ] ।

**ଅନାଗସୋ ଅଦିତୟେ ଦେବସ୍ୟ ସବିତୁଃ ସବେ ।**
**ବିଶ୍ୱା ବାମାନି ଧୀମହି ॥୬॥**

ଅର୍ଥ – ଅନନ୍ତ ସତ୍ତା ନିମନ୍ତେ [ଅଦିତୟେ] ଦିବ୍ୟ-ସବିତାଙ୍କର [ଦେବସ୍ୟ ସବିତୁଃ] ଉତ୍ପାଦନରେ [ସବେ] ଆମେ ଦୋଷ ରହିତ ହେବା ପୂର୍ବକ [ଅନାଗସଃ] ଆନନ୍ଦର ସକଳ ବସ୍ତୁକୁ ଧ୍ୟାନ କରୁଛୁ [ବିଶ୍ୱା ବାମାନି ଧୀମହି] ।

**ଆ ବିଶ୍ୱଦେବଂ ସତ୍ପତିଂ ସୂକ୍ତୈରଦ୍ୟା ବୃଣୀମହେ**
**ସତ୍ୟସବଂ ସବିତାରମ୍ ॥୭॥**

ଅର୍ଥ – ଏହି ବିଶ୍ୱପ୍ରସାରୀ ଦେବଙ୍କୁ [ବିଶ୍ୱଦେବମ୍], ଅସ୍ତିତ୍ୱର ପତିଙ୍କୁ [ସତ୍‌ପତିମ୍], ସତ୍ୟପ୍ରସୂ ସ୍ରଷ୍ଟାଙ୍କୁ [ସତ୍ୟସବଂ ସବିତାରମ୍] ଆଜି [ଅଦ୍ୟ] ସୂକ୍ତବାକ୍‌ଗୁଡ଼ିକ ଦ୍ୱାରା [ସୂକ୍ତୈଃ] ବରଣ କରୁଛୁ [ଆ ବୃଣୀମହେ] –

**ଯ ଇମେ ଉଭେ ଅହନୀ ପୁର ଏତ୍ୟପ୍ରୟୁଚ୍ଛନ୍ ।**
**ସ୍ୱାଧୀର୍ଦେବଃ ସବିତା ॥୮॥**

ଅର୍ଥ – ଯେଉଁ ଦିବ୍ୟ-ଜନ୍ମଦାତା [ଦେବଃ ସବିତା], ଯିଏ ସ୍ଖଳନରହିତ ହୋଇ [ଅପ୍ରୟୁଚ୍ଛନ୍] ଏବଂ ନିଜ ଧୀକୁ ସୁବ୍ୟବସ୍ଥିତ କରି [ସ୍ୱାଧୀଃ] ଏହି ଦିବସ ଓ ରାତ୍ରି ଉଭୟର [ଇମେ ଉଭେ ଅହନୀ] ପୁରୋଭାଗରେ ଗମନ କରୁଛନ୍ତି [ପୁରଃ ଏତି] –

**ଯ ଇମା ବିଶ୍ୱା ଜାତାନ୍ୟାଶ୍ରାବୟତି ଶ୍ଳୋକେନ ।**
**ପ୍ର ଚ ସୁବାତି ସବିତା ॥୯॥**

ଅର୍ଥ – ଯେଉଁ ଦିବ୍ୟସ୍ରଷ୍ଟା [ଯଃ ସବିତା] ସ୍ତୁତି ବାକ୍ ଦ୍ୱାରା [ଶ୍ଳୋକେନ] ଏହି ସକଳ ଜାତ ଜୀବଙ୍କୁ [ଇମା ବିଶ୍ୱା

ଜାତାନି] ଜ୍ଞାନ ଶ୍ରବଣ କରାଉଛନ୍ତି [ଆ ଶ୍ରାବୟତି] ଏବଂ ସେମାନଙ୍କୁ ଜନ୍ମ ଦେଉଛନ୍ତି [ପ୍ର ସୁବାତି ଚ]।

## ଶ୍ରୀଅରବିନ୍ଦଙ୍କ ଭାଷ୍ୟ :

ବେଦରେ ବରୁଣ, ମିତ୍ର, ଭଗ ଓ ଅର୍ଯ୍ୟମନ୍ ଏହି ଚାରି ମହାନ୍ ଦେବତା ନିରନ୍ତର ଆବିର୍ଭୂତ ହୁଅନ୍ତି ଯେଉଁମାନେ କି ନିଜ ପ୍ରକୃତି ଓ କ୍ରିୟା ଦୃଷ୍ଟିରୁ ଘନିଷ୍ଠଭାବେ ସମ୍ବନ୍ଧିତ । ଋଷିଙ୍କର ଧୀ ମଧ୍ୟରେ ବରୁଣ ଓ ମିତ୍ର ନିରବଚ୍ଛିନ୍ନଭାବେ ଯୁଗଳ ଦେବତାଭାବେ ସ୍ଥାନ ପାଇଛନ୍ତି; ବେଳେ ବେଳେ ତ୍ରିଦେବ ରୂପେ ବରୁଣ, ମିତ୍ର ଓ ଭଗ ଅଥବା ବରୁଣ, ମିତ୍ର ଓ ଅର୍ଯ୍ୟମନ୍ ଆବିର୍ଭୂତ ହୁଅନ୍ତି । ଏମାନଙ୍କ ମଧ୍ୟରୁ କୌଣସି ଜଣେ ଦେବଙ୍କୁ ପୃଥଗ୍‌ଭାବେ ଉଦ୍ଦିଷ୍ଟ ହୋଇଥିବା ସୂକ୍ତମାନ ଅପେକ୍ଷାକୃତ କ୍ୱଚିତ୍ ଦେଖାଯାଏ ଯଦିଓ ବରୁଣଙ୍କୁ ଦେବତାରୂପେ ରଖାଯାଇଥିବା କେତେକ ଗୁରୁତ୍ୱପୂର୍ଣ୍ଣ ସୂକ୍ତ ରହିଛି । କିନ୍ତୁ ଯେଉଁ ମନ୍ତ୍ରଗୁଡ଼ିକରେ ଏମାନଙ୍କର ନାମ ରଖା ଯାଇଥାଏ, ସୂକ୍ତଗୁଡ଼ିକ ଅନ୍ୟ ଦେବଗଣଙ୍କ ଉଦ୍ଦେଶ୍ୟରେ ହୋଇଥାଉ ଅଥବା ବିଶ୍ୱଦେବଙ୍କ (ବିଶ୍ୱଦେବାଃ) ଆବାହନ ମଧ୍ୟରେ ହୋଇଥାଉ, ତାହାର ସଂଖ୍ୟା ଅତ୍ୟନ୍ତ ଅଳ୍ପ । ସାୟଣଙ୍କ ଭାଷ୍ୟ ଅନୁସାରେ ଏହି ଚତୁର୍ଦେବ ହେଉଛନ୍ତି ସୌର ଶକ୍ତିଗଣ, ବରୁଣ ନକାରାତ୍ମକଭାବେ ରାତ୍ରିର ଦେବତା, ମିତ୍ର ସକାରାତ୍ମକଭାବେ ଦିବସ, ଦେବତାର ଭଗ ଓ ଅର୍ଯ୍ୟମନ୍ ସୂର୍ଯ୍ୟଙ୍କର ଦୁଇ ନାମ । ଏହି ସମସ୍ତ ବିଶେଷ ଗୁଣ ଉପରେ ଅଧିକ ଗୁରୁତ୍ୱ ଦେବା ଆମର ଆବଶ୍ୟକତା ନାହିଁ, କିନ୍ତୁ ଏହା ନିଶ୍ଚିତ ଯେ ଏହି ଚତୁର୍ଦେବ ସୌରଗୁଣଯୁକ୍ତ ଅଟନ୍ତି । ସେମାନଙ୍କ ମଧ୍ୟରେ ବୈଦିକ ଦେବତାମାନଙ୍କର ଯେଉଁ ବିଶେଷ ସ୍ୱରୂପ ରହିଛି ଅର୍ଥାତ୍ ସେମାନଙ୍କର ବିଭିନ୍ନ ବ୍ୟକ୍ତିତ୍ୱ ଓ କ୍ରିୟାର ପରିପ୍ରକାଶ ହେଉଥିବା ବେଳେ ମଧ୍ୟ ସେମାନଙ୍କର ମୂଳଗତ ଏକତ୍ୱ ସ୍ପଷ୍ଟ ଭାବରେ ପ୍ରକାଶ ପାଇଥାଏ । କେବଳ ଯେ ଏହି ଚାରି ଦେବତା ପରସ୍ପର ଘନିଷ୍ଠଭାବେ ସଂଘବଦ୍ଧ ସେତିକି ନୁହେଁ ପରନ୍ତୁ ମନେ ହୁଏ ଏମାନେ ଯେପରି ପରସ୍ପରର ସ୍ୱଭାବ ଓ ସ୍ୱଗୁଣର ଅଂଶୀଦାର ଅଟନ୍ତି ଏବଂ ଏସମସ୍ତେ ସ୍ପଷ୍ଟତଃ ଯେପରି ସୃଜନାତ୍ମକ ଓ ପ୍ରଦୀପକ ସୌର ରୂପବାନ୍ ସୂର୍ଯ୍ୟ ସବିତାଙ୍କର ବିଭୂତି ।

ସୂର୍ଯ୍ୟ ସବିତା ହେଉଛନ୍ତି ସ୍ରଷ୍ଟା । ବସ୍ତୁଗୁଡ଼ିକର ସତ୍ୟ ଅନୁସାରେ, 'ଋତମ୍'ର ସଂଜ୍ଞା ଅନୁସାରେ ଏହି ଭୁବନଗୁଡ଼ିକୁ ଦିବ୍ୟ-ଚେତନା ମଧ୍ୟରୁ ପ୍ରକାଶକୁ ଅଣାଯାଇଛି, ଏବଂ ଏହି ଦିବ୍ୟ-ଚେତନାକୁ କୁହାଯାଇଛି ଅଦିତି, ଅନନ୍ତସତ୍ତାର ଦେବୀ, ଦେବମାତା, ଅବିଭାଜ୍ୟ ଚେତନା, ସେହି ଦିବ୍ୟ ଜ୍ୟୋତିଃ, ଯାହା କଦାପି କ୍ଷୀଣ ହୁଏନା ଏବଂ ଏହା ସେହି ରହସ୍ୟମୟୀ ଧେନୁର ପ୍ରତୀକ ଯାହାର କଦାପି ବଧ ହୋଇପାରେ ନାହିଁ । ସେହି ସୃଷ୍ଟି ମଧ୍ୟରେ ବରୁଣ ଓ ମିତ୍ର, ଅର୍ଯ୍ୟମନ୍ ଓ ଭଗ ଏହି ଚାରି ଦେବତା ପ୍ରଭାବୀ ଶକ୍ତିଗଣ ଅଟନ୍ତି । ବରୁଣ 'ସଚ୍ଚିଦାନନ୍ଦ' ଭିତରେ ଥିବା 'ସତ୍' ଅର୍ଥାତ୍ ବିଶୁଦ୍ଧ ଏବଂ ବ୍ୟାପକ ଅସ୍ତିତ୍ୱ ମୂଳକ ତତ୍ତ୍ୱର ପ୍ରତିନିଧି ଅଟନ୍ତି; ଯେଉଁ ଦିବ୍ୟଚେତନା 'ଶକ୍ତି'ରୂପେ କ୍ରିୟାରତ, ଅର୍ଯ୍ୟମନ୍ ତାହାରି ଆଲୋକର ପ୍ରତିନିଧିତ୍ୱ କରନ୍ତି; ମିତ୍ରଦେବ ସୃଷ୍ଟିର ଆନନ୍ଦ ତତ୍ତ୍ୱର ଉପଯୋଗ-ପୂର୍ବକ ଜ୍ୟୋତିଃ ଓ ଜ୍ଞାନର ପ୍ରତିନିଧି ଅଟନ୍ତି ଏବଂ ସେ ମଧ୍ୟ ସଙ୍ଗତିର ବିଧାନକୁ ପାଳନ କରୁଥିବା 'ପ୍ରେମ' ଅଟନ୍ତି । ସୃଜନଶୀଳ ଭୋଗ ସ୍ୱରୂପ ଆନନ୍ଦର ପ୍ରତିନିଧି ଅଟନ୍ତି ଭଗ; ସେ ସୃଷ୍ଟିର ଆନନ୍ଦକୁ ଭୋଗ କରନ୍ତି, ସୃଷ୍ଟ ବସ୍ତୁମାନଙ୍କର ଆନନ୍ଦକୁ ଉପଭୋଗ କରନ୍ତି । 'ମାୟା' ବୋଲି ଯାହାକୁ କୁହାଯାଏ ତାହା ବରୁଣ ତଥା ମିତ୍ରଙ୍କର ରୂପାୟନକାରିଣୀ ପ୍ରଜ୍ଞା ଯାହା ସେହି ଆଲୋକକୁ ଅସଂଖ୍ୟ ଗୁଣରେ ବ୍ୟକ୍ତ କରେ; ଯାହା ଭୁବନଗୁଡ଼ିକୁ ଅଭିବ୍ୟକ୍ତ କରିବା ପାଇଁ 'ଉଷା'ଙ୍କ ଦ୍ୱାରା ଆନୀତା ଅଦିତିଙ୍କର ଜ୍ୟୋତିଃ ଅଟେ ।

ଏହି ଚତୁର୍ଦେବ ନିଜ ନିଜର ମନସ୍ତାତ୍ତ୍ୱିକ କ୍ରିୟାବଳୀ ଅନୁସାରେ ମାନବ ମନରେ ଏବଂ ମାନବୀୟ ସ୍ୱଭାବ ମଧ୍ୟରେ କାର୍ଯ୍ୟ କରୁଥିବା ବେଳେ ସେହି ସମାନ ତତ୍ତ୍ୱର ପ୍ରତିନିଧିତ୍ୱ କରନ୍ତି । ସେମାନେ ମାନବ ମଧ୍ୟରେ ତାହାର ସତ୍ତାର ନାନା ସ୍ତରକୁ ଗଢ଼ି ତୋଳନ୍ତି ଓ ପରିଶେଷରେ ତାହାକୁ ଦିବ୍ୟ 'ସତ୍ୟ'ର ବିବିଧ ସଂଜ୍ଞା ଓ ରୂପ ମଧ୍ୟରେ ରୂପାୟିତ କରନ୍ତି । ବିଶେଷତଃ ମିତ୍ର ଓ ବରୁଣଙ୍କୁ ନିରନ୍ତର ଏହିପରି ବର୍ଣ୍ଣନା କରାଯାଇଛି ଯେ ସେ ଦୁହେଁ ନିଜର କର୍ମବିଧାନକୁ ଦୃଢ଼ତାର ସହ ଧରିଥା'ନ୍ତି, 'ସତ୍ୟ'ର ବୃଦ୍ଧି ସାଧନ କରିଥା'ନ୍ତି, 'ସତ୍ୟ'କୁ ସ୍ପର୍ଶ କରିଥା'ନ୍ତି ଏବଂ 'ସତ୍ୟ' ଦ୍ୱାରା ସେହି କର୍ମଗତ ଦିବ୍ୟ-ସଂକଳ୍ପକୁ ଅଥବା ଏହାର ମହାନ୍ ତଥା ଅବିବାଦିତ ଯଜ୍ଞୀୟ କର୍ମକୁ ଭୋଗ କରନ୍ତି ।

ବରୁଣ ବିଶାଳତା, ସାଧୁତା ଓ ଶୁଦ୍ଧତାର ପ୍ରତିନିଧିତ୍ୱ କରନ୍ତି; ଯେକୌଣସି ବସ୍ତୁ ସାଧୁତାରୁ ତଥା ଶୁଦ୍ଧତାରୁ ବିଚ୍ୟୁତ ହୋଇଯିବାର ଅର୍ଥ ବରୁଣଙ୍କ ସତ୍ତାଠାରୁ ସେ ଦୂରେଇ ଯାଉଛି ଏବଂ ଏହି ପାପର ଦଣ୍ଡସ୍ୱରୂପ ବରୁଣ ସେହି ଆକ୍ରାନ୍ତା ଉପରେ ପ୍ରହାର କରିଥା'ନ୍ତି । ମଣିଷ ଯେପର୍ଯ୍ୟନ୍ତ ବରୁଣଙ୍କ 'ସତ୍ୟ'

ରୂପକ ବିଶାଳତାରେ ଉପନୀତ ନ ହୋଇଛି ସେପର୍ଯ୍ୟନ୍ତ ସେ ବିଶ୍ୱ-ଯଜ୍ଞର ସ୍ତମ୍ଭଗୁଡ଼ିକରେ ମନ-ପ୍ରାଣ-ଶରୀର ରୂପକ ତ୍ରିବିଧ ବନ୍ଧନ-ରଜ୍ଜୁ ଦ୍ୱାରା ବଳି ରୂପେ ବନ୍ଧା ହୋଇଥାଏ ଏବଂ ସେ ଅଧିକାରୀ ଓ ଭୋକ୍ତା ଭାବେ ମୁକ୍ତି ଲାଭ କରି ନ ଥାଏ । ବରୁଣଙ୍କ ଫାଶରୁ ବିମୋଚିତ ହେବା ନିମନ୍ତେ, ତାଙ୍କ ପବିତ୍ରତାରେ ବିଘ୍ନ ଆଣିବା ହେତୁ ଉପୁଜିଥିବା ତାଙ୍କର କ୍ରୋଧରୁ ରକ୍ଷା ପାଇବା ନିମନ୍ତେ ହୋଇଥିବା ପୁନଃ ପୁନଃ ପ୍ରାର୍ଥନା ଆମେ ଏଥିପାଇଁ ବେଦରେ ଦେଖିବାକୁ ପାଇଥାଉଁ । ଅନ୍ୟ ପକ୍ଷରେ ମିତ୍ରଦେବ ହେଉଛନ୍ତି ଦେବଗଣଙ୍କ ମଧ୍ୟରେ ସର୍ବପ୍ରିୟ; ସଙ୍ଗତିର ସ୍ଥିର ସ୍ଥିତି ଦ୍ୱାରା, ବସ୍ତୁଗୁଡ଼ିକର ବିଧାନ ମଧ୍ୟରେ ସ୍ୱୟଂ ପରିପୂର୍ଣ୍ଣ ହୋଇ ଉଠୁଥିବା 'ପ୍ରେମ'ର କ୍ରମୋଉରଭାବେ ଉଜ୍ଜ୍ୱଳ ହୋଇ ଉଠୁଥିବା ଧାମ ଦ୍ୱାରା – ''**ମିତ୍ରସ୍ୟ ଧାମଭିଃ**'' – ସେ ସମସ୍ତଙ୍କୁ ଏକତ୍ର ବନ୍ଧନଭୁକ୍ତ କରିଥା'ନ୍ତି । ତାଙ୍କ ନାମ 'ମିତ୍ର'କୁ ସର୍ବଦା ଦ୍ୱି-ଅର୍ଥକତାର ପ୍ରୟୋଗ ଚାତୁରୀ ସହିତ ପ୍ରୟୋଗ କରାଯାଇଛି – ଏହାର ସଖା ରୂପକ ଅର୍ଥ ମଧ୍ୟ ରହିଛି, ଏ ସେଇଥିପାଇଁ 'ମିତ୍ର' ଯେହେତୁ ସମସ୍ତଙ୍କ ମଧ୍ୟରେ ମିତ୍ର ନିବାସ କରୁଛନ୍ତି, ସେହି କାରଣରୁ ଅନ୍ୟ ଦେବତାମାନେ ମାନବର ସଖା ହୋଇଥା'ନ୍ତି । ବେଦରେ 'ଅର୍ଯ୍ୟମନ୍'ଙ୍କର ଅବତାରଣା କରାଯାଇଛି କିନ୍ତୁ ତାଙ୍କ ସ୍ୱରୂପରେ ସେପରି ବିଶେଷ ଭିନ୍ନତା ପରିଲକ୍ଷିତ ହୁଏ ନାହିଁ, କାରଣ ବେଦରେ ତାଙ୍କ ପ୍ରସଙ୍ଗ ସ୍ୱଳ୍ପ ଦେଖାଯାଏ । 'ଭଗ'ଙ୍କର ଗୁଣ କର୍ମର ଚିତ୍ରଣ ଅଧିକ ସ୍ପଷ୍ଟ ରୂପେ ରହିଛି ଏବଂ ବିଶ୍ୱରେ ଓ ମାନବ ମଧ୍ୟରେ ତାହା ଏକା ପ୍ରକାର ।

(*ଭାଷ୍ୟର ଅବଶିଷ୍ଟାଂଶ ଆଗାମୀ ସଂଖ୍ୟାରେ...*)

[ଶ୍ରୀଅରବିନ୍ଦଙ୍କ CWSA, Vol. 15,
'*The Secret of the Veda*', Part - II
Chapter - VII, "**To Bhaga Savitri, the Enjoyer**", P. 299 - 302]

ଅନୁବାଦ : ମଧୁସୂଦନ ମହାପାତ୍ର ✤

It is in work that one finds balance and joy.
– The Mother

*With best compliments from :*

**SRI JAGANNATH RICE MILL**

**MAITAPUR, BALASORE (ODISHA)**

# ଶ୍ରୀମା'ଙ୍କର ମହାପ୍ରୟାଣ

## ଶ୍ରୀ ମାଧବ ପଣ୍ଡିତ

[**୧୯୭୩ ମସିହା ନଭେମ୍ବର ୨୮** ତାରିଖରେ ଶ୍ରୀମାଙ୍କର ମହାପ୍ରୟାଣ ସମ୍ପର୍କରେ ଅରୋଭିଲ୍ **'Peace'** ଅଞ୍ଚଳ ମଧ୍ୟସ୍ଥ ଏକ କେନ୍ଦ୍ରରେ ଶ୍ରୀ ମାଧବ ପଣ୍ଡିତଙ୍କର ପ୍ରଦତ୍ତ ଏକ ଭାଷଣର କିଛି ନିର୍ବାଚିତ ଅଂଶ ।]

...ଆପଣମାନଙ୍କ ମଧ୍ୟରୁ ଯେଉଁମାନେ ମା' ଶ୍ରୀଅରବିନ୍ଦଙ୍କ ଲେଖା ପଢ଼ିଛନ୍ତି ସେମାନେ ଜାଣନ୍ତି ଯେ ସେମାନଙ୍କର ପ୍ରଧାନ ଉଦ୍ଦେଶ୍ୟ ହୋଇ ଆସିଛି ସତ୍ୟ-ଜଗତର ଚେତନାକୁ ଏହି ପୃଥିବୀପୃଷ୍ଠରେ ଉତାରି ଆଣିବା – ଯାହାକୁ କି ସେମାନେ ଅତିମାନସ ଚେତନା ଏବଂ ଶକ୍ତି କହନ୍ତି । ସେମାନେ ଶହେ ଥର ଏକଥା ଘୋଷଣା କରିଛନ୍ତି ଯେ ପୃଥିବୀପୃଷ୍ଠରେ ସତ୍ୟ-ଚେତନାର ଅଭିବ୍ୟକ୍ତି ଘଟାଇବା, ଏକ ସକ୍ରିୟ ତତ୍ତ୍ୱ ରୂପେ ଏହାକୁ ପୃଥିବୀରେ ପ୍ରତିଷ୍ଠିତ କରିବା ଏବଂ ଧୀରେ ଧୀରେ ଏହାକୁ ମାନବ ଜୀବନକୁ ଦିବ୍ୟ-ଜୀବନରେ ରୂପାନ୍ତର କରିବା ନିମନ୍ତେ ସମର୍ଥ କରି ତୋଳିବା ହେଉଛି ସେମାନଙ୍କର କାର୍ଯ୍ୟ । ସେମାନେ ଦର୍ଶାଇ ଦେଇଛନ୍ତି ଯେ କେବଳ ସତ୍ୟ-ଶକ୍ତି, ସତ୍ୟ-ସଂକଳ୍ପ ବ୍ୟତୀତ ଅନ୍ୟ କୌଣସି ଶକ୍ତି ଏ କାର୍ଯ୍ୟ କରିପାରିବ ନାହିଁ । ହଜାର ହଜାର ବର୍ଷ ଧରି ମଣିଷ ନିଜକୁ, ନିଜ ଜୀବନକୁ ତଥା ନିଜ ପରିବେଶକୁ ପୂର୍ଣ୍ଣାଙ୍ଗ କରି ତୋଳିବାକୁ ପ୍ରୟାସ କରି ଆସିଛି, କିନ୍ତୁ ସଫଳ ହୋଇପାରି ନାହିଁ । ସଫଳ ନହେବାର ସିଧାସଳଖ କାରଣଟି ହେଉଛି ପ୍ରତିଟି ଶକ୍ତି ଯାହାକୁ ସେ ନିଜର ଚାଳକ ବୋଲି ମାନିଛି, ତାକୁ କାର୍ଯ୍ୟରେ ଲଗାଇଛି, ତାହା ହୋଇପଡ଼ିଛି ଅପେକ୍ଷାକୃତ ଏକ ନିକୃଷ୍ଟ ଶକ୍ତି – ସତ୍ୟର ଶକ୍ତି ନୁହେଁ କିନ୍ତୁ ପରୋକ୍ଷଭାବେ ସତ୍ୟଠାରୁ ଆସିଥିବା ଏକ ଶକ୍ତି ।

ବିବର୍ତ୍ତନର ଦୀର୍ଘ ଯାତ୍ରା ପଥରେ, ପ୍ରତ୍ୟେକ ବିବର୍ତ୍ତନଗତ ସନ୍ଧିକ୍ଷଣରେ ଊର୍ଦ୍ଧ୍ୱତର ଭୂମିରୁ ସେସମୟରେ ଧାରଣା କରାଯାଉଥିବା ଉଚ୍ଚତମ ଶକ୍ତିକୁ ଉତାରି ଆଣିବା ନିମନ୍ତେ ଓ ତାକୁ ପୃଥିବୀପୃଷ୍ଠରେ ପ୍ରତିଷ୍ଠିତ କରିବା ନିମନ୍ତେ ପୂର୍ବରୁ ଅବତାରମାନେ ଜନ୍ମ ନେଇଛନ୍ତି । ଆମେ ଜାଣୁ ଶ୍ରୀରାମ ଆସିଥିଲେ ସାତ୍ତ୍ୱିକ ମନକୁ ଉତାରି ଆଣିବାକୁ ଓ ତା'ର ଧାରାକୁ କ୍ରିୟାଶୀଳ କରିବାକୁ । ଏହାର ଯୁଗ ଯୁଗ ପରେ ଶ୍ରୀକୃଷ୍ଣ ଆସିଲେ ଯେ କି ଅଧିମାନସ ଚେତନା, ଭାଗବତ ଆନନ୍ଦମୟ ଚେତନାର ପ୍ରକାଶ ଘଟାଇଲେ । ତା'ପରେ ପରବର୍ତ୍ତୀ ପଦକ୍ଷେପ ନେବା ପାଇଁ ଯୁଗ ଯୁଗ ବିତିଗଲା । ପରବର୍ତ୍ତୀ ପଦକ୍ଷେପ ଥିଲା ବିଜ୍ଞାନ, ସତ୍ୟ ଚେତନା, ଅତିମାନସ ଶକ୍ତିକୁ ପୃଥିବୀପୃଷ୍ଠରେ ଉତାରି ଆଣିବା, ଏକ ବ୍ୟକ୍ତିଗତ ସିଦ୍ଧି ହିସାବରେ ନୁହେଁ ଯାହାକୁ କି ବୈଦିକ ଋଷିମାନେ ହଜାର ହଜାର ବର୍ଷ ତଳେ କରି ଥିଲେ, ବରଂ ସମଗ୍ର ମାନବ-ସମାଜ ପାଇଁ – ଏହା ଏପରି କିଛି ଯାହାକି ଏକ ନିର୍ଦ୍ଦିଷ୍ଟ ବ୍ୟକ୍ତି ପାଇଁ ଉପଯୋଗୀ ଏକ ବ୍ୟକ୍ତିଗତ ସିଦ୍ଧି ନହୋଇ ଏକ ସ୍ଥାୟୀ ଶକ୍ତି ହିସାବରେ ପୃଥିବୀପୃଷ୍ଠରେ କ୍ରିୟା କରି ପାରିବ ।

ଏହି ଲକ୍ଷ୍ୟ ଶ୍ରୀଅରବିନ୍ଦଙ୍କ ମଧ୍ୟରେ ସ୍ପଷ୍ଟ ହୋଇଉଠିଲା କେବଳ ସେ ପଣ୍ଡିଚେରୀ ଆସିବା ପରେ । ସେ ପ୍ରଥମେ ଏହାର ସଂଯୋଜନା କରି ''ଆର୍ଯ୍ୟ'' ପତ୍ରିକାରେ ତାହା ପ୍ରକାଶ କଲେ । ମା' ମଧ୍ୟ ଶ୍ରୀଅରବିନ୍ଦଙ୍କ ସହ ଯୋଗଦେବା ପୂର୍ବରୁ ତାଙ୍କ 'ଧ୍ୟାନ ଓ ପ୍ରାର୍ଥନା' ବହିରେ ଏହି ଦିବ୍ୟ-ଚେତନା ସମ୍ପର୍କରେ ଲେଖିଥିଲେ । ମା' କୌଣସି ଦାର୍ଶନିକ ଢଙ୍ଗରେ କହି ନାହାନ୍ତି, ସେ ସିଧାସଳଖ ସ୍ପଷ୍ଟଭାବରେ କହିଛନ୍ତି : ଦିବ୍ୟ-ଚେତନା ପ୍ରକାଶିତ ହେବ ଓ ଜୀବନକୁ ରୂପାନ୍ତର କରିବ । ତେଣୁ ଉଭୟେ ଆର୍ଯ୍ୟରେ ପ୍ରକାଶିତ ଘୋଷଣାପତ୍ରରେ ଘୋଷଣା କଲେ ଯେ ଏକ ନୂତନ ଯୁଗ, ଏକ ପୂର୍ଣ୍ଣାଙ୍ଗ ଜୀବନ, ଏକ ପୂର୍ଣ୍ଣ ମାନବ ଗଢ଼ି ତୋଳିବା ନିମିତ୍ତ ଏପର୍ଯ୍ୟନ୍ତ ଅଭିବ୍ୟକ୍ତ ହୋଇ ନଥିବା ଏକ ନୂତନ ଚେତନାକୁ ଉତାରି ଆଣିବାକୁ ହେବ ଏବଂ ପୃଥିବୀପୃଷ୍ଠରେ ତାକୁ ସକ୍ରିୟ କରିବାକୁ ହେବ । ଏହି ଉଦ୍ଦେଶ୍ୟ ନେଇ ମା ୧୯୨୦ ମସିହାରେ ଶ୍ରୀଅରବିନ୍ଦଙ୍କ ସହ ଯୋଗଦେଲେ ଓ ଶ୍ରୀଅରବିନ୍ଦ ମଧ୍ୟ ଯେଉଁ ବ୍ୟକ୍ତିମାନେ ଏହି ଆଦର୍ଶକୁ ଗ୍ରହଣ କରିବା ନିମିତ୍ତ ଓ ସେଥିପାଇଁ ସାଧନା କରିବାକୁ ଏକ ଆହ୍ୱାନ ଅନୁଭବ କଲେ ସେମାନଙ୍କୁ ଶିଷ୍ୟ ରୂପେ ଗ୍ରହଣ କଲେ । ଆପଣମାନେ ସମସ୍ତେ ଜାଣନ୍ତି ୧୯୨୬ ମସିହାରେ କିପରି ଆଶ୍ରମ ଆରମ୍ଭ ହେଲା । ସେଦିନ ଥିଲା ନଭେମ୍ବର

୨୪ ତାରିଖ ଯେତେବେଳେ କି ଅଧିମାନସ ଚେତନା (ଯାହାକୁ ଶ୍ରୀକୃଷ୍ଣ ପ୍ରଥମେ ଉତାରି ଆଣିଥିଲେ) ଶ୍ରୀଅରବିନ୍ଦଙ୍କ ଭୌତିକ ଶରୀର ମଧ୍ୟକୁ ଅବତରଣ କଲା ଓ ସେ ସମ୍ପୂର୍ଣ୍ଣ ରୂପେ ବାହ୍ୟ କାର୍ଯ୍ୟରୁ ଅବସର ଗ୍ରହଣ କରି ତା'ର ପରବର୍ତ୍ତୀ ପଦକ୍ଷେପ ସତ୍ୟ-ଚେତନାର ଅବତରଣ ଉପରେ ତାଙ୍କର ସକଳ ଶକ୍ତି ଓ ସାଧନା ଏକାଗ୍ର କରିବା ନିମନ୍ତେ ସେ ଅନୁଭବ କଲେ ।

୧୯୨୬ ମସିହାଠାରୁ ଶ୍ରୀଅରବିନ୍ଦଙ୍କ ସହ ଚିଠିପତ୍ରର ଆଦାନ-ପ୍ରଦାନ ଚାଲିଲା । ଏହି ଆଦାନପ୍ରଦାନ ୧୯୩୮ ମସିହା ତାଙ୍କର ଦୁର୍ଘଟଣା ଘଟିବା ପର୍ଯ୍ୟନ୍ତ ଅବ୍ୟାହତ ରହିଲା । ପ୍ରତିଦିନ ରାତିରେ ସେ ଚିଠିପତ୍ରର ଟିକିନିଖି ଉତ୍ତରସବୁ ଦେଉଥିଲେ । ୧୯୩୪ ମସିହାରେ କେବେ ଥରେ ସେ କହିଥିଲେ ଅତିମାନସକୁ ସାମାନ୍ୟତମ ଅଂଶରେ ସେ ଧରି ପାରିଛନ୍ତି । ପରେ ସେ କହିଥିଲେ ଯେ ଏହି ଶକ୍ତି ଆସୁଛି ଏବଂ ଚାଲିଯାଉଛି । ମା' ମଧ୍ୟ କୌଣସି ସ୍ଥାନରେ କହିଛନ୍ତି ଅତିମାନସ ଶକ୍ତି ଶ୍ରୀଅରବିନ୍ଦଙ୍କ ମଧ୍ୟକୁ ଆସିବାର, ସେଠାରେ କିଛି ସମୟ ରହିବାର ଓ ପୁଣି ଫେରିଯିବାର ସେ ଦେଖିଥିଲେ । ବର୍ଷ ପରେ ବର୍ଷ ସେମାନଙ୍କର ସାଧନା ଚାଲିଲା । ପୃଥିବୀରେ ଯାହାକିଛି ଘଟୁଥିଲା ସେମାନେ ସେସବୁକୁ ତାଙ୍କର ଉଦ୍ଦେଶ୍ୟର ବାହାର ବୋଲି ବିଚାର କରୁ ନଥିଲେ । ସେମାନେ ତାଙ୍କର ବିଶ୍ୱ-ଯୋଜନାର ଏକ ଅଂଶ ରୂପେ ପ୍ରଳୟଙ୍କରୀ ଦ୍ୱିତୀୟ ମହାଯୁଦ୍ଧ ଓ ଭାରତର ରାଜନୈତିକ ଆନ୍ଦୋଳନ ତଥା ବିପ୍ଳବ ପ୍ରତି ସମ୍ପୂର୍ଣ୍ଣ ରୂପେ ଦୃଷ୍ଟି ରଖିଥିଲେ ।

୧୯୫୦ କିଂବା ସେହି ସମୟରେ ଏକ ପରିସ୍ଥିତି ଦେଖା ଦେଲା ଯାହା ଫଳରେ ଶ୍ରୀଅରବିନ୍ଦ ଦେଖିଲେ ଅତିମାନସ ଶକ୍ତିର ଅବତରଣ ନିମନ୍ତେ ପୃଥିବୀର ଅବସ୍ଥା ବାଧା ଦେଉଛି । ସେହି ଅବସ୍ଥାରେ ଯଦି ଅତିମାନସ ଶକ୍ତିକୁ ଅବତରଣ କରାଯାଏ ତେବେ ସବୁକିଛି ଭାଙ୍ଗିଯିବ । ବେଦରେ ଆମର ଗୋଟିଏ ମନ୍ତ୍ର ଅଛି ଯେଉଁଥିରେ ''ପୋଡ଼ହୀନ ମୃଣ୍ମୟ ପାତ୍ର'' ବିଷୟ ଉଲ୍ଲେଖ ଅଛି । ଏହାର ଅର୍ଥ ହେଉଛି ପାତ୍ରଟି ଯଦି ଭଲଭାବେ ପୋଡ଼ି ନହୋଇଛି ଅର୍ଥାତ୍ ଆଧାର ଯଦି ଯଥେଷ୍ଟ ପରିମାଣରେ ଶକ୍ତ-ସୁଦୃଢ଼ ନହୋଇଛି ତେବେ ଏହା ଭଗବତ୍ ଅବତରଣକୁ ସମ୍ଭାଳି ପାରିବ ନାହିଁ । ଶ୍ରୀଅରବିନ୍ଦ ଦେଖିଲେ ଭୌତିକ ପଦାର୍ଥ ଏହି ଅବତରଣକୁ ସମ୍ଭାଳିବା ନିମନ୍ତେ ପ୍ରସ୍ତୁତ ନୁହେଁ । ତା'ପରେ ସେ ଏକ ସିଦ୍ଧାନ୍ତ ଗ୍ରହଣ କଲେ । ଏହା ପ୍ରାୟ ୧୯୨୩ ଓ ୧୯୨୬ ମଧ୍ୟରେ । ଥରେ ଏକ ସାନ୍ଧ୍ୟ କଥୋପକଥନ (ମୁଁ ଜାଣେ ନାହିଁ ଏଇ କଥୋପକଥନଟି ପ୍ରକାଶ ପାଇଛି କି ନାହିଁ) ସମୟରେ ଶ୍ରୀଅରବିନ୍ଦଙ୍କୁ ପଚରାଗଲା, ''ଆପଣ ମୃତ୍ୟୁ ଉପରେ ବିଜୟ ହାସଲ କରିଛନ୍ତି କି ?'' ସେ ଉତ୍ତର ଦେଲେ, ''ଏପରିକି ଯଦି ମୁଁ ଏକ କପ ବିଷ ପାନ କରେ ତଥାପି ଏହା ମୋତେ ମାରିପାରିବ ନାହିଁ ।'' ଆଉ ଜଣେ ପଚାରିଲେ, ''ତା'ର ଅର୍ଥ ଆପଣଙ୍କର ମୃତ୍ୟୁ ହୋଇପାରିବ ନାହିଁ ?'' ସେ ଉତ୍ତର ଦେଲେ, ''କେବଳ ତିନୋଟି ସର୍ତ୍ତ ରହିଛି ଯେଉଁଥି ଯୋଗୁଁ ମୁଁ ଶରୀରତ୍ୟାଗ କରିବି : ଗୋଟିଏ ହେଉଛି ମୋର ଲକ୍ଷ୍ୟର ସଫଳ ସମାପ୍ତି, ଦ୍ୱିତୀୟଟି ହେଉଛି ଯଦି ମୁଁ ଜାଣିପାରେ ଯେ ଏଥର ଏହା ଘଟିବ ନାହିଁ, ତୃତୀୟରେ ଯଦି କୌଣସି ଦୁର୍ଘଟଣା ଘଟେ ।'' ୧୯୫୦ ମସିହାରେ ସେ ସ୍ଥିର କଲେ ଯେ ପୃଥିବୀ ବାତାବରଣ ପ୍ରସ୍ତୁତ ହୋଇ ନଥିବାରୁ ନିଜ ଶରୀରରେ ଅତିମାନସର ଅବତରଣ ଘଟାଇ ସେ ଶରୀରତ୍ୟାଗ କରିବେ ।

ସେ ନିଜେ ଅସଂଖ୍ୟ ଲୋକଙ୍କୁ ଅସଂଖ୍ୟ ରୋଗରୁ ନିଜର ଆଧ୍ୟାତ୍ମିକ ଶକ୍ତି ପ୍ରୟୋଗ କରି ଆରୋଗ୍ୟ କରିଛନ୍ତି; କିନ୍ତୁ ୧୯୫୦ ମସିହାରେ ଯେତେବେଳେ ତାଙ୍କୁ ରୋଗ ଆକ୍ରମଣ କଲା ସେତେବେଳେ ସେ ନିଜକୁ ଆରୋଗ୍ୟ କରିବାକୁ ମନା କଲେ । ଯେତେବେଳେ ଜଣେ ତାଙ୍କୁ ପଚାରିଲେ, ''ଆଜ୍ଞା, ଆପଣ କାହିଁକି ଏହାକୁ ଆରୋଗ୍ୟ କରୁ ନାହାନ୍ତି ?'' ସେ କହିଲେ, ''ତୁମେ ବୁଝିପାରିବ ନାହିଁ'' । ଶରୀରତ୍ୟାଗର ସିଦ୍ଧାନ୍ତ ସେ ଗ୍ରହଣ କଲେ କିନ୍ତୁ ତା' ସଙ୍ଗେ ସଙ୍ଗେ ତାଙ୍କର ସ୍ୱାଭାବିକ ବୀରତ୍ୱ ଯୋଗୁଁ ସେ ତାଙ୍କ ଶରୀରକୁ ଏକ ଉଦ୍ଦେଶ୍ୟମୂଳକଭାବେ ବଳି ଦେବାକୁ ସ୍ଥିର କଲେ । ଶେଷ ସମୟ ଯେତେ ନିକଟ ହୋଇ ଆସୁଥିଲା ଦେଖା ଯାଉଥିଲା ସେ ଶକ୍ତିକୁ ସେତେ ଆକର୍ଷଣ କରିବାରେ ଲାଗିଛନ୍ତି । ଯେତେବେଳେ ଶକ୍ତି ଅବତରଣ କଲା ତାଙ୍କ ଶରୀର ବିନଷ୍ଟ ହୋଇଗଲା । ସେଇ ଥିଲା ତାଙ୍କର ଆତ୍ମବଳି । ସେଦିନ ଯେଉଁ ଅବତରଣ ଘଟିଲା ସେଭଳି ଅବତରଣ କେବେ ବି କୌଣସି ପାର୍ଥିବ ଆଧାର ଗ୍ରହଣ କରି ନଥିଲା । ଏହି ଅବତରଣ ଘଟି ତାଙ୍କ ଶରୀରରେ ତାହା ପ୍ରତିଷ୍ଠିତ ହେବା ସଙ୍ଗେ ସଙ୍ଗେ ମା'ଙ୍କ ଭିତରେ ମଧ୍ୟ ଆଲୋକମୟ ମନର ପ୍ରକାଶ ଘଟିଲା । ତାଙ୍କର ଆଧାର ମଧ୍ୟ ଶ୍ରୀଅରବିନ୍ଦଙ୍କ ଆଧାର ଭଳି ସମାନ ଭାବରେ ବିକାଶପ୍ରାପ୍ତ ହୋଇଥିଲା । ଆପଣମାନେ ଜାଣନ୍ତି ଯେ ଆଲୋକମୟ ମନ ହେଉଛି ଅତିମାନସ ଚେତନା ଦ୍ୱାରା ଅଧିକୃତ ଏବଂ

ଆଲୋକିତ ଭୌତିକ ମନ । ଏ ଘଟଣା ହେଉଛି ୧୯୫୦ ମସିହାର କଥା ।

ଆପଣମାନଙ୍କ ମଧ୍ୟରୁ ସେସମୟରେ ଯେଉଁମାନେ ଏଠାରେ ନଥିଲେ ସେମାନେ କଳ୍ପନା କରିପାରିବେ ନାହିଁ ଯେ ସାରା ଆଶ୍ରମ କିପରି ଅବସାଦଗ୍ରସ୍ତ ହୋଇ ପଡ଼ିଲା ଓ ସାରା ପୃଥିବୀର ସମସ୍ତ ବନ୍ଧୁ ଓ ଶୁଭେଚ୍ଛୁ କିପରି ଆଘାତ ପାଇଲେ । ଏହା ଥିଲା ସମ୍ପୂର୍ଣ୍ଣ ଏକ ଅପ୍ରତ୍ୟାଶିତ ଘଟଣା । କିନ୍ତୁ ଏସବୁ ସତ୍ତ୍ୱେ ମା ଥିଲେ । ସେ ଅବସ୍ଥାକୁ ସମ୍ଭାଳି ନେଲେ; ବିଶ୍ୱାସ, ଭରସା ଓ ପ୍ରଫୁଲ୍ଲତାର କିରଣ ଛଟାରେ ସମସ୍ତଙ୍କୁ ସଂଜୀବିତ କଲେ । ସେ ଏଇ ନିଶ୍ଚୟତା ପ୍ରଦାନ କଲେ ଯେ ସତ୍ୟ-ଚେତନା ପୃଥିବୀପୃଷ୍ଠରେ ପ୍ରତିଷ୍ଠିତ ନହେବା ପର୍ଯ୍ୟନ୍ତ ଶ୍ରୀଅରବିନ୍ଦ ପୃଥିବୀ ବାତାବରଣ ଛାଡ଼ିବେ ନାହିଁ ।

ତା'ପରେ ମା ବୀରତ୍ୱପୂର୍ଣ୍ଣ ଭାବରେ, ନିର୍ବିବାଦରେ ସବୁକିଛିକୁ ସହି ସେହି ନିର୍ଦ୍ଦିଷ୍ଟ କାର୍ଯ୍ୟଟି କରି ଚାଲିଲେ । ୧୯୫୬ ମସିହା ପୂର୍ବରୁ କେଉଁଠି ଥରେ ମା ନିଶ୍ଚିତତାର ସହ ପ୍ରକାଶ କରିଥିଲେ ଯେ ଏହି ବର୍ଷଟି ପୃଥିବୀପୃଷ୍ଠରେ ଅତିମାନସ ଚେତନାର ଅବତରଣ ଦର୍ଶନ କରିବ – ଗୋଟିଏ, ଦୁଇଟି ଶରୀରରେ ନୁହେଁ, ସାଧାରଣଭାବେ ସମଗ୍ର ପୃଥିବୀରେ । ସେହି ବର୍ଷ ନୂଆ ବର୍ଷ ବାଣୀରେ ମା' କହିଲେ :

''ବୃହତ୍ତମ ବିଜୟଗୁଡ଼ିକ ସବୁଠୁ କମ୍ ଗୋଳମାଳ ଭିତରେ ହୋଇଥାଏ ।

ଏକ ନୂତନ ଜଗତର ଅଭିବ୍ୟକ୍ତି ଡ୍ରମ୍ ବଜା ଯାଇ ଘୋଷଣା କରାଯାଏ ନାହିଁ ।''

କିନ୍ତୁ ଯାହା ଘଟିଲା ତାହା ମା'ଙ୍କୁ ତଥା ସମସ୍ତଙ୍କୁ ବିସ୍ମୟାଭିଭୂତ କରିଦେଲା । ସେହି ବର୍ଷ ଫେବ୍ରୁଆରୀ ୨୯ ତାରିଖ । ପ୍ଲେଗ୍ରାଉଣ୍ଡରେ ମା' ବୁଧବାର-କ୍ଲାସ ନେଇ ସାରିବା ପରେ ସମସ୍ତେ ଧ୍ୟାନ କରିବା ଲାଗି ବସିଥିଲେ । ଆପଣମାନେ ଜାଣନ୍ତି ସାବିତ୍ରୀରେ ବର୍ଣ୍ଣନା ମୁତାବକ ମା କିପରି ସେଦିନ ଏକ 'ଦ୍ୱିବିଧ ଦରଜା'ର ସମ୍ମୁଖୀନ ହେଲେ ଓ ଆଘାତ କରି ସେଇ ଦରଜାକୁ ଭାଙ୍ଗି ସତ୍ୟ-ଚେତନାର ସୁଅ ପୃଥିବୀବକ୍ଷରେ ଛୁଟାଇ ଦେଲେ, ଯେଉଁଥିରେ ସମଗ୍ର ପୃଥିବୀ ପ୍ଲାବିତ ହୋଇଗଲା । ମା' କେତେକଙ୍କୁ ବ୍ୟକ୍ତିଗତ ଭାବରେ କହିଥିଲେ ଯେ ଏହି ଅବତରଣ ଫଳରେ ପ୍ଲେଗ୍ରାଉଣ୍ଡର ସମସ୍ତେ ମୂର୍ଚ୍ଛା ହୋଇ ଯାଇଥିବେ, କିନ୍ତୁ ସେ ଦେଖିଲେ ସମସ୍ତେ ଫେରିବାର ଉପକ୍ରମ କରୁଛନ୍ତି । ଯାହାହେଉ ମା ଏଥିରେ ନିରାଶ ହୋଇ ନଥିଲେ, କାରଣ ସେ ଥରେ କହୁଥିଲେ ଯେ ତାଙ୍କ କାର୍ଯ୍ୟର ସଫଳତା ପାଇଁ ସେ ମଣିଷସମାଜ ଉପରେ କେବେ ବି ନିର୍ଭର କରନ୍ତି ନାହିଁ । ସେ ମଣିଷସମାଜ ପାଇଁ ଦାସତ୍ୱ କରିଛନ୍ତି କିନ୍ତୁ ସାମାନ୍ୟତମ ପ୍ରତିଦାନ ସେମାନଙ୍କଠାରୁ ଚାହିଁ ନାହାନ୍ତି । ସେ କେବେ ବି ପ୍ରତିବାଦ କରି ନାହାନ୍ତି । ସେ ସବୁବେଳେ ସହାନୁଭୂତି ପ୍ରକାଶ କରିଛନ୍ତି, ସାହାଯ୍ୟ କରିବାକୁ ଚେଷ୍ଟା କରିଛନ୍ତି କିନ୍ତୁ କାହାରି ପ୍ରତ୍ୟୁତ୍ତରର ଅଭାବରେ କିଂବା ସହଯୋଗର ଅଭାବରେ ସେ କେବେ ବି ପ୍ରତିବାଦ କରି ନାହାନ୍ତି । ଏ ଘଟଣା ୧୯୫୬ ମସିହାର କଥା ।

୧୯୫୬ ମସିହା ଫେବ୍ରୁଆରୀ ୨୯ ତାରିଖ ରାତିରେ ସତ୍ୟ-ଚେତନାର ପୃଥିବୀପୃଷ୍ଠରେ ଅବତରଣ ଘଟିବା ଫଳରେ ମା'ଶ୍ରୀଅରବିନ୍ଦ ଯେଉଁ ଲକ୍ଷ୍ୟ ରଖିଥିଲେ ଯେ ଅତିମାନସ ଚେତନାକୁ ପୃଥିବୀପୃଷ୍ଠକୁ ଉତାରି ଆଣି ତାକୁ ପୃଥିବୀର ଏକ ଅଂଶରେ ପରିଣତ କରିବା ତାହା ପୂର୍ଣ୍ଣ ହେଲା । ଯେ କେହି ବ୍ୟକ୍ତି ଏହା ଚାହିଁବ, ଏଥିଲାଗି ସାଧନା କରିବ ଏବଂ ସେ ତାହା ପାଇ ପାରିବ । ତଥାପି ମା ଏକଥା ପ୍ରକାଶ କଲେ ନାହିଁ । ଅଳ୍ପ କିଛି ଦିନ ଭିତରେ ଏହି ସଂବାଦ ବିଭିନ୍ନ ଲୋକଙ୍କ ମଧ୍ୟରେ ଖେଳିଗଲା । ମୁଁ ଯେତେବେଳେ ମା'ଙ୍କୁ ପଚାରିଲି, ''ମା କିଛି କହି ନାହାନ୍ତି କିନ୍ତୁ ଅତିମାନସ ଚେତନାର ଅବତରଣ ସମ୍ବାଦ ଚାରିଆଡ଼େ ପ୍ରଚାରିତ ହୋଇ ଗଲାଣି ।'' ମା ଆଦୌ ଆଶ୍ଚର୍ଯ୍ୟ ନହୋଇ କହିଲେ, ''ଆଃ !'' ତା'ପରେ ମାର୍ଚ୍ଚ ୨୯ ତାରିଖରେ ସମସ୍ତଙ୍କୁ ବିତରଣ କରାଯିବା ନିମନ୍ତେ ଆଶ୍ରମର ଜଣେ ଆର୍ଟିଷ୍ଟ 'ହିରଣ୍ମୟ ପୁରୁଷ' (Golden Purush) ନାମରେ ଗୋଟିଏ ପେଣ୍ଟିଙ୍ଗ୍ କରିଥିଲେ । ସେଥିରେ 'ଧ୍ୟାନ ଓ ପ୍ରାର୍ଥନା' (Prayers and Meditations)ର କିଛି ଅଂଶ ଉଦ୍ଧାର କରିଥିଲେ :

''ପ୍ରଭୁ ସଂକଳ୍ପ କରିଛନ୍ତି ଓ ତୁମେ ତାହା କାର୍ଯ୍ୟକାରୀ କରୁଛ :
ଏକ ନୂତନ ଆଲୋକ ପୃଥିବୀପୃଷ୍ଠରେ ଫାଟି ପଡ଼ିବ
ଜନ୍ମନେବ ଏକ ନୂତନ ଜଗତ୍,
ଏବଂ ଯାହା ଘୋଷଣା କରାଯାଇଛି ତାହା ପୂରଣ ହେବ ।''

*(The Lord has willed and*
*Thou dost execute :*
*A new Light shall break upon the earth.*
*A new world shall be born,*

*And the things that were promised*
*shall be fulfilled.)*

ଏହି ଲେଖା ସହ ହିରଣ୍ମୟ ପୁରୁଷ ଚିତ୍ରକଳାର କପି ପ୍ରେସରୁ ଆସି ମା'ଙ୍କ ପାଖରେ ପହଞ୍ଚିଲା । ଆମେ ଚାରି, ପାଞ୍ଚ ଜଣ ସେଠାରେ ଉପସ୍ଥିତ ଥିଲୁ । ମା' ସେ କାଗଜକୁ ନେଇ ନିଜ ହାତରେ ପରିବର୍ତ୍ତନ କଲେ । ଯେଉଁଠି ଭବିଷ୍ୟତ୍ କାଳ ଥିଲା ତାକୁ ବର୍ତ୍ତମାନ କାଳରେ ପରିଣତ କଲେ । ସେ କାଗଜଟି ଏପର୍ଯ୍ୟନ୍ତ ସ୍ମୃତି ରୂପେ ମୋ ରୁମ୍‌ରେ ଅଛି । ମା ନିମ୍ନମତେ ସଂଶୋଧନ କରିଥିଲେ :

''ପ୍ରଭୁ, ତୁମେ ସଂକଳ୍ପ କରିଛ, ଏବଂ ମୁଁ ତାକୁ
କାର୍ଯ୍ୟକାରୀ କରିଛି :
ଏକ ନୂତନ ଆଲୋକ ପୃଥିବୀପୃଷ୍ଠରେ ଫାଟି ପଡ଼ୁଛି,
ଜନ୍ମ ନେଇଛି ଏକ ନୂତନ ଜଗତ୍ ।
ଯାହା ପ୍ରତିଶ୍ରୁତି ଦିଆ ଯାଇଥିଲା ତାହା ପୂର୍ଣ୍ଣ ହୋଇଛି ।''

(Lord, Thou hast willed, and I execute :
A new light breaks upon the earth,
A new world is born.
The things that were promised
are fulfilled.)

ଆମମାନଙ୍କ ପ୍ରଶ୍ନ ଲାଗି ଏହା ଥିଲା ତାଙ୍କର ଉତ୍ତର । ମା' ଶ୍ରୀଅରବିନ୍ଦ ଯେଉଁ ପ୍ରଧାନ ଉଦ୍ଦେଶ୍ୟ ନେଇ ପୃଥିବୀପୃଷ୍ଠରେ ଜନ୍ମ ହୋଇଥିଲେ ସେଇ ଉଦ୍ଦେଶ୍ୟ ପୂରଣ ପଥରେ ତଥା ପୃଥିବୀର ବିବର୍ତ୍ତନଗତ ଯାତ୍ରା ପଥରେ ଏହା ଥିଲା ଏକ ମାଇଲ ଖୁଣ୍ଟ ଭଳି ।

ତା'ପରର ପ୍ରଶ୍ନ ହେଉଛି ଏହାର ଫଳାଫଳ ନିମନ୍ତେ ଏହାକୁ କାର୍ଯ୍ୟକାରୀ କରାଇବା । ପ୍ରଧାନ କାର୍ଯ୍ୟ ଶେଷ ହୋଇଛି । ମା କହିଛନ୍ତି, ଥରେ ଅତିମାନସ ଚେତନା ପୃଥିବୀପୃଷ୍ଠରେ ପ୍ରତିଷ୍ଠିତ ହୋଇଗଲେ ତା' ପରବର୍ତ୍ତୀ କାର୍ଯ୍ୟକ୍ରମ ହେଉଛି ତାକୁ ଅଧିକରୁ ଅଧିକ ସମ୍ପ୍ରସାରିତ କରିବା ଯାହା ଫଳରେ ପୃଥିବୀ ଏହି ଚେତନାର ସ୍ପନ୍ଦନକୁ ଗ୍ରହଣ କରିବାରେ ଅଭ୍ୟସ୍ତ ହୋଇଯିବ । ୧୯୫୬ ମସିହାଠାରୁ ମା ସେହି କାର୍ଯ୍ୟ କରି ଆସୁଛନ୍ତି । ଏହି ବିଗତ ୧୭ ବର୍ଷ ମଧ୍ୟରେ ପୃଥିବୀ ବାତାବରଣରେ ବହୁତ ପରିବର୍ତ୍ତନ ସଙ୍ଘଠିତ ହୋଇ ଚାଲିଛି ।

ସେହି ୧୯୫୬ରେ ମଧ୍ୟ ଆନ୍ତର୍ଜାତିକ କ୍ଷେତ୍ରରେ ଏହି ଅତିମାନସ ଚେତନା ଓ ଶକ୍ତିର ପ୍ରଭାବ ପରିଲକ୍ଷିତ ହୋଇଥିଲା । ନିକଟରେ ମୋର ଜଣେ ଭାରତର ପୁରୁଣା ରାଷ୍ଟ୍ରନେତାଙ୍କ ସହ ସାକ୍ଷାତ୍ ହୋଇଥିଲା । ସେ ମୋତେ କହିଲେ ଯେ କିପରି ବିଭିନ୍ନ ତଥ୍ୟ ଓ ତାଙ୍କ ନିଜର ଅନୁମାନକୁ ନେଇ ସେ ଆଶା କରୁଥିଲେ ଯେ ବ୍ରିଟେନ୍ ଓ ଫ୍ରାନ୍ସ ନଭେମ୍ବର ୯ ତାରିଖରେ ସୁଏଜ କେନାଲ ଗଣ୍ଡଗୋଳ ନେଇ ଆକ୍ରମଣ ଆରମ୍ଭ କରିବେ । କିନ୍ତୁ ଏପରି କିଛି ଘଟିଲା ଯାହା ଫଳରେ ନଭେମ୍ବର ୨ ତାରିଖରେ ଆକ୍ରମଣ ଆରମ୍ଭ ହୋଇଗଲା । ସେ ଖୁବ୍ ବିଚଳିତ ହୋଇ ପଡ଼ିଲେ । ସେ ଯେତେବେଳେ ଆଶ୍ରମ ଆସିଥିଲେ ସେତେବେଳେ ଏ ବିଷୟ ମା'ଙ୍କୁ କହି ପଚାରିଲେ, ''ମୋର ଗଣନା କେବେ ବି ଭୁଲ୍ ହୋଇ ନାହିଁ, ଏଥର କାହିଁକି ଏପରି ଆଶ୍ଚର୍ଯ୍ୟଜନକ ଘଟଣା ଘଟିଲା ?'' ମା ଟିକିଏ ହସି କହିଲେ, ''ଏକଥା ସତ ଯେ ତୁମେ ସବୁ ବିଷୟ ଗଣନାରେ ନେଇଛ କେବଳ ଗୋଟିଏ ଗୁରୁତ୍ୱପୂର୍ଣ୍ଣ ବିଷୟକୁ ବାଦ୍ ଦେଇ ।'' ତା'ପରେ ସେ ମା'ଙ୍କୁ ସେ ବିଷୟଟି କ'ଣ ବୋଲି ପଚାରିବାରୁ ମା' କହିଲେ, ''ଯେଉଁ ନୂତନ ଶକ୍ତି ଅବତରଣ କରିଛି ତୁମେ ତାକୁ ଗଣନାରେ ନେଇ ନାହଁ ।'' ତା'ପରେ ସାଙ୍ଗେ ସାଙ୍ଗେ ସେ ଏହି ନୂତନ ପରିସ୍ଥିତି ସମ୍ପର୍କରେ ସଚେତନ ହୋଇ ଉଠିଲେ ।

୧୯୫୬ ମସିହାଠାରୁ ଏହି ଅତିମାନସ ଶକ୍ତିର ସଙ୍ଗତି ଓ ଐକ୍ୟର ପ୍ରଭାବ ଯୋଗୁଁ ଯେଉଁ ପରିସ୍ଥିତି ପୂର୍ବରୁ ସହଜରେ ପୃଥିବୀବ୍ୟାପୀ ମହାସମର ଘଟାଇ ପାରୁଥିଲା ତାହା ସେପରି ହେବାକୁ ସୁଯୋଗ ପାଉ ନାହିଁ । ଏକ ତୃତୀୟ ମହାସମର ଘଟିବା ଅସମ୍ଭବ । ସାମାନ୍ୟ ଖଣ୍ଡଯୁଦ୍ଧ, ଆଞ୍ଚଳିକ ସଂଘର୍ଷ ଅନ୍ୟ ଦେଶମାନଙ୍କରେ ଲାଗିପାରେ, କିନ୍ତୁ ପୃଥିବୀ ମହାସମର ଅସମ୍ଭବ । ମୂଳ ସତ୍ୟର ଐକ୍ୟ, ସଙ୍ଗତି ଓ ପ୍ରେମର ପ୍ରତିଷ୍ଠା ଫଳରେ ହିଂସା ଏବଂ ଯୁଦ୍ଧ ପଶ୍ଚାତ୍‌ରେ ଥିବା ଶକ୍ତିର ମୂଳଦୁଆକୁ ଭାଙ୍ଗି ଦିଆଯାଇଛି । ଏକ ନୂତନ ଧାରା ସୃଷ୍ଟି ହୋଇଛି ଯାହା ଆମମାନଙ୍କ ମନରେ ନିଶ୍ଚିତ ଧାରଣା ଦେଉଛି ଯେ ପୃଥିବୀ ଏକ ହେବା ଦିଗରେ ଗତି କରୁଛି । ଏ ତ କେବଳ ଗୋଟିଏ ଫଳାଫଳ, ଆହୁରି ଅନେକ ରହିଛି । ଅତିମାନସ ଅବତରଣର ବହୁତ ଫଳାଫଳ ରହିଛି – କେତେକ ସମଷ୍ଟିଗତ ସ୍ତରରେ କାର୍ଯ୍ୟକାରୀ ହେବ, କେତେକ ବ୍ୟକ୍ତିଗତ କ୍ଷେତ୍ରରେ କାର୍ଯ୍ୟକାରୀ ହେବ, କିନ୍ତୁ ସବୁକିଛି ସମନ୍ୱିତ ହେବ ।

ଅତିମାନସର ଅବତରଣ ଫଳରେ ମନକୁ ପୂର୍ଣ୍ଣତା ପ୍ରାପ୍ତ

କରିବାକୁ ହେବ । ମନରେ ପ୍ରକାଶ ପାଇବ ଅଭ୍ରାନ୍ତ ଜ୍ଞାନ । ଏହି ଜ୍ଞାନ ସହ ତାଳଦେଇ ଚାଲିବା ନିମନ୍ତେ ଆବଶ୍ୟକ ଶକ୍ତି ମଧ୍ୟ ହାସଲ କରିବାକୁ ହେବ, ମଣିଷ ପ୍ରକୃତି ପରିଣତ ହେବ ଦିବ୍ୟ-ପ୍ରକୃତିରେ, ତା'ପରେ ଯାଇ ରୂପାନ୍ତର କ୍ରିୟା ସମ୍ଭବ ହେବ । ଆହୁରି ମଧ୍ୟ ଭୌତିକ ଅଥବା ପାର୍ଥିବ ଅମରତ୍ୱର କଥା ରହିଛି । କିନ୍ତୁ ମନେ ରଖିବାକୁ ହେବ ଏସବୁ ଏକ କେନ୍ଦ୍ରୀୟ କ୍ରିୟାର ଫଳାଫଳ ମାତ୍ର ଯେଉଁ କ୍ରିୟାକୁ କି ଧୀରେ ଧୀରେ କାର୍ଯ୍ୟକାରୀ କରିବାକୁ ହେବ । ମା କହୁଥିଲେ ଯେ ଥରେ ସେ କୁଆଡ଼େ ଶ୍ରୀଅରବିନ୍ଦଙ୍କୁ ପଚାରିଥିଲେ, ''ଅତିମାନସର ଅବତରଣ ପରେ ରୂପାନ୍ତର କ୍ରିୟା କେତେ ସମୟ ଆବଶ୍ୟକ କରିବ ?'' ଶ୍ରୀଅରବିନ୍ଦ ଉପରକୁ ଚାହିଁଲେ ଏବଂ ମା'ଙ୍କୁ କହିଲେ ''ପ୍ରାୟ ତିନିଶହ ବର୍ଷ ।'' ଏହା ଯେ ଠିକ୍ ତିନିଶହ ବର୍ଷ ତା' ନୁହେଁ, ଯେଉଁ ଦୀର୍ଘ ସମୟ ଏଥିଲାଗି ଦରକାର ଏ କେବଳ ତା'ର ସୂଚନା ମାତ୍ର । ଏଇ କଥା କହିବା ସମୟରେ ମା ଆହୁରି ମଧ୍ୟ କହିଲେ, ''ଶ୍ରୀଅରବିନ୍ଦ କହିଲେ ତିନିଶହ ବର୍ଷ, କିନ୍ତୁ ତୁମେମାନେ ଜାଣ ଭଗବତ୍ କୃପା ବୋଲି ଗୋଟିଏ ଜିନିଷ ଅଛି – କ'ଣ କେତେବେଳେ ଘଟିପାରେ ।'' କିନ୍ତୁ ମା'ଙ୍କ ନିଜ ମନରେ କିଛି ସନ୍ଦେହ ନଥିଲା । ସେ ଥିଲେ ଆଜନ୍ମ ଯୋଦ୍ଧା, ନିଶ୍ଚୟ କାର୍ଯ୍ୟଟି ହେବ ଏଇ ଅଟଳ ବିଶ୍ୱାସ ନେଇ ସେ ସବୁବେଳେ କାର୍ଯ୍ୟ କରୁଥିଲେ ।

ମାନବିକ ପ୍ରକୃତିକୁ ଦିବ୍ୟ-ପ୍ରକୃତିରେ ପରିଣତ କରିବା ଯାହାକି ଆମ ପକ୍ଷରେ ଏକ ଜୀବନବ୍ୟାପୀ କାର୍ଯ୍ୟକ୍ରମ ସେ ପ୍ରଶ୍ନ ମା'ଙ୍କ ଲାଗି ନଥିଲା । କାରଣ ବିଗତ ପଚାଶ କିଂବା ଷାଠିଏ ବର୍ଷ ଧରି ସେ ଦେଖି ଆସୁଛନ୍ତି ତାଙ୍କର ମାନବିକ ଶରୀରର ଯନ୍ତ୍ରାବଳି ଦିବ୍ୟ-ପ୍ରକୃତି ଧାରଣ କରୁଛନ୍ତି । ତେଣୁ ପ୍ରକୃତି ପରିବର୍ତ୍ତନର ପ୍ରଶ୍ନ ଉଠୁ ନାହିଁ । ମା'ଙ୍କ ବ୍ୟାଖ୍ୟା ଅନୁସାରେ ସ୍ଥୂଳ ଶରୀରର ରୂପାନ୍ତର ଅର୍ଥ ପ୍ରତ୍ୟେକ କୋଷକୁ ପରିବର୍ତ୍ତନ ନିମନ୍ତେ ବୁଝାଇବା, ରାଜି କରାଇବା, ସେମାନଙ୍କୁ ରୂପାନ୍ତରକାରୀ ଶକ୍ତି ଦିଗରେ ଖୋଲି ଧରିବା; ଯେଉଁଠି ସେମାନେ ବାଧା ଦିଅନ୍ତି ସେ କ୍ଷେତ୍ରରେ ଶରୀରରେ ଯନ୍ତ୍ରଣା ଆକାରରେ ତାହା ପ୍ରକାଶ ପାଏ ଯାହାକୁ କି କୌଣସି ଔଷଧ ଆରୋଗ୍ୟ କରିପାରିବ ନାହିଁ – ତାକୁ କେବଳ ସହିବାକୁ ହେବ । ମଣିଷ ଶରୀର ମଧ୍ୟରେ କୋଟି କୋଟି କୋଷ ରହିଛି । ତେଣୁ ସେସବୁକୁ ପରିବର୍ତ୍ତନ କରିବା ଏକ ଦୁଃସାଧ୍ୟ, ଧୈର୍ଯ୍ୟପୂର୍ଣ୍ଣ କାର୍ଯ୍ୟ ଯାହାକି ସେ କରି ଚାଲିଥିଲେ । କେବଳ କୌଣସି ଅଲୌକିକ କ୍ରିୟାର ଆଶ୍ରୟ ନେବା ବ୍ୟତୀତ ଏହି ରୂପାନ୍ତର କାର୍ଯ୍ୟ ଯେ ଖୁବ୍ କମ୍ ବର୍ଷ ଭିତରେ ହୋଇପାରିବ ଏକଥା କେହି ଗୁରୁତ୍ୱର ସହ ଆଶା କରୁ ନଥିଲେ । କିନ୍ତୁ ମା'ଙ୍କର ଧାରା ଓ କାର୍ଯ୍ୟକ୍ରମ କେବେ ବି ଅଲୌକିକ କ୍ରିୟାକୁ ଆଶ୍ରୟ କରେ ନାହିଁ ।

ନିମ୍ନରେ ମା'ଙ୍କ ଶରୀରର ବିଭିନ୍ନ କୋଷଗୁଡ଼ିକର ରୂପାନ୍ତର ସଙ୍ଗେ ସଙ୍ଗେ ଊର୍ଦ୍ଧ୍ୱରୁ ମଧ୍ୟ କାର୍ଯ୍ୟ ଚାଲିଥିଲା । ଶ୍ରୀଅରବିନ୍ଦ ତାଙ୍କ ପ୍ରତିଶ୍ରୁତି ଅନୁଯାୟୀ କାର୍ଯ୍ୟ କରୁଥିଲେ । ଏକ ନୂତନ ଶରୀର, ଅତିମାନସ ଶରୀର ଗଠିତ ହେଉଥିଲା । ସେହି ଶରୀର ଥିଲା ଏହି ପୁରାତନ ଶରୀରର ରୂପାନ୍ତରର ଶେଷ ପରିଣତି । ପୁରାତନ ଶରୀରର ଅବସାନ ପରେ ସେଇଥିରେ ତାଙ୍କର ଆଶ୍ରୟ ଗ୍ରହଣ କରିବାର ଥିଲା । ସେଇ ନୂତନ ଶରୀର ସମ୍ବନ୍ଧରେ ସେ ''ପଥର ଟିପ୍ପଣୀ'' (Notes on the Way)ରେ ବର୍ଣ୍ଣନା କରିଛନ୍ତି । ସେହି ଶରୀର ଦେଖିବାକୁ କିପରି ତାହା ମଧ୍ୟ ସେ ବର୍ଣ୍ଣନା କରିଛନ୍ତି । ପ୍ରାୟ ବର୍ଷକ ପୂର୍ବେ ସେ ଜଣଙ୍କୁ କହୁଥିଲେ, ''ମୁଁ ଚେଷ୍ଟା କରୁଛି ଏହି ଭୌତିକ ଶରୀରକୁ ସେହି ନୂତନ ଶରୀର ମଧ୍ୟରେ ମିଳାଇ ଦେବାକୁ, କିନ୍ତୁ ମୁଁ ଏପର୍ଯ୍ୟନ୍ତ ତା'ର ଉପାୟ ପାଇ ନାହିଁ ।'' ସେ ପୁଣି କହିଲେ, ''ପୃଥିବୀରେ କେହି ଏ କାର୍ଯ୍ୟ କରିବାକୁ ଚେଷ୍ଟା କରି ନାହିଁ, ଏ କାର୍ଯ୍ୟର ରହସ୍ୟ ବି ମୋତେ ଜଣା ନାହିଁ ।'' ଏହି କାର୍ଯ୍ୟ ଲାଗି ସେ ଊର୍ଦ୍ଧ୍ୱରୁ ମଧ୍ୟ କୌଣସି ସାହାଯ୍ୟ ପାଉ ନଥିଲେ ବୋଲି କହୁଥିଲେ । ଏହି ସାହାଯ୍ୟ ସେ ଅନ୍ୱେଷଣ କରିବାରେ ଲାଗିଥିଲେ ।

ଆପଣମାନଙ୍କ ମନରେ ଦୃଢ଼ ପ୍ରତ୍ୟୟ ଜନ୍ମାଇବା ଲାଗି ଗୋଟିଏ ଘଟଣା ଏଠାରେ ଉଲ୍ଲେଖ କରୁଛି । ଥରେ ମୋ ମନରେ ଏକ ଆକସ୍ମିକ ଝଲକ ରୂପେ ଏହି କଥାଟି ଆସିଲା ଯେ ମା'ଙ୍କର ସେହି ଜ୍ୟୋତିର୍ମୟ ଶରୀରଟି ପ୍ରସ୍ତୁତ ହେବା ସଙ୍ଗେ ସଙ୍ଗେ ସେ ମୃତ୍ୟୁବରଣ ନକରି ତା' ମଧ୍ୟକୁ ଚାଲିଯିବେ । 'ଏଠାରେ ମୃତ୍ୟୁବରଣ ନକରିବା' ଶରୀର ଅର୍ଥରେ କୁହାଯାଇ ନାହିଁ । ଶରୀର ମୃତ୍ୟୁବରଣ କରିବ; କିନ୍ତୁ ଚେତନା ଅବିଚ୍ଛିନ୍ନ ରହିବ, ନିଜ ବ୍ୟକ୍ତିତ୍ୱକୁ ସମ୍ପୂର୍ଣ୍ଣ ବଜାୟ ରଖି ମା ତାଙ୍କର ସେହି ଜ୍ୟୋତିର୍ମୟ ଶରୀର ମଧ୍ୟକୁ ଚାଲିଯିବେ । ଏ ବିଷୟ ମୋ ମନକୁ ଏକ ଝଲକ ରୂପେ ଆସିଲା ଓ ଏହା ଯେଉଁଳି ଭାବରେ ଆସିଲା ତାହା ଏକ ଧାରଣା ଭଳି ନୁହେଁ, ମୁଁ ଆସି ସଙ୍ଗେ ସଙ୍ଗେ ମୋର ଡାଇରିରେ ତାହା ଲେଖିଦେଲି । ତା'ପର ଦିନ ୧୯୭୩ ଜୁଲାଇ ୨୪ ତାରିଖରେ ସେ ଲେଖାକୁ ଦେଖିଲି । ଅନ୍ୟମାନଙ୍କୁ

କାହାକୁ ବିଶେଷ ଏକଥା କହିବାକୁ ମୁଁ ଉଚିତ ମନେ କଲି ନାହିଁ । କେବଳ ମୋ ସହିତ ଯେଉଁମାନେ ଅତି ଘନିଷ୍ଠଭାବେ ସମ୍ପୃକ୍ତ ସେଇମାନଙ୍କୁ କହିଥିଲି । ତା'ପରେ ଏଠାକାର ଜଣେ ବନ୍ଧୁ ମୋ ପାଖକୁ ଆସି ପଚାରିଲେ, ''ମା'ଙ୍କ ସମ୍ବନ୍ଧେ ପ୍ରଶ୍ନୋତ୍ତରରେ ଆପଣଙ୍କ ମୁହଁରୁ ସେଦିନ ସେପରି ଭିନ୍ନ ପ୍ରକାର କଥା କାହିଁକି ଶୁଣିଲି ?'' ମୁଁ ଜାଣିପାରିଲି ନାହିଁ ତାଙ୍କୁ କ'ଣ ଉତ୍ତର ଦେବି, ତେବେ ମୋର ମନ କିପରି କାର୍ଯ୍ୟ କରିଥିଲା ସେତିକି କହିଲି ।

ତା'ପରେ ନଭେମ୍ବର ୧୭ ତାରିଖ ସକାଳ ୯ଟା ସମୟରେ ମୋର ଜଣେ ବନ୍ଧୁଙ୍କ ସହ ସାକ୍ଷାତ୍ ହେଲା । ଗୁହ୍ୟ ଅଭିଜ୍ଞତା ଓ ଗୁହ୍ୟ ଜ୍ଞାନରେ ତାଙ୍କର କିଛି ଦଖଲ ଅଛି । ସାଧାରଣତଃ ଆମର ଯେତେବେଳେ ପରସ୍ପର ସହ ସାକ୍ଷାତ୍ ହୁଏ ସେତେବେଳେ ଆମେ ସେହି ଗୁହ୍ୟ ଅଭିଜ୍ଞତା ସମ୍ବନ୍ଧେ କଥାବାର୍ତ୍ତା ହୋଇଥାଉ । ସେଦିନ ସେ ମୋତେ କହିଲେ, ''ମୁଁ ମା'ଙ୍କର ଜ୍ୟୋତିର୍ମୟ ଶରୀର ଦେଖିଛି ।'' ଏକଥା ଶୁଣି ମୁଁ ଆଗ୍ରହୀ ହୋଇଉଠିଲି । ସେ ପୁଣି କହିଲେ, ''ମା'ଙ୍କର ନୂତନ ଶରୀର ଆଲୋକରେ ପୂର୍ଣ୍ଣ କିନ୍ତୁ ପୃଥିବୀ ବାତାବରଣରେ କାର୍ଯ୍ୟ କରିବା ପାଇଁ ଏହା ଯଥେଷ୍ଟ ପରିମାଣରେ ଘନତ୍ୱ ପ୍ରାପ୍ତ ହୋଇ ନାହିଁ । ସେହି ଶରୀରକୁ ଦେଖି ମୋର ଏହି ବୋଧ ଆସିଲା ଯେ ପୃଥିବୀ ବାତାବରଣରେ ତିଷ୍ଠି ରହିବା ପାଇଁ ଓ କାର୍ଯ୍ୟ କରିବା ପାଇଁ ସେହି ଶରୀର ଯଥେଷ୍ଟ ପରିମାଣରେ ଘନତ୍ୱ ପ୍ରାପ୍ତ ହେଲେ ମା' ସେ ଶରୀର ମଧ୍ୟରେ ପ୍ରବେଶ କରିବେ, ତାହା ଦୃଶ୍ୟମାନ ହେଉ ବା ଅଦୃଶ୍ୟ ହେଉ । କିନ୍ତୁ ଭୌତିକ ଶରୀରର ପୁନର୍ଜୀବନ ପ୍ରାପ୍ତିର ପ୍ରଶ୍ନ ଉଠୁ ନାହିଁ ।'' ସେ ଆହୁରି ମଧ୍ୟ କହିଲେ, ''ମା'ଙ୍କ ଚାରିପଟେ ଥିବା ଜ୍ୟୋତିଃର ବଳୟକୁ ଯେଉଁମାନେ ଦେଖିପାରନ୍ତି ସେମାନେ ସେହି ଜ୍ୟୋତିର୍ମୟ ଶରୀରକୁ ଦେଖି ପାରିବେ ।'' ଚାରି ମାସ ପୂର୍ବେ ଯାହା ମୁଁ ଦେଖିଥିଲି ଏହା ତାକୁ ଆହୁରି ସୁଦୃଢ଼ କରିଦେଲା ।

ସେହିଦିନ ସନ୍ଧ୍ୟା ୭.୨୫ ମିନିଟରେ ଆପଣମାନେ ଜାଣନ୍ତି ମା ଶରୀରତ୍ୟାଗ କଲେ । କୁହାଯାଏ ତାଙ୍କ ଶରୀରତ୍ୟାଗର କାରଣ ଥିଲା ହୃଦ୍‌ଯନ୍ତ୍ର କ୍ରିୟା ବନ୍ଦ ହୋଇଯିବା କିନ୍ତୁ ମୁଁ ଆପଣମାନଙ୍କୁ କହୁଛି ହୃଦ୍‌ଯନ୍ତ୍ର କ୍ରିୟା ବନ୍ଦ ହେବା କାରଣ ନଥିଲା, ବରଂ ଶରୀରତ୍ୟାଗର ଏହା ଥିଲା ପରିଣତି । ସେ ସ୍ଥିର କରି ସାରିଥିଲେ, ଯେଉଁ ମୁହୂର୍ତ୍ତରେ ଅନ୍ୟ ଶରୀରଟି ପ୍ରସ୍ତୁତ ହୋଇଗଲା ସେ ତା' ମଧ୍ୟକୁ ଚାଲିଗଲେ ।

ମା' ମୃତ୍ୟୁବରଣ କରି ନାହାନ୍ତି, ସେ କେବଳ ତାଙ୍କ ଶରୀର ପରିବର୍ତ୍ତନ କରିଛନ୍ତି । ଗୀତାରେ ବର୍ଣ୍ଣିତ ଆତ୍ମା ଯେପରି ଶରୀର ପରିବର୍ତ୍ତନ କରେ ସେପରି ନୁହେଁ, କିନ୍ତୁ ସଚେତନ ଭାବେ ତାଙ୍କ ପୂର୍ଣ୍ଣ ବ୍ୟକ୍ତିତ୍ୱ ରକ୍ଷା କରି ସେ ସେହି ଶରୀର ମଧ୍ୟକୁ ଚାଲିଗଲେ । ସେ ଦିନର ମୋର ଅଭିଜ୍ଞତା ଅନୁଯାୟୀ ମା' ସେହି ନୂତନ ଶରୀର ମଧ୍ୟରେ ଥାଇ ତାଙ୍କ ପ୍ରତି ଉନ୍ମୁକ୍ତ ତାଙ୍କର ଯନ୍ତ୍ରମାନଙ୍କ ଦ୍ୱାରା ଅତିମାନସର ଅବତରଣଜନିତ ପରିଣାମକୁ ତ୍ୱରାନ୍ୱିତ କରିବେ । କିନ୍ତୁ ଏଣିକି ମା'ଙ୍କର କାର୍ଯ୍ୟ ଆଶ୍ରମ କିଂବା ଅରୋଭିଲ୍‌ରେ ସୀମାବଦ୍ଧ ରହିବ ନାହିଁ, ସମଗ୍ର ପୃଥିବୀ ହେବ ତାଙ୍କର ଆଶ୍ରମ । ପୂର୍ବଦିନ ରେଡ଼ିଓରେ ମୁଁ ଯାହା କହିଥିଲି, ''ମା ଯେଉଁ ଦିବ୍ୟପ୍ରେମର ସାଗର ଥିଲେ ତାହା ବର୍ତ୍ତମାନ ମହାସାଗର ରୂପରେ ଉଦ୍‌ବେଳିତ''; ଏକଥା ଏକ ଧାରଣା କିଂବା କଳ୍ପନା ନୁହେଁ, ବରଂ ଏକ ଅଭିଜ୍ଞତା ।

ମୁଁ ଏ ସମ୍ବନ୍ଧେ ନିଶ୍ଚିତ ଯେ ଆପଣମାନେ ସମସ୍ତେ ମା'ଙ୍କର ଉପସ୍ଥିତି ଅନୁଭବ କରି ପାରୁଥିବେ । ତାଙ୍କର ଉପସ୍ଥିତି ଯେପରି ଅନୁଭୂତ ହେଉଛି ଅନ୍ୟ କୌଣସି ମୃତ ବ୍ୟକ୍ତିଙ୍କର ସେପରି ହୋଇପାରିବ ନାହିଁ । ଆଶ୍ରମ ବାତାବରଣରେ ଆପଣମାନେ କୌଣସି ଆତଙ୍କ ଅନୁଭବ କରୁଛନ୍ତି କି ? ଦୁଇ ହଜାର ଲୋକ ତାଙ୍କର ନେତାଙ୍କୁ ହରାଇ ଯେଉଁ ଶାନ୍ତି ଓ ସ୍ଥିରତା ଅନୁଭବ କରୁଛନ୍ତି ତାହା ଆପଣମାନେ କଳ୍ପନା କରିପାରୁଛନ୍ତି ତ ? ଦୁଃଖର ଚିହ୍ନ ଅଛି କି ? ତଥାପି ସ୍ଥୂଳ ବିଚ୍ଛେଦର କିଛିଟା ଯନ୍ତ୍ରଣା ରହିଛି, କିନ୍ତୁ ସେ ତ ସବୁବେଳେ ଉପସ୍ଥିତ ଅଛନ୍ତି । ହଜାର ହଜାର ଭକ୍ତ ଯେଉଁମାନେ ମା'ଙ୍କ ଶରୀରତ୍ୟାଗ ପରେ ଦର୍ଶନ ଲାଗି ଆସିଥିଲେ ସେମାନେ କହୁଥିଲେ : ''ଆମେମାନେ ଅତିଶୟ ଦୁଃଖ ଓ ଅବସାଦଗ୍ରସ୍ତ ହୋଇ ପଡ଼ିଥିଲୁ, ଆମେ ଜାଣିପାରିଲୁ ନାହିଁ କ'ଣ କରିବାକୁ ହେବ । ଯାହା ପାଇଲୁ – ଉଡ଼ାଜାହାଜ, ଟ୍ରେନ୍, ବସ୍, କାର୍ – କିଛି ବିଚାର ନକରି ସେଥିରେ ପଳାଇ ଆସିଲୁ ।'' ସେମାନେ କହନ୍ତି ଯେ ସେମାନେ ଏଠାରେ ପହଞ୍ଚିବାର ଅଧ ଘଣ୍ଟାଏ କିଂବା ଘଣ୍ଟାଏ ପରେ ସେମାନଙ୍କର ଦୁଃଖ ପୋଛି ହୋଇଯାଇଛି । ସେମାନେ ଭାବିଲେ ଯେ ସେମାନଙ୍କର ଆସିବା ସାର୍ଥକ ହୋଇଛି । ମା କୁଆଡ଼େ ଯାଇ ନାହାନ୍ତି, ଏଠାରେ ଅଛନ୍ତି । 'ସେ ଏଠାରେ ଅଛନ୍ତି' ଅର୍ଥ ଏଇ ପୃଥିବୀରେ ଅଛନ୍ତି ।

ମା' ଆମମାନଙ୍କୁ ଏ ନିର୍ଭର ପ୍ରତିଶ୍ରୁତି ଦେଇଛନ୍ତି ଯେ ଶ୍ରୀଅରବିନ୍ଦ ସୂକ୍ଷ୍ମ ଭୌତିକ ଜଗତରେ ତାଙ୍କ ଅତିମାନସ

ଶରୀରରେ ରହିଛନ୍ତି ଓ ପୃଥିବୀରେ ଅଭିବ୍ୟକ୍ତ ହେବା ନିମନ୍ତେ ଅନୁକୂଳ ଅବସ୍ଥାକୁ ଅପେକ୍ଷା କରି ରହିଛନ୍ତି । ଆମେ ଜାଣିନୁ ସେସମୟ କେତେବେଳେ ଆସିବ । ପୃଥିବୀ ଉପାଦାନ ପରିବର୍ତ୍ତନ ନହେଲେ ସେ ଶରୀର ଏଠାରେ କାର୍ଯ୍ୟ କରିପାରିବ ନାହିଁ । ମା ଯେଉଁ ନୂତନ ଶରୀର ଗ୍ରହଣ କରିଛନ୍ତି ତାହା ପୃଥିବୀର ନିକଟତର । ସୂକ୍ଷ୍ମଭୌତିକ ଜଗତରେ ଶ୍ରୀଅରବିନ୍ଦଙ୍କ ଅତିମାନସ ଶରୀର ଓ ଏହି ପାର୍ଥିବ ଜଗତ୍ ମଧ୍ୟରେ ମା ଏକ ସେତୁ ହେବାକୁ ଯାଉଛନ୍ତି । ଶ୍ରୀଅରବିନ୍ଦ ସାବିତ୍ରୀରେ ମା'ଙ୍କ ସମ୍ବନ୍ଧେ କହିଛନ୍ତି :

ସ୍ୱର୍ଣ୍ଣମୟ ସେତୁ ସିଏ ଅଦ୍ଭୁତ ବହ୍ନି ।

(She is the golden bridge, the wonderful fire.)

ଆମେମାନେ ଯେଉଁମାନେ ତାଙ୍କ ପ୍ରତି ବିଶ୍ୱସ୍ତ, ତାଙ୍କରି ଲକ୍ଷ୍ୟ ପୂରଣ ନିମିତ୍ତ ଓ ଆମଠାରୁ ଯେଉଁ ପୂର୍ଣ୍ଣତା ସେ ଚାହୁଁଛନ୍ତି ତାକୁ ହାସଲ କରିବା ନିମିତ୍ତ ଜୀବନର ପ୍ରତିଟି ମୁହୂର୍ତ୍ତ ଉତ୍ସର୍ଗ କରିବାକୁ ସଂକଳ୍ପବଦ୍ଧ ସେଇମାନଙ୍କ ପାଇଁ ଊର୍ଦ୍ଧ୍ୱରୁ ଯାହାକିଛି ଆସିବ ତା'ରି ସେ ସେତୁ ରୂପେ କାର୍ଯ୍ୟ କରୁଛନ୍ତି । ସେ ଆମମାନଙ୍କ ପାଇଁ ଯାହା କରିଛନ୍ତି ସେଥିନିମନ୍ତେ କୃତଜ୍ଞତା ଜଣାଇବାର ଏକମାତ୍ର ଉପାୟ ହେଉଛି ଆମେ ଆମର ନିଜ ନିଜ ଧାରା ଅନୁଯାୟୀ ତାଙ୍କୁହିଁ ଆମମାନଙ୍କ ମଧ୍ୟରେ ଜୀବନ୍ତ, ଜାଗ୍ରତ୍ ରଖି ଆମର ସତ୍ତାରେ ପ୍ରକାଶିତ ହେବାକୁ ଦେବା ।

ସମଗ୍ର ପୃଥିବୀକୁ ଆଚ୍ଛାଦନ କରି ସେ ଅଛନ୍ତି । ଯେଉଁମାନଙ୍କର ତାଙ୍କ ପ୍ରତି ଉନ୍ମୀଳନ, ପ୍ରେମ ଓ ଭକ୍ତି ରହିଛି, ବନ୍ୟା ଭଳି ସେମାନଙ୍କ ମଧ୍ୟକୁ ତାଙ୍କର ଚେତନା, ପ୍ରେମ ଓ ଶକ୍ତି ପ୍ରବେଶ କରୁଛି । ସେଇ ସମ୍ପର୍କ ବଜାୟ ରଖନ୍ତୁ ଓ ତାଙ୍କ ନିମନ୍ତେ ଏକ ପ୍ରେମପୂର୍ଣ୍ଣ ଭାବ ପୋଷଣ କରନ୍ତୁ । କୃତଜ୍ଞତାଭରା ଆନନ୍ଦର ସହ ତାଙ୍କର ଚେତନା ମଧ୍ୟରେ ବାସ କରନ୍ତୁ । ତାଙ୍କ ପାଇଁ ମୃତ୍ୟୁ ନାହିଁ ।

ମୋର ମନେପଡ଼େ ଏହି ୧୯୭୩ ମସିହା ଫେବ୍ରୁଆରୀ ୨୧ ତାରିଖ ମା'ଙ୍କ ଜନ୍ମ ଦିନରେ ଯେତେବେଳେ ମୁଁ ତାଙ୍କୁ ସାକ୍ଷାତ୍ କରିଥିଲି ସେତେବେଳେ ସ୍ୱତଃସ୍ଫୂର୍ତ୍ତ ଭାବରେ ମୁଁ ତାଙ୍କୁ କହି ପକାଇଥିଲି, ''ଯଦି ମୋର ଜୀବନ ବିନିମୟରେ ତୁମର ଭୌତିକ ପରମାୟୁ ଗୋଟିଏ ଦିନ ବି ବଢ଼ି ଯାଇପାରେ ତେବେ ଅନୁଗ୍ରହ କରି ଏ ଜୀବନ ଗ୍ରହଣ କରନ୍ତୁ ।'' ସେ କିଛି ସମୟ ଆନ୍ତର ଚେତନା ଭିତରକୁ ଚାଲିଗଲେ ଓ ମୋର ହାତକୁ ଧରି କହିଲେ, ''ଜୀବନ ଚିରନ୍ତନ'' ।

ସେ ଶାଶ୍ୱତ ମଧ୍ୟରେ ବାସ କରୁଥିଲେ । ସେ କେବଳ ପାର୍ଥିବ ସ୍ଥାନ, କାଳ ମଧ୍ୟରେ ଆବଦ୍ଧ ନଥିଲେ । ତାଙ୍କର ଜୀବନ ଓ କର୍ମ ନିମନ୍ତେ ସବୁବେଳେ ରହିଥିଲା ଏକ ଭିନ୍ନ ପରିସୀମା । ମୋ ଭଳି ଅନ୍ୟ ଜଣେ କର୍ମୀଙ୍କୁ ସେ ଥରେ କହୁଥିଲେ, ''ଯଦି ମୁଁ ବର୍ତ୍ତମାନ କିଛି କୁହେ ତେବେ ଅନୁଗ୍ରହ କରି ସେଇ କଥାକୁ ଅଧଘଣ୍ଟାଏ ପରେ ଯେପରି ମୋ ବିରୋଧରେ ଉଦ୍ଧାର ନକର, କାରଣ ସେଇ ଅଧଘଣ୍ଟାଏ ଭିତରେ ମୁଁ ୫୦୦ ମାଇଲ ଆଗକୁ ଚାଲି ଯାଇଥିବି'' । ଏକଥା ବହୁ ବର୍ଷ ପୂର୍ବର କଥା । ତାଙ୍କ ଯଥାର୍ଥ ବ୍ୟକ୍ତିତ୍ୱର କିଛି କିଛି ଆଭାସ ସେ ଏଇ ରୂପେ ଆମକୁ ଦେଇଥିଲେ । ଥରେ ଜଣେ ବ୍ୟକ୍ତି ତାଙ୍କ ସହ କଥାବାର୍ତ୍ତା କରୁଥିଲେ, ସେଇ ସମୟରେ ମୁଁ ସେଠାରେ ଉପସ୍ଥିତ ଥିଲି । ସେ ତାଙ୍କୁ କହୁଥିଲେ, ''ତୁମେ କ'ଣ ଦେଖିପାରୁନା ଯେ ମୋର ଯେଉଁ ଅଂଶଟି ଏଇ ବିଶ୍ୱର ଅନ୍ତର୍ଗତ କେବଳ ସେଇ ଅଂଶଟି ଏଠାରେ ଅଛି'' !

ଏଇସବୁ କଥାରୁ ଆପଣମାନେ ସହଜରେ ଜାଣି ପାରୁଥିବେ ତାଙ୍କର ଅତିଭୌତିକ ଦିଗ ସମ୍ବନ୍ଧେ । ମୋର ସେ ସମ୍ବନ୍ଧେ ବିଶେଷ କିଛି କହିବା ଆବଶ୍ୟକ ନାହିଁ । ଆପଣମାନଙ୍କର ସମସ୍ତଙ୍କର ତାଙ୍କ ଉପରେ ବିଶ୍ୱାସ ଓ ଭରସା ଅଛି; ତେଣୁ ଆପଣମାନଙ୍କ ଆଗରେ କିଛି ପ୍ରମାଣ କରି ବୁଝାଇବା ଲାଗି ମୁଁ ଏହା କହୁ ନାହିଁ, କେବଳ ଆପଣମାନେ ଏକଥା ଶୁଣିବାକୁ ଭଲ ପାଇବେ ବୋଲି କହୁଛି ।...

...ଯିଏ ମା'ଙ୍କୁ ଓ ମା'ଙ୍କର ବ୍ୟକ୍ତିତ୍ୱକୁ ବୁଝିପାରିଛି ତା' ପାଇଁ କୌଣସି ସମସ୍ୟା ନାହିଁ । ଏ ଆଦର୍ଶ ମହାନ୍, ମହାନ୍ ଏହାର ଗୁରୁ । ସଫଳତା, ବିଫଳତାର ପ୍ରଶ୍ନ ଏଠି ଉଠୁ ନାହିଁ, ଯେଉଁ ବିଧିନିର୍ଦ୍ଦିଷ୍ଟ କାର୍ଯ୍ୟ ସେମାନେ କରିବାକୁ ଆସିଥିଲେ ତାହା କଲେ । ଗତ କିଛି ବର୍ଷ ଧରି ଏହି ଆଦର୍ଶ ପୃଥିବୀ ସାରା ବ୍ୟାପିବାରେ ଲାଗିଛି ଓ ଏହା ନିରବଚ୍ଛିନ୍ନ ଭାବେ ବ୍ୟାପିବାରେ ଲାଗି ରହିବ । ଆମମାନଙ୍କ ପ୍ରତ୍ୟେକଙ୍କର ରହିଛି ଏକ କର୍ତ୍ତବ୍ୟ । ତାହା ହେଉଛି ପୂର୍ଣ୍ଣାଙ୍ଗ ଜୀବନର ମହାନ୍ ଆଦର୍ଶ, ମାନବଜୀବନକୁ ଦିବ୍ୟ-ଜୀବନରେ ରୂପାନ୍ତର, ଆମର ବିକାଶପ୍ରାପ୍ତ ଅଂଶ ତାହା ଯେତେ କ୍ଷୁଦ୍ର ହେଉ ପଛେ ସେଥିରେ ସତ୍ୟ ଚେତନାର ଅଭିବ୍ୟକ୍ତି ଆଦି ଉଦ୍ଦେଶ୍ୟକୁ କାର୍ଯ୍ୟକାରୀ କରିବା । ବର୍ତ୍ତମାନ ମୁହୂର୍ତ୍ତରେ ଆଉ ଅଧିକ କିଛି ମୁଁ କହୁ ନାହିଁ ।

(The Mother's Service Society ପତ୍ରିକାର Service Letter No. 13ରୁ ଅନୂଦିତ)

# ଆଜିର ସଙ୍କଟ : କ୍ରମ ବିକାଶରେ ଅନିବାର୍ଯ୍ୟ ?

ଶ୍ରୀ ମନୋଜ ଦାସ

ଶହେ ବର୍ଷରୁ ଆଉ କିଛି ଅଧିକ କାଳ ତଳର କଥା । ଥିଲେ ଜଣେ ପ୍ରବୀଣ ଜ୍ଞାନପିପାସୁ ଅଧ୍ୟାପକ । ଦର୍ଶନ ତତ୍ତ୍ୱର ନାନାଦି ସମସ୍ୟା ଉପରେ ସେ ଅଧ୍ୟୟନ କରୁଥା'ନ୍ତି । ସେସବୁର ସମାଧାନ ଲିପିବଦ୍ଧ କରୁଥା'ନ୍ତି ତାଙ୍କ ଗବେଷଣାରତ ଛାତ୍ରମାନଙ୍କ ପାଇଁ । ଅଧ୍ୟାପକ ମହୋଦୟ ଗୋଟାଏ ସମସ୍ୟା ଉପରେ ଅଟକି ଯାଇଥିଲେ; ତା'ର ମୀମାଂସା କରିପାରୁ ନଥିଲେ । ପ୍ରଶ୍ନଟି ହେଲା, ଭଗବାନ୍ ଏକ ନା ବହୁ ?

## ସ୍ୱରୂପ ଏବଂ ରୂପ

ବଙ୍ଗଦେଶର ବୀରଭୂମ ଜିଲ୍ଲା ଅନ୍ତର୍ଭୁକ୍ତ ତାରାପୀଠରେ ଥିଲା ଏକ ବିଶାଳ ଶ୍ମଶାନ ଭୂମି । ତା'ର ଏକ ପ୍ରାନ୍ତରେ ଥିଲା ବହୁ ପ୍ରାଚୀନ କାଳରୁ ଦେବୀ ତାରାଙ୍କ ଆସ୍ଥାନ । ମନ୍ଦିର ଏବଂ ଶ୍ମଶାନ ଭିତରେ ବିଚରଣ କରୁଥା'ନ୍ତି ଜଣେ ଅଦ୍ଭୁତ ତାରାଭକ୍ତ । ମାଆ ବାପା ତାଙ୍କ ନାମ ଦେଇଥିଲେ ବାମାଚରଣ; କିନ୍ତୁ ସେ ପାଗଳ ଭଳି ଆଚରଣ କରୁଥିବା ହେତୁ ଜନସାଧାରଣରେ ବାମାକ୍ଷେପା ବୋଲି ପରିଚିତ ଥିଲେ (କ୍ଷେପା : ଉନ୍ମାଦ) । କିନ୍ତୁ ଯେଉଁମାନେ ତାଙ୍କ ସାନ୍ନିଧ୍ୟ ଲାଭର ସୁଯୋଗ ପାଇଥିଲେ ସେମାନେ ଜାଣିଥିଲେ ସେ ଜଣେ ଯୋଗୀ ତଥା ତନ୍ତ୍ର-ସିଦ୍ଧ ପୁରୁଷ । ସେ ରହୁଥିଲେ ପ୍ରାୟ ବିବସ୍ତ୍ର; ତାଙ୍କ ସହ ଏକତ୍ର ଭୋଜନ କରୁଥା'ନ୍ତି ଦଳେ କୁକୁର ।

ଅଧ୍ୟାପକ ମହୋଦୟ ଦିନେ ତାରାପୀଠ ଯାଇ ବାମାକ୍ଷେପାଙ୍କୁ ପ୍ରଶ୍ନ କଲେ, ''ଭଗବାନ୍ ଏକ ନା ବହୁ ?'' ବାମାକ୍ଷେପା ଦେଲେ ଉତ୍ତର, ''ଏଥିରେ ଧନ୍ଦି ହେବାର ଅଛି କ'ଣ ବାବା ? ଭଗବାନ୍ ତାଙ୍କ ସ୍ୱରୂପରେ ଏକ; ରୂପରେ ବହୁ ।''

ଅଧ୍ୟାପକଙ୍କ ଚିନ୍ତାକାଶରେ ସେଦିନ ହୋଇଥିଲା ଏକ ନୂତନ ସୂର୍ଯ୍ୟୋଦୟ ।

ଅଧ୍ୟାପକ ମହୋଦୟ ଥିଲେ ଜ୍ଞାନୀ; କିନ୍ତୁ ବାମାକ୍ଷେପା ଥିଲେ ପ୍ରଜ୍ଞାବାନ୍ । ପ୍ରଜ୍ଞା, ଜ୍ଞାନ, ଧୀ, ବୁଦ୍ଧି, ଚାତୁର୍ଯ୍ୟ, ଏସବୁ ଭିତରେ ଅନେକେ ପାର୍ଥକ୍ୟ ଦେଖନ୍ତି ନାହିଁ । ବିଶେଷତଃ ପ୍ରଜ୍ଞା (wisdom) ଏବଂ ଜ୍ଞାନ (knowledge)କୁ ବହୁ ସମୟରେ ଆମେ ସମାନାର୍ଥରେ ବ୍ୟବହାର କରୁଁ । ମୋଟାମୋଟି କୁହାଯାଇପାରେ ପ୍ରଜ୍ଞା ସାଧନାରୁ ବା ଦିବ୍ୟ-କରୁଣାରୁ ଆସିଥାଏ । ଜ୍ଞାନ ଜଣେ ଅନୁଶୀଳନ ମାଧ୍ୟମରେ ପାଇପାରେ । ବୁଦ୍ଧି (intelligence), ଧୀ (intellect) ଏବଂ ଚାତୁର୍ଯ୍ୟ (cleverness) ଆମ ମନର ଏକ ଏକ ଗୁଣ । କିନ୍ତୁ ବୁଦ୍ଧି, ଧୀ ବା ଚାତୁର୍ଯ୍ୟ, ଏସବୁ ଆମକୁ ବିବେକୀ କରି ପାରିବେ ନାହିଁ କିଂବା ଜୀବନରେ ଯେଉଁ ଶାନ୍ତି ଓ ସନ୍ତୋଷ ଆମର ସର୍ବଦା କାମ୍ୟ, ଆମ ପାଇଁ ସେସବୁ ଆଣିଦେଇ ପାରିବେ ନାହିଁ । ଏପରିକି ଜଣେ ପଣ୍ଡିତ ବା ଜ୍ଞାନୀ ହେଲେ ମଧ୍ୟ ପ୍ରବୁଦ୍ଧ ହୋଇପାରିବ, ଶାନ୍ତି ଓ ସନ୍ତୋଷ ଆୟତ୍ତ କରିପାରିବ ସେଭଳି ପ୍ରତିଶ୍ରୁତି କେହି ଦେଇପାରିବେ ନାହିଁ । ଅବଶ୍ୟ ଜ୍ଞାନ ପଛରେ ଯଦି ପ୍ରଜ୍ଞା ଥିବ, ତାହା ଭିନ୍ନ କଥା । କିନ୍ତୁ ପୃଥିବୀରେ ହାରାହାରି ଜନସାଧାରଣଙ୍କୁ ପରିଚାଳିତ କରେ ବୁଦ୍ଧି । ପ୍ରଖ୍ୟାତ ବୈଜ୍ଞାନିକ ଆଲବର୍ଟ ଆଇନ୍‌ଷ୍ଟାଇନ୍ ତାଙ୍କ ଜୀବନର ଶେଷ ବହି 'Out of My Later Years'ରେ ଦେଇଛନ୍ତି ଏହି ଚେତାବନୀ : ''ନିଜର ବୁଦ୍ଧି ବା ଧୀ ଉପରେ ବିଶ୍ୱାସ ରଖ ନାହିଁ । ତା'ର ବଳ ଅଛି; କିନ୍ତୁ ବିବେକ ନାହିଁ ।''

ଏ ମନ୍ତବ୍ୟର ବ୍ୟାଖ୍ୟା ନିଷ୍ପ୍ରୟୋଜନ । ବିଜ୍ଞାନ, ପ୍ରଯୁକ୍ତିବିଦ୍ୟା, ରାଜନୀତି, ବ୍ୟବସାୟ, ଦୁର୍ନୀତି – ସବୁଥିରେ ବୁଦ୍ଧିର ପ୍ରାଚୁର୍ଯ୍ୟ ଜାଜ୍ୱଲ୍ୟମାନ । ମଣିଷକୁ ଏହା ଅଧିକ ସୁଖୀ କରିଛି ନା ଅଧିକ ଉଦ୍‌ବିଗ୍ନ ଓ ଆତଙ୍କିତ କରିଛି, ତାହା ସଭିଙ୍କ ଅନୁଭବର ବିଷୟ ।

ତେବେ କ୍ରମବିକାଶ ବା ବିବର୍ତ୍ତନର ଯେଉଁ ସ୍ତରରେ ଆମେ ରହିଛୁଁ, ତାହା ବୁଦ୍ଧି-ନିର୍ଭର ସ୍ତର । ନୂଆ ପିଢ଼ିର ପିଲାଏଁ ଅଧିକରୁ ଅଧିକ ବୁଦ୍ଧିମାନ୍, ଏ ତଥ୍ୟ ଉପରେ ପୁରୁଣା ପିଢ଼ିର ନରନାରୀଙ୍କ ବିସ୍ମୟ ତଥା ଗର୍ବର ଅନ୍ତ ନାହିଁ । ଅର୍ଥାତ୍, ମଣିଷ-ଜାତିର ବୁଦ୍ଧି ଅଧିକରୁ ଅଧିକ ପ୍ରଖର ହେଉଛି ବୋଲି ଆମର ଧାରଣା ।

କିନ୍ତୁ ଏ ସ୍ଥିତ ବିଶ୍ୱାସକୁ ଦୋହଲାଇ ଦେଉଛି ଷ୍ଟାନ୍‌ଫୋର୍ଡ଼ ବିଶ୍ୱବିଦ୍ୟାଳୟର ଏକ ଗବେଷଣା । ଡ: ଜେରାଲ୍‌ଡ଼୍ କ୍ରାବ୍‌ଟ୍ରିଙ୍କ ଦିଗ୍‌ଦର୍ଶନରେ ପରିଚାଳିତ ଗବେଷଣାର ବିବରଣୀ ପ୍ରକାଶ

ପାଇଛି 'Trends in Genetics' ପତ୍ରିକାରେ । ଗବେଷଣାର ସିଦ୍ଧାନ୍ତ : ସାମୂହିକ ସ୍ତରରେ ମଣିଷର ବୁଦ୍ଧି ତଥା ଆବେଗର ମାତ୍ରା କ୍ରମେ ନିମ୍ନଗାମୀ ହେବାକୁ ଆରମ୍ଭ କରିଛି । Genetics Mutations ଇତ୍ୟାଦିର ଧାରା ଅନୁସରଣ କରି ସେ ଗବେଷକମାନେ ଏ ସିଦ୍ଧାନ୍ତରେ ପହଞ୍ଚିଛନ୍ତି । ଏହାର ମନସ୍ତାତ୍ତ୍ୱିକ ଓ ସାମାଜିକ ପରିଣତିର ବିଚାରଭାର ସେମାନେ ଆପଣମାନଙ୍କ ଭଳି ବୁଦ୍ଧିମାନ୍ ଓ ଧୀମାନ୍‌ବର୍ଗଙ୍କ ଉପରେ ନ୍ୟସ୍ତ କରିଛନ୍ତି ।

## ବୁଦ୍ଧି ଏକ ନୀତି-ନିରପେକ୍ଷ ଶକ୍ତି

ମନ ଏବଂ ତା'ର ଅସ୍ତ୍ର ବୁଦ୍ଧିର କୌଣସି ନୈତିକ ଚରିତ୍ର ନାହିଁ । ତାହାକୁ ବ୍ୟବହାର କରିବ ଆମ ଚେତନା । ଆଣବିକ ଶକ୍ତି ବୁଦ୍ଧିର ଆବିଷ୍କାର । କିନ୍ତୁ ତା'ର ଦୁରୁପଯୋଗ ବା ସୁଉପଯୋଗ ନିର୍ଭର କରିବ ବ୍ୟବହାରକାରୀର ଚେତନାର ଗୁଣ ଉପରେ । ସେ ଯାହାହେଉ, ମନ ଯେ ଜଣେ ସାଧାରଣ ମଣିଷର ସର୍ବ ନିମ୍ନ କାମ୍ୟ ସୁଖ, ଶାନ୍ତି ଓ ସନ୍ତୋଷ ସକାଶେ ନିର୍ଭର-ଯୋଗ୍ୟ ମାଧ୍ୟମ ନୁହେଁ, ଏ କଥା ବେଶ୍ କିଛି ବର୍ଷ ହେଲା ସ୍ୱାସ୍ଥ୍ୟ ଏବଂ ମାନସିକ ଚିକିତ୍ସା ବିଜ୍ଞାନର ଗବେଷକମାନେ ଉପଲବ୍ଧି କଲେଣି । ଧରନ୍ତୁ ଦୁଇଜଣ ଯୁବକ ଏକାପ୍ରକାର ମାନସିକ ବୈକଲ୍ୟ ଭୋଗୁଛନ୍ତି । ଦୁହିଙ୍କ ବୟସ, ସ୍ୱାସ୍ଥ୍ୟ, ସାମାଜିକ ଓ ସାଂସ୍କୃତିକ ପଟଭୂମି ସମାନ; ଶିକ୍ଷାଦୀକ୍ଷା ମଧ୍ୟ ସମାନ । ଉଭୟଙ୍କୁ ଏକହିଁ ଆରୋଗ୍ୟ ନିକେତନରେ ଚିକିତ୍ସା କରାଯାଉଛି । ସେମାନଙ୍କ ଦେହ ଆବେଗ ଏବଂ ମନ ଉପରେ ଚିକିତ୍ସାର ପ୍ରଭାବ ନିୟମିତ ଅନୁଧ୍ୟାନ କରାଯାଉଛି ଏବଂ ପ୍ରଭାବ ଉଭୟ କ୍ଷେତ୍ରରେ ସମାନ ବୋଲି ଦେଖାଯାଉଛି । ହଠାତ୍ କିନ୍ତୁ ଦୁହିଙ୍କ ଭିତରୁ ଜଣେ ପୂରା ଆରୋଗ୍ୟ ହୋଇଗଲେ । ସ୍ଥୂଳ ଅନୁଧ୍ୟାନରୁ ତା'ର କୌଣସି ହେତୁ ବୁଝା ପଡ଼ିଲା ନାହିଁ । ଏମନ୍ତ ଅନେକ ଅନୁଧ୍ୟାନରୁ ଏହି ପ୍ରଶ୍ନ ଆସିଲା : ଦେହ, ଆବେଗ ଓ ମନର ପ୍ରତିକ୍ରିୟା ଉଭୟ କ୍ଷେତ୍ରରେ ସମାନ ହେବା ସତ୍ତ୍ୱେ ଜଣେ ଆରୋଗ୍ୟ ଲାଭ କଲା, ଅନ୍ୟ ଜଣକ କଲା ନାହିଁ । ଏଥିରୁ କ'ଣ ବୁଝାଯିବ ଯେ ପ୍ରଥମ କ୍ଷେତ୍ରରେ ଦେହ, ଆବେଗ ଏବଂ ମନଠୁଁ ଭିନ୍ନ ଅନ୍ୟ କୌଣସି ସତ୍ତା ଚିକିତ୍ସା ପ୍ରତି ହେଉ ବା ପରିବେଶରେ ଥିବା ଅନ୍ୟ କୌଣସି ପ୍ରଭାବ ପ୍ରତି ହେଉ ସମ୍ବେଦନଶୀଳ ହୋଇ ବୈକଲ୍ୟରୁ ଉତ୍ତୀର୍ଣ୍ଣ ହୋଇଗଲା ? କ'ଣ ତେବେ ସେହି ଅଜଣା ସତ୍ତାର ପରିଚୟ ?

ବିଶ୍ୱସ୍ୱାସ୍ଥ୍ୟ ସଂଗଠନ (WHO) ବେଶ୍ କେତେ ବର୍ଷ ଏହି ପ୍ରଶ୍ନ ଉପରେ ଆଲୋଚନା କରିବା ଅନ୍ତେ ୧୯୮୩ ମସିହା ବିଶ୍ୱ ସମ୍ମିଳନୀରେ ଯେଉଁ ପ୍ରସ୍ତାବ ଗ୍ରହଣ କଲେ, ତା'ର ମର୍ମ ହେଲା ଖାଲି ଦେହ, ମନ, ଆବେଗ-ପ୍ରବେଗ ଓ ପରିବେଶ ନୁହେଁ, ପୂର୍ଣ୍ଣାଙ୍ଗ ସ୍ୱାସ୍ଥ୍ୟର ସଂଜ୍ଞା ଭିତରେ ଜଣକର ଆଧ୍ୟାତ୍ମିକ ସତ୍ତା, ସେ ଦିଗରେ ତା'ର ବିଶ୍ୱାସ ଏବଂ ସେ ବିଶ୍ୱାସର ଭୂମିକା ମଧ୍ୟ ବିଚାର୍ଯ୍ୟ ।

## ଆତ୍ମାର ଛଦ୍ମନାମ !

WHOର ଅନୁରୋଧ କ୍ରମେ ଭାରତ ସରକାରଙ୍କ ତତ୍କାଳୀନ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡ : ଦେଶବନ୍ଧୁ ବିଷ୍ଟ୍ ଏବଂ ବାଙ୍ଗାଲୋରସ୍ଥିତ (ମାନସିକ ଏବଂ ସ୍ନାୟୁଗତ ଗବେଷଣା ଓ ଚିକିତ୍ସା ଦିଗରେ ମୁଖ୍ୟ ପ୍ରତିଷ୍ଠାନ)ର ନିର୍ଦ୍ଦେଶକ ଡ: ଜି.ଏନ୍. ରେଡ୍ଡିଙ୍କ ଆବାହନରେ ୧୯୮୫ ଫେବ୍ରୁଆରୀରେ ଗୋଟିଏ ବିଶେଷ ଏବଂ ବିରଳ ଧରଣର ଆଲୋଚନାଚକ୍ର ଅନୁଷ୍ଠିତ ହେଲା । ୪୦ ଜଣ ସରିକି ଭାରତର ପ୍ରଖ୍ୟାତ ଚିକିତ୍ସକ, ମନୋବୈଜ୍ଞାନିକ, ଆଇନ ବିଶାରଦ, ସମାଜତତ୍ତ୍ୱବିତ୍ ଏବଂ ଦୁଇ, ତିନିଜଣ ଆଧ୍ୟାତ୍ମିକତାର ଛାତ୍ର ଏଥିରେ ଅଂଶ ଗ୍ରହଣ କରିଥିଲେ । (ଶେଷୋକ୍ତ ଶ୍ରେଣୀର ଆଲୋଚକଙ୍କ ଅନ୍ତର୍ଭୁକ୍ତ ଥିଲେ ଏହି ଲେଖକ ।)

ଏ ଆଲୋଚନାଚକ୍ରକୁ ପ୍ରଚାରିତ କରାଯାଇ ନଥିଲା; କିନ୍ତୁ ଆଲୋଚନାର ମାନ ଥିଲା ଖୁବ୍ ଉଚ୍ଚ, ନିଷ୍ପାପର ତଥା ଖୁବ୍ ଆନ୍ତରିକ । ସର୍ବସମ୍ମତ ସିଦ୍ଧାନ୍ତର ସାରାଂଶ : ସମୟ ଆସିଛି ଯେତେବେଳେ ମଣିଷର ସ୍ୱାସ୍ଥ୍ୟ ଓ ସ୍ୱାଭାବିକତା ନିରୂପଣ କରିବାର ମାପକାଠିରେ ତା' ଚେତନାର ଗଭୀରରେ ଥିବା କୌଣସି ସତ୍ତାର ଭୂମିକା ସ୍ୱୀକାର କରାଯିବା ଆବଶ୍ୟକ । ମଣିଷର ମନ ଭିତରେ ବହୁ ଦ୍ୱନ୍ଦ୍ୱ ଥାଏ; ପୁଣି ମନ ଏବଂ ପ୍ରାଣ ଭିତରେ (ଅର୍ଥାତ୍ ବୁଦ୍ଧି ସହ ପ୍ରାଣଗତ ଆବେଗ ପ୍ରବେଗର) କଳହ ଲାଗି ରହିଥାଏ । ଏସବୁ ସତ୍ତ୍ୱେ ମଣିଷ ଯେ ଧ୍ୱସ୍ତବିଧ୍ୱସ୍ତ ହୋଇଯାଏ ନାହିଁ, ତା'ର ହେତୁ ତା'ର ସମଗ୍ର ଚେତନାକୁ ଧାରଣ କରୁଥିବା କୌଣସି ଶକ୍ତି ବା ସତ୍ତା ସ୍ଥିର ରହିଥାଏ । ଭାରତର ବିପୁଳ ଆଧ୍ୟାତ୍ମିକ ପରମ୍ପରା ତାହାକୁ ଆତ୍ମା ବୋଲି ଅଭିହିତ କରିଥାଏ । କିନ୍ତୁ ଦେଶ ବିଦେଶର ହେତୁବାଦୀ, ବିଜ୍ଞାନମୁଖୀ ସୁଧୀସମାଜ ପାଇଁ ହୁଏତ ସେ ଶବ୍ଦ ପ୍ରହେଳିକା ସୃଷ୍ଟି କରିବ, ସେଥିପାଇଁ ତାକୁ କୁହାଗଲା Factor X ।

ମନ ଓ ବୁଦ୍ଧିର ଶକ୍ତି ସ୍ତିମିତ ହୋଇ ଆସୁଛି – ଏହାର ତାତ୍ପର୍ଯ୍ୟ କ'ଣ ? କ୍ରମବିକାଶରେ ମନ ତା'ର ବିପୁଳ ଭୂମିକା ତୁଲାଇ ସାରିଛି । ମନଠାରୁ ମହତ୍ତର ଏକ ଶକ୍ତି ହୁଏତ ଆଜି ଆମ ଚେତନାର ଗଭୀରରୁ ଉପରକୁ ଆସିବାକୁ ଉଦ୍ୟତ । ମନ ହୁଏତ ତାକୁ ସେ ସୁଯୋଗ ଦେଉ ନାହଁ । କିଏ କହିବ ଆଜି ବହୁଧରଣର ମାନସିକ ବୈକଲ୍ୟ ଏହି ଦ୍ୱନ୍ଦ୍ୱ-ଭିତ୍ତିକ ନୁହେଁ !

## ସତ୍ୟ ଓ ସ୍ୱାସ୍ଥ୍ୟ

ଇତିମଧ୍ୟରେ ନୋତ୍ରଦାମ (Notre Dame) ବିଶ୍ୱ-ବିଦ୍ୟାଳୟର ମନସ୍ତତ୍ତ୍ୱ ଅଧ୍ୟାପକ ଅନିତା କେଲି ଏବଂ ଲିଜୁଆନ୍ ୟଙ୍ଗଙ୍କର ଅନ୍ୟ ଏକ ତାତ୍ପର୍ଯ୍ୟପୂର୍ଣ୍ଣ ଗବେଷଣାର ବିବରଣୀ ପ୍ରକାଶ ପାଇଛି । ସିଦ୍ଧାନ୍ତ ହେଲା, ଯେଉଁମାନେ ମିଛ କହନ୍ତି ନାହିଁ, ସେମାନଙ୍କ ସ୍ୱାସ୍ଥ୍ୟ ଅପେକ୍ଷାକୃତ ନିରାପଦ ରହେ । ଅନେକ ସମୟରେ ଆମେ ଅଭ୍ୟାସ ବଶତଃ ଅନାବଶ୍ୟକ ମିଛ କହିଥାଉଁ । ଅତିରଞ୍ଜନ ମଧ୍ୟ ଏହି ମିଥ୍ୟାକଥନର ଅନ୍ତର୍ଭୁକ୍ତ । ପରୀକ୍ଷା କରି ଦେଖାଗଲା, ଯେଉଁମାନେ ସଚେତନ ଭାବରେ କିଛିଦିନ ସକାଶେ ମିଛ କହିବାରୁ ସମ୍ପୂର୍ଣ୍ଣ ବିରତ ରହିଲେ, ଅନେକଗୁଡ଼ିଏ ସ୍ୱାସ୍ଥ୍ୟଗତ ଅସ୍ୱସ୍ତି ବଳେ ବଳେ ସେମାନଙ୍କଠାରୁ ବିଦାୟ ନେଲେ ।

ଏହା କୌଣସି ବିଦ୍ୟାଳୟର ନୈତିକ ପାଠ ନୁହେଁ । ଏହା ଏକ ସାଧାରଣ ସତ୍ୟ । ଆମେ ଜାଣୁଁ ଯେ ଆମେ ମିଛ କହିବାବେଳେ ଆମ ଚେତନାର ଗୋଟିଏ ସୂକ୍ଷ୍ମ ଅଂଶ ବିଦ୍ରୋହ କରେ । ପୋଲିଗ୍ରାଫ୍ (Polygraph) ବା ଆମ ବିବୃତିର ସତ୍ୟ-ମିଥ୍ୟା ତଉଲିବା ଯନ୍ତ୍ର ତାହା ଦେଖାଇଦିଏ । ଯଦି ଆମ ସ୍ନାୟୁ ଆମ ଚେତନାର ସେ ଅସଂହତିକୁ ଗ୍ରହଣ କରୁ ନାହିଁ, ତେବେ କ୍ରମାଗତ ମିଥ୍ୟାଭ୍ୟାସ ଯେ ସ୍ନାୟୁସବୁକୁ ନିପୀଡ଼ିତ କରିବହିଁ କରିବ, ଏଥିରେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ । କଥା ହେଲା, ଆମ ଚେତନାର ସ୍ୱାଭାବିକ ଧର୍ମହିଁ ସତ୍ୟ, ସୌନ୍ଦର୍ଯ୍ୟ, ସାଧୁତା ଓ ସାହସ ଇତ୍ୟାଦିର ଉପାସନା । ସେଥିପାଇଁ ଆମେ ଅଚେତନ ଭାବରେ ବି କୌଣସି ଭଲ ମଣିଷ ସମ୍ପର୍କରେ କହି ପକାଉଁ –''ବାସ୍ତବିକ କେଡ଼େ ମହତ୍ ସାଧୁ ଲୋକଟାଏ !'' ବା ''କେଡ଼େ ସାହସୀଟିଏ !'' ଆମେ କେବେ ବି ଭାବବିଗଳିତ ହୋଇ କହୁଁନା, ''ଆହା ! କେଡ଼େ ମହତ୍ ଅସାଧୁଟିଏ !'' ''ବାଃ, କେଡ଼େ ପ୍ରଶଂସନୀୟ ଭୀରୁଟାଏ !''

ଆମ ଭିତରେ ଥିବା ଏହି ସ୍ୱତଃସିଦ୍ଧ-ସତ୍ୟ ବିବର୍ତ୍ତନରେ ଆତ୍ମପ୍ରକାଶ କରିବାକୁ ଉନ୍ମୁଖ । ତାକୁ ଚାପିରଖିବା ନିମନ୍ତେ ବିବର୍ତ୍ତନୀ ଶକ୍ତିର ଅନ୍ଧ ଶତ୍ରୁମାନେ ଆଜି ପୃଥିବୀରେ ମଣିଷକୁ ଅଧିକ ଦୁର୍ନୀତିପରାୟଣ ଏବଂ ହିଂସା-ପ୍ରମତ୍ତ କରିଛନ୍ତି ବୋଲି ଧାରଣା ହୁଏ ।

## ବିବର୍ତ୍ତନର ନବଦିଗନ୍ତ

ଶ୍ରୀଅରବିନ୍ଦ ସ୍ପଷ୍ଟ ଭାବରେ କହିଛନ୍ତି, ''ବର୍ତ୍ତମାନ ମାନବଜାତି ଏକ ବିବର୍ତ୍ତନଗତ ସଙ୍କଟ ଭିତର ଦେଇ ଯାଉଛି – ଯହିଁ ଭିତରେ ଲୁଚି ରହିଛି ତା'ର ଭବିତବ୍ୟ ନିର୍ଦ୍ଧାରଣ; କାରଣ ସେ ପହଞ୍ଚିଛି ଏମିତି ଏକ ପର୍ଯ୍ୟାୟରେ ଯେତେବେଳେ କେତୋଟି ଦିଗରେ ମଣିଷର ମନ ପ୍ରଚଣ୍ଡ ବିକାଶ ସାଧନ କରିଛି – କିନ୍ତୁ ଅନ୍ୟ ଦିଗମାନଙ୍କରେ ତାହା ରହିଛି ସ୍ଥାଣୁ, କିଂକର୍ତ୍ତବ୍ୟବିମୂଢ଼ ତଥା ଦିଗ୍‌ଭ୍ରାନ୍ତ ।''

ଶ୍ରୀଅରବିନ୍ଦ ଅବଶ୍ୟ ସଙ୍ଗେ ସଙ୍ଗେ ଏହା ମଧ୍ୟ କହିଛନ୍ତି ଯେ ମଣିଷର ଚେତନା ଭିତରେ ଲୁଚିରହିଥିବା ଦିବ୍ୟତା ଆପଣାକୁ ବିକଶିତ କରିବ ଏବଂ ମଣିଷ ଯଦି ଯଥାର୍ଥ ଆସ୍ପୃହା ପୋଷଣ କରେ, ତେବେ ମନ ତୁଳନାରେ ବହୁ ଗୁଣ ଗରୀୟାନ୍ ଏବଂ ମହତ୍ ଏକ ଚେତନା ତାକୁ ଏକ ରୂପାନ୍ତରିତ ଜାତିରେ ପରିଣତ କରିଦେବ ।

ଥରେ ଜଣେ ବିବର୍ତ୍ତନ-ବିଶେଷଜ୍ଞ ଅଧ୍ୟାପକ ସଭ୍ୟତା ଓ କ୍ରମବିକାଶ ସମ୍ପର୍କରେ ଭାଷଣ ଦେଇ ଶ୍ରୀଅରବିନ୍ଦଙ୍କ ଏହି ଆଶା ଓ ଆସ୍ଥାଧର୍ମୀ ଭବିଷ୍ୟଦ୍‌ବାଣୀର ଉଲ୍ଲେଖ କରନ୍ତେ କେହି କେହି ଶ୍ରୋତା ସଭା ପରେ ତାଙ୍କୁ ବଧେଇ ଜଣାଇବା ସଙ୍ଗେ ସଙ୍ଗେ କହିଲେ, ''ଶ୍ରୀଅରବିନ୍ଦଙ୍କ ବାଣୀ ହେଲେ ସଫଳ ହୁଅନ୍ତା ! କିନ୍ତୁ ଆଜିର କଳୁଷିତ, କର୍ଦ୍ଦମାକ୍ତ ମଣିଷର ମନ ବିଷୟରେ ଚିନ୍ତା କଲେ ସନ୍ଦେହ ହୁଏ, ଏ ମନ ଭିତରୁ ପୁଣି ବିକଶିତ ହେବ ଦିବ୍ୟ-ଚେତନା ?''

ଜଣେ ଅବସର ପ୍ରାପ୍ତ ଗ୍ରାମ୍ୟ ପ୍ରାଥମିକ ଶିକ୍ଷକ ଦେଇ ଥିଲେ ତାଙ୍କ ମୃଦୁ ମନ୍ତବ୍ୟ : ''ଯେତେବେଳେ ମୁଁ ଦେଖେ ସୂର୍ଯ୍ୟକିରଣର ଆଶୀର୍ବାଦ ଫଳରେ କର୍ଦ୍ଦମ ଭିତରୁ ବିକାଶ ଲଭୁଛି ପଦ୍ମ, ସେତେବେଳେ ମୋ ଭିତରେ ଫୁଟିଉଠେ ଏହି ବିଶ୍ୱାସ : ମଣିଷର କର୍ଦ୍ଦମାକ୍ତ ମନ ଭିତରୁ କିଆଁ ବିକଶିତ ନହେବ ଅତିମାନସ – ଦିବ୍ୟଶକ୍ତିର ଆଶୀର୍ବାଦ ଯୋଗେ ?''

# ନବଯୁଗର ଆହ୍ୱାନ

## ଶ୍ରୀ ପ୍ରପତ୍ତି

### ନବଯୁଗର ସଂକେତ :

ଯେତେଯେତେ ସମୟ ବ୍ୟତୀତ ହୋଇଯାଉଛି, ସେତେସେତେ ଅଧିକରୁ ଅଧିକ ସ୍ପଷ୍ଟଭାବେ ମନେ ହେଉଛି ଯେ କାଳ ସ୍ରୋତର ଏକ ନୂତନ ଅଧ୍ୟାୟ, ନୂତନ ପ୍ରଷ୍ଠ, ନୂତନ ଧାରା ଖୋଲି ଯାଉଛି । ଯାହା ପୂର୍ବେ କେବେ ଦୃଷ୍ଟିପଥାରୂଢ଼ ହୋଇ ନଥିଲା, ଧୀରେ ଧୀରେ ତାହା ଏକ ବେଗ ଓ ତୀବ୍ରତା ସହ ଉପରକୁ ଉଠି ଆସୁଛି । ଯାହା ଆଚ୍ଛାଦିତ, ଗୁହ୍ୟ, ରହସ୍ୟମୟ, ପୁଣି ଯାହା ନାନା କାରଣରୁ ଅବଦମିତ, ଦଳିତ, ଅବହେଳିତ, ବ୍ୟଥିତ ଓ ଅନାଦୃତ ତାହା ମଧ୍ୟ ଉପରକୁ ମୁଣ୍ଡ ଟେକି ଉଠୁଛି ଏବଂ ନିଜର ସ୍ଥାୟିତ୍ୱ ନିମିତ୍ତ ଆଧିପତ୍ୟ ବିସ୍ତାର କରୁଛି । ଏପରି ଏକ ଉଦ୍‌ବେଳନ ସୃଷ୍ଟି ହୋଇଛି ଏବଂ ଏପରି ଏକ ଅବତରଣ ଘଟିଛି, ଯାହା ଫଳରେ ସାଧାରଣ ଜୀବନଧାରା, ସମସ୍ତ ପୃଥିବୀର ଗତିଧାରାରେ ଗୋଟାଏ ଚୂଡ଼ାନ୍ତ ଓଲଟପାଲଟ ନିଶ୍ଚୟ ହୋଇଯିବ – ଏଥିରେ ତିଳେ ହେଲେ ସନ୍ଦେହ ନାହିଁ ।

ପରିବର୍ତ୍ତନର ଧାରା, ଗତିଶୀଳତା, ଅବନତି ବା ଉନ୍ନତି ବରାବର ଚାଲିଛି । କୌଣସି ବସ୍ତୁ ସଂସାରରେ ସ୍ଥିର ହୋଇ ରହିପାରି ନାହିଁ – ପରିବର୍ତ୍ତନକୁ ସର୍ବଗ୍ରାସୀ ବୋଲି କହିବାକୁ ଯାଇ ଦାର୍ଶନିକ ହିରାକ୍ଲିଟ୍‌ସ କହିଥିଲେ, “You cannot dive into the same river twice.” ଅର୍ଥାତ୍, ଦୁଇଥର କରି ସେହି ଗୋଟିଏ ନଦୀରେ ବୁଡ ଦେଇପାରିବ ନାହିଁ । କାରଣ ନଦୀ ସ୍ରୋତ ପ୍ରତିକ୍ଷଣରେ ବଦଳି ଯାଉଛି । ସେହିପରି ଯେଉଁ ପ୍ରଦୀପ ଜଳୁଛି ତାହାର ଶିଖଶ ପ୍ରତିକ୍ଷଣରେ ଭିନ୍ନ ଭିନ୍ନ । ଏହି ଦାର୍ଶନିକମାନେ ଜଗତର ଗତିଶୀଳତାକୁ ଓ ପରିବର୍ତ୍ତନକୁ ବିଶେଷ ପ୍ରାଧାନ୍ୟ ଦେଇଛନ୍ତି । ଅନ୍ୟ ଦିଗରେ ଏ ଜଗତରେ ଯେ କିଛି ସ୍ଥାୟୀ, ଚିରନ୍ତନ, ଅବ୍ୟୟ ଓ ଶାଶ୍ୱତ ନାହିଁ ତାହା ନୁହେଁ । ପ୍ରତି ମୁହୂର୍ତ୍ତରେ ନଦୀର ସ୍ରୋତ ବଦଳି ଗଲେ ମଧ୍ୟ ଜଳର ଗୁଣ ଓ ଧର୍ମ ସମାନ ରହିଛି । ପ୍ରତି ମୁହୂର୍ତ୍ତରେ ଜଳୁଥିବା ଅଗ୍ନିଶିଖା ବଦଳିଗଲେ ମଧ୍ୟ ଅଗ୍ନିର ଗୁଣ ଧର୍ମ (Quality) ଓ ସତ୍ତାନ୍ତର ଘଟି ନାହିଁ । ଜଗତ୍ ପରିବର୍ତ୍ତନର, ଗତିଶୀଳତାର ପଶ୍ଚାତ୍‌ରେ ଏକ ଚିରନ୍ତନ, ସାର୍ବକାଳିକ ମହାସତ୍ୟ ଓ ତତ୍ତ୍ୱ ରହିଛି । ଏହି ସତ୍ୟ ସମଗ୍ର ସତ୍ତା ଓ ଶକ୍ତିର ଖେଳାକୁ ଧାରଣ କରି ରହିଛି ।

କିନ୍ତୁ ଆମେମାନେ ଯେଉଁ ପରିବର୍ତ୍ତନର ସୂଚନା ଦେଉଛୁ ତାହା ହେଲା ଏହି ଦୃଶ୍ୟମାନ ପରିବର୍ତ୍ତନର ପଶ୍ଚାତ୍‌ରେ ଯେଉଁ ପରମ ସତ୍ୟ, ଅନନ୍ତ, ମହାନ୍, ବିଶାଳ ତତ୍ତ୍ୱ ରହିଛି ତାହାର ଏକ ନୂତନ ପର୍ଯ୍ୟାୟ (Layer), ନୂତନ ଅଭିବ୍ୟକ୍ତି ଘଟୁଛି । ଏହି ପର୍ଯ୍ୟାୟ ପୂର୍ବେ ପ୍ରସ୍ଫୁଟିତ, ବିକଶିତ ବା ବ୍ୟକ୍ତ ହୋଇ ନଥିଲା । ଏହା ସେହି ଅନନ୍ତଙ୍କ ହିରଣ୍ୟଗର୍ଭ ମଧ୍ୟରୁ ଏକ ନୂତନ ତତ୍ତ୍ୱ, ନୂତନ ଶକ୍ତି, ନୂତନ ଜ୍ଞାନ, ନୂତନ ଜ୍ୟୋତିଃର ପ୍ରସ୍ଫୁରଣ । ଏହିପରି ସତ୍ୟ, ଜ୍ଞାନ ଓ ଜ୍ୟୋତିଃର ଯେବେ ପ୍ରକାଶ ଘଟେ ତେବେ ସମଗ୍ର ସଂସାରରେ ଏକ ଆମୂଳଚୂଳ ପରିବର୍ତ୍ତନ ଦେଖାଦିଏ । କାରଣ ଏହି ସତ୍ୟହିଁ ନିମ୍ନ ଜଗତର ସକଳ ବସ୍ତୁକୁ ନିଜ ଆୟତ୍ତରେ ଆଣି ତାହାର ରୂପାନ୍ତର ଘଟାଇ ନିଜ ଧର୍ମରେ ପରିଣତ କରେ ।

### ସମସ୍ୟାର ଦୁଇଟି ଦିଗ :

ଏହି ସମସ୍ୟାର ଦୁଇଟି ଦିଗ ଅଛି – ଊର୍ଦ୍ଧ୍ୱରୁ ଏକ ନୂତନ ଚେତନା, ଶକ୍ତି ଓ ଜ୍ୟୋତିଃର ଅବତରଣ ଏବଂ ନିମ୍ନରୁ ଜଡ଼-ପ୍ରାଣ-ମନ ଚେତନାର ଊର୍ଦ୍ଧ୍ୱ ଭୂମିରେ ଆରୋହଣ । ଉପରୁ ଉତରି ଆସେ ଏକ ସାମର୍ଥ୍ୟ ଓ ଜ୍ଞାନ, ନିମ୍ନରୁ ଊର୍ଦ୍ଧ୍ୱକୁ ଉଠିଯାଏ ଏକ ଅଭୀପ୍ସା ଓ ସଂକଳ୍ପ । ଏହି ଦୁଇର ସଂଯୋଗରେ ଯେଉଁ ପରିଣାମ ଦେଖାଦିଏ ତାହା ସମ୍ପୂର୍ଣ୍ଣଭାବେ ରୂପାନ୍ତର ଘଟାଏ । କଥାଟି ଆମେମାନେ ଆହୁରି ପରିଷ୍କାରଭାବେ ବୁଝିବାକୁ ଚେଷ୍ଟା କରିବା । ପ୍ରଥମେ ଦ୍ୱିତୀୟ କଥାଟି ବୁଝିବା ଏବଂ ଦ୍ୱିତୀୟରେ ପ୍ରଥମ କଥାଟି ବୁଝିବା ।

ବିବର୍ତ୍ତନ ଧାରାରେ ପ୍ରଥମେ ଜଡ଼, ତା’ପରେ ପ୍ରାଣ ଓ ତାହାପରେ ମନର ଉଦ୍ଭବ ଘଟିଲା । ଜଡ଼, ପ୍ରାଣ, ମନ ଏକହିଁ ଚେତନା-ଶକ୍ତିର ତିନୋଟି ପାହାଚ । ଯେଉଁ ଶକ୍ତି, ସାମର୍ଥ୍ୟ, ବଳ ଜଡ଼ ମଧ୍ୟରେ ନିଥର, ନିର୍ଜୀବ, ନିସ୍ପନ୍ଦ ରୂପେ ନିହିତ, ସେ ଶକ୍ତି ଓ ସାମର୍ଥ୍ୟ ବିବର୍ତ୍ତନର ଅନ୍ୟ ଏକ ଭୂମିରେ ପ୍ରାଣବନ୍ତ, ସ୍ପନ୍ଦନଯୁକ୍ତ, ସବୁଜ ଓ ପ୍ରବୃତ୍ତିଯୁକ୍ତ । ଜଡ଼ ମଧ୍ୟରେ କିପରି ଯେ ଏହି ପ୍ରସ୍ଫୁରଣ ହେଲା ଜୀବତତ୍ତ୍ୱବିତ୍‌ମାନେ ଯଦିଓ ବୈଜ୍ଞାନିକ ଗବେଷଣା ମଧ୍ୟରେ ଏହା ଏବେ ବି ଧରିପାରି ନାହାନ୍ତି, ତଥାପି ଜଡ଼ ମଧ୍ୟରେ ଏହି ଶକ୍ତି ଅନ୍ୟ ଏକ ରୂପରେ ବିଦ୍ୟମାନ ଥିଲା

ଏବଂ ପ୍ରାଣଲୋକରୁ ପ୍ରାଣ ଶକ୍ତିର ଅବତରଣ ଫଳରେ ଏବଂ ଏହି ଜଡ଼ ଶକ୍ତିକୁ ସ୍ପର୍ଶ କରି ଏକ ରୂପାନ୍ତର ଘଟାଇଲା । ପ୍ରାଣ ଭୂମିର ପ୍ରାଣଶକ୍ତି ଜଡ଼, ନିଷ୍ପ୍ରାଣ ଶକ୍ତିକୁ ସ୍ପର୍ଶ କରି ତନ୍ମଧ୍ୟସ୍ଥ ସୁପ୍ତ, ନିଦ୍ରିତ ପ୍ରାଣଶକ୍ତିକୁ ଉତ୍ସାରିତ କଲା । ଊର୍ଦ୍ଧ୍ୱଲୋକର ପ୍ରାଣଶକ୍ତିର କର ସ୍ପର୍ଶରେ ଏବଂ ଜଡ଼ ମଧ୍ୟସ୍ଥ ଚେତନାର ଊର୍ଦ୍ଧ୍ୱ-ଗମନ ଫଳରେ ପ୍ରାଣଜଗତର ଆବିର୍ଭାବ ଘଟିଲା । ପ୍ରଥମେ ଏକକୋଷୀ ଜୀବଗଣ, ତା'ପରେ ବହୁକୋଷୀ ଜୀବ ଏବଂ ତା'ପରେ ଉଦ୍ଭିଦ ଜଗତ୍, ତା'ପରେ ପଶୁ ଜଗତର ଉଦ୍ଭବ । କିନ୍ତୁ ବିବର୍ତ୍ତନର ଧାରା ଏହିଠାରେ ବନ୍ଦ ନହୋଇ ଆହୁରି ଊର୍ଦ୍ଧ୍ୱଗମନର ପଥ ଖୋଜିଲା । ଜୀବଜନ୍ତୁ ଓ ପଶୁପକ୍ଷୀ ସୃଷ୍ଟ ହେବାର ବହୁବର୍ଷ ପରେ, କେତେ କୋଟି ବର୍ଷ ପରେ ସେହି ବିବର୍ତ୍ତନ ଧାରାରେ ଅନ୍ୟ ଏକ ଚେତନାର ବିକାଶ ଘଟିଲା । ତାହା ହେଲା ମନଃ-ଚେତନା । ଏହି ମନଃ-ଚେତନାକୁ ଧାରଣ କରିଥିବା ଜୀବଙ୍କୁ ମନୁଷ୍ୟ ବୋଲି କୁହାଯାଏ । ମନ, ବୁଦ୍ଧି, ବିଚାର, ପ୍ରଜ୍ଞା, ଯୁକ୍ତି ଓ ତର୍କ ଏସବୁ ପ୍ରବୃତ୍ତିଯୁକ୍ତ ପ୍ରାଣଠାରୁ ଗୁଣ ଧର୍ମରେ ଭିନ୍ନ । ଜଡ଼ର ଯେପରି ପ୍ରାଣଭୂମିରେ ଉତ୍ଥାନ ଏବଂ ପ୍ରାଣର ଯେପରି ଜଡ଼ ଭୂମିରେ ଅବତରଣ ଘଟିଲା; ଠିକ୍ ସେହିପରି ପ୍ରାଣ ମଧ୍ୟରେ ଚେତନାର ଊର୍ଦ୍ଧ୍ୱଗତି ଫଳରେ ତାହା ମନୋଭୂମିକୁ ଉଠିଗଲା ଏବଂ ଏହି ସନ୍ଧିକ୍ଷଣରେ ଊର୍ଦ୍ଧ୍ୱଭୂମିର ମନଃଶକ୍ତିର ଅବତରଣ ଫଳରେ ମନୋଲୋକ ତଥା ମନୋମୟ ଜଗତର ପ୍ରତିଷ୍ଠା ହେଲା । ଏହି ମନଃଶକ୍ତି ଯଦିଓ ପ୍ରାଣ ମଧ୍ୟରେ ସୁପ୍ତ ଓ ଗୋପନରେ ନିହିତ ଥିଲା, ତଥାପି ଊର୍ଦ୍ଧ୍ୱତନ ମନଃଶକ୍ତିର କ୍ରିୟା ଫଳରେ ତାହା ବିକଶିତ ହୋଇ ଉଠିଲା । ଏହି ମନଃଶକ୍ତିର ବିକାଶ ଓ ପ୍ରତିଷ୍ଠା ଫଳରେ ମନୋମୟ ଜୀବଗଣଙ୍କର ଆବିର୍ଭାବ ହେଲା – ମନୁଷ୍ୟଜୀବନ ଓ ସମାଜ ଜନ୍ମ ଲାଭ କଲା । ବିବର୍ତ୍ତନର ସନ୍ଧିକ୍ଷଣରେ ଦୁଇ ଶକ୍ତିର ସଂଯୋଗ ଘଟେ – ନିମ୍ନରୁ ଊର୍ଦ୍ଧ୍ୱକୁ ଉଠୁଥିବା ଶକ୍ତି ଏବଂ ତାକୁ ସହାୟତା ଓ ପ୍ରକାଶ କରିବା ପାଇଁ ଊର୍ଦ୍ଧ୍ୱରୁ ଅବତରି ଆସୁଥିବା ଶକ୍ତିର ସଂଯୋଗ ଘଟେ । ବିବର୍ତ୍ତନର ଅର୍ଥହିଁ ସୁପ୍ତ, ଗୁପ୍ତ, ପ୍ରଚ୍ଛନ୍ନ ଓ ଗୁହ୍ୟତମ ଶକ୍ତିରାଜିର ଧୀରେ ଧୀରେ ଊର୍ଦ୍ଧ୍ୱଗତି, ନିଜର ଉନ୍ମୋଚନ ଓ ପ୍ରକାଶ । ଯାହା ଅଭ୍ୟନ୍ତରରେ ନିବର୍ତ୍ତିତ, ନିଗୂଢ଼ ଓ ଅଜ୍ଞାତ ହୋଇ ରହିଛି ତାହା କ୍ରମଶଃ ବିବର୍ତ୍ତିତ, ବିକଶିତ ଓ ବ୍ୟକ୍ତ ହୁଏ । ସୃଷ୍ଟି ପ୍ରକ୍ରିୟାରେ ଏହି ଦୁଇଟି ଧାରା – ନିବର୍ତ୍ତନ (involution) ଏବଂ ବିବର୍ତ୍ତନ (evolution) ବରାବର କାର୍ଯ୍ୟ କରେ । ଏଠାରେ ଯେଉଁ ଯେଉଁ ଶକ୍ତିରାଜି ବିବର୍ତ୍ତିତ ହୋଇଛନ୍ତି, ସେହି ସେହି ଶକ୍ତିଗଣ ଊର୍ଦ୍ଧ୍ୱଲୋକରେ ସେମାନଙ୍କ ଯଥାର୍ଥ ସ୍ୱରୂପରେ ମଧ୍ୟ ବିରାଜିତ । ସୃଷ୍ଟି ପ୍ରକ୍ରିୟାରେ ସେଥିପାଇଁ ଏହି ଉଭୟ ଧାରା ଆରୋହଣ ଓ ଅବତରଣ ରହିଛି ।

## ନୂତନ ଶକ୍ତିର ଆବିର୍ଭାବ :

ଏହି ବିକାଶର ଧାରା ମନ ସ୍ତରରେ ସମାପ୍ତ ନହୋଇ ନହୋଇ ମନର ଊର୍ଦ୍ଧ୍ୱ ଏକ ପ୍ରଶସ୍ତ, ବିଶାଳ, ମହାନ୍ ଅଧ୍ୟାତ୍ମ ସ୍ତରକୁ ଖୋଲିଯିବାକୁ ଚାହେଁ । ଏହିଠାରେ ମନୁଷ୍ୟର ଅନ୍ତର୍ନିହିତ ଚିରନ୍ତନ ଆଶା ଓ ଅଭୀପ୍ସାସକଳ ଯଥାର୍ଥ ରୂପ ଗ୍ରହଣ କରିପାରେ । ମନୁଷ୍ୟ ଚିରକାଳ ଅମୃତ, ସତ୍ୟ, ଜ୍ୟୋତିଃ, ଶକ୍ତି ଓ ଅବିମିଶ୍ର ଆନନ୍ଦ ଚାହିଁଛି । ଏଗୁଡ଼ିକ ମର୍ତ୍ତ୍ୟଭୂମିରେ ପ୍ରାପ୍ତ ହେବା ଏପର୍ଯ୍ୟନ୍ତ ସମ୍ଭବ ହୋଇ ନାହିଁ । ମନୁଷ୍ୟର ଚେତନା ବିକଶିତ ହେବା ଫଳରେ ଏପରି ଏକ ନୂତନ ପ୍ରସ୍ଥ ଖୋଲିଯିବ, ଯେତେବେଳେ ମନୁଷ୍ୟର ବିକାଶଧାରାରେ, ଏପରିକି ସମଗ୍ର ସୃଷ୍ଟିରେ ଏକ ଚରମ ଓ ଚୂଡ଼ାନ୍ତ ରୂପାନ୍ତର ଦେଖାଦେବ ଏବଂ ମନୁଷ୍ୟୋତ୍ତର ଏକ ନୂତନ ଜୀବନ ମଧ୍ୟ ଦେଖାଦେବ ।

କିନ୍ତୁ ଏହା ସମ୍ଭବ ହେବ କିପରି ? ଊର୍ଦ୍ଧ୍ୱରୁ ଏକ ନୂତନ ଶକ୍ତି ଓ ଚେତନାର ଅବତରଣ ଫଳରେ । ବସ୍ତୁତଃ ଶ୍ରୀଅରବିନ୍ଦଙ୍କ ସାଧନାର ଏହାହିଁ ମୁଖ୍ୟ ବିଷୟ ।

ନୂତନ ସୃଷ୍ଟିର ଆବିର୍ଭାବର ବେଳ ଜାଣିପାରି ଶ୍ରୀଅରବିନ୍ଦ କଠୋର ସାଧନାରତ ହେଲେ । ବର୍ତ୍ତମାନ ପ୍ରାୟ ମାନସିକ ବିକାଶ ସମାପ୍ତ ହୋଇଯାଇଛି ଏବଂ ଏହାପରେ ଏକ ନୂତନ ଶକ୍ତି, ଜ୍ୟୋତିଃ ଓ ଜ୍ଞାନର ଆବିର୍ଭାବ ଘଟିବ । ଶ୍ରୀଅରବିନ୍ଦ ସ୍ୱୀୟ ସାଧନା ବଳରେ ଏହି ନୂତନ ଶକ୍ତିର ସାକ୍ଷାତ୍କାର କଲେ ଏବଂ ନିଜ ଚେତନା ସହ ତାହାକୁ ସଂଯୋଜିତ କରି, ନିଜ ମାଧ୍ୟମରେ, ମାନବଜାତିର ପ୍ରତିନିଧି ରୂପେ ତାହାକୁ ଏହି ମର୍ତ୍ତ୍ୟମଣ୍ଡଳରେ ଅବତରଣ କରାଇ କାର୍ଯ୍ୟକାରୀ କଲେ । ଏହି ବିଶାଳ ଦିବ୍ୟ-ଅଧ୍ୟାତ୍ମ ଶକ୍ତିର ନାମ ସେ ଅତିମାନସ ଶକ୍ତି ଦେଇଛନ୍ତି । ଏହି ଅଧ୍ୟାତ୍ମ ଶକ୍ତିକୁ କେନ୍ଦ୍ର କରି ତାଙ୍କର ସମସ୍ତ ଯୋଗ-ଦର୍ଶନ, କାବ୍ୟକିତା ରଚିତ ହୋଇଛି । ଏହି ନୂତନ ଶକ୍ତିର ଆବିର୍ଭାବ ଫଳରେ କିପରି ଏକ ନୂତନ ଚେତନାର ଆବିର୍ଭାବ ଘଟିବ ଏବଂ ମନୁଷ୍ୟର ସକଳ କାର୍ଯ୍ୟରେ ଏକ ଅଧ୍ୟାତ୍ମ ବିକାଶ ଘଟିବ ତାହା ମଧ୍ୟ ଶ୍ରୀଅରବିନ୍ଦ ସ୍ପଷ୍ଟ ରୂପେ ଘୋଷଣା କରିଛନ୍ତି । ଆମେମାନେ ଯେଉଁ ନୂତନ ଯୁଗ ଓ ନୂତନ ପୃଥିବୀ, ନୂତନ ସମାଜ, ନୂତନ ମନୁଷ୍ୟର କଥା ବାରଂବାର ଶୁଣୁଛୁ ତାହା ଏହି ଶକ୍ତି ଓ ଚେତନା ଉପରେ

ପ୍ରତିଷ୍ଠିତ । କୌଣସି ବାହ୍ୟ ପରିବର୍ତ୍ତନ ଦ୍ୱାରା ନୂତନ ଯୁଗ ଓ ନୂତନ ସମାଜ ପ୍ରତିଷ୍ଠିତ ହେବ ନାହିଁ, ବରଂ ଏକ ନୂତନ ଅଧ୍ୟାତ୍ମ ଚେତନାର ଉନ୍ମେଷ ଦ୍ୱାରା ଏହି କାର୍ଯ୍ୟ ସାଧିତ ହେବ ।

## ନୂତନ ଶକ୍ତିର କ୍ରିୟାହିଁ ରୂପାନ୍ତର :

ବର୍ତ୍ତମାନ ସର୍ବୋଚ୍ଚ ଦାବି ହେଲା ମନୁଷ୍ୟର ଏକ ଆମୂଳଚୂଳ ପରିବର୍ତ୍ତନ; ତା'ର ସ୍ୱଭାବ, ପ୍ରକୃତି, ଅଭ୍ୟାସ ଓ କର୍ମଧାରାର ଏକ ନିଶ୍ଚିତ ରୂପାନ୍ତର । ସେହି ପୁରାତନ ମନୁଷ୍ୟର ଜୀବନଧାରା, ଅଭ୍ୟାସ ଓ ପ୍ରକୃତିକୁ ଧରି ନୂତନ ସମାଜ ଓ ନୂତନ ଯୁଗ ସୃଷ୍ଟି ହୋଇ ନପାରେ । ଶ୍ରୀଅରବିନ୍ଦଙ୍କ ଭାଷାରେ :

"What we propose in our Yoga is nothing less than to break up the whole formation of our past and present which makes up the ordinary material and mental man and to create a new centre of vision and a new universe of activities in ourselves which shall constitute a divine humanity or a superhuman nature."

(*The Synthesis of Yoga,* p. 72)

ଅର୍ଥାତ୍, ଆମମାନଙ୍କର ଲକ୍ଷ୍ୟ ହେଲା ସାଧାରଣ ମନୁଷ୍ୟର ବର୍ତ୍ତମାନ ଓ ଅତୀତର ରୂପ ଓ ମୂର୍ତ୍ତିକୁ ଭାଙ୍ଗି ଦେଇ ତାହା ସ୍ଥାନରେ ଏକ ନୂତନ ଦୃଷ୍ଟି ଏବଂ ନୂତନ କର୍ମଧାରା ସୃଷ୍ଟି କରିବା ଯାହା ଏକ ଦିବ୍ୟ-ମାନବତ୍ୱ ବା ଅତିମାନବ ପ୍ରକୃତି ସୃଷ୍ଟି କରିବାରେ ସକ୍ଷମ ହେବ ।

ସୁତରାଂ ବର୍ତ୍ତମାନ ମୁହୂର୍ତ୍ତରେ ସମଗ୍ର ବିଶ୍ୱରେ ଯେଉଁ ଅଧ୍ୟାତ୍ମ ଧାରା ପ୍ରକାଶ୍ୟରେ ବା ଅପ୍ରକାଶ୍ୟରେ କାମ କରୁଛି ତାହା ମନୁଷ୍ୟ ଜୀବନକୁ ରୂପାନ୍ତରିତ କରିବା ନିମିତ୍ତ ଉଦ୍ଦିଷ୍ଟ । ବିବର୍ତ୍ତନର ଊର୍ଦ୍ଧ୍ୱଗତିରେ ମନୁଷ୍ୟ ଆଉ ଗୋଟିଏ ପାହାଚ ଉପରକୁ ଉଠିବ । କିନ୍ତୁ ଯେପର୍ଯ୍ୟନ୍ତ ମନୁଷ୍ୟ ନିମ୍ନ ସ୍ତରର ବିଭିନ୍ନ ଶକ୍ତି ଓ ଚେତନା ଦ୍ୱାରା ପରିଚାଳିତ ହେଉଛି, ସେପର୍ଯ୍ୟନ୍ତ ସେ ଊର୍ଦ୍ଧ୍ୱଶକ୍ତି ଦ୍ୱାରା ପରିଚାଳିତ ହୋଇ ପାରିବ ନାହିଁ । ଊର୍ଦ୍ଧ୍ୱଶକ୍ତିରାଜି କୌଣସି ନିମ୍ନ ସ୍ତରରେ, ନିମ୍ନ ଭୂମିରେ ପ୍ରତିଷ୍ଠିତ ହେବା ସମ୍ଭବ ନୁହେଁ । ନିମ୍ନଭୂମିର ସେଥିପାଇଁ ବିଶୁଦ୍ଧୀକରଣ ଓ ରୂପାନ୍ତର ଆବଶ୍ୟକ । ମନୁଷ୍ୟ ଯାହା ଥିଲା ସେଇୟା ରହିବ ଅଥଚ ଊର୍ଦ୍ଧ୍ୱଭୂମିକୁ ଉଠିଯିବ, ତାହା ସମ୍ଭବ ନୁହେଁ । ମନୁଷ୍ୟର ଏହି ଊର୍ଦ୍ଧ୍ୱଗତି ତାହାଠାରୁ ବହୁମୂଲ୍ୟ ଦାବି କରୁଛି । ଏପରିକି ଯେଉଁମାନେ ଏହି ମୂଲ୍ୟ ଦେବାକୁ ପ୍ରସ୍ତୁତ ନୁହନ୍ତି ସେମାନେ ହୁଏତ ଗୋଟାଏ ଗୁରୁତର ଅସୁବିଧାର ସମ୍ମୁଖୀନ ହେବେ । ଏହି ସମ୍ପର୍କରେ ଶ୍ରୀଅରବିନ୍ଦ ଘୋଷଣା କରିଛନ୍ତି :

"All life must be taken up but all life must be transformed; all must become a part, a form, an adequate expression of a spiritual being in the supramental nature. ... ... All forms of life activity that cannot bear the change must disappear, all that can bear it will survive and enter into the kingdom of the spirit. ..."

(*The Synthesis of Yoga,* p. 186)

ଅର୍ଥାତ୍, ସମଗ୍ର ଜୀବନକୁ ଗ୍ରହଣ କରିବାକୁ ହେବ କିନ୍ତୁ ସମଗ୍ର ଜୀବନକୁ ରୂପାନ୍ତରିତ କରିବାକୁ ହେବ । ସବୁକିଛି ସେହି ପୂର୍ଣ୍ଣାଙ୍ଗ ଅଧ୍ୟାତ୍ମ ଜୀବନ ବା ଅତିମାନସ-ଦିବ୍ୟ-ଜୀବନର ଅଂଶ, ରୂପ ଏବଂ ପର୍ଯ୍ୟାପ୍ତ ଅଭିବ୍ୟକ୍ତିରେ ପରିଣତ ହେବା ଉଚିତ । ...ଯେଉଁସବୁ ଜୀବନଧାରା ଏହି ପରିବର୍ତ୍ତନକୁ ସହ୍ୟ କରିପାରିବ ନାହିଁ ତାହା ପ୍ରାୟହିଁ ଉଭେଇ ଯିବ । ଯେଉଁମାନେ ଏହି ରୂପାନ୍ତରକୁ ବରଦାସ୍ତ କରି ପାରିବେ ସେମାନେ ରକ୍ଷା ପାଇବେ ଏବଂ ଅଧ୍ୟାତ୍ମ ରାଜ୍ୟ ମଧ୍ୟରେ ପ୍ରବେଶ କରିବେ ।...

ଏହି ଉକ୍ତିରୁ ସ୍ପଷ୍ଟ ଅନୁମିତ ହେଉଛି ଯେ... ପ୍ରତ୍ୟେକ ନୂତନ ଆବିର୍ଭାବର ବେଳ ଏକ ଘୋର ସନ୍ଧିକ୍ଷଣ । ଏକ ଦିଗରେ ନୂତନ ଆବିର୍ଭାବ, ଅନ୍ୟ ଦିଗରେ ଚରମ 'ଗ୍ଳାନି', ଧ୍ୱଂସ ଓ ବିଲୁପ୍ତି । କିନ୍ତୁ ଏହି ସନ୍ଧିକ୍ଷଣରେ ଭଗବାନ୍ ସ୍ୱୟଂ ଉପସ୍ଥିତ ହୋଇ ମୁହ୍ୟମାନ ମନୁଷ୍ୟକୁ ପଥ ଦେଖାନ୍ତି ବୋଲି ଶାସ୍ତ୍ରରେ ଉଲ୍ଲେଖ ଅଛି । ଏହି ନୂତନ ଯୁଗର ଅବତାରଣା ସେ ସ୍ୱୟଂ କରନ୍ତି । ଅତଏବ ନୂତନ ଯୁଗର ଯେଉଁ ଆହ୍ୱାନ ତାହା ଏକ ଭଗବତ୍ ଆହ୍ୱାନ । ମନୁଷ୍ୟ ଇଚ୍ଛା କଲେ ତାହାର ମାନବିକ ପରିଧାନକୁ ଛାଡ଼ି ଦିବ୍ୟ-ଚେତନା ଓ ଦିବ୍ୟ-ଶକ୍ତିରେ ଅଭିଷିକ୍ତ ହୋଇପାରେ । ଏହା ଯେ କେବଳ ଏକ ଆଶା ତାହା ନୁହେଁ, ଏହା ନିଶ୍ଚୟ ସଂଘଟିତ ହେବ । ଶ୍ରୀଅରବିନ୍ଦ ଅଭ୍ରାନ୍ତ କଣ୍ଠରେ ଘୋଷଣା କରିଛନ୍ତି :

"It is not a hope but a certitude that the complete transformation of the nature will take place." (*Letters on Yoga II,* p. 404)

ଅର୍ଥାତ୍, ଏହା କେବଳ ଆଶାର ବିଷୟ ନୁହେଁ ବରଂ ଏହା ନିଶ୍ଚିତ ଯେ ମନୁଷ୍ୟ ପ୍ରକୃତିର ଚରମ ରୂପାନ୍ତର ଘଟିବ । ✤

# ସିଦ୍ଧି ଦିବସ


## ଶ୍ରୀ ପଞ୍ଚାନନ ମହାନ୍ତି


୧୯୨୬ ମସିହା ବେଳକୁ ସାଧକମାନଙ୍କ ସଂଖ୍ୟା ପ୍ରାୟ ପଚିଶ ହୋଇଯାଇଥିଲା । ଏହି ବର୍ଷର ସନ୍ଧ୍ୟାବେଳର ଆଲୋଚନା ବେଳେ ଶ୍ରୀଅରବିନ୍ଦ ଅନେକ ସମୟରେ ଅତିମାନସ ଯୋଗ ବିଷୟରେ ସୂଚନା ଦେଉଥିଲେ । ସେହି ବର୍ଷ ନଭେମ୍ବର ମାସରେ ଥରେ ସେ କହିଥିଲେ –

''ମୁଁ ଅତିମାନସକୁ ଅବତରଣ କରି ଆଣିବା ପାଇଁ ଚେଷ୍ଟା କରୁଛି, ତାହା ନିଶ୍ଚୟ ଘଟିବ । ଅତିମାନସ ଅବତରଣ ପାଇଁ ପରିସ୍ଥିତି ସୃଷ୍ଟି ହେବ । ସେତେବେଳେ ପ୍ରାଣସ୍ତରରେ ଓ ଜଡ଼ସ୍ତରରେ କୌଣସି ଅସ୍ୱଷ୍ଟତା ରହିବ ନାହିଁ । ସର୍ବୋତ୍ତମ ଦୃଷ୍ଟିରୁ ବିଚାର କଲେ ଜଣାଯିବ ଯେ ଅତିମାନସର ଅବତରଣ ସ୍ଥିର ନିଧାର୍ଯ୍ୟ, ତୁମେ ତା'ର ପଥରୋଧ କରିପାରିବ ନାହିଁ ।''

[Evening Talks, pp. 293-94]

ନଭେମ୍ବର ମାସ ୬ ତାରିଖ ଦିନ କଥାବାର୍ତ୍ତା ବେଳେ ଶ୍ରୀଅରବିନ୍ଦ 'ଅଧିମାନସ' (Overmind) ବିଷୟରେ ସୂଚନା ଦେଇ କହିଥିଲେ ଯେ ଏହି ଭୂମି ଅତିମାନସ ଭୂମିର ନିମ୍ନସ୍ତରର ଭୂମି । ଏହା ଦେବତାମାନଙ୍କର ଜଗତ୍ (World of Gods) । ପ୍ରଥମେ ଏହି ଅଧିମାନସର ଶକ୍ତି ଅବତରଣ କରିପାରେ ଯାହାଫଳରେ ଅତିମାନସର ଅବତରଣ ପାଇଁ କ୍ଷେତ୍ର ପ୍ରସ୍ତୁତ ହୋଇପାରିବ । ସେତେବେଳକୁ ଅଧିକରୁ ଅଧିକ ସାଧକ ଶ୍ରୀମାଙ୍କ ସହିତ ଧ୍ୟାନ କରିବା ପାଇଁ ଓ ତାଙ୍କଠାରୁ ଆଧ୍ୟାତ୍ମିକ ପରାମର୍ଶ ନେବାକୁ ଆସୁଥିଲେ । ଆଶ୍ରମର ବାହ୍ୟ ପରିଚାଳନା ସହିତ ସାଧକମାନଙ୍କ ଆନ୍ତର ପ୍ରସ୍ତୁତି କାର୍ଯ୍ୟର ଦାୟିତ୍ୱ କ୍ରମେ ଶ୍ରୀଅରବିନ୍ଦ ଶ୍ରୀମାଙ୍କ ଉପରେ ନ୍ୟସ୍ତ କଲେ । ସେ ଅଧିକରୁ ଅଧିକ ନିଜ ସାଧନାରେ ଲାଗି ରହିଲେ । ସାଧକମାନଙ୍କର ଅନୁଭବ ହେଲା ଯେ ନିଶ୍ଚୟ କିଛି ନୂତନ ଘଟଣା ଘଟିବାକୁ ଯାଉଛି । ପୂର୍ବରୁ ଶ୍ରୀଅରବିନ୍ଦ ଶ୍ରୀମାଙ୍କୁ 'ମୀରା' ବୋଲି ସମ୍ବୋଧନ କରୁଥିଲେ । ଦେଖାଗଲା ଯେ ସେ 'ମୀରା' ନ ଡାକି ଅନେକ ସମୟରେ 'ମ'ରେ ରହିଯାଉଥିଲେ । କେଉଁ ମୁହୂର୍ତ୍ତରେ ସେ 'ମୀରା' ଛାଡ଼ି 'ମା' ସମ୍ବୋଧନ କଲେ ସେ କଥା କେହି ଜାଣିପାରିଲେ ନାହିଁ । ପରେ ଶ୍ରୀଅରବିନ୍ଦଙ୍କ ସହିତ ସାଧକମାନେ ମଧ୍ୟ ତାଙ୍କୁ 'ମା' ବୋଲି ସମ୍ବୋଧନ କଲେ ।

ଶେଷରେ ସେହି ବିଶେଷ ଦିନଟି – ୧୯୨୬ ମସିହା ନଭେମ୍ବର ମାସ ୨୪ ତାରିଖ ଆସିଗଲା । ଶ୍ରୀମା ଜାଣିପାରିଲେ ଯେ ଏକ ବିଶେଷ ଅବତରଣ ଘଟିଛି । ସେ ସାଧକମାନଙ୍କ ନିକଟକୁ ସମ୍ବାଦ ପଠାଇ ଶୀଘ୍ର ଧ୍ୟାନ ପାଇଁ ଉଦ୍ଦିଷ୍ଟ ବାରଣ୍ଡାରେ ଏକତ୍ରିତ ହେବା ପାଇଁ ଜଣାଇଦେଲେ । ସନ୍ଧ୍ୟା ୬ଟା ବେଳକୁ ଅଧିକାଂଶ ସାଧକ ପହଞ୍ଚି ଯାଇଥିଲେ । ଶ୍ରୀଅରବିନ୍ଦଙ୍କ ଘରର ଦ୍ୱାରଦେଶରେ ଠିକ୍ ତାଙ୍କ ଚେୟାରର ପଶ୍ଚାତ୍‌ରେ ଖଣ୍ଡେ କୃଷ୍ଣବର୍ଣ୍ଣର ରେଶମୀ ପରଦା ଟଙ୍ଗା ଯାଇଥିଲା । ସେଥିରେ ଚୀନ ଦେଶରେ ପ୍ରଚଳିତ ତିନିଟି ପକ୍ଷ ଓ ନଖ ବିଶିଷ୍ଟ ଅଦ୍ଭୁତ ସର୍ପର (Chineese dragons) ତିନୋଟି ଚିତ୍ର ସୁନେଲି ସୂତାରେ ବୁଣାଯାଇଥିଲା । ଚିତ୍ରରୁ ଦେଖା ଯାଉଥିଲା ଯେ ଗୋଟିଏ ସର୍ପର ଲାଞ୍ଜ ଅନ୍ୟ ସର୍ପର ମୁଖ ପର୍ଯ୍ୟନ୍ତ ଲାଗିଥିଲା । ପରେ ସାଧକମାନେ ଜାଣିପାରିଲେ ଯେ ଚୀନ ଦେଶରେ ଗୋଟିଏ ଭବିଷ୍ୟବାଣୀ ପ୍ରଚଳିତ ଥିଲା ଯେ, ଯେତେବେଳେ ଏପରି ତିନିଟି ଅଦ୍ଭୁତ ସର୍ପ ଏକତ୍ରିତ ହେବେ ସେତେବେଳେ ସତ୍ୟ ପ୍ରକାଶିତ ହେବ । ସେଦିନ ସେହି ପରଦା ଟଣାଯିବାର ତାତ୍ପର୍ଯ୍ୟ ଥିଲା ଯେ, ସେହି ଦିବସରେ ଯଥାର୍ଥରେ ସତ୍ୟର ଅବତରଣ ଘଟିଥିଲା ।

ସମସ୍ତେ ନୀରବରେ ବସି ରହିଥିଲେ । ସେମାନଙ୍କ ମସ୍ତକ ଉପରେ ଏକ ଅଦ୍ଭୁତ ଚାପ ଅନୁଭବ କରୁଥିଲେ । ବାତାବରଣ ଗମ୍ଭୀର ଥିଲା । ପ୍ରଥମେ ଶ୍ରୀମା ଗୃହ ମଧ୍ୟରୁ ପାଦ ବଢ଼ାଇ ଆସିଲେ ଓ ତାଙ୍କ ପରେ ଶ୍ରୀଅରବିନ୍ଦ ପ୍ରାର୍ଥନା ଗୃହ ମଧ୍ୟକୁ ପ୍ରବେଶ କଲେ ଏବଂ ଚେୟାରରେ ବସିଲେ । ଶ୍ରୀମା ତାଙ୍କ ଡାହାଣରେ ଗୋଟିଏ ଛୋଟ ଷ୍ଟୁଲ୍ ଉପରେ ବସିଲେ । ପ୍ରାୟ ୪୫ ମିନିଟ ଧ୍ୟାନ ହେଲା । ପରେ ଜଣ ଜଣ କରି ସମସ୍ତେ ଶ୍ରୀମାଙ୍କୁ ପ୍ରଣାମ କଲେ । ଶ୍ରୀମା ଓ ଶ୍ରୀଅରବିନ୍ଦ ଏକସଙ୍ଗେ ହସ୍ତ ପ୍ରସାରଣ କରି ପ୍ରତ୍ୟେକଙ୍କୁ ଆଶୀର୍ବାଦ କଲେ । ଆଶୀର୍ବାଦ ପରେ ମଧ୍ୟ କିଛି କ୍ଷଣ ଧ୍ୟାନ ହୋଇଥିଲା । ଶ୍ରୀଅରବିନ୍ଦ ଓ ଶ୍ରୀମା ଗୃହ ମଧ୍ୟକୁ ଚାଲିଗଲେ । ହଠାତ୍ ସାଧିକା ଦତ୍ତା କହି ଉଠିଲେ, ''ଭଗବାନ୍ ଆଜି ସ୍ଥୂଳ ଚେତନା ମଧ୍ୟକୁ ଅବତରଣ କରିଛନ୍ତି ।'' ଏହି ୨୪ ନଭେମ୍ବର ଦିନଟି ''ସିଦ୍ଧି ଦିବସ''

ଭାବେ ପାଳିତ ହୋଇଆସୁଛି । ଏହି ଦିବସରେ ଦେବଭୂମି ବା ଅଧିମାନସ ଜଗତର (World of Gods or Overmind World) ଅବତରଣ ଘଟିଲା । ଏହାକୁ ଶ୍ରୀଅରବିନ୍ଦ ''ସ୍ଥୂଳ ଚେତନା ମଧ୍ୟକୁ ଶ୍ରୀକୃଷ୍ଣ ଚେତନାର ଅବତରଣ'' ବୋଲି ମଧ୍ୟ କହିଛନ୍ତି । ଦିବ୍ୟଜୀବନ ଗ୍ରନ୍ଥରେ ସେ ଏହି ଜଗତ୍ ବିଷୟରେ ଲେଖିଛନ୍ତି –

''ଯଦି ଆମେ ଭଗବାନଙ୍କର ବିଭିନ୍ନ ଶକ୍ତିରାଜି (Power of Reality)କୁ କେତେଗୁଡ଼ିଏ ଦେବତା ବୋଲି ଗ୍ରହଣ କରୁ ତେବେ ଆମେ କହିପାରିବା ଯେ ଅଧିମାନସର ଚେତନାରୁ ଲକ୍ଷ ଲକ୍ଷ ଦେବାଦେବୀ କ୍ରିୟାଶୀଳ ହୁଅନ୍ତି – ପ୍ରତ୍ୟେକଙ୍କୁ ନିଜ ନିଜର ଜଗତ୍ ସୃଷ୍ଟି କରିବା ପାଇଁ ସ୍ୱାଧୀନତା ଦିଆଯାଇଥାଏ । ସେମାନେ ମଧ୍ୟ ଅନ୍ୟ ଦେବାଦେବୀଙ୍କ ଜଗତ୍ ସହିତ ସମ୍ପର୍କ ସ୍ଥାପନ କରିପାରନ୍ତି । ବେଦରେ ଦେବାଦେବୀମାନଙ୍କ ସ୍ୱରୂପ ବିଷୟରେ ବର୍ଣ୍ଣନା ରହିଛି । କୁହାଯାଇଛି ସେମାନେ ସମସ୍ତେ ସେହି ପରାତ୍ପର ପରମେଶ୍ୱରଙ୍କ ସ୍ୱରୂପ । ମୁନି, ଋଷିମାନେ ତାଙ୍କୁ ବିଭିନ୍ନ ନାମରେ ନାମିତ କରିଛନ୍ତି । ପ୍ରତ୍ୟେକ ଦେବତାଙ୍କୁ ସେହି ପରାତ୍ପର ପରମେଶ୍ୱରଙ୍କ ସ୍ୱରୂପ ବୋଲି ବିଚାର କରି ଉପାସନା କରାଯାଏ । ପୁଣି ପ୍ରତ୍ୟେକ ଦେବତା ଅନ୍ୟସବୁ ଦେବତାଙ୍କ ସ୍ୱରୂପ ଅଟନ୍ତି ଅଥବା ତାଙ୍କ ମଧ୍ୟରେ ସେମାନଙ୍କୁ ଧାରଣ କରନ୍ତି ।''

(If we regard the Powers of the Reality as so many Godheads, we can say that the Overmind releases a million Godheads into action, each empowered to create its own world, each world capable of relation, communication and interplay with the others. There are in the Veda different formulations of the nature of the Gods : it is said they are all one Existence to which the sages give different names; yet each God is worshipped as if he by himself is that Existence, one who is all the other Gods together or contains them in his being.

– SABCL,Vol - 18, p. 294)

ଏହି ଦିବସର ଅନ୍ୟ ବିଶେଷ ତାତ୍ପର୍ଯ୍ୟ ହେଲା ସେହିଦିନଠାରୁ ଶ୍ରୀଅରବିନ୍ଦ ଅନ୍ତରାଳକୁ ଚାଲିଗଲେ । ଶ୍ରୀମା ସାଧନାର ଓ ଆଶ୍ରମର ପୂର୍ଣ୍ଣ ଦାୟିତ୍ୱ ଗ୍ରହଣ କଲେ । ଶ୍ରୀଅରବିନ୍ଦ ଆଶ୍ରମ ବୋଲି ଆଜି ଯାହା ଆମେ ଦେଖୁଛୁ ତାହା ସେହି ଦିନଠାରୁ ଆନୁଷ୍ଠାନିକ ଭାବେ ପ୍ରତିଷ୍ଠିତ ହେଲା । ଶ୍ରୀଅରବିନ୍ଦ ବର୍ଷରେ ତିନିଟି ଦିନରେ ଦର୍ଶନ ଦେଲେ । ସେହି ଦିନଗୁଡ଼ିକ ହେଲା ୨୧ ଫେବ୍ରୁଆରୀ (ଶ୍ରୀମାଙ୍କ ଜନ୍ମଦିବସ), ୧୫ ଅଗଷ୍ଟ (ଶ୍ରୀଅରବିନ୍ଦଙ୍କ ଜନ୍ମଦିବସ), ୨୪ ନଭେମ୍ବର (ସିଦ୍ଧି ଦିବସ) । ୧୯୩୯ ଠାରୁ ୨୪ ଏପ୍ରିଲ (ଶ୍ରୀମାଙ୍କ ଶେଷଥର ପଣ୍ଡିଚେରୀ ଆଗମନ ଦିବସ) ଦିନଟିକୁ ଚତୁର୍ଥ ଦର୍ଶନ ଦିବସ ଭାବେ ଗ୍ରହଣ କରାଗଲା ।

ଏହି ସିଦ୍ଧି ଦିବସ ଦିନ ୨୪ ଜଣ ସାଧକ ପଣ୍ଡିଚେରୀଠାରେ ଉପସ୍ଥିତ ଥିଲେ । ସେମାନେ ହେଲେ – ବିଜୟ କୁମାର ନାଗ, ନଳିନୀକାନ୍ତ ଗୁପ୍ତ, କେ. ଅମୃତା, ମଣି (ସୁରେଶ ଚକ୍ରବର୍ତ୍ତୀ), ପବିତ୍ର, ବାରୀନ୍ଦ୍ର କୁମାର ଘୋଷ, ଦତ୍ତା, କେ. ରାଜଙ୍ଗମ୍, ସତ୍ୟେନ୍, ପୁରାଣୀ, ପୁନମ୍ ଚାନ୍ଦ, ଚମ୍ପା ବେନ୍, ଲୀଳାବତୀ, ରଜନୀକାନ୍ତ ପାଲିତ, ଡଃ ଉପେନ୍ଦ୍ରନାଥ ବାନାର୍ଜୀ, ଚମ୍ପକଲାଲ, କାନାଇଲାଲ ଗାଙ୍ଗୁଲି, କ୍ଷିତୀଶ ଚନ୍ଦ୍ର ଦତ୍ତ, ଭି. ଚନ୍ଦ୍ରଶେଖରନ୍, ପୂଜାଲାଲ, ପୁରୁଷୋତ୍ତମ ପଟେଲ, ରତି ପାଲିତ, ରାମଭାଇ ପଟେଲ ଓ ନନୀବାଲା ।

[Life of Sri Aurobindo by A. B. Purani, 1978 Edition pp. 217]

ପ୍ରଚଳିତ ଭାରତୀୟ ସାମାଜିକ ଜୀବନ ଓ ବେଦାନ୍ତ ଦର୍ଶନର ଧାରା ଅନୁସାରେ ସାଧନା ଓ ସିଦ୍ଧିର ସ୍ୱରୂପ ବିଷୟରେ ଏଠାରେ କିଛି ଆଲୋଚନା କରାଯାଇପାରେ । ଆମ ଦେଶର ସାମାଜିକ ଜୀବନରେ ବେଦ ଓ ଉପନିଷଦ୍ ଯୁଗରୁ ଚାରିଟି ମୁଖ୍ୟ ଲକ୍ଷ୍ୟ ନିର୍ଦ୍ଧାରଣ କରାହୋଇ ଆସିଛି । ସେସବୁ ହେଲା – ଧର୍ମ, ଅର୍ଥାତ୍ କର୍ତ୍ତବ୍ୟ କର୍ମ କରି ଧର୍ମାଚରଣ କରିବା; ଅର୍ଥ ବା ଅର୍ଥ ଉପାର୍ଜନ କରିବା; କାମ ଅର୍ଥାତ୍ କାମନା ବାସନା ପୂର୍ଣ୍ଣ କରିବା ଓ ମୋକ୍ଷ ବା ଆତ୍ମାର ମୁକ୍ତି ସାଧନ କରିବା । ବ୍ୟକ୍ତି-ଆତ୍ମା ହେଉଛି ଭଗବାନଙ୍କର ସ୍ଫୁଲିଙ୍ଗ । ଆତ୍ମା ଅବିନଶ୍ୱର ଓ ମୁକ୍ତ । କିନ୍ତୁ ସେ ମାୟାର ପ୍ରଭାବରେ ଇନ୍ଦ୍ରିୟମାନଙ୍କ ବନ୍ଧନରେ ପଡ଼ିଯାଇଛି । ଫଳରେ ଅହଙ୍କାରର ବଶବର୍ତ୍ତୀ ହୋଇ ବ୍ୟକ୍ତି ଯେଉଁସବୁ କାର୍ଯ୍ୟ କରି ଚାଲିଛି ତାହା ପରିଣାମରେ ଦୁଃଖ ଓ ଯନ୍ତ୍ରଣା ଆଣି ଦେଉଛି । ବ୍ୟକ୍ତି ସ୍ଥାୟୀ ସୁଖ ଓ ଶାନ୍ତି ପାଇ ପାରୁ ନାହିଁ । ଯୋଗ ସାଧନା ଫଳରେ ବ୍ୟକ୍ତିର ଆତ୍ମା ସେହି ମୋହ

ବନ୍ଧନରୁ ମୁକ୍ତ ହୁଏ । ତାହା ହେଉଛି ବ୍ୟକ୍ତି ଜୀବନର ଶେଷ ଲକ୍ଷ୍ୟ – ମୋକ୍ଷ ବା ଭଗବତ୍ ପ୍ରାପ୍ତି । ଏହି ଅବସ୍ଥା ପ୍ରାପ୍ତିକୁ ସାଧନାରେ ସିଦ୍ଧି ବୋଲି କୁହାଯାଏ । ସିଦ୍ଧ ପୁରୁଷ ଯେ କି ଅଧ୍ୟାତ୍ମ ସିଦ୍ଧି ଲାଭ କରିଛନ୍ତି ସେ ସବୁବେଳେ ଭଗବତ୍ ଚେତନାରେ ରହି ସାଂସାରିକ କାର୍ଯ୍ୟ କରିପାରନ୍ତି ବା ନିଜକୁ କର୍ମବନ୍ଧନରୁ ମୁକ୍ତ କରି ସବୁବେଳେ ଭଗବତ୍ ଚେତନାରେ ରହିପାରନ୍ତି । ଏ ସଂସାରକୁ ପ୍ରତ୍ୟାଖ୍ୟାନ କରିପାରନ୍ତି । ଏହି ନିଷ୍ପତ୍ତି ସିଦ୍ଧ ବ୍ୟକ୍ତିହିଁ ନିଜେ ନିଅନ୍ତି କାରଣ ସେହି ଚେତନାରେ ତାଙ୍କୁ ପରାମର୍ଶ ଦେବାର ଅଧିକାର ଆଉ କାହାର ନାହିଁ । ବୁଦ୍ଧଦେବ ସାଧନାରେ ସିଦ୍ଧିଲାଭ କଲାପରେ ନିର୍ବାଣରେ ଲୀନ ହୋଇଯିବାକୁ ଚାହିଁ ନଥିଲେ । ସେ ଶିଷ୍ୟମାନଙ୍କୁ କହିଥିଲେ, ''ଏ ପୃଥିବୀରେ ଜଣେ ବ୍ୟକ୍ତି ଦୁଃଖ ଯନ୍ତ୍ରଣାରେ ଥିବା ପର୍ଯ୍ୟନ୍ତ ମୁଁ ତାହାର ନିରାକରଣ ପାଇଁ ଚେଷ୍ଟା କରି ଚାଲିବି, ସେପର୍ଯ୍ୟନ୍ତ ମୋର ନିର୍ବାଣ ପ୍ରାପ୍ତି ଅପେକ୍ଷା କରିବ ।''

ସାଧାରଣତଃ ସାଧନାରେ ସିଦ୍ଧିଲାଭ ଫଳରେ ସାଧକ କୌଣସି ନୂତନ ସତ୍ୟ ପ୍ରାପ୍ତ କରନ୍ତି ଓ ସେ ବିଷୟ ସମସ୍ତଙ୍କୁ ଜଣାଇ ଦେବାକୁ ଚାହାନ୍ତି । ଅନେକେ ତାଙ୍କର ଶିଷ୍ୟତ୍ୱ ଗ୍ରହଣ କରନ୍ତି । କେହି କେହି ସିଦ୍ଧ ପୁରୁଷ ଦେଶ ଭ୍ରମଣ କରି ସତ୍ୟର ପ୍ରଚାର ମଧ୍ୟ କରିଥା'ନ୍ତି । ଗୌତମ ବୁଦ୍ଧ, ମହାବୀର ଜୈନ, ଶଙ୍କରାଚାର୍ଯ୍ୟ ଓ ସ୍ୱାମୀ ବିବେକାନନ୍ଦଙ୍କ ପରି ଅନେକ ସିଦ୍ଧସାଧକ ସେମାନଙ୍କ ବାଣୀ ପ୍ରଚାର କରି ଯାଇଛନ୍ତି । ଯିଶୁଖ୍ରୀଷ୍ଟ, ମହମ୍ମଦ ଓ ବାହାଉଲ୍ଲାଙ୍କ ଯୋଗୁଁ ଯଥାକ୍ରମେ ଖ୍ରୀଷ୍ଟଧର୍ମ, ଇସଲାମ ଧର୍ମ ଓ ବାହାଇ ଧର୍ମ ପ୍ରତିଷ୍ଠା ହୋଇଥିଲା । ପୂର୍ବକାଳର ମୁନି, ଋଷିମାନେ ତପସ୍ୟାରେ ସିଦ୍ଧିଲାଭ କଲେ ମଧ୍ୟ ପୂର୍ବପରି ତପସ୍ୱୀ ଜୀବନ ଯାପନ କରୁଥିଲେ । ରାଜା, ମହାରାଜା ଓ ସାଧାରଣ ଗୃହସ୍ଥ ଲୋକମାନେ ସେମାନଙ୍କଠାରୁ ଆଧ୍ୟାତ୍ମିକ ରହସ୍ୟ ବିଷୟ ଜାଣୁଥିଲେ । ଏହି ପରିପ୍ରେକ୍ଷୀରେ ବିଚାର କଲେ ଆମେ ଦେଖିବା ଯେ ଶ୍ରୀଅରବିନ୍ଦଙ୍କ ସାଧନା ଓ ସିଦ୍ଧି ସମ୍ପୂର୍ଣ୍ଣ ଭିନ୍ନ ଧରଣର ଥିଲା ଓ ସେ କେବେହେଲେ ତାଙ୍କର ଯୋଗଲବ୍ଧ ସତ୍ୟକୁ ପ୍ରଚାର କରିବାକୁ ଚାହିଁ ନଥିଲେ ।

୨୪ ନଭେମ୍ବର ୧୯୨୬ ଦିନଟିକୁ ସିଦ୍ଧି ଦିବସ ବୋଲି କୁହାଯାଉଛି । ସେହିଦିନ ଶ୍ରୀଅରବିନ୍ଦ ଅଧିମାନସ ଚେତନାକୁ ପୃଥିବୀପୃଷ୍ଠରେ ପ୍ରତିଷ୍ଠା କରିବା ଫଳରେ ଅତିମାନସ ଚେତନା ସହିତ ଯୋଗାଯୋଗ ସ୍ଥାପନ କରି ପାରିଥିଲେ । ଶ୍ରୀଅରବିନ୍ଦଙ୍କ ଜୀବନ ବିଷୟ ଆଲୋଚନା କଲାବେଳେ ଆମେ ଦେଖିଛେ ଯେ ବହୁ ପୂର୍ବରୁ ବିଭିନ୍ନ ସମୟରେ ତାଙ୍କର ଦିବ୍ୟ-ଅନୁଭୂତିମାନ ହୋଇଥିଲା । ପରେ ୧୯୦୮ ମସିହା ଜାନୁଆରୀ ମାସରେ ଯୋଗୀ ଲେଲେଙ୍କ ସହାୟତାରେ ବରୋଦାଠାରେ ତାଙ୍କର ଏକ ମହାନ୍ ଆଧ୍ୟାତ୍ମିକ ଅନୁଭୂତି ହୋଇଥିଲା । ସେତେବେଳେ ଏକ ଦିବ୍ୟ-ପ୍ରଶାନ୍ତି ତାଙ୍କ ମସ୍ତକରେ ଅବତରଣ କରିଥିଲା । ସେହିଦିନଠାରୁ ତାଙ୍କର ଅନ୍ତରାତ୍ମା ତାଙ୍କ ସାଧନାର ଦାୟିତ୍ୱ ନେଇ ଆସିଛନ୍ତି । ଶେଷରେ ଆଲିପୁର ଜେଲରେ ଥିଲାବେଳେ ତାଙ୍କର ଯୋଗସିଦ୍ଧି ହୋଇଥିଲା । ସେ ଜଗତକୁ ବାସୁଦେବ ସ୍ୱରୂପରେ ଦେଖିଥିଲେ । ସେହିଦିନଠାରୁ ପ୍ରକୃତରେ ତାଙ୍କର ଯୋଗସିଦ୍ଧି ହୋଇସାରିଥିଲା । କିନ୍ତୁ ସେ ସେତିକିରେ ସନ୍ତୁଷ୍ଟ ନ ରହି ଭଗବତ୍ ନିର୍ଦ୍ଦେଶରେ ନିଜର ବ୍ୟକ୍ତିଗତ ମୁକ୍ତିକୁ ଆଡ଼େଇ ଦେଇ ଜଗତର କଲ୍ୟାଣ ପାଇଁ ପ୍ରଥମେ ଚନ୍ଦନନଗରଠାରେ ଓ ପରେ ପଣ୍ଡିଚେରୀଠାରେ ସାଧନାରେ ଲିପ୍ତ ରହିଥିଲେ । ଏପରିକି ୨୪ ନଭେମ୍ବର ୧୯୨୬ ଦିନର ସିଦ୍ଧି ପରେ ମଧ୍ୟ ଅନ୍ତରାଳକୁ ଯାଇ ଅଧିକ କଠୋର ସାଧନାରେ ଲାଗି ରହିଥିଲେ । ସେ ଆଧ୍ୟାତ୍ମିକତାର ପ୍ରଚାର କରିବାକୁ ଚାହିଁ ନଥିଲେ । ଆଧ୍ୟାତ୍ମିକ ଶକ୍ତି ସାହାଯ୍ୟରେ ସାଧାରଣ ପାର୍ଥିବ ଜୀବନର ରୂପାନ୍ତର ତାଙ୍କ ସାଧନାର ଲକ୍ଷ୍ୟ ଥିଲା । ଏ ଜଗତ୍ ଯଦି ଭଗବାନଙ୍କର ପ୍ରକାଶ ତେବେ ଏଥିରେ ଏତେ ବିକୃତି କାହିଁକି ? ବିବର୍ତ୍ତନ ଧାରାରେ ଦିନେ ନା ଦିନେ ସତ୍ୟର ପ୍ରକାଶ ହେବ । ତେବେ ଯୋଗ ବଳରେ ତାହାକୁ ତ୍ୱରାନ୍ୱିତ କରାଯାଇ ପାରେ । ସେହି ଲକ୍ଷ୍ୟରେ ୧୯୨୬ ପରେ ଅତିମାନସ ସତ୍ୟର ଅବତରଣ ପାଇଁ ତାଙ୍କର କଠୋର ତପସ୍ୟା । ଲକ୍ଷ୍ୟ ହେଲା – ମନ, ପ୍ରାଣ, ଶରୀରର ରୂପାନ୍ତର ଓ ଏହି ଧରାପୃଷ୍ଠରେ ଦିବ୍ୟଜୀବନର ପ୍ରତିଷ୍ଠା ।

('ତପୋଭୂମି ପଣ୍ଡିଚେରୀ' ପୁସ୍ତକରୁ ସଂଗୃହୀତ, ପୃଷ୍ଠା - ୯୫-୯୯) ✤

# ଲକ୍ଷ୍ୟ ପଛରେ ଲାଗି ରହିବା


## ଶ୍ରୀ ବିଶ୍ୱମ୍ଭର ସାମନ୍ତ


''କିନ୍ତୁ ପଥ ତଥାପି ଦୀର୍ଘ – ଦୀର୍ଘ, ଦୀର୍ଘ । ମୁଁ ଅନୁଭବ କରୁଛି ଏହା ଅତି ଦୀର୍ଘ । ତୁମକୁ ଦୀର୍ଘସ୍ଥାୟୀ ଭାବରେ ତିଷ୍ଠି ରହିବାକୁ ହେବ, ଲାଗି ରହିବାକୁ ହେବ; ସର୍ବୋପରି ଏହାହିଁ ମୋର ଅନୁଭବ । ତୁମର ସହ୍ୟ କରିବାର ଶକ୍ତି ରହିବା ଦରକାର । ଏହି ଦୁଇଟି ଜିନିଷ ନିତାନ୍ତ ଅପରିହାର୍ଯ୍ୟ – ସହ୍ୟ କରିବାର ଶକ୍ତି, ଏବଂ ଏପରି ଏକ ବିଶ୍ୱାସ ଯାହାକୁ କୌଣସି କିଛି ଟଳାଇ ଦେଇ ପାରିବ ନାହିଁ, ଦୋହଲାଇ ଦେଇ ପାରିବ ନାହିଁ, ଏପରିକି ଆପାତ ଦୃଷ୍ଟିରେ ସବୁକିଛି ଏହାର ସମ୍ପୂର୍ଣ୍ଣ ବିପରୀତ ବା ନେତିବାଚକ ବୋଲି ମନେ ହେଲେ ମଧ, ଏପରିକି ଯଦି ବି ତୁମକୁ ଦୁଃଖ ଭୋଗ କରିବାକୁ ପଡ଼େ; ଏପରିକି ତୁମର ଅବସ୍ଥା ଯଦି ଶୋଚନୀୟ ହୁଏ (ଶରୀର କ୍ଷେତ୍ରରେ ମୁଁ ଏହା କହୁଛି), ଯଦି ବି ତୁମେ କ୍ଳାନ୍ତ ହୋଇପଡ଼ – ତଥାପି ତୁମକୁ ସହ୍ୟ କରିବାକୁ ହେବ, ତିଷ୍ଠି ରହି ଲାଗି ରହିବାକୁ ହେବ ।''*

– ଶ୍ରୀମା

ପୂର୍ଣ୍ଣଯୋଗରେ ଯେଉଁ ମହାନ୍ ଲକ୍ଷ୍ୟ ଗ୍ରହଣ କରାଯାଇଛି ସେହି ଲକ୍ଷ୍ୟରେ ପହଞ୍ଚିବାର ପଥ ଯେ ଦୀର୍ଘ ହେବ ଏହା ଖୁବ୍ ସ୍ୱାଭାବିକ । ଆମର ଲକ୍ଷ୍ୟ ହେଲା ପୂର୍ଣ୍ଣ ଭାବରେ ଭଗବାନଙ୍କୁ ପାଇବା । କେବଳ ଆନ୍ତର ଚେତନା ବା ଊର୍ଦ୍ଧ୍ୱର ଚେତନା ନେଇ ନୁହେଁ, ନିଜର ସମସ୍ତ ଚେତନା ନେଇ, ସତ୍ତା ଓ ପ୍ରକୃତିର ସମସ୍ତ ଅଂଶ ନେଇ ଏପରି ସମଗ୍ର ଭାବରେ ଭଗବାନଙ୍କ ସହ ମିଳିତ ହେବା, ଯେତେବେଳେ କି ଆମର ସମଗ୍ର ସତ୍ତା, ସମଗ୍ର ଚେତନା, ସମଗ୍ର ଜୀବନ, ଆମର ସବୁକିଛିହିଁ ଦିବ୍ୟ ହୋଇ ଉଠିବ । ଆମ ଭିତରେ ଏପରି କିଛି ରହିବ ନାହିଁ ଯାହା ଦିବ୍ୟ ନୁହେଁ, ଏପରି କିଛି ରହିବ ନାହିଁ ଯାହା ଭାଗବତ ସତ୍ୟକୁ ପ୍ରକାଶ ନକରି ଆବୃତ କରି ରଖୁଛି, ଏପରି କିଛି ରହିବ ନାହିଁ ଯାହା ସାମାନ୍ୟତମ ଭାବରେ ବି କେଉଁଠି ମିଥ୍ୟା, ଅଜ୍ଞାନ, ଅନ୍ଧକାର ଓ ନିଶ୍ଚେତନାର କୌଣସି ପ୍ରଭାବ, କୌଣସି ସ୍ପର୍ଶକୁ କୌଣସି ଭାବରେ ଗ୍ରହଣ କରୁଛି । ଏସବୁର କବଳରୁ କେବଳ ଆତ୍ମା ନୁହେଁ ବା କେବଳ ମନ ଓ ପ୍ରାଣ ନୁହେଁ ଆମର ଶରୀର ଓ ତା'ର ପ୍ରତିଟି ଦେହକୋଷ ମଧ ମୁକ୍ତ ରହିବେ । ଆତ୍ମା ପରି ସେଗୁଡ଼ିକ ମଧ ଭଗବତ୍ ମିଳନର ସ୍ପର୍ଶ ଲାଭ କରି ଅଜର ଓ ଅମର ହୋଇ ଉଠିବେ । ଆଜି ସେଗୁଡ଼ିକ ଉପରେ ଅଖଣ୍ଡ ଅଧିକାର ବିସ୍ତାର କରିଥିବା ଦୁଃଖ, ଦୁର୍ଭୋଗ, ଜରା, ବ୍ୟାଧି ଓ ମୃତ୍ୟୁ ଆଦିର ରାଜୁତି ଅତୀତର ଦୁଃସ୍ୱପ୍ନ ପରି କେଉଁଆଡ଼େ ମିଳାଇ ଯାଇ ମଣିଷର ଜୀବନ ହୋଇଉଠିବ ଦିବ୍ୟଜୀବନ, ମାନବ ହୋଇଉଠିବ ଦେବମାନବ । ସମସ୍ତ ଅଦିବ୍ୟତାରୁ ମୁକ୍ତ ହୋଇ ଭଗବାନଙ୍କ ସହ ନିତ୍ୟମିଳନରେ ଯୁକ୍ତ ହୋଇ ମଣିଷ ହୋଇଉଠିବ ଦିବ୍ୟ-ଭଗବତ୍ ଚେତନାର ଏକ ମୂର୍ତ୍ତିମନ୍ତ ବିଗ୍ରହ । ଏହାହିଁ ହେଉଛି ପୂର୍ଣ୍ଣଯୋଗର ଦିବ୍ୟ-ରୂପାନ୍ତରର ଲକ୍ଷ୍ୟ ।

ତେଣୁ ଏହି ମହାନ୍ ଲକ୍ଷ୍ୟରେ ପହଞ୍ଚିବାର ପଥ ଯେ ଦୀର୍ଘ ହେବ ଖାଲି ସେତିକି ନୁହେଁ, ମଣିଷ ଯେ ତା' ନିଜର ଚେଷ୍ଟାରେ ବା ନିଜର ସାଧନା ଓ ଉଦ୍ୟମ ଦ୍ୱାରା ଏହି ଲକ୍ଷ୍ୟରେ ପହଞ୍ଚିପାରିବ ତାହା ମଧ ସମ୍ପୂର୍ଣ୍ଣ ଅସମ୍ଭବ । ଏହି ଧରଣର କୌଣସି ଭ୍ରାନ୍ତିକୁ ମନରେ ଆଦୌ ପ୍ରଶ୍ରୟ ନଦେବାକୁ ଶ୍ରୀଅରବିନ୍ଦ ସାଧକମାନଙ୍କୁ ବାରଂବାର ଚେତାଇ ଦେଇଛନ୍ତି । ସ୍ୱୟଂ ପରାଶକ୍ତି ଭାଗବତୀ ଦିବ୍ୟଜନନୀହିଁ ଏହି ଯୋଗର ସାଧିକା ସର୍ବସମର୍ଥା । କେବଳ ତାଙ୍କର ମହାଶକ୍ତିହିଁ ଏହି ଯୋଗରେ କ୍ରିୟା କରି ସାଧକକୁ ତା'ର ଲକ୍ଷ୍ୟରେ ପହଞ୍ଚାଇ ଦେଇ ପାରିବ । ସେଇଥି ପାଇଁହିଁ ମା' ପୃଥିବୀରେ ଅବତୀର୍ଣ୍ଣ ହୋଇଥିଲେ ଓ ମାନବଜୀବନର ସମସ୍ତ ଦୁଃଖ, କ୍ଳେଶ ଓ ଅପୂର୍ଣ୍ଣତାକୁ ସ୍ୱେଚ୍ଛାରେ ଗ୍ରହଣ କରି ନେଇଥିଲେ ମଣିଷ ପାଇଁ ଦିବ୍ୟ-ରୂପାନ୍ତରର ପଥ ଖୋଲି ଦେବା ପାଇଁ ।

ଏହି ପ୍ରବନ୍ଧର ଆରମ୍ଭରେ ମା'ଙ୍କର ଯେଉଁ ଉଦ୍ଧୃତିଟି ଦିଆଯାଇଛି ତାହା ରୂପାନ୍ତର ଯୋଗର ସାଧନାରେ ନିଜର କେତେକ ଅନୁଭୂତି ସମ୍ପର୍କରେ ଜଣେ ସାଧକଙ୍କ ସହିତ ହୋଇଥିବା ମା'ଙ୍କ କଥୋପକଥନରୁ ଗୃହୀତ । ମା'ଙ୍କ

* ଏହି ଉଦ୍ଧୃତି ଓ ପ୍ରବନ୍ଧରେ ଦିଆଯାଇଥିବା ଅନ୍ୟାନ୍ୟ ସମସ୍ତ ଉଦ୍ଧୃତି ୧୯୬୫ ଫେବ୍ରୁଆରୀ ବୁଲେଟିନ୍, ପୃଷ୍ଠା. ୭୭ରୁ ୮୧ Notes on the Wayରୁ ଗୃହୀତ ।

ଦେହାବସାନର ୯ ବର୍ଷ ପୂର୍ବରୁ ୧୯୬୪ ଅକ୍ଟୋବରରେ ମା'ଙ୍କର ହୋଇଥିବା ଏହି ଅନୁଭୂତିଗୁଡ଼ିକରେ ଆମେ ଦେଖୁ ପୂର୍ଣ୍ଣଯୋଗର ଶେଷ ପର୍ଯ୍ୟାୟ ଶରୀରର ଦିବ୍ୟରୂପାନ୍ତର କ୍ଷେତ୍ରରେ ମା' କେଉଁ ଧରଣର ସମସ୍ୟାସବୁର ସମ୍ମୁଖୀନ ହେଉଥିଲେ ଓ ସେସବୁର ସମାଧାନ ଦିଗରେ କେଉଁ ପନ୍ଥାସବୁ ଗ୍ରହଣ କରୁଥିଲେ । ରୂପାନ୍ତର-ସାଧନାର ନାନା ଜଟିଳତା ଓ ଗଡ଼ାଣି ଉଠାଣି ଭିତରେ ପୂର୍ଣ୍ଣଯୋଗର ସାଧକମାନଙ୍କୁ ଯଥାର୍ଥ ମନୋଭାବ ରଖି କିପରି ଲକ୍ଷ୍ୟ ପଥରେ ଆଗେଇବାକୁ ହେବ ସେ ସମ୍ପର୍କରେ ଆମେ ଏଥିରୁ ପାଉ ନାନା ଉପଦେଶ, ନିର୍ଦ୍ଦେଶ ଓ ସୂକ୍ଷ୍ମ ଇଙ୍ଗିତ ଓ ସର୍ବୋପରି ଏକ ଦିବ୍ୟ ପଥପ୍ରଦର୍ଶନ ।

ଏହି ଅନଭୂତିଗୁଡ଼ିକ ସମ୍ପର୍କରେ କହିଲାବେଳେ ମା ଯେଉଁ କଥାଟି ଉପରେ ସବୁଠୁ ଅଧିକ ଜୋର୍ ଦେଇଛନ୍ତି ତା' ହେଉଛି ଅବିଚଳିତ ଭାବରେ ସାଧକକୁ ନିଜ ଲକ୍ଷ୍ୟ ପଥରେ ଲାଗି ରହିବାକୁ ହେବ । କାରଣ ପ୍ରକୃତରେ ଏହି ରୂପାନ୍ତର-ଯୋଗର ପଥ ଓ ପ୍ରକ୍ରିୟା ସମ୍ପର୍କରେ ତା'ର କିଛି ବି ଧାରଣା ନାହିଁ । ଏହା ଏକ ସମ୍ପୂର୍ଣ୍ଣ ନୂତନ ପଥ । ଏହି ନୂତନ ପଥ ଖୋଲି ଦେବାର ସାଧନା ପାଇଁ ମା'ଙ୍କୁ ମଧ୍ୟ ଏପରିସବୁ ଅନୁଭୂତି ଭିତର ଦେଇ ଯିବାକୁ ହୋଇଛି ଯାହା ଆସିଛି ହଠାତ୍ ଅତର୍କିତ ଭାବରେ, ଆଗରୁ କୌଣସି ପୂର୍ବାଭାସ ନଥାଇ । ଏପରିସବୁ ଅନୁଭୂତି ଆସିଛି ଯାହାକି ଏହି ପଥରେ ଅନଭ୍ୟସ୍ତ ମନ ପାଇଁ ମନେ ହେବ ପରସ୍ପର ବିରୋଧୀ ବୋଲି । ନିଜର ଅନୁଭୂତି ବର୍ଣ୍ଣନା କରି ମା ଯେତେବେଳେ କହିଛନ୍ତି ଅବସ୍ଥା ସ୍ପଷ୍ଟ ଓ ନିଶ୍ଚିତରୂପେ ଭଲ ଆଡ଼କୁ ଗତି କରୁଛି, ଠିକ୍ ତା'ର ପର ବାକ୍ୟରେହିଁ କହିଛନ୍ତି କିନ୍ତୁ ସମସ୍ତ ବାଧାବିଘ୍ନ ଯେପରି ଆହୁରି ଅଧିକ ବଢ଼ିଯାଇଛି । ଏହାର ପର ବାକ୍ୟରେ ପୁଣି କୁହାଯାଇଛି ଚେତନାର ଶକ୍ତି ବିପୁଳତର ହୋଇଛି, ସ୍ପଷ୍ଟତର ଓ ଅଧିକ ସୁନିର୍ଦ୍ଦିଷ୍ଟ ହୋଇଛି ଯାହାର କ୍ରିୟା ଫଳରେ ଅଗ୍ରଗତି ଦ୍ରୁତ ହୋଇଛି, କିନ୍ତୁ ପୁନରାୟ ତା'ର ପର ବାକ୍ୟରେ ମା' କହିଛନ୍ତି ଭୌତିକ କ୍ଷେତ୍ରରେ ସମସ୍ୟା ଓ ବାଧାବିଘ୍ନସବୁ ଅତ୍ୟନ୍ତ ବୃଦ୍ଧି ପାଇଛି – ଆମେ ଏହିସବୁ ପରୀକ୍ଷାର କେତେଦୂର ସମ୍ମୁଖୀନ ହୋଇ ପାରୁଛୁ ତାହା ଦେଖିବା ପାଇଁ ।

କିନ୍ତୁ ଏକ ନୂତନ ଦିବ୍ୟଶକ୍ତି କିପରି ନିରବଚ୍ଛିନ୍ନ ଭାବରେ କ୍ରିୟା କରୁଛି ଓ ସାଧକକୁ ପୂର୍ଣ୍ଣଯୋଗର ଶେଷ ଲକ୍ଷ୍ୟ – ସତ୍ତାର ସାମଗ୍ରିକ ଦିବ୍ୟରୂପାନ୍ତର ଦିଗରେ ଅବ୍ୟର୍ଥ ଭାବରେ ଆଗେଇ ନେଉଛି, ସେ ସମ୍ପର୍କରେ ମା ପ୍ରତ୍ୟକ୍ଷ ଓ ସୁସ୍ପଷ୍ଟ ଅନୁଭୂତି ପାଇଥିବା କଥା ବରାବର କହିଛନ୍ତି । ସେହି ନୂତନ ଶକ୍ତି ପ୍ରତି ସ୍ୱଚ୍ଛ ଓ ଗ୍ରହଣଶୀଳ ହୋଇ ପାରିଲେ ("Transparent, receptive to the New Force") ଓ ସର୍ବୋପରି ନିଜର ଆତ୍ମବିଶ୍ୱାସ ବଜାୟ ରଖି ପାରିଲେ ("above all to be confident") ସମସ୍ତ ବାଧାବିଘ୍ନ ଯେ ଶେଷରେ ସମ୍ପୂର୍ଣ୍ଣ ଲୋପ ଓ ନିଶ୍ଚିହ୍ନ ହୋଇଯିବ, ମା ଏଥିପାଇଁ ଦୃଢ଼ ପ୍ରତିଶ୍ରୁତି ଦେଇଛନ୍ତି ।

**ବାଧାବିଘ୍ନର ମୂଳ କାରଣ :**

କିନ୍ତୁ ଏହି ନୂତନ ଶକ୍ତି ନିର୍ବିଘ୍ନ ଓ ସ୍ୱଚ୍ଛନ୍ଦ ଭାବରେ କାହିଁକି କ୍ରିୟା କରିପାରୁ ନାହିଁ ? ଏହାର କାର୍ଯ୍ୟରେ ପ୍ରଧାନ ବାଧାଟି ଆସୁଛି କେଉଁଠୁ ? ନିଜର ଅନୁଭୂତିରୁ ମା କହିଛନ୍ତି ଯେ ଚେତନାର ଜଡ଼ପ୍ରଧାନ ଅଂଶରେହିଁ ରହିଛି ସବୁଠୁ ବଡ଼ ବାଧା । କାରଣ ଭୌତିକ ଚେତନା (Material consciousness) ବା ଜଡ଼ସ୍ଥ ମନ (Mind in Matter) ଗଠିତ ହୋଇଛି ବାଧାବିଘ୍ନ, ପ୍ରତିବନ୍ଧକ, ଯାତନା, ଦୁର୍ଭୋଗ ଓ ସଂଘର୍ଷ ଆଦିର ଚାପ ଭିତରେ । ଏହିସବୁର ଭିତର ଦେଇ ଗଠିତ ହୋଇଥିବା ଫଳରେ ଏହା ଉପରେ ରହିଯାଇଛି ହତାଶା, ନୈରାଶ୍ୟବାଦ ଓ ପରାଜୟର ଏକ ଗଭୀର ଛାପ ।

ଏ ସମ୍ପର୍କରେ ମା ନିଜର ଅନୁଭୂତି କଥା କହିଛନ୍ତି : "ମୋ ନିଜ କାମରେ ମୁଁ ଏ ବିଷୟରେ ସଚେତ ରହୁଛି । ସବୁଠୁ ଜଡ଼ଧର୍ମୀ ଚେତନା, ସବୁଠୁ ଭୌତିକ ମନର ଅଭ୍ୟାସ ହେଉଛି କେବଳ ଚାବୁକ ଆଘାତ ଦ୍ୱାରାହିଁ ଏହା କିଛି କାମ କରିବ ବା କିଛି ଉଦ୍ୟମ ବା ଅଗ୍ରଗତି କରିବ; ତା' ନହେଲେ ଏହା ବୁଡ଼ିଯିବ ତାମସ ଭିତରେ । ତା'ପରେ ଏହା ଯେତେଦୂର କଳ୍ପନା କରିପାରେ, ଏହା ସବୁବେଳେ କେବଳ ବାଧାବିଘ୍ନ ଓ ଅସୁବିଧା କଥା, ସବୁବେଳେ କେବଳ ପ୍ରତିବନ୍ଧକ ଓ ବିରୋଧର ଆଶଙ୍କା କଥାହିଁ କଳ୍ପନା କରୁଥାଏ, – ଏବଂ ତାହାହିଁ ଏହାର ଗତିକୁ ସାଙ୍ଘାତିକ ଭାବରେ ମନ୍ଥର କରିଦିଏ । ତେଣୁ ଏହା ପାଇଁ ଖୁବ୍ ନିର୍ଦ୍ଦିଷ୍ଟ, ବୋଧଗମ୍ୟ ଓ ବାରଂବାର ପୁନରାବୃତ୍ତି ହେଉଥିବା ଏପରିସବୁ ଅନୁଭୂତି ଆଣିଦେବା ଦରକାର ଯାହା ଦ୍ୱାରା କି ଏହା ବୁଝିପାରିବ ଏହାର ସମସ୍ତ ବାଧାବିଘ୍ନ ପଛରେ ରହିଛି ଏକ ଦିବ୍ୟକୃପା, ସମସ୍ତ ବ୍ୟସ୍ତତା ପଛରେ ରହିଛି ଏକ ଦିବ୍ୟ-ବିଜୟ, ସମସ୍ତ ବିରୋଧ ଓ ବୈପରୀତ୍ୟ ପଛରେ, ସମସ୍ତ ଯାତନା ଓ ଦୁର୍ଭୋଗ ପଛରେ ରହିଛି ଏକ ଦିବ୍ୟ-ଆନନ୍ଦ ।

ସବୁ ଉଦ୍ୟମ ଅପେକ୍ଷା ଏହି ବିଷୟରେହିଁ ବାରଂବାର ଉଦ୍ୟମ କରିବାକୁ ହେବ, ବରାବର ତୁମକୁ ଏହିସବୁ ନୈରାଶ୍ୟ, ସନ୍ଦେହ ଓ ପରାଜୟମୂଳକ କଳ୍ପନାଗୁଡ଼ିକୁ ଗୋଟି ଗୋଟି କରି ଧରି ଦୂର କରିବାକୁ ହେବ ବା ବଦଳାଇବାକୁ ପଡ଼ିବ ।''

ମା ଏହି କଥାଗୁଡ଼ିକ କହିଥିଲେ କେବଳ ଜଡ଼ପ୍ରଧାନ ଭୌତିକ ଚେତନାର କ୍ଷେତ୍ରରେ । ପୂର୍ଣ୍ଣଯୋଗର ସାଧନାରେ ଯେତେବେଳେ ଦିବ୍ୟଶକ୍ତି ପ୍ରକୃତିର ଜଡ଼ପ୍ରଧାନ ଅଂଶକୁ ରୂପାନ୍ତରିତ କରିବା ପାଇଁ କ୍ରିୟା କରେ, ସେତିକି ବେଳେହିଁ ଏହି ସମସ୍ୟାର ସମ୍ମୁଖୀନ ହେବାକୁ ହୁଏ । ଯେଉଁସବୁ ଯୋଗର ଲକ୍ଷ୍ୟ ହେଲା ଶରୀର ଓ ଦେହଚେତନାକୁ ସଙ୍ଗରେ ନ ନେଇ କେବଳ ଊର୍ଦ୍ଧ୍ୱତର ବା ଗଭୀର ଆନ୍ତର ଚେତନାରେ ଭଗବାନଙ୍କୁ ଉପଲବ୍ଧି କରିବା, ସେ କ୍ଷେତ୍ରରେ ଏ ସମସ୍ୟା ସେତେ ଗୁରୁତ୍ୱପୂର୍ଣ୍ଣ ନୁହେଁ । କାରଣ ଜ୍ଞାନଯୋଗ ବା ଭକ୍ତିଯୋଗର କୌଣସି ଧାରାକୁ ନେଇ ସାଧକର ଚେତନାର ଊର୍ଦ୍ଧ୍ୱତର ବା ଗଭୀରତର ଅଂଶ ସତ୍ତାର ଊର୍ଦ୍ଧ୍ୱରେ ବା ଗଭୀରରେ ଭଗବତ୍ ଚେତନାରେ ଲୀନ ହୋଇଯାଏ ବା ସେହି ଚେତନା ସହ ଯୁକ୍ତ ହୋଇ ଭଗବତ୍ ମିଳନର ଆନନ୍ଦ ଉପଲବ୍ଧି କରେ । କିନ୍ତୁ ଏହି ଭଗବତ୍ ମିଳନରେ ଚେତନାର ବାହ୍ୟ ଅଂଶ ଦେହ ଓ ଅନ୍ୟାନ୍ୟ ଚିତ୍ତବୃତ୍ତିସବୁ ଆଦୌ ଅଂଶ ଗ୍ରହଣ କରେ ନାହିଁ; ସବିକଳ୍ପ ବା ନିର୍ବିକଳ୍ପ ସମାଧିରେ ସେଗୁଡ଼ିକ ସ୍ଥିର, ସ୍ତବ୍ଧ ଓ ନିରୁଦ୍ଧ ହୋଇ ରହିଯାଏ । ପତଞ୍ଜଳିଙ୍କ ଭାଷାରେ ଯୋଗର ସଂଜ୍ଞାହିଁ ହେଲା ଚିତ୍ତବୃତ୍ତିର ନିରୋଧ ।

କିନ୍ତୁ ପୂର୍ଣ୍ଣଯୋଗର ସାଧନାରେ ସତ୍ତା ଓ ଚେତନାର ସମସ୍ତ ଅଂଶ, ଟିକିନିଖି ସବୁକିଛିକୁ ଦିବ୍ୟ-ଭାଗବତ ଧର୍ମରେ ରୂପାନ୍ତରିତ କରିବାକୁ ହେବ । କୌଣସି ଗତିବୃତ୍ତିକୁ ନିରୁଦ୍ଧ ବା ଧ୍ୱଂସ ନକରି ଏପରିଭାବେ ରୂପାନ୍ତରିତ କରିବାକୁ ହେବ ଯେପରିକି ସେଗୁଡ଼ିକ ହୋଇଉଠିବେ ପରାପ୍ରକୃତି ବା ଦିବ୍ୟ-ଭାଗବତୀ ପ୍ରକୃତିର ପ୍ରକଟ ଲୀଳାର ବୈଚିତ୍ର୍ୟମୟ ନାନା ଦିବ୍ୟ-ସ୍ପନ୍ଦନ ।

ଏହି ଲକ୍ଷ୍ୟରେ ପହଞ୍ଚିବା ପାଇଁ ସତ୍ୟ ଚେତନାର କ୍ରିୟା ଚାଲେ ଧୀରସ୍ଥିର ଭାବରେ; ଏ ଦିଗରେ ପ୍ରତିଟି ଅଗ୍ର ପଦକ୍ଷେପ ପାଇଁ ତାହାକୁ ଧୈର୍ଯ୍ୟର ସହ ଅପେକ୍ଷା କରିବାକୁ ପଡ଼େ ଚେତନାର ବାହ୍ୟ ଜଡ଼ପ୍ରଧାନ ଅଂଶର ଦୈହିକ ଓ ଭୌତିକ ଚେତନା ପ୍ରସ୍ତୁତ ହେବା ପର୍ଯ୍ୟନ୍ତ । କାରଣ ଏହି ଦୈହିକ ଓ ଭୌତିକ ଚେତନାରେ ସଞ୍ଚିତ ହୋଇ ଜମାଟ ବାନ୍ଧି ରହିଛି ଲକ୍ଷ ଲକ୍ଷ ଯୁଗର ନାନା ଅଜ୍ଞାନ, ମିଥ୍ୟା, ଦୁର୍ଭୋଗ, ଯନ୍ତ୍ରଣା, ଜରା, ବ୍ୟାଧି, ମୃତ୍ୟୁ ଆଦିର ନାନା ଅଭ୍ୟାସ, ନାନା ସ୍ମୃତି, ଘନୀଭୂତ ନାନା ସଂସ୍କାର । ଜଡ଼ ଚେତନାର ବର୍ତ୍ତମାନର ଅବସ୍ଥା ଓ ସ୍ୱରୂପରୁ ମନେ ହେବ ଯେପରିକି ସତ୍ୟଚେତନାର ଏହା ଠିକ୍ ବିପରୀତ । ଉଦାହରଣସ୍ୱରୂପ, ଶାଶ୍ୱତର ଉପାଦାନରେ ଗଢ଼ା ସତ୍ୟଚେତନା ପାଇଁ ଜରା, ବ୍ୟାଧି ଓ ମୃତ୍ୟୁ ଆଦି ସମ୍ପୂର୍ଣ୍ଣ ମିଥ୍ୟା, କିନ୍ତୁ ଦୈହିକ ଓ ଭୌତିକ ଚେତନା ପାଇଁ ଜରା, ବ୍ୟାଧି ଓ ମୃତ୍ୟୁଠାରୁ ଅଧିକ ଅନିବାର୍ଯ୍ୟ ସତ୍ୟ କିଛି ନାହିଁ । କାରଣ କୋଟି କୋଟି ବର୍ଷ ଧରି ସେ ଏଗୁଡ଼ିକର ଅନୁଭୂତିକୁ ଅଙ୍ଗେ ନିଭାଇ ଆସିଛି । ଅବଚେତନା ଓ ନିଶ୍ଚେତନାରେ କୋଟି କୋଟି ଯୁଗ ଧରି ଏଗୁଡ଼ିକର ସ୍ମୃତି ଜମି ରହିଛି । ତେଣୁ ଦେହଚେତନା ପାଇଁ ଏହା ଦାନା ବାନ୍ଧି ରହିଥିବା ଏକ କଠିନ ଦୃଢ଼ ସଂସ୍କାର । ଦେହଚେତନାର ଏହି ଦୃଢ଼ ଅଭ୍ୟାସ ଓ ସଂସ୍କାରକୁ ଭାଙ୍ଗି, ବଦଳାଇ ତା' ସ୍ଥାନରେ ଅମୃତତ୍ୱର ସତ୍ୟକୁ ସ୍ଥାପନ କରିବାର ପ୍ରକ୍ରିୟା ନିଶ୍ଚୟ ଅସୀମ ଓ ଦୀର୍ଘ ସମୟସାପେକ୍ଷ ହେବ । ସତ୍ୟଚେତନାକୁ ସେହି ଭାବରେହିଁ କାମ କରିବାକୁ ହେବ । ନିଜର ଗତିବୃତ୍ତି ସଙ୍ଗେ ପାଦ ମିଳାଇ ଚାଲିବା ପାଇଁ ଦେହଚେତନା କ୍ରମଶଃ ପ୍ରସ୍ତୁତ ହେବା ପର୍ଯ୍ୟନ୍ତ ସତ୍ୟଚେତନାକୁ ସେହି ଲକ୍ଷ୍ୟ ରଖି ଧୈର୍ଯ୍ୟର ସହ ଧୀରସ୍ଥିର ଭାବରେ କାମ କରିବାକୁ ହେବ । ଗୋଟିଏ ମୁହୂର୍ତ୍ତରେ ସତ୍ୟଚେତନାର ହଠାତ୍ ଏକ ବିଦ୍ୟୁତ୍ ଚମକ ବା ବଜ୍ରାଘାତରେ ଦେହ ଚେତନାକୁ ସ୍ତବ୍ଧ କରି ଦିଆଯାଇ ପାରେ, ବିପର୍ଯ୍ୟସ୍ତ କରି ଦିଆଯାଇ ପାରେ କିନ୍ତୁ ରୂପାନ୍ତରିତ କରି ହେବ ନାହିଁ ।

ମା ଏ ସମ୍ପର୍କରେ ନିଜର ଅନୁଭୂତି ବର୍ଣ୍ଣନା କରି କହିଛନ୍ତି :

''ଏହା ସ୍ୱାଭାବିକ ଯେ ଯେତେବେଳେ ଊର୍ଦ୍ଧ୍ୱରୁ କିଛି ଅବତରଣ କରେ ତାହା ସଜୋରରେ ଆଘାତ କରି ପତିତ ହୁଏ । (ମା ଏକ ଦ୍ରୁତ ଗତିର ଭଙ୍ଗୀ ଦେଖାଇଲେ) ତା'ପରେ ସବୁ କିଛି ନିରବ, ସ୍ତବ୍ଧ ହୋଇଯାଏ, ବନ୍ଦ ହୋଇଯାଏ ଓ ଅପେକ୍ଷା କରେ । କିନ୍ତୁ ... ମୁଁ ବେଶ୍ ବୁଝି ପାରୁଛି କାହିଁକି ଦିବ୍ୟସତ୍ୟ, ସତ୍ୟଚେତନା ଆହୁରି ନିରନ୍ତର ଭାବରେ ସକ୍ରିୟ ହୋଇ ନିଜକୁ ଅଭିବ୍ୟକ୍ତ କରୁ ନାହିଁ, କାରଣ ଏହାର ଦିବ୍ୟସାମର୍ଥ୍ୟ ଓ ଜଡ଼ର ସାମର୍ଥ୍ୟ ଭିତରେ ତାରତମ୍ୟ ଏତେ ଅଧିକ ଯେ ଏହାର ଏପରି ପ୍ରକାଶ ଦ୍ୱାରା ଜଡ଼ର ସାମର୍ଥ୍ୟ ବା ଶକ୍ତି ଯେପରିକି ବାତିଲ ହୋଇଯିବ । କିନ୍ତୁ ସେତେବେଳେ ତାହା ଆଉ ରୂପାନ୍ତରିତ ହେବ ନାହିଁ, ତାହା ହେବ ଗୋଟିକୁ ଚୂରି, ପେଷି ବିପର୍ଯ୍ୟସ୍ତ

କରି ଦେବା । ପୁରାତନ ସାଧନାରେ ସେମାନେ ତାହାହିଁ କରୁଥିଲେ – ଏହି ସମସ୍ତ ଜଡ଼ପ୍ରଧାନ ଭୌତିକ ଚେତନାକୁ ସେମାନେ ଏକ ଦିବ୍ୟ-ସାମର୍ଥ୍ୟର ଚାପ ତଳେ ଚୂରି, ପେଷି ବିପର୍ଯ୍ୟସ୍ତ କରି ଦେଉଥିଲେ, ସେହି ଦିବ୍ୟ-ସାମର୍ଥ୍ୟ ଏପରି ଏକ ଶକ୍ତି ଯାହା ବିରୋଧରେ କେହି ବି ଛିଡ଼ା ହୋଇ ପାରେନା, କେହି ବି ସଂଗ୍ରାମ କରି ପାରେନା । ଏବଂ ସେତେବେଳେ ଏହି ପ୍ରକାର ଏକ ଧାରଣା ହେଉଥିଲା, 'ବାସ୍, ବର୍ତ୍ତମାନ ମୁଁ ଲକ୍ଷ୍ୟରେ ପହଞ୍ଚିଗଲି, କର୍ମଟି ସମ୍ପନ୍ନ ହୋଇଗଲା' କିନ୍ତୁ ପ୍ରକୃତରେ କାମଟି ଆଦୌ ସମ୍ପନ୍ନ ହୋଇ ନଥାଏ, ଆଦୌ ନୁହେଁ, କାରଣ ଚେତନାର ବାକୀ ଅଂଶ, ନିମ୍ନରେ ରହିଥିବା ଅଂଶ ପୂର୍ବ ପରିହିଁ ରହିଛି, ତା'ର କିଛି ପରିବର୍ତ୍ତନ ହୋଇ ନାହିଁ ।

''ବର୍ତ୍ତମାନ ନିଜକୁ ପରିବର୍ତ୍ତିତ କରିବା ପାଇଁ ଏହା ଆଗରେ ପୂର୍ଣ୍ଣ ସମ୍ଭାବନା ଖୋଲି ଦିଆଯାଇଛି; ସେଥିପାଇଁ କିନ୍ତୁ ତୁମକୁ ଏହାକୁ ପୂର୍ଣ୍ଣ ଭାବରେ କାମ କରିବାକୁ ଦେବା ଉଚିତ, ମଝିରେ ଏପରି ଏକ ଶକ୍ତି ଆଣି ରଖିବା ଉଚିତ ନୁହେଁ ଯାହାକି ଏହାକୁ ଚୂରି, ପେଷି ବିପର୍ଯ୍ୟସ୍ତ କରିଦେବ । – ମୁଁ ବର୍ତ୍ତମାନ ଏହା ବେଶ୍ ଭଲ ଭାବରେ ବୁଝୁଛି ।'' ଏହି ବିଷୟଟିକୁ ଏହିପରି ବୁଝାଇବା ସଙ୍ଗେ ସଙ୍ଗେ ମା ନିଜ ଅନୁଭୂତିର ଅନ୍ୟ ଏକ ଦିଗ ବିଷୟରେ ମଧ୍ୟ କହିଛନ୍ତି । ତା' ହେଲା ଏହି ଜଡ଼ପ୍ରଧାନ ଦୈହିକ ଚେତନାର ଏକ ନିର୍ବୋଧ ଜିଦ୍‌ର ସ୍ୱଭାବ ମଧ୍ୟ ଅଛି । ମା' ତାଙ୍କ ଦେହ ଖରାପବେଳର ଅନୁଭୂତି କଥା ବର୍ଣ୍ଣନା କରି କହିଛନ୍ତି ଯେତେବେଳେ ଶରୀରର ଯନ୍ତ୍ରଣା ଉତ୍କଟ ଓ ଅସହ୍ୟ ହୁଏ ସେତେବେଳେ ଦେହକୋଷ ଭିତରେ ସତ୍ୟଚେତନା ପ୍ରତି ଆବାହନର ସାମାନ୍ୟ ଟିକେ କ୍ରିୟା ହେଲେ ମନେହୁଏ ଯେପରିକି ଦେହକୋଷଗୁଡ଼ିକ ସେମାନଙ୍କ ଜରୁରୀ ଏସ୍. ଓ. ଏସ୍. (ଆମକୁ ଉଦ୍ଧାର କର) ବାର୍ତ୍ତା ପ୍ରେରଣ କରୁଛନ୍ତି । ସେତେବେଳେ ସମସ୍ତ ବେଦନା ହଠାତ୍ ବନ୍ଦ ହୋଇଯାଏ, ସମସ୍ତ ଯନ୍ତ୍ରଣା କେଉଁଆଡ଼େ ଉଭାଇ ଯାଏ, ଏବଂ ଅନେକ ସମୟରେ ତା' ସ୍ଥାନରେ ଆସେ ଆନନ୍ଦମୟ ସୁସ୍ଥତାର ଏକ ଅପୂର୍ବ ଅନୁଭୂତି । କିନ୍ତୁ ସେତେବେଳେ ନିର୍ବୋଧ ଜଡ଼ ଚେତନାର ପ୍ରଥମ ପ୍ରତିକ୍ରିୟା ହୁଏ ଏହି ସୁସ୍ଥ ଅବସ୍ଥା କେତେ ସମୟ ରହିପାରିବ ସେ ସମ୍ପର୍କରେ ଏକ ସନ୍ଦେହ । ଏହି ପ୍ରକାର ସନ୍ଦେହର ଏକ ଗତିବୃତ୍ତି ଫଳରେ ଯାହାକିଛି ଫଳ ଲାଭ ହୋଇଥାଏ, ତାହା ସମ୍ପୂର୍ଣ୍ଣ ବିନଷ୍ଟ ହୋଇଯାଏ ଓ ପୁଣି ଥରେ ସବୁକିଛି ଆରମ୍ଭ କରିବାକୁ ପଡ଼େ ।

ତେଣୁ ଏଥିପାଇଁ ମା ଯେଉଁ ପନ୍ଥା ବା ମନୋଭାବ ଗ୍ରହଣ କରିବା କଥା କହିଛନ୍ତି ତା' ହେଉଛି, ''ମୁଁ ଭାବୁଛି ଏହି ଫଳାଫଳ ସବୁ ସ୍ଥାୟୀ ହେବାକୁ ହେଲେ – ଏପରି କୌଣସି ଅଲୌକିକ ଫଳଲାଭ ନୁହେଁ ଯାହା ହଠାତ୍ ଆସିବ, ଆଖି ଝଲସାଇ ଦେବ ଏବଂ ପୁଣି ଚାଲିଯିବ – ଯଥାର୍ଥରେ ଏହା ରୂପାନ୍ତରର ଫଳ ଲାଭ କରିବା ଆବଶ୍ୟକ । ତୁମକୁ ଅତ୍ୟନ୍ତ, ଅତ୍ୟନ୍ତ ଧୈର୍ଯ୍ୟଶୀଳ ହେବାକୁ ହେବ – ଆମକୁ ଏପରି ଏକ ଚେତନା ନେଇ କାର୍ଯ୍ୟ କରିବାକୁ ପଡୁଛି ଯାହା ଅତ୍ୟନ୍ତ ମନ୍ଥର, ଅତ୍ୟନ୍ତ ସ୍ଥୂଳ ଓ ଭାରଗ୍ରସ୍ତ, ଅତ୍ୟନ୍ତ ଜିଦ୍‌ଖୋର ଯାହାକି ଦ୍ରୁତ ଗତିରେ ଆଗେଇବା ପାଇଁ ଆଦୌ ସକ୍ଷମ ନୁହେଁ, ନିଜର ସବୁକିଛିକୁ ଏହା ଜାବୁଡ଼ି ଧରିବାକୁ ଚାହେଁ, ନିଜ ଆଗରେ ଯାହା ସତ୍ୟ ବୋଲି ମନେ ହୋଇଛି ତାହା ଯେତେ କ୍ଷୁଦ୍ର ସତ୍ୟଟିଏ ହେଲେ ବି ଏହା ସେଇଟିକୁ ଜାବୁଡ଼ି ଧରି ସେଠାରେ ଅଟକି ଯିବାକୁ ଚାହେଁ, ତାହାକୁ ଛାଡ଼ି ଆଉ ଆଗକୁ ଯିବାକୁ ଚାହେଁ ନାହିଁ, ତେଣୁ ଏହାକୁ ସଜାଡ଼ିବାକୁ ବା ସଂଶୋଧନ କରିବାକୁ ହେଲେ ତୁମର ଅତ୍ୟଧିକ ଧୈର୍ଯ୍ୟ, ଅସୀମ ଧୈର୍ଯ୍ୟ ରହିବା ଦରକାର ।

''ପୂରା ଜିନିଷଟି ହେଉଛି ତୁମକୁ ଲାଗି ରହିବାକୁ ହେବ, ସହ୍ୟ କରିବାକୁ ହେବ ।

''ଶ୍ରୀଅରବିନ୍ଦ ଏହି କଥାଟିକୁହିଁ ଅନେକ ଥର, ଅନେକ ରୂପରେ କହିଛନ୍ତି, 'ସହ୍ୟ କର, ତୁମେ ଜୟ କରିବ, ସହ୍ୟ କର, ସହ୍ୟ କର ଏବଂ ତୁମେ ବିଜୟୀ ହେବ ।'

''ଯେ ସବୁଠୁ ବେଶୀ ଲାଗି ରହିପାରେ, ଦୃଢ଼ଭାବରେ ସବୁ କିଛି ସହ୍ୟ କରିପାରେ ତାହାରି ପାଇଁହିଁ ଆସେ ବିଜୟ ।'' ❖

# ଶ୍ରୀଅରବିନ୍ଦ ଓ ଦିଲୀପକୁମାର
## (୪)

[ବିଖ୍ୟାତ ସଂଗୀତଜ୍ଞ, ଶ୍ରୀଅରବିନ୍ଦଙ୍କର ଅତ୍ୟନ୍ତ ପ୍ରିୟ ଶିଷ୍ୟ ଶ୍ରୀ ଦିଲୀପକୁମାର ରାୟଙ୍କର ଶ୍ରୀଅରବିନ୍ଦଙ୍କ ସହିତ କଥୋପକଥନ ଓ ସେହି ସମୟର ଅଭିଜ୍ଞତା]

*(ପୂର୍ବ ପ୍ରକାଶିତ ଉତ୍ତାରୁ ...)*

ଦିଲୀପକୁମାର ରାୟଙ୍କ ବର୍ଣ୍ଣନା ନିମ୍ନମତେ :

ମୁଁ କହିଲି, ''କିନ୍ତୁ ଜଗତର ଯେଉଁ ଅବସ୍ଥା ହେଉଛି ଦିନକୁ ଦିନ ସେହି ବିଷୟରେ ମୁଁ ଯୁକ୍ତିବାଦୀ, କ୍ଷମା କରିବେ ତ ?''

ଶ୍ରୀଅରବିନ୍ଦ ଟିକିଏ ହସି କହିଲେ, ''କରିବି, କାରଣ ମୁଁ ନିଜେ ମଧ୍ୟ ଜଗତର ଶୋଚନୀୟ ଅବସ୍ଥା କଥା କହିଛି ବହୁତ ଥର । କେବଳ ସେତିକି ନୁହେଁ, ଅବସ୍ଥା ଯେ ଆହୁରି ଖରାପ ହେବ, ତାହା ମଧ୍ୟ ମୁଁ ଜାଣେ । ଅନେକ ଗୁହ୍ୟବିଦ୍ୟାବିତ୍ ଯୋଗୀମାନେ କହନ୍ତି ଯେ, ଜଗତର ଅବସ୍ଥା ଯେତେ ବେଶୀ ଖରାପ ହେବ, ଊର୍ଦ୍ଧ୍ୱରୁ ଏହି ପ୍ରକାଶ ବା ଅବତରଣର ଲଗ୍ନ ସେତେ ନିକଟତର ହେବ । ତେବେ ଆମର ଲୌକିକ ମନ ଏସବୁ ଜାଣିବ କିପରି ? ସେ ହୁଏତ ବିଶ୍ୱାସ କରିବ, ନହେଲେ ଅବିଶ୍ୱାସ କରିବ, ଭାବିବ ଦେଖିବା – ହେଉଛି କି ନହେଉଛି ।''

ଗୀତାର ଶ୍ଳୋକଟି ମନେ ପଡ଼ିଲା,

''ଯଦା ଯଦା ହି ଧର୍ମସ୍ୟ ଗ୍ଲାନିର୍ଭବତି ଭାରତ ।
ଅଭ୍ୟୁତ୍‌ଥାନମଧର୍ମସ୍ୟ ତଦାତ୍ମାନଂ ସୃଜାମ୍ୟହମ୍ ।''
(୪/୭)

ଧର୍ମର ଯେତେବେଳେ ଗ୍ଲାନି ହୁଏ ଅଧର୍ମର ଅଭ୍ୟୁତ୍‌ଥାନ ହୁଏ, ସେତେବେଳେହିଁ ମୁଁ ଅବତୀର୍ଣ୍ଣ ହୁଏ ।

ପଚାରିଲି, ''ଏ ଶକ୍ତି କାହା ଉପରେ କାମ କରିବ ?''

''ଆମର ଦୈନନ୍ଦିନ ଜୀବନରେ, ଦୈହିକ ଜଗତରେ, ବସ୍ତୁ ଉପରେ ।''

''ଏ ଚେଷ୍ଟା କ'ଣ ଯୋଗୀମାନେ ପୂର୍ବରୁ କେବେ କରି ନଥିଲେ ?''

''ଅତିମାନସ ସାହାଯ୍ୟରେ ନୁହେଁ । ସେମାନେ ଦେହ ଓ ବସ୍ତୁକୁ ନେଇ ବେଶୀ ମୁଣ୍ଡ ଖେଳାଇ ନାହାନ୍ତି । କାହିଁକି ନା ଅଧ୍ୟାତ୍ମ-ଶକ୍ତି ଦ୍ୱାରା ଦେହର, ବସ୍ତୁର ରୂପାନ୍ତର ଘଟାଇବା ସବୁଠାରୁ କଷ୍ଟକର । କିନ୍ତୁ ଠିକ୍ ସେଇଥିପାଇଁହିଁ ଏ କାମ କରିବାକୁ ହେବ ।''

''ଭଗବାନ୍ କ'ଣ ସତରେ ଚାହାନ୍ତି ଯେ ଏପରି କିଛି ମହାନ୍ ଘଟଣା ନିଶ୍ଚୟ ଘଟୁ ?''

''ଚାହାନ୍ତି ନିଶ୍ଚୟ । ଏହା ମଧ୍ୟ ମୁଁ ନିଶ୍ଚିତ ଭାବରେ ଜାଣେ ଯେ, ଅତିମାନସ ଶକ୍ତି ନିଶ୍ଚିତ ସତ୍ୟ ଏବଂ ତା'ର ଆବିର୍ଭାବ ମଧ୍ୟ ଯଥା ସମୟରେ ହେବହିଁ ହେବ । ପ୍ରଶ୍ନ ହେଉଛି, କେତେବେଳେ ହେବ ଓ କିପରି ଭାବରେ ? ତାହା ମଧ୍ୟ ଉପରବାଲା ଠିକ୍ କରି ରଖିଛନ୍ତି । ତେବେ ନିମ୍ନରେ ଆମେମାନେ ତା' ପାଇଁ ଲଢ଼ୁଛୁ ହଜାର ହଜାର ବିରୋଧିଶକ୍ତି ସଙ୍ଗରେ ।''

''ଠିକ୍ ବୁଝିପାରିଲି ନାହିଁ, କ୍ଷମା କରିବେ ।''

ଶ୍ରୀଅରବିନ୍ଦ କହିଲେ, ''କଥାଟା ଟିକିଏ କଠିନ । ଏହି ପାର୍ଥିବ ଜଗତରେ ଯାହା ହେବ, ତାହା ଅନେକ ସମୟରେ ପ୍ରଚ୍ଛନ୍ନ ଥାଏ । ଆମେ ଯାହା ଦେଖୁ, ତାହା ହେଲା ହଜାର ହଜାର ସମ୍ଭାବନାର ସାଜସଜ୍ଜା । ଦେଖୁ ଅନେକ ଶକ୍ତି ଚେଷ୍ଟା କରୁଛନ୍ତି କିଛି ଘଟାଇବାକୁ ବା ପାଇବାକୁ । ଯଦିଓ ଏସବୁର ଲକ୍ଷ୍ୟ, ପରିଣତି କ'ଣ, ସେ ବିଷୟରେ ମଣିଷ ଟେର୍ ପାଏ ନାହିଁ । ତେବେ ଏହା କୁହାଯାଇ ପାରେ ଯେ ଏ ଯୁଗରେ କେତେ ଜଣ ମଣିଷ ଜନ୍ମ ହୋଇଛନ୍ତି ଯେଉଁମାନଙ୍କୁ ପଠାହୋଇଛି, ଯେପରି ଏହି ଯୁଗରେହିଁ ହେବ ସେମାନଙ୍କର ଅଭୀଷ୍ଟ ସିଦ୍ଧି । ଏହା ହେଲା ପ୍ରକୃତ ବ୍ୟାପାର । ମୋର ବିଶ୍ୱାସ ଓ ଇଚ୍ଛା ହେଉଛି ଯେମିତି ଏ ଯୁଗରେହିଁ ଏ ଅଲୌକିକ ଘଟଣାଟି ଘଟିବ । ଅବଶ୍ୟ ମୁଁ ବର୍ତ୍ତମାନ ବୁଦ୍ଧିର ପରିଭାଷାରେ କଥା କହୁଛି – ରହସ୍ୟବାଦୀ ଓ ଯୁକ୍ତିବାଦୀଙ୍କ ଢଙ୍ଗରେ ।''

''କିନ୍ତୁ ଆହୁରି ସ୍ପଷ୍ଟ କରି ନକହିଲେ –''

ଶ୍ରୀଅରବିନ୍ଦ ହସିଲେ, ''ଆଉ କହିଲେ ତାହା ଅଧିକ ହୋଇଯିବ ।''

''କିନ୍ତୁ ଏ ଅଲୌକିକ ଘଟଣାଟି କେବେ ଘଟିବ ?''

''ତୁମେ ଚାହିଁ ମୁଁ ଜ୍ୟୋତିଷ ପରି କହିବି ? ଯୁକ୍ତିବାଦୀ ହୋଇ ତୁମକୁ ଏପରି କଥା ସାଜେ ନାହିଁ ।''

ମୁଁ କହିଲି, ''ସେଥିପାଇଁ ଆପଣ ହୁଏତ 'Synthesis of Yoga'ରେ ଲେଖିଛନ୍ତି ବାସ୍ତବ ଜଗତ୍ ଆଧ୍ୟାତ୍ମିକ ପଥରେ ବାଧା ବୋଲି ଯେ ବାସ୍ତବ ଜଗତକୁ ବିଦାୟ ଦେବାକୁ ହେବ, ଏପରି କିଛି କଥା ନାହିଁ । କାରଣ ଅଦୃଶ୍ୟ ନିୟତିର ବିଧାନରେ ଆମର ସବୁଠାରୁ ବଡ଼ ବାଧା ମଧ୍ୟ ସବୁଠାରୁ ବଡ଼ ସୁଯୋଗ ହୋଇ ଠିଆ ହୁଏ ।''

ଶ୍ରୀଅରବିନ୍ଦ ଉତ୍ତର ଦେଲେ ନାହିଁ, କେବଳ ଟିକିଏ ହସିଲେ ।

ମୁଁ କହିଲି, ''କିନ୍ତୁ ବାସ୍ତବ ଜଗତରେ ଏଇ ଯେ ଆମୂଳ-ଚୂଳ ରୂପାନ୍ତର ଘଟାଇବାକୁ ଆପଣ ଚାହିଁଛନ୍ତି, ଏ ଚେଷ୍ଟା କ'ଣ କେଉଁ ଯୁଗରେ କେହି କରି ନଥିଲେ ?''

''ଚେଷ୍ଟା ହୁଏତ ହୋଇଥାଇପାରେ, କିନ୍ତୁ କାମରେ କିଛି ହୋଇ ନାହିଁ ।''

''କେମିତି ଜାଣିଲେ ?''

''ହୋଇଥିଲେ ଯେଉଁ ସାଧକସବୁ ପରେ ଆସିଛନ୍ତି ସେମାନେ ସେ ସାଧନାର କିଛି ନା କିଛି ଫଳ ପାଇଥା'ନ୍ତେ ନିଶ୍ଚୟ । କୌଣସି ଆଧ୍ୟାତ୍ମିକ ଉପଲବ୍ଧି ଯଦି ଥରେ ମାନବ ଚେତନାରେ ପୂରାପୂରି ଅବତୀର୍ଣ୍ଣ ହୁଏ, ତେବେ ପରେ ହଜିଯାଇ ପାରେ ନାହିଁ ।''

''ଏ ଶକ୍ତିକୁ ତା'ହେଲେ ଆଗେ ଆପଣଙ୍କୁ ଉପଲବ୍ଧି କରିବାକୁ ପଡ଼ିବ ?''

''ତାହା ତ ନିଶ୍ଚୟ । ଯୁଗେ ଯୁଗେ ସବୁ ଦେଶରେ ନୂତନ ଭାବ କୁହ, ଆଲୋକ କୁହ ବା ଚିନ୍ତାଧାରା କୁହ, ଓହ୍ଲାଏ ଜଣକ ଭିତର ଦେଇ । ତା'ଠାରୁ ଦୁଇଜଣ, ଚାରିଜଣ, ଦଶଜଣ, ଏମିତି କରି ଜଣ ଜଣ ହୋଇ ତା'କୁ ଗ୍ରହଣ କରି ନିଅନ୍ତି । ଗୀତାରେ ସେଥିପାଇଁ କୁହାହୋଇଛି, ''ଯଦ୍ୟଦାଚରତି ଶ୍ରେଷ୍ଠସ୍ତତ୍ତଦେବେତରୋ ଜନଃ ।''( ୩/୨୧ ) ଶ୍ରେଷ୍ଠମାନେ ଯାହା କରନ୍ତି, କନିଷ୍ଠମାନେ ତାହାର ପଦାଙ୍କ ଅନୁସରଣ କରନ୍ତି । କିନ୍ତୁ ମୋ ଯୋଗରେ ବ୍ୟକ୍ତିଗତ ଉପଲବ୍ଧିରୁହିଁ ମୋ କାମର ଆରମ୍ଭ । ଅନ୍ୟ ଅନେକ ଯୋଗରେ ଉପଲବ୍ଧି ହେଲା ଚରମ ଲକ୍ଷ୍ୟ । ମୋ ଯୋଗରେ ଅଭିବ୍ୟକ୍ତି ହେଉଛି ମୁଖ୍ୟ ଉଦ୍ଦେଶ୍ୟ । ସେଥିପାଇଁ କହୁଛି, ପ୍ରଥମେ ଏଇ ଅତିମାନସ ଶକ୍ତିର ଖବର ପାଇବା ଦରକାର । ଅର୍ଥାତ୍ ମୋତେ ସେଠାକୁ ଉଠିବାକୁ ହେବ । ସେ ଉଠିବାର ଲକ୍ଷ୍ୟ ହେବ କେବଳ ସେ ଶକ୍ତିକୁ ଓହ୍ଲାଇ ଆଣିବା । ଆରୋହଣ ଆବଶ୍ୟକ ଅବତରଣ ପାଇଁ ।''

''ଏ ଅବତରଣର ଫଳ କିପରି ଭାବରେ ଫଳିବ ?''

''ଆମ ସତ୍ତାରେ ଏ ଶକ୍ତିର ସ୍ପର୍ଶ ଲାଗିଲେ ଆମ ଚେତନା ଆଲୋକ, ଅନ୍ଧକାରର ସୀମା ଡେଇଁ ଉଠିବ ଧୀରେ ଧୀରେ, ଅତିମାନସର ମୁକ୍ତ ଆଲୋକ ଭିତରକୁ । ଫଳରେ ତା'ର ପ୍ରଭାବରେ ମନ, ପ୍ରାଣ ଓ ଦେହର ରୂପାନ୍ତର ହେବ । କାରଣ ସେ ବସ୍ତୁ ଜଗତ୍ ଉପରେ ତା'ର ପ୍ରଭାବ ପକାଇ ଧୀରେ ଧୀରେ ଯୁଗାନ୍ତର ଆଣିବ । ଏକଥା କହିବାରୁ ମୋତେ ଯେମିତି ଭୁଲ୍ ନବୁଝ । ମୁଁ କହୁ ନାହିଁ ଯେ, ଏହି ଶକ୍ତିର ଅବତରଣ ହେଉ ନହେଉଣୁ ଏ ଜଗତଟା ଅତିମାନସ ଜଗତ୍ ବା ସବୁ ମନୁଷ୍ୟଙ୍କର ପୂର୍ଣ୍ଣ ରୂପାନ୍ତର ହୋଇଯିବ । ତାହା ଅସମ୍ଭବ ।''

ମୁଁ ପଚାରିଲି, ''ଆମେମାନେ କ'ଣ ପୂର୍ଣ୍ଣ ରୂପାନ୍ତର ପାଇଁ ପ୍ରସ୍ତୁତ ହୋଇ ନାହୁଁ ବୋଲି ?''

''କେବଳ ତାହା ନୁହେଁ, ଏ ରୂପାନ୍ତର ପଥରେ ନାନା ଦୁସ୍ତର ବାଧା ଅଛି ବୋଲି । ଜଡ଼ ଜଗତ୍, ବସ୍ତୁ ଜଗତ୍ ହେଲା ଅନ୍ଧକାରର ଅଚଳାୟତନ, ଦୁର୍ଜୟ ଦୁର୍ଗ, ଯୁଗ ଯୁଗ ଧରି ସେଠାରେ ତାମସିକତା ରାଜତ୍ୱ କରି ଆସିଛି । ସେଠାରେ ଆଲୋକର ସ୍ପର୍ଶ ଲାଗିବା ସହଜ କଥା ନୁହେଁ । ତେବେ ଏଇ ଅତିମାନସ ଶକ୍ତି ନିଜ ପଥ ନିଜେ ତିଆରି କରିବ, ଯଦି ସେ ଥରେ ଓହ୍ଲାଇ ଆସେ । ଅର୍ଥାତ୍ ଯଦି ପାର୍ଥିବ ଚେତନା ଥରଟିଏ ତାକୁ ଧାରଣ କରିପାରେ ।''

''ପାରିଲେ, ଏ ଶକ୍ତି ପ୍ରଥମେ କେଉଁଠାରେ ସକ୍ରିୟ ହେବ ?''

''ପ୍ରଥମେ କେତେଜଣଙ୍କ ଉପରେ, ଏପରି ଦୁଇ, ଚାରିଜଣ ଯେଉଁମାନେ ପ୍ରସ୍ତୁତ ହୋଇଛନ୍ତି, ଏ ଶକ୍ତିର ବାହନ ହେବାର ସାମର୍ଥ୍ୟ ଅର୍ଜନ କରିଛନ୍ତି । ସେମାନେ ଅନେକଟା ଦେଖାଇ ପାରିବେ ମନୁଷ୍ୟ ସତ୍ତାର ରୂପାନ୍ତର ହୋଇପାରିଲେ, ମନୁଷ୍ୟର କି ପ୍ରକାର ପରିବର୍ତ୍ତନ ଆସିପାରେ । ବୁଝିପାରୁଛ ?''

''ଟିକିଏ ଟିକିଏ ପାରୁଛି ବୋଧହୁଏ, ପଚାରିପାରେ କି ଏ ଶକ୍ତିର କାମ କେବଳ କେତେ ଜଣ ମୁଷ୍ଟିମେୟ ଲୋକଙ୍କ ଉପରେ ହେବ ନା ଅନେକଙ୍କ ଉପରେ ?''

''ଅନେକଙ୍କ ଉପରେ ନିଶ୍ଚୟ । ପୂର୍ଣ୍ଣଯୋଗ ଯଦି ମାତ୍ର ମୋ ପରି ଜଣେ, ଦୁଇଜଣଙ୍କ ପାଇଁ ହୁଅନ୍ତା, ତା'ହେଲେ ତା'ର

ମୂଲ୍ୟ ଖୁବ୍ କମ୍ ହୁଅନ୍ତା । କାହିଁକି ନା ମୁଁ ତ ଏହି ବାସ୍ତବ ଜୀବନକୁ ଛାଡ଼ି ଚାଲିଯିବାକୁ ଚାହେଁ ନାହିଁ, ମୁଁ ଚାହିଁଛି ଏକ ଆମୂଳଚୂଳ ପରିବର୍ତ୍ତନ ।''

''କିନ୍ତୁ ଏ ପରିବର୍ତ୍ତନ ପାଇଁ ଆପଣଙ୍କର ଅନୁଗାମୀମାନଙ୍କୁ ଆପଣଙ୍କ ଭଳି ଅତୀବ କଷ୍ଟକର ସାଧନା କରିବାକୁ ହେବ ନାହିଁ ତ ?''

ଶ୍ରୀଅରବିନ୍ଦ ହସିଲେ, ''ନା, ଆଉ ସେଭଳି କରିବାକୁ ହେବ ନାହିଁ ବୋଲି ମୁଁ ଅନେକ ଦିନ ଆଗରୁ କହିଛି ଯେ ମୋର ଯୋଗ କେବଳ ମୋ ଲାଗି ନୁହେଁ, ସବୁ ମଣିଷଙ୍କ ନିମିତ୍ତ । ଅଚିହ୍ନା ଅରଣ୍ୟ ଦେଇ ଯିଏ ପଥ କାଟି କାଟି ଯାଏ, ତାକୁ ଅନେକ ଦୁଃଖ ସହିବାକୁ ହୁଏ – ଅନୁଗାମୀମାନଙ୍କର ପଥ ସୁଗମ କରିବାକୁ ।''

ମୋର ମନେ ପଡ଼ିଗଲା, ଶ୍ରୀ ରାମକୃଷ୍ଣ ପରମହଂସଙ୍କର ଉପମାର କଥା । ''ନିଆଁ ଯେ ଲଗାଏ, ତାକୁ ଖୁବ୍ କଷ୍ଟ କରିବାକୁ ହୁଏ, କିନ୍ତୁ ନିଆଁ ଯେ ପୁଆଁଏ, ସେ କହେ, ''କି ଆରାମ ।''

ମନରେ ହଠାତ୍ ସଂଭ୍ରମବୋଧ ଆସିଲା । ମନେ ପଡ଼ିଲା, ଏତେ ବଡ଼ ଜଣେ ବ୍ୟକ୍ତି ଆମ ସାଙ୍ଗରେ ଅଛନ୍ତି, କିନ୍ତୁ ତାଙ୍କୁ ଜାଣନ୍ତି କେତେ ଜଣ ? ପରମହଂସଙ୍କ ଯୁଗରେ ମଧ୍ୟ ତାଙ୍କୁ କେତେ ଜଣ ଜାଣିଥିଲେ ? ହଠାତ୍ ପ୍ରବଳ ଇଚ୍ଛା ହେଲା, ପୁଣି ପ୍ରଣାମ କରିବାକୁ । କିନ୍ତୁ ପ୍ରାଣପଣେ ସେ ଉଚ୍ଛ୍ୱାସକୁ ଚାପି ରଖିଲି । ଶ୍ରୀଅରବିନ୍ଦ ଏକ ଦୃଷ୍ଟିରେ ମୋତେ ଚାହିଁଥିଲେ । କାହିଁକି ଜାଣେନା, ପରେ ପରେ ଏଇ ସନ୍ଦେହ ଆସିଗଲା । କହିଲି, ''ଏହା କ'ଣ ସତରେ ସମ୍ଭବ ।''

''ଜଣେ ଅଧେଙ୍କ ପକ୍ଷରେ ନିଶ୍ଚୟ ସମ୍ଭବ । ମୁଁ ପ୍ରତ୍ୟକ୍ଷ୍ୟ କରିଛି କହି ଶ୍ରୀଅରବିନ୍ଦ ହାତରେ ଏକ ପ୍ରକାର ଭଙ୍ଗୀ କରି ଜୋର୍ ଦେଇ କହିଲେ, ''କିପରି ଭାବରେ ଏ ପ୍ରବଳ ବିଜୟୀ ଶକ୍ତିର କ୍ରିୟା ସେହିସବୁ ପ୍ରଭାବକୁ ମୁହୂର୍ତ୍ତକ ଭିତରେ ଦୂର କରି ଦେଇପାରେ, ଯାହା ଆତ୍ମାକୁ ଦେହ ସହିତ ବାନ୍ଧି ରଖିବାକୁ ଚାହେଁ । ଉଦାହରଣସ୍ୱରୂପ, ଯଦି କୌଣସି ଯୋଗୀ ବାହାର ଜଗତଠାରୁ ନିଜକୁ ସ୍ୱତନ୍ତ୍ର କରି ନିଭୃତରେ ରହିଥା'ନ୍ତି, ସେ ଛୋଟ, ବଡ଼ ସବୁପ୍ରକାର ରୋଗରୁ ମୁକ୍ତ ହୋଇପାରନ୍ତି ।''

''କିନ୍ତୁ ବାହାରକୁ ଆସିଲେ ପାରନ୍ତି ନାହିଁ କାହିଁକି ?''

''ଶ୍ରୀଅରବିନ୍ଦ କହିଲେ, ''କାରଣ ବାହାରେ ସର୍ବତ୍ର ରୋଗର ଇଙ୍ଗିତ, ପ୍ରରୋଚନା ଭର୍ତ୍ତି ହୋଇ ରହିଛି ।''

''କିନ୍ତୁ ଆପଣ କ'ଣ ମନେ କରନ୍ତି ଏହା ଗୋଟିଏ ବଡ଼ ସିଦ୍ଧି ? ଯଦି ତାହା ହୁଅନ୍ତା ତେବେ ଆମ ବ୍ୟାଧିର, ଶୋକ ଓ ତାପର ଏହି ଦୈହିକ ଦିଗଟିକୁ ବୁଦ୍ଧଦେବଙ୍କ ଭଳି ଦ୍ରଷ୍ଟାପୁରୁଷ ଏତେ ନଗଣ୍ୟ ମନେ କରିଥା'ନ୍ତେ କି ?''

ଶ୍ରୀଅରବିନ୍ଦ ଉତ୍ତର ଦେଲେ, ''ତୁମେ ଭୁଲିଯାଉଛ ଯେ, ବୁଦ୍ଧ ଜୀବନକୁ ସମ୍ପୂର୍ଣ୍ଣ ଭିନ୍ନ ଆଖିରେ ଦେଖିଥିଲେ । ତାଙ୍କର ଲକ୍ଷ୍ୟ ଥିଲା ଭିନ୍ନ । ସେ ଚାହିଁଥିଲେ ନିର୍ବାଣ – ଅର୍ଥାତ୍ ଏ ଇନ୍ଦ୍ରିୟ ଜଗତଠାରୁ ନିସ୍ତାର । ଏହା ହୋଇପାରେ ଯେ, ସେ ଯୁଗର ପରିବେଶରେ ମନୁଷ୍ୟ ବି ନିର୍ବାଣଠାରୁ ଆଉ ବଡ଼ କୌଣସି ଉପଲବ୍ଧିର ଅଧିକାରୀ ନଥିଲା । କାରଣ ଯାହାହେଉ ନା କାହିଁକି, ସେ ଜୀବନଲୀଳା ଚକ୍ରରୁ ଅବ୍ୟାହତି ଚାହିଁଥିଲେ । ମୁଁ ଚାହେଁ ଜୀବନର ପୂର୍ଣ୍ଣ ରୂପାନ୍ତର । ମୋର ଲକ୍ଷ୍ୟ ନୁହେଁ ବାସ୍ତବ ଜୀବନକୁ ପରିହାର କରିବା । ମୋର ଲକ୍ଷ୍ୟ ହେଲା ବସ୍ତୁକୁ ଅଧ୍ୟାତ୍ମ ଆଲୋକରେ ରୂପାନ୍ତରିତ କରିବା । ଜଡ଼ ଦେହ ଆଜି ମଧ୍ୟ ଆତ୍ମୋପଲବ୍ଧିର ଅନ୍ତରାୟ । ଏଥର ତାକୁ ମଧ୍ୟ ଉପଲବ୍ଧିର ସହାୟ ହେବାକୁ ହେବ । ଏହାହିଁ ପୂର୍ଣ୍ଣଯୋଗର ପ୍ରଧାନ ଲକ୍ଷ୍ୟ ।''

କେତେବେଳଯାଏଁ କଥା କହିପାରିଲି ନାହିଁ । ମନ ଭିତରେ ଏକପ୍ରକାର ଆଗ୍ରହ ପ୍ରବଳ ହୋଇଉଠିଲା । କିନ୍ତୁ ତା' ସହିତ ଏକପ୍ରକାର କୁଣ୍ଠା ଓ କେମିତି ଗୋଟିଏ ଭୟ ମଧ୍ୟ ଉଙ୍କି ମାରିଲା । ତେବେ ବି କହିଲି, ''ମୋ ସମ୍ବନ୍ଧରେ ?''

ଶ୍ରୀଅରବିନ୍ଦ ଏକ ଦୃଷ୍ଟିରେ ମୋତେ କିଛିକ୍ଷଣ ଚାହିଁ ରହିଲେ । ତା'ପରେ ସ୍ନିଗ୍ଧ କଣ୍ଠରେ କହିଲେ, ''ତୁମର ଏବେ ସମୟ ହୋଇ ନାହିଁ । ତୁମ ମଧ୍ୟରେ ଯେଉଁ ତୃଷ୍ଣା ଜାଗ୍ରତ୍ ହୋଇଛି, ତାହା ହେଲା ମନର ଜିଜ୍ଞାସା, କିନ୍ତୁ ଅନ୍ତତଃ ମୋ ଯୋଗରେ ଦୀକ୍ଷା ପାଇବାକୁ ହେଲେ, ଏହାଠାରୁ ଅଧିକ କିଛି ଆବଶ୍ୟକ । ଆଉ କିଛି ଦିନ ଯାଉନା !''

ଖୁବ୍ ଦୁଃଖ ହେଲା । କିନ୍ତୁ ତା' ସହିତ ଏକ ପ୍ରକାର ସ୍ୱସ୍ତି ଓ ଆନନ୍ଦର ଭାବ ମଧ୍ୟ ଅନୁଭବ କରିନାହିଁ କହିଲେ ସତ୍ୟର ଅପଳାପ ହେବ ।

କହିଲି, ''ସେ ସମୟ ଯଦି କେବେ ଆସେ – ତା'ହେଲେ ଆପଣଙ୍କର ସାହାଯ୍ୟ ପାଇବାର ଆଶା ରଖିପାରେ କି ?''

ଶ୍ରୀଅରବିନ୍ଦ ହସି ମୁଣ୍ଡ ହଲାଇଲେ ।

*

ସେ ସମୟରେ ଆଶ୍ରମରେ ପନ୍ଦର, ଷୋହଳ ଜଣ

ସାଧକ ଥିଲେ । ଏମାନଙ୍କ ଭିତରେ କେତେଜଣଙ୍କ ସହିତ ଶ୍ରୀଅରବିନ୍ଦ ଯଥେଷ୍ଟ ଆଳାପ କରୁଥିଲେ । ଏମାନଙ୍କ ପାଖରୁ ଶ୍ରୀଅରବିନ୍ଦଙ୍କ ଦ୍ୱାରା ଲିଖିତ ଅନେକ ପତ୍ର ପାଇଥିଲି । ତନ୍ମଧ୍ୟରୁ ଦେଶବନ୍ଧୁ ଚିତ୍ତରଂଜନଙ୍କୁ ଲେଖା ଯାଇଥିବା ଗୋଟିଏ ଚିଠି ମୋତେ ବିଶେଷ ଭାବରେ ପ୍ରଭାବିତ କରିଥିଲା । ପତ୍ରଟି ଶ୍ରୀଅରବିନ୍ଦ ଲେଖିଥିଲେ ୧୯୨୨ ମସିହା ୧୮ ନଭେମ୍ବରରେ, ସେ ଚିଠିରୁ କିଛି ଏଠାରେ ଉଦ୍ଧୃତ କରିବା ଅପ୍ରାସଙ୍ଗିକ ହେବ ନାହିଁ ।

ପ୍ରିୟ ଚିତ୍ତ,

ତୁମେ ମୋର ବର୍ତ୍ତମାନର ଭାବଧାରା ସମ୍ବନ୍ଧରେ ଜାଣ ବୋଧହୁଏ, ଯାହା ଫଳରେ ଜୀବନ ଓ କର୍ମ ସମ୍ବନ୍ଧରେ ମୋର ଦୃଷ୍ଟିଭଙ୍ଗୀ ବଦଳି ଯାଇଛି । ଦିନ ଯେତେ ଗଡ଼ି ଯାଉଛି, ମୋ ପାଖରେ ଏହି ସତ୍ୟ ସେତେ ସ୍ପଷ୍ଟ ହୋଇଯାଉଛି ଯେ, ମନୁଷ୍ୟ ଯେଉଁ ବ୍ୟର୍ଥଚକ୍ରରେ ଆବହମାନ କାଳରୁ ପରିକ୍ରମଣ କରି ଆସିଛି, ସେଥିରୁ ଆଦୌ ମୁକ୍ତି ପାଇବ ନାହିଁ ଯଦି ସେ ଏକ ନୂତନ ସତ୍ୟର ଭିତ୍ତି ଉପରେ ପ୍ରତିଷ୍ଠା ଲାଭ ନକରେ । ମୋ ମନରେ ଏବେ ଦୃଢ଼ ପ୍ରତ୍ୟୟ ଜନ୍ମିଛି, ଯାହା ପୂର୍ବରୁ ମଧ୍ୟ ଥିଲା, ଯଦିଓ ଏତେ ସ୍ପଷ୍ଟ ଓ ସକ୍ରିୟ ଭାବରେ ନୁହେଁ ଯେ — ଜୀବନର ଓ କର୍ମର ସତ୍ୟ ହେଲା ଆଧ୍ୟାତ୍ମିକତା ବା ଏପରି ଏକ ନବଚେତନା, ଯାହା କେବଳ ଯୋଗ ଦ୍ୱାରା ଲଭ୍ୟ । କିନ୍ତୁ ମହତ୍ତର ଚେତନାର ପ୍ରକୃତି ଓ ସାଧନ ଶକ୍ତି କି ଧରଣର ? ସେ ସତ୍ୟ ସଫଳ ହେବାର ସର୍ତ୍ତ କ'ଣ ? କିପରି ତାକୁ ଓହ୍ଲାଇ ଆଣି, ସୁସମ୍ବନ୍ଧିତ କରି ଗଢ଼ି ତୋଳି ଜୀବନ ଉପରେ ପ୍ରୟୋଗ କରିବା ସମ୍ଭବ ହେବ ? କେଉଁ ଉପାୟରେ ଆମର ବର୍ତ୍ତମାନର ଆଧାର ମନ, ବୁଦ୍ଧି, ପ୍ରାଣ, ଦେହକୁ ଏ ମହତ୍ ରୂପାନ୍ତରର ବାହନ କରାଯାଇପାରେ ? ଏହି ସମସ୍ତ ସମସ୍ୟାର ମୀମାଂସାକୁ ମୁଁ ଖୋଜିଛି ମୋ ନିଜର ଅଭିଜ୍ଞତା ଭିତରେ । ଏତେ ଦିନ ଧରି ଏସବୁର ପ୍ରତିଷ୍ଠା ଭୂମି ସମ୍ବନ୍ଧରେ ମୁଁ ନିଶ୍ଚିତ ହୋଇପାରିଛି, ଏବଂ କିଛିଟା ରହସ୍ୟ ଭେଦ କରିବାକୁ ସକ୍ଷମ ହୋଇପାରିଛି । ତେବେ ବର୍ତ୍ତମାନ ମୋତେ ପ୍ରଚ୍ଛନ୍ନ ଭାବରେ ରହିବାକୁ ହେବ । କାରଣ, ବହିର୍ଜଗତରେ ସେପର୍ଯ୍ୟନ୍ତ ମୁଁ କାମ ଆରମ୍ଭ କରିବି ନାହିଁ, ଯେପର୍ଯ୍ୟନ୍ତ ଏଇ ନୂତନ ସାଧନ ଶକ୍ତିର ପୂର୍ଣ୍ଣ ଅଧିକାର ମୁଁ ନପାଇଛି । ଯେତେଦିନ ଯାଏ ମୂଳଦୁଆ ନିଖୁଣ ନହୋଇଛି, ସେତେଦିନ ଯାଏ ଗଢ଼ିବା ଆରମ୍ଭ କରିବି ନାହିଁ ।''

ଆଉ କେତୋଟି ପତ୍ର ବି ଥିଲା । ପଣ୍ଡିଚେରୀର ଗୋଟିଏ ହୋଟେଲରେ ବସି ସବୁ ପଢ଼ିଲି । ଆନନ୍ଦର ନିଶାରେ ଓ ଉତ୍ସାହରେ ଭଲ ନିଦ ହେଲା ନାହିଁ । ମନରେ ଝଲସି ଯାଉଥାଏ, ଶ୍ରୀଅରବିନ୍ଦଙ୍କର ଜ୍ୟୋତିର୍ମୟ ମୂର୍ତ୍ତି, ଆଉ ଦେଶବନ୍ଧୁଙ୍କ ନିକଟକୁ ଲିଖିତ ଏଇ ପତ୍ରଟିର କଥା ।

(କ୍ରମଶଃ)

(ଦିଲୀପକୁମାର ରାୟଙ୍କ ବଙ୍ଗଳାରେ ଲିଖିତ 'ତୀର୍ଥଙ୍କର' ପୁସ୍ତକରୁ ଅନୂଦିତ ।)

ଅନୁବାଦ : ମମତା ଦାଶ ✤

''ମୋ ଭିତରେ ଉଦାର-ପ୍ରସାରିତ ହୁଅ, ହେ ବରୁଣ; ମୋ ଭିତରେ ଶକ୍ତିମୟ ହୁଅ, ହେ ଇନ୍ଦ୍ର; ହେ ସୂର୍ଯ୍ୟ, ହୁଅ ଅତୀବ ଉଜ୍ଜ୍ୱଳ ଓ ଦୀପ୍ତିମାନ୍; ହେ ଚନ୍ଦ୍ର, ହୁଅ ସୌନ୍ଦର୍ଯ୍ୟ ଓ ମାଧୁର୍ଯ୍ୟ ପରିପୂର୍ଣ୍ଣ । ଉଗ୍ର ଓ ଭୀଷଣ ହୁଅ, ହେ ରୁଦ୍ର; ହେ ମରୁତ୍‌ଗଣ, ହୁଅ ଦୁର୍ବାର ଓ କ୍ଷିପ୍ର; ହେ ଅର୍ଯ୍ୟମା, ହୁଅ ବଳବାନ୍ ଏବଂ ସାହସୀ; ହୁଅ ଭୋଗକ୍ଷମ ଏବଂ ସୁଖମୟ, ହେ ଭଗ; ହୁଅ ସୁକୋମଳ, ଏବଂ ଦୟାଳୁ ଏବଂ ପ୍ରେମମୟ ଏବଂ ଆବେଗମୟ, ହେ ମିତ୍ର; ହୁଅ ପ୍ରଭାମୟ ଏବଂ ପ୍ରକାଶମୟ, ହେ ଉଷା; ହେ ରାତ୍ରି, ହୁଅ ସୁଗମ୍ଭୀର, ହୁଅ ସୁଗର୍ଭା । ହେ ପ୍ରାଣଶକ୍ତି, ହୁଅ ପୂର୍ଣ୍ଣ, ପ୍ରସ୍ତୁତ ଏବଂ ଉତ୍‌ଫୁଲ୍ଲ; ହେ ମୃତ୍ୟୁ, ହର୍ମ୍ୟରୁ ହର୍ମ୍ୟତର ମୋତେ ପଥ ଦେଖାଇ ନେଇଚାଲ । ଏସମସ୍ତ ଭିତରେ ସଂହତି ବିଧାନ କର, ହେ ବ୍ରହ୍ମଣସ୍ପତି । ମୁଁ ଯେମିତି ଏସବୁ ଦେବଗଣଙ୍କ ଅଧୀନ ହୋଇ ନଯାଏ, ହେ କାଳି ।''

(CWSA, Vol. 12 : p. 429) — ଶ୍ରୀଅରବିନ୍ଦ

# ଜ୍ଞାନେଶ୍ୱରୀ

[ତ୍ରୟୋଦଶ ଶତାବ୍ଦୀରେ ସନ୍ଥ ଜ୍ଞାନଦେବଙ୍କ ରଚିତ ''ଜ୍ଞାନେଶ୍ୱରୀ'' ନାନା ଉପମା, ଉପମେୟ, ଚିତ୍ରକଳ୍ପ ଆଦିରେ ସମୃଦ୍ଧ ଗୀତାର ବ୍ୟାଖ୍ୟାରୂପେ ସର୍ବଜନ-ଆଦୃତ । 'ନବଜ୍ୟୋତି'ର ଏହି ସଂଖ୍ୟାରେ ଗୀତାର ଏକାଦଶ ଅଧ୍ୟାୟ 'ବିଶ୍ୱରୂପ ଦର୍ଶନ'ର କେତେକ ନିର୍ବାଚିତ ଅଂଶର ଅନୁବାଦ ପ୍ରଦତ୍ତ ହେଲା ।]

## ବିଶ୍ୱରୂପ ଦର୍ଶନ

... ଅର୍ଜୁନ ସେହି ବିଶ୍ୱରୂପ ଭିତରେ ଦେଖିଲେ ଅସଂଖ୍ୟ ମୁଖ । ସେହି ମୁଖ ଭିତରେ ଯାହା ଦେଖିଲେ ମନେହେଲା ଯେପରିକି ବିଷ୍ଣୁଙ୍କ ରାଜଭବନ ଲାବଣ୍ୟମୟ ଶୋଭାସମ୍ଭାର ଦ୍ୱାରା ଉଦ୍ଭାସିତ । ଏସବୁ କେବଳ ମୁଖ ନୁହେଁ, ମନେହେଲା ଯେପରିକି ବହୁ ନନ୍ଦନକାନନର ସମାହାର । ସୌନ୍ଦର୍ଯ୍ୟ ତା'ର ସାମ୍ରାଜ୍ୟ ସକଳ ଠୁଳ କରି ରଖିଛି ଏହା ଭିତରେ । ଅର୍ଜୁନ ଶ୍ରୀକୃଷ୍ଣଙ୍କର ଏହିଭଳି କମନୀୟ ମୁଖ ଦର୍ଶନ କରି ଉଲ୍ଲସିତ ହୋଇ ଉଠିଲେ । ସେ ଦେଖିଲେ ଏହି ମୁଖଗୁଡ଼ିକ ମଧ୍ୟରୁ କୌଣସି କୌଣସିଟି ଭୀଷଣ, ଭୟାନକ । ମନେହେଲା ଯେପରି କାଳରାତ୍ରିର ସୈନ୍ୟବାହିନୀ ମାଡ଼ି ଆସୁଛନ୍ତି, ଏହି ମୁଖ ଭିତରେ ନାନା ମୁଖର ଉଦ୍ଭବ ହୋଇଛି । ତା' ମଧ୍ୟରୁ ଗୋଟିଏ ମୃତ୍ୟୁ ମୁଖ ଭଳି ମନେ ହେଉଛି । ଏହାରି ଭିତରେ ଭୟର ଦୁର୍ଗ ମଧ୍ୟ ରଚିତ । ମନେହେଉଛି ଯେପରି ପ୍ରଳୟାନଳର ମହାକୁଣ୍ଡର ଦ୍ୱାର ଖୋଲି ଦିଆଯାଇଛି । ଅର୍ଜୁନ ସେହି ମୁଖ ମଧ୍ୟରେ ଅଦ୍ଭୁତ, ଭୟାନକ ଏବଂ ବହୁପ୍ରକାରର ଅଳଙ୍କାରରେ ଅଳଂକୃତ ସୌମ୍ୟ ମୁଖ ଦର୍ଶନ କଲେ । ଅବଶ୍ୟ ସେ ଜ୍ଞାନଦୃଷ୍ଟି ତଥା ଦିବ୍ୟଦୃଷ୍ଟିରେ ଦେଖୁଥିଲେ, ତଥାପି ମୁଖ ଗହ୍ୱରର ଶେଷ କେଉଁଠି ଜାଣି ପାରିଲେ ନାହିଁ କିଂବା ଦେଖିପାରିଲେ ନାହିଁ ।

ସେହି ମୁଖରେ ଥିବା ଚକ୍ଷୁ ଆଡ଼କୁ ଅର୍ଜୁନଙ୍କ ଦୃଷ୍ଟି ପଡ଼ିଲା । ସେ ଚକ୍ଷୁକୁ ଦେଖିବା ମାତ୍ରେ ମନେହେଲା ଯେପରି ଅନେକ ସୂର୍ଯ୍ୟର ସମାବେଶ ଘଟିଛି ଏଠାରେ । ସେ ଅନୁଭବ କଲେ ଏହି ନୟନର କମଳବନ ବିକଶିତ ହୋଇଉଠିଛି । ସେହି ଚକ୍ଷୁର ଭ୍ରୁକୁଟି ତଳକୁ ଲକ୍ଷ୍ୟ କଲେ ସେ । ସେଠାରେ ଦେଖିଲେ କୃଷ୍ଣବର୍ଣ୍ଣ ମେଘମାଳା ଭିତରେ ବିଜୁଳି ଚମକିଲା ପରି ଅଗ୍ନିର ଚମକ । ଯାହା ଯାହା ଦେଖିଲେ ସେସବୁ ଅତ୍ୟନ୍ତ ବିସ୍ମୟକର । ଗୋଟିଏ ରୂପ ଭିତରେ ଦର୍ଶନ କଲେ ଅନେକ ରୂପ । ମନେ ମନେ ଭାବିଲେ ଏ ରୂପର ପାଦ କେଉଁଠି ? ମୁକୁଟ ରହିଲା କେଉଁଠି ? ହାତସବୁ ଗଲା କୁଆଡ଼େ ? ପ୍ରେମର ପ୍ରାଚୁର୍ଯ୍ୟ ମଧ୍ୟରେ ଅଧିକରୁ ଅଧିକ ଦେଖିବା ଲାଗି ତାଙ୍କର ଇଚ୍ଛା ବୃଦ୍ଧି ପାଇବାକୁ ଲାଗିଲା । ଭାଗ୍ୟବାନ୍ ଅର୍ଜୁନଙ୍କ ବାସନା କ'ଣ ଅପୂର୍ଣ୍ଣ ରହିପାରେ ? ଶଙ୍କରଙ୍କ ତୂଣୀରରେ କ'ଣ କେବେ ମିଥ୍ୟାଳାପର ଛାଞ୍ଚ ସୁଦ୍ଧା ରହିପାରେ ? ସେହିଭଳି ଅର୍ଜୁନଙ୍କ ଇଚ୍ଛା ଅପୂରଣୀୟ ରହିପାରେନା । ଶ୍ରୀକୃଷ୍ଣ ତାଙ୍କୁ ଅପାର ସ୍ୱରୂପର ଆଦି-ଅନ୍ତସବୁ ଦେଖାଇବାରେ ଲାଗିଲେ । ବେଦ ଯାହାର ଅନ୍ତ ପାଇ ନାହିଁ, ଅର୍ଜୁନ ନିଜ ଦୁଇ ନୟନରେ ତାଙ୍କର ସଂପୂର୍ଣ୍ଣ ଅବୟବର ଦର୍ଶନର ସୌଭାଗ୍ୟ ଲାଭ କରିପାରିଲେ । ପାଦଠାରୁ ମଥା ତଥା ମୁକୁଟ ପର୍ଯ୍ୟନ୍ତ ସେ ବିଶ୍ୱରୂପ ଦର୍ଶନ କରିପାରିଲେ । ସେହି ରୂପ ନାନା ଅଳଙ୍କାରରେ ସୁଶୋଭିତ । ନିଜ ଶରୀରରେ ଧାରଣ କରିବା ଲାଗି ସ୍ୱୟଂ ପରମବ୍ରହ୍ମ ଯାହାର ଅଳଙ୍କାର ପାଳଟିଛନ୍ତି ତାକୁ ତୁଳନା କରିବ କିଏ ? ଯାହାର ପ୍ରଭାବରେ ସୂର୍ଯ୍ୟଚନ୍ଦ୍ର ପ୍ରଭାବିତ, ଯିଏ ମହାତେଜଃର ଜୀବନ, ଯେଉଁଥିରୁ ସମଗ୍ର ବିଶ୍ୱର ପ୍ରକାଶ, ସେହି ଦିବ୍ୟତେଜଃର ଶୋଭା କାହାର ବା ବୁଦ୍ଧିଗୋଚର ହୋଇପାରିବ ? ପ୍ରଭୁ ନିଜେ ନିଜକୁ ଅଳଙ୍କୃତ କରି ରଖିଛନ୍ତି । ଅର୍ଜୁନ ସେହି ଅଳଙ୍କୃତ ରୂପକୁ ଦେଖିବାର ସୁଯୋଗ ଲାଭ କଲେ । ଅର୍ଜୁନ ଜ୍ଞାନ ଦୃଷ୍ଟିରେ ଦେଖିଲେ ପ୍ରଭୁ ଯେଉଁ ଦଣ୍ଡଟି ଧରିଛନ୍ତି ତାହା ଦଣ୍ଡ ନୁହେଁ – ଏକ ଅଖଣ୍ଡ ବସ୍ତୁ । କଳ୍ପାନ୍ତର ଜ୍ୱାଳାକୁ ପ୍ରଶମିତ କରିବା ଲାଗି ତାଙ୍କର ଏହି ଦଣ୍ଡ ଧାରଣ । ଏହି ଦଣ୍ଡ ଭିତରେ ସେ ଦେଖୁଥିଲେ ଅନେକ ଅସ୍ତ୍ରର ସମାହାର । ପ୍ରଭୁ ନିଜେହିଁ ଶରୀର, ନିଜେ ଅଳଙ୍କାର, ନିଜେ ହସ୍ତ, ନିଜେ ଅସ୍ତ୍ର, ନିଜେ ଦେହୀ ଓ ଦେହ । ସଚରାଚର ଶ୍ରୀକୃଷ୍ଣମୟ । ତାଙ୍କ କିରଣର ତୀବ୍ରତା ପାଖରେ ନକ୍ଷତ୍ରଗୁଡ଼ିକ କ୍ଷୁଦ୍ର ଶସ୍ୟକଣା ଭଳି । ଏହି ତେଜଃର ଭୟରେ ଅଗ୍ନି ସମୁଦ୍ରରେ ପ୍ରବେଶ କରେ । କାଳକୂଟ ସମୁଦ୍ରତଳେ ଯାଇ ଲୁଚି ରହେ । ସେ ହେଉଛନ୍ତି ସାକ୍ଷାତ୍ ବିଦ୍ୟୁନ୍ମୟ ଅରଣ୍ୟ । ତାଙ୍କର ଅସଂଖ୍ୟ ହସ୍ତ । ହସ୍ତମାନଙ୍କରେ ଅସଂଖ୍ୟ ଅସ୍ତ୍ର । ସେଗୁଡ଼ିକ ପ୍ରଭାମୟ, ଜ୍ୟୋତିର୍ମୟ ।

ଦିବ୍ୟମାଳ, ଦିବ୍ୟ-ପ୍ରଭାବସ୍ତ୍ର, ଦିବ୍ୟ-ସୁଗନ୍ଧ ଦେହ, ଚାରିଆଡ଼େ ଅସଂଖ୍ୟ ମୁଖ, ଏ ସମସ୍ତ ଆଶ୍ଚର୍ଯ୍ୟ ରୂପ ପ୍ରକାଶ ପାଇଥାଏ ।

ଅର୍ଜୁନ ଏହି ଭୟଙ୍କର ରୂପକୁ ଦେଖି ପଛପଟକୁ ମୁହଁ ବୁଲାଇଦେଲେ । କିନ୍ତୁ ଦୃଷ୍ଟି ଯିବ କୁଆଡ଼େ ? ଚାରିପଟେ ସେହି ରୂପ । ସେ ସେହି ବିଶ୍ୱରୂପର କଣ୍ଠ ଓ ମୁକୁଟକୁ ଚାହିଁବା ମାତ୍ରେ ଦେଖାଗଲା ଏକ ବିରାଟ କଳ୍ପବୃକ୍ଷ ! ଦେଖିଲେ ମହାସିଦ୍ଧମାନଙ୍କ ଅଧିଷ୍ଠାତ୍ରୀ ଦେବୀ ମା' ଲକ୍ଷ୍ମୀ କ୍ଳାନ୍ତ ଶ୍ରାନ୍ତ ହୋଇ ସେହି ବୃକ୍ଷତଳେ ଆଶ୍ରୟ ଗ୍ରହଣ କରିଛନ୍ତି । ସେହି ବିଶ୍ୱରୂପର କି ସୁନ୍ଦର ନୟନାଭିରାମ କଣ୍ଠ । ଅତି ନିର୍ମଳ । କୁସୁମଶୋଭିତ । ମୁକୁଟ ମଧ୍ୟ ତହୁଁବଳି କମନୀୟ । ମୁକୁଟ ଉପରେ ଗୁଚ୍ଛ ଗୁଚ୍ଛ ହୋଇ ନାନା ବର୍ଣ୍ଣର ପୁଷ୍ପ । କଣ୍ଠଦେଶରେ ପରମ ରମଣୀୟ ପୁଷ୍ପମାଳା । ସ୍ୱର୍ଗରାଜ୍ୟ ଯେପରି ସୂର୍ଯ୍ୟକିରଣରେ ଉଦ୍ଭାସିତ । ମନେହେଉଛି ଯେପରି ମେରୁ ପର୍ବତ ସ୍ୱର୍ଣ୍ଣରେ ବିମଣ୍ଡିତ । ପରିଧାନ ହେଉଛି ଉଜ୍ଜ୍ୱଳ ସୁଶୋଭିତ ପୀତାମ୍ବର । ମନେହେଉଛି ଶଙ୍କରଙ୍କ ଅଙ୍ଗ କର୍ପୂର ଦ୍ୱାରା ମାର୍ଜନା କରାଯାଇଛି । କୈଳାସ ପର୍ବତ ପାରଦ ଦ୍ୱାରା ଲେପିତ ହୋଇଛି । କ୍ଷୀର ସମୁଦ୍ର ଉପରେ ଶୁଭ୍ରବସନର ଆଚ୍ଛାଦନ ଦିଆଯାଇଛି । ଚନ୍ଦ୍ର କିରଣ ଦ୍ୱାରା ବସ୍ତ୍ର ପ୍ରସ୍ତୁତ କରାଯାଇ ଗଗନକୁ ପିନ୍ଧାଇ ଦିଆଯାଇଛି । ସର୍ବାଙ୍ଗ ଶୁଭ୍ରଚନ୍ଦନରେ ଚର୍ଚ୍ଚିତ ହୋଇଛି । ଏହାର ସୁଗନ୍ଧ ଓ ଶୀତଳତାରେ ବ୍ରହ୍ମାନନ୍ଦଙ୍କ ଜ୍ୱାଳା ଉପଶମ ହୋଇପାରୁଛି । ପୃଥିବୀ ନବଜୀବନ ଲାଭ କରିପାରିଛି । ପ୍ରକୃତ ଶରୀରରହିତ ପରବ୍ରହ୍ମ ଯେଉଁ ପ୍ରଲେପରେ ନିର୍ମଳ ହୋଇଉଠନ୍ତି ଏବଂ ଯାହାକୁ ସେ ଆନନ୍ଦରେ ସର୍ବାଙ୍ଗରେ ଧାରଣ କରିଥାଆନ୍ତି, ସେ ସୁଗନ୍ଧର ବର୍ଣ୍ଣନା କରିବ କିଏ ! ଶୃଙ୍ଗାର ଭୂଷଣାଳଙ୍କାରର ଗୋଟିଏ ଗୋଟିଏ ଶୋଭା ଦର୍ଶନ କରୁ କରୁ ଅର୍ଜୁନ ଅବାକ୍ ହୋଇ ପଡ଼ିଲେ । ପ୍ରଭୁ ବସିଛନ୍ତି କି ଠିଆ ହୋଇଛନ୍ତି, ପଛରେ ଅଛନ୍ତି କି ଆଗରେ ଅଛନ୍ତି ଏହା ସ୍ଥିର କରିବାକୁ ସେ ଅସମର୍ଥ ହୋଇପଡ଼ିଲେ । ଆଖି ଖୋଲିଦେବା ମାତ୍ରକେ ଦେଖିଲେ ଚତୁର୍ଦ୍ଦିଗରେ ସେହି ମୂର୍ତ୍ତି । ଆଖି ବୁଜି ଦେଲେ ମଧ୍ୟ ଅନ୍ତର-ରାଜ୍ୟ ସେହି ଦୃଶ୍ୟରେ ପରିପୂର୍ଣ୍ଣ । ସମ୍ମୁଖରେ ଅଗଣିତ ବଦନ । ଭୟରେ ପଛଆଡ଼କୁ ଚାହିଁବା ମାତ୍ରେ ସେ ଦେଖିଲେ ପଛରେ ମଧ୍ୟ ଆଗ ଭଳି ଅଗଣିତ ଶ୍ରୀମୁଖ । କେତେ ହସ୍ତ, କେତେ ପାଦ ! ଦେଖିବାକୁ ଚାହିଁଲେ ତ ଦେଖାଯିବା ସ୍ୱାଭାବିକ, କିନ୍ତୁ ଅଦ୍ଭୁତ କଥା ହେଉଛି ଦେଖିବାକୁ ନ ଚାହିଁଲେ ମଧ୍ୟ ଦେଖାଯାଉଛି ।

ଏହି ଯେ ଭଗବାନଙ୍କର ବିଶ୍ୱରୂପ ତାହା ଦେଖିବା ତ ଦୂରର କଥା, ତାହା ମନ ଓ କଳ୍ପନାର ବାହାରେ । କେବଳ ଜ୍ଞାନବଳରେ ଜଣାଯାଏ । ସହସ୍ର ସୂର୍ଯ୍ୟ ଏକତ୍ର ଆକାଶରେ ଉଦୟ ହେଲେ ସେ ଜ୍ୟୋତିଃ ସହ ସମାନ ହେବେ ନାହିଁ ।

## ବିସ୍ମୟାବିଷ୍ଟ ଅର୍ଜୁନଙ୍କ ସ୍ତୁତି

ଅର୍ଜୁନ ଏ ରୂପ ଦେଖି ଚକିତ ହୋଇ ପ୍ରେମ ପୁଲକରେ କରଯୋଡ଼ି ପ୍ରଣାମ କରି କହିଲେ –

''ବିଶ୍ୱ ଏକ ଓ ମୁଁ ଏକ'' ଅର୍ଜୁନଙ୍କର ଏହି ଦ୍ୱୈତଭାବ ନଷ୍ଟ ହୋଇଯାଇଥିଲା । ଅନ୍ତଃକରଣ ଲୋପ ପାଇବା ମାତ୍ରେ ଅନ୍ତର୍ଯାମୀ ସ୍ୱରୂପର ଆନନ୍ଦ ଜାଗ୍ରତ୍ ହୋଇଥିଲା । ତାଙ୍କ ବାହ୍ୟିକ ଅଙ୍ଗପ୍ରତ୍ୟଙ୍ଗର ବଳ ଚାଲିଗଲା । ଆପାଦମସ୍ତକ ରୋମାଞ୍ଚିତ ହୋଇସାରିବା ପରେ ଯେପରି କୋମଳ ଶିଉଳି ଜାତ ହୋଇଥାଏ, ସେହିଭଳି ଅର୍ଜୁନଙ୍କର ସର୍ବାଙ୍ଗରେ ରୋମାଞ୍ଚ ଜାତ ହେବାକୁ ଲାଗିଲା । ଚନ୍ଦ୍ର କିରଣରେ ଚନ୍ଦ୍ରକାନ୍ତ ମଣି ଯେପରି ଘର୍ମାକ୍ତ ହୋଇଉଠେ ସେହିଭଳି ଅର୍ଜୁନଙ୍କର ଶରୀର ସ୍ୱେଦମୟ ହୋଇଉଠିଲା । କମଳକୋରକ ଭିତରେ ଭ୍ରମର ପ୍ରବେଶ କରି ଆବଦ୍ଧ ହୋଇପଡ଼ିବା ମାତ୍ରେ ଜଳ ଉପରେ ଏହା ଯେପରି କମ୍ପିତ ହୋଇଥାଏ, ସେହିଭଳି ଅର୍ଜୁନଙ୍କର ଅନ୍ତର ଆନନ୍ଦରେ କମ୍ପି ଉଠିଲା । କର୍ପୂର ପୁଡ଼ାକୁ ଖୋଲିଦେବା ମାତ୍ରେ ଏହାର କର୍ପୂରକଣା ଯେପରି ଝରିଆସେ ସେହିଭଳି ଅର୍ଜୁନଙ୍କର ନୟନ ଯୁଗଳରୁ ଜଳବିନ୍ଦୁ ଝରି ଆସିଲା । ଚନ୍ଦ୍ରୋଦୟ ମାତ୍ରେ ସମୁଦ୍ରର ତରଙ୍ଗ ଆନ୍ଦୋଳିତ ହେଲାଭଳି ଅର୍ଜୁନ ଆନନ୍ଦ-ତରଙ୍ଗରେ ଉଚ୍ଛୁଳି ଉଠିଲେ । ଅଷ୍ଟସାତ୍ତ୍ୱିକ ଭାବ ପରସ୍ପର ସହ ପ୍ରତିଯୋଗିତା କରି ବିକଶିତ ହେବାରେ ସେ ବ୍ରହ୍ମାନନ୍ଦ ଲାଭ କଲେ । ଏହି ଆନନ୍ଦ ଅନୁଭବ ପରେ ଦ୍ୱୈତଭାବକୁ ଆଶ୍ରୟ କରି ନିଃଶ୍ୱାସ ପ୍ରଶ୍ୱାସ ନେଉ ନେଉ ଅର୍ଜୁନ ବାହ୍ୟଦୃଷ୍ଟି ଫେରାଇ ଯେଉଁ ଦିଗକୁ ମୁହଁ କରି ରହିଥିଲେ ସେହି ଦିଗକୁ ହାତଯୋଡ଼ି ମୁଣ୍ଡ ନୁଆଁଇ କହିବାକୁ ଲାଗିଲେ –

''ହେ ଦେବ ! ତୁମ ଶରୀରରେ ଦେବତା, ପ୍ରାଣିଗଣ, ବ୍ରହ୍ମା, ଋଷିସମୂହ, ସର୍ପଗଣ, ଏସମସ୍ତଙ୍କୁ ଦେଖି ମୁଁ ଆଶ୍ଚର୍ଯ୍ୟ ହେଲି ।

''ପ୍ରଭୁ, ଆପଣଙ୍କର ଜୟ ହେଉ । ମୋ ଭଳି ସାମାନ୍ୟ ମନୁଷ୍ୟ-ଦେହଧାରୀକୁ କେବଳ ଯେ ବିଶ୍ୱରୂପ ଦେଖାଇଛ ତା'

ନୁହେଁ, ଦେଖିପାରିବା ଭଳି ସାମର୍ଥ୍ୟ ମଧ୍ୟ ଦେଇଛ । ଏହାଠାରୁ ବଳି କୃପା ଆଉ କ'ଣ ଥାଇପାରେ ? ମୋର ବହୁତ ଉପକାର କରିଛ । କାରଣ ଆପଣହିଁ ଯେ ସମଗ୍ର ବିଶ୍ୱସୃଷ୍ଟି ପରମାଶ୍ରୟ ତାହା ମୁଁ ପ୍ରତ୍ୟୟ କରିପାରିଛି । ମନ୍ଦର ପର୍ବତରେ ଯେପରି ଶ୍ୱାପଦସଂକୁଳ ଅରଣ୍ୟ ଦେଖାଯାଏ, ସେହିଭଳି ଆପଣଙ୍କ ଶରୀର ଅସଂଖ୍ୟ ଭୁବନର ଆବାସ । ଆକାଶରେ ଯେପରି ଅଗଣିତ ଗ୍ରହ, ନକ୍ଷତ୍ର; ମହାବୃକ୍ଷ ଦେହରେ ଯେପରି ବହୁପକ୍ଷୀଙ୍କ କୋଟର, ସେହିଭଳି ହେ ଶ୍ରୀହରି ! ଆପଣଙ୍କର ଏହି ବିଶ୍ୱରୂପ ବିଗ୍ରହରେ ଦେବତାମାନଙ୍କ ସହିତ ସମଗ୍ର ସ୍ୱର୍ଗପୁରୀ ଦେଖାଯାଉଛି । ଏହା ଭିତରେ ମୁଁ ପଞ୍ଚ ମହାଭୂତକୁ ଦେଖୁଛି, ଏହି ପଞ୍ଚଭୂତରୁହିଁ ସମଗ୍ର ଜୀବଜଗତର ସୃଷ୍ଟି । ମୁଁ ଏଥିରେ ସତ୍ୟଲୋକକୁ ଦେଖୁଛି । ଦେଖୁଛି ଗୋଟିଏ ପାଖରେ ରହିଛନ୍ତି ପରମପୁରୁଷ ସୃଷ୍ଟିକର୍ତ୍ତା ନିଜେ ବ୍ରହ୍ମଦେବ ଏବଂ ଅନ୍ୟ ପାଖରେ ଧ୍ୱଂସକର୍ତ୍ତା କୈଳାସପତି ମହାଦେବ । ସେ ପାର୍ବତୀଙ୍କ ସହ ରହିଛନ୍ତି । ହେ ହୃଷୀକେଶ, ଆପଣ ନିଜକୁ ନିଜ ଭିତରେ ଦେଖାଇବାରେ ଲାଗିଛନ୍ତି । କଶ୍ୟପ ସମେତ ଋଷିଗଣ ଓ ବାସୁକିନାଗ ସହିତ ସପ୍ତ ପାତାଳକୁ ଦେଖୁଛି । ହେ ତ୍ରୈଲୋକପତି; ଆପଣଙ୍କର ଅବୟବ ରୂପକ ପ୍ରାଚୀର ଦେହରେ ଚତୁର୍ଦ୍ଦଶ ଭୁବନର ଚିତ୍ରାଙ୍କନ କରାଯାଇଛି । ଜୀବଜଗତର ଚିତ୍ର ମଧ୍ୟ ଅଙ୍କିତ ହୋଇଛି । ବାସ୍ତବିକ ଆପଣଙ୍କର ଅଗାଧ ସ୍ୱରୂପ ଅସାଧାରଣ ।

''ଆପଣ କେଉଁଠାରୁ ପ୍ରକାଶିତ ହୋଇଛନ୍ତି, ବସିଛନ୍ତି କି ଠିଆ ହୋଇଛନ୍ତି, ଆପଣଙ୍କୁ କେଉଁ ମାଆ ଗର୍ଭରେ ଧାରଣ କରି ଜନ୍ମ ଦେଇଛି, ଆପଣଙ୍କର ଆକାର ଓ ରୂପ କ'ଣ, ବର୍ଣ୍ଣ କ'ଣ, ଘର କେଉଁଠି, ବୟସ କେତେ, ଆପଣଙ୍କ ପରେ ଆଉ କିଏ ଅଛି, ଆଗରୁ କେଉଁଠି ଥିଲେ, ମୂଳ କେଉଁଠି ? ଏହି ସମସ୍ତ ପ୍ରଶ୍ନର ଏକମାତ୍ର ଉତ୍ତର ହେଉଛି ଆପଣହିଁ ଆପଣଙ୍କ ଆଶ୍ରୟ । ଆପଣଙ୍କ ଛଡ଼ା ଆଉ ଦ୍ୱିତୀୟ କେହି ନାହିଁ । ଆପଣଙ୍କର ଆଦି ନାହିଁ କି ଅନ୍ତ ନାହିଁ । ଆପଣ ବସି ନାହାନ୍ତି କି ଠିଆ ହୋଇ ରହି ନାହାନ୍ତି । ଖର୍ବକାୟ ନୁହନ୍ତି କି ଦୀର୍ଘକାୟ ନୁହନ୍ତି ।... ଆପଣହିଁ ଆପଣଙ୍କର ଆୟୁଷ । ଆପଣଙ୍କ ଅଗ୍ରଭାଗରେ ଆପଣ, ପଛରେ ଆପଣ । ନିଜେ ନିଜରହିଁ ସବୁ । ଆପଣଙ୍କର ଗୋଟିଏ ମାତ୍ର ଅଭାବ ହେଉଛି ଆପଣଙ୍କ ଆଦି, ମଧ୍ୟ ଓ ଅନ୍ତ ଏହି ତିନୋଟିଯାକ ନାହିଁ ।... ଆପଣ ସବୁଠି ଅଛନ୍ତି, ତେଣୁ ଏହାର ସୀମା ଖୋଜିଲେ ମିଳିବ କେଉଁଠୁ ?

... ''ଆପଣଙ୍କ ଶରୀରର ତେଜଃ ଅବର୍ଣ୍ଣନୀୟ । ଆନନ୍ଦର କିପରି ଦୀପ୍ତି ତାହା ଦୁର୍ଦ୍ଦର୍ଶନୀୟ, ତାହାସବୁ ମୁଁ ଆପଣଙ୍କ ଶରୀରରେ ଦେଖିଲି ।... ଏହି ଅଙ୍ଗକାନ୍ତି ନିକଟରେ ଅଗ୍ନିର ପ୍ରଭା ମଧ୍ୟ ଜୁଳୁଜୁଳିଆ ପୋକର ଆଲୋକଠାରୁ କ୍ଷୀଣ । ଏହାର ତେଜଃ ଯେପରି ଅଦ୍ଭୁତ, ଏହାର ତୀବ୍ରତା ମଧ୍ୟ ସେପରି ଅଦ୍ଭୁତ । ମନେହେଉଛି ମହାତେଜଃର ମହାସମୁଦ୍ରରେ ସମଗ୍ର ସୃଷ୍ଟି ଚରାଚର ବୁଡି ଯାଇଛି । ପ୍ରଳୟକାଳର ବିଦ୍ୟୁତ୍‌ର ପ୍ରଭାରେ ସମଗ୍ର ଗଗନମଣ୍ଡଳ ଆଚ୍ଛାଦିତ ହୋଇ ରହିଛି । ସଂହାରକାଳୀନ ମହାତେଜଃ ତା'ର ସମସ୍ତ କିରଣକୁ ଏକତ୍ର କରି ଆକାଶରେ ତା'ର ଉତ୍ସବ ମଣ୍ଡପ ପ୍ରସ୍ତୁତ କରିବାରେ ଲାଗିଛି ।

...''ହେ ପ୍ରଭୋ, ଆପଣ ଅବ୍ୟୟ, ଅକ୍ଷୟ, ଅଗାଧ, ଅବିନଶ୍ୱର । ଆପଣ ଓଁକାରଠାରୁ ଊର୍ଦ୍ଧ୍ୱରେ । ଆପଣ ହେଉଛନ୍ତି ଧର୍ମର ପ୍ରାଣ, ଅନାଦିସିଦ୍ଧ, ନିତ୍ୟ ନୂତନ, ସନାତନ ପୁରୁଷ । ସମଗ୍ର ବିଶ୍ୱକୁ ଏକତ୍ର ରଖିବାର ମୂଳାଶ୍ରୟ ହେଉଛନ୍ତି ଆପଣ ପ୍ରଭୋ, ବେଦ ଆପଣଙ୍କୁ ଖୋଜି ଖୋଜି କ୍ଳାନ୍ତ ।

''ପ୍ରଭୋ ! ଆପଣଙ୍କ ଆଦି ଅନ୍ତ ମଧ୍ୟ କେହି ପାଇବ ନାହିଁ । ଆପଣଙ୍କ ଅନନ୍ତ ମୁଖ ଓ ଅସଂଖ୍ୟ ଚନ୍ଦ୍ର, ସୂର୍ଯ୍ୟ ପରି ନେତ୍ର । ଆପଣଙ୍କ ମୁଖର ଜ୍ୟୋତିଃ ଜଳନ୍ତା ନିଆଁ ପରି । ଆପଣଙ୍କ ତେଜଃବଳରେ ସମଗ୍ର ବିଶ୍ୱଦହନ ହେଉଛି । ... ହେ ଦେବ ! ଭୂମି, ସ୍ୱର୍ଗ, ପାତାଳ ଆପଣ ସର୍ବତ୍ର ବ୍ୟାପିଅଛନ୍ତି । ଏହାର ଶେଷ ନାହିଁ, ରୂପର ଉଗ୍ରତା ଅସହ୍ୟ ବୋଧ ହେଉଛି ।

''ହେ ମହାମହିମ ମହାବାହୁ ବିଶ୍ୱମ୍ଭର ! ଆପଣଙ୍କର ମୁଁ ଦେଖୁଛି ଅସଂଖ୍ୟ ମୁଖ, ଅସଂଖ୍ୟ ଦୀପ୍ତିମନ୍ତ ଚକ୍ଷୁ, ଅସଂଖ୍ୟ କର, ଚରଣ, ଅସଂଖ୍ୟ ଭୟଙ୍କର ତୀକ୍ଷ୍ଣ ଦନ୍ତ ଦେଖି ସମସ୍ତେ ଭୀତତ୍ରସ୍ତ, ମୁଁ ମଧ୍ୟ ଭୟରେ ବିହ୍ୱଳ ହୋଇପଡୁଛି ।... ମନେହେଉଛି ଯେପରିକି ମହାକଳ୍ପର ଶେଷରେ କାଳ ନିଜେ କ୍ରୋଧାନ୍ୱିତ ହୋଇ ପ୍ରଳୟାଗ୍ନି ଜାଳି ଦେଇଛି । ଗୋଟିଏ ଗୋଟିଏ ମୁଖ ଦେଖିଲେ ମନେ ହେଉଛି ଯେପରିକି ଏଗୁଡ଼ିକ ହେଉଛି ଶଙ୍କରଙ୍କ ବିଶ୍ୱସଂହାର କରିବାର ଗୋଟିଏ ଗୋଟିଏ ଯନ୍ତ୍ର । ପ୍ରଳୟସୃଷ୍ଟିକାରୀ ଭୈରବମାନଙ୍କର ସମ୍ମିଳନୀ ବସିଛି ଏହି ମୁଖ ଭିତରେ । ଏହି ମୁହଁର ଦନ୍ତଗୁଡ଼ିକ ଏପରି ଭୟଙ୍କର ଯେ ମନେ ହେଉଛି ଯେପରିକି ଗୁହା ଭିତରେ ଥାଇ ଅନେକ ସିଂହ ଦାନ୍ତ ଦେଖାଇ ଗର୍ଜି ଉଠୁଛନ୍ତି ।

... ''ଆପଣଙ୍କର ଦେହ ଆକାଶକୁ ବ୍ୟାପିଛି । ଦୀପ୍ତିମୟ ଅନେକ ବର୍ଣ୍ଣ ବଦନ ତେଜଃ ପ୍ରକାଶ ପାଉଛି । ଆପଣଙ୍କର

ଶରୀର ଓ ବିଶାଳ ନୟନ ଦେଖି ମୁଁ ଭୟରେ ଧୈର୍ଯ୍ୟ ଧରି-ରହିପାରୁ ନାହିଁ । ଆପଣଙ୍କର ପ୍ରଳୟାନଳ ସମାନ କରାଳ-ଦନ୍ତଯୁକ୍ତ ମୁଖରେ ଅସଂଖ୍ୟ ଚନ୍ଦ୍ର, ସୂର୍ଯ୍ୟଙ୍କୁ ଦେଖି ମୁଁ ଭୟରେ ଦିଗ ବାରିପାରୁ ନାହିଁ । ଏହା ଏଭଳି ଭୟଙ୍କର ବିଶ୍ୱରୂପ ଯେ ଭୟ ନିଜେ ଭୟଭୀତ । ମହାକାଳ ପରାଜିତ । ଏହା ଅବର୍ଣ୍ଣନୀୟ ମହାପ୍ରଳୟ । ଆପଣଙ୍କର ଏଭଳି ମୁଖସବୁ ଅଛି ଯାହାର ଆକାର ଭିନ୍ନ, ରଙ୍ଗ ମଧ୍ୟ ଭିନ୍ନ ଭିନ୍ନ । ମୁଖ ଗହ୍ୱର ଏତେ ବଡ଼ ଯେ ଆକାଶକୁ ସୁଦ୍ଧା ଗିଳି ପକାଇବ । ବାୟୁ ତ କେଉଁ କଳରେ ରହିଯିବ, ଜଣା ପଡ଼ିବନି । ଏ ମୁଖର ତେଜଃ ଆଗରେ ଅଗ୍ନି କିଛି ନୁହେଁ । ଏ ତେଜଃ ଅଗ୍ନିକୁ ସୁଦ୍ଧା ଦହନ କରିପାରେ । ଏହି ମୁଖକୁ ଦେଖିବା ମାତ୍ରେ ବାୟୁ ସ୍ଥାଣୁ ପାଲଟି ଯାଉଛି । ସମୁଦ୍ରକୁ ଗୋଟିଏ ଚଳୁରେ ଶୋଷି ନେଉଛି । ଦାବାନଳ ଓ ପ୍ରଳୟାଗ୍ନି ଏ ତେଜଃକୁ ଦେଖି କୁଆଡ଼େ ଯିବେ ବାଟ ପାଉ ନାହାନ୍ତି ।... ଆପଣଙ୍କର ଏ ଯେଉଁ ଲେଲିହାନ ଜିହ୍ୱା ତା ତୁଳନାରେ ସମଗ୍ର ବିଶ୍ୱ ତ ଅତିକ୍ଷୁଦ୍ର । ପାତାଳ ନିବାସୀ ସର୍ପରାଜର ନିଃଶ୍ୱାସରୁ ବିଷଜ୍ୱାଳା ଚାରିଆଡ଼କୁ ବ୍ୟାପି ଯେପରି ଆକାଶକୁ ସ୍ପର୍ଶ କରିଥାଏ ସେହିଭଳି ପ୍ରଭୁଙ୍କର ଏହି ମୁଖ-ଗହ୍ୱରର ଜିହ୍ୱା ଏତେ ବିରାଟ ଯେ ଟିକିଏ ଲହଲହ ହେବା ମାତ୍ରେ ସମଗ୍ର ବିଶ୍ୱବ୍ରହ୍ମାଣ୍ଡକୁ ମୁହୂର୍ତ୍ତକରେ ଚାଟି ପକାଉଛି । ପ୍ରଳୟକାଳର ମେଘ ଗର୍ଜନ ସହିତ ବିଜୁଳି ଯେପରି ଆକାଶରେ ବିଭିନ୍ନ ଦୁର୍ଗ ରଚନା କରିଥାଏ, ସେହିଭଳି ଆପଣଙ୍କ ଓଠ ପାଖକୁ ରହିଛି ଆପଣଙ୍କର ସେହି ଜିହ୍ୱାରୂପକ ଦୁର୍ଗ । ଲଲାଟରେ ଥିବା ଅସଂଖ୍ୟ ଚକ୍ଷୁ ସଂଖ୍ୟା ଅସୁମାରି ନକ୍ଷତ୍ର ଭଳି ଅଗଣିତ । ଏହି ଚକ୍ଷୁଗୁଡ଼ିକ ଭୟକୁ ଭୟ ଦେଖାନ୍ତି । ମହାମୃତ୍ୟୁର ଚିରନ୍ତନ ପ୍ରବାହ ତ କୁଆଡ଼େ ଅନ୍ଧକାର ଭିତରେ ଆତ୍ମଗୋପନ କଲାଣି । ମୁଁ ତ ଛାର ମନୁଷ୍ୟ ମାତ୍ର ।

...''ପ୍ରଳୟକାଳର ପ୍ରଚଣ୍ଡବାୟୁ ଏବଂ କଳ୍ପାନ୍ତର ପ୍ରଳୟାଗ୍ନି – ଏ ଦୁହେଁ ଯଦି ମିଳିତ ହୁଅନ୍ତି, ତା'ହେଲେ ଏଭଳି କେଉଁ ବସ୍ତୁ ଅଛି ଯାହାକି ନ ଜଳି ରହିପାରେ ? ଆପଣଙ୍କର ଏ ସଂହାର ମୂର୍ତ୍ତିକୁ ଦେଖି ମୋର ଧୈର୍ଯ୍ୟଚ୍ୟୁତି ଘଟିଲାଣି । ମୁଁ ଭ୍ରମରେ ପଡ଼ି ଦିଗହରା ହୋଇ ପଡ଼ିଲିଣି ।... ହେ ପରମ ଦେବତା, ନିଜର ଚେତନା ଦ୍ୱାରାହିଁ ଆପଣ ଏ ଜଗତକୁ ଜୀବମୟ କରିଛନ୍ତି । ଏକଥା କ'ଣ ଭୁଲି ଯାଉଛନ୍ତି ? ଯଦି ଭୁଲିଯାଇ ନାହାନ୍ତି ତା'ହେଲେ ଏ ସଂହାର ମୂର୍ତ୍ତି କାହିଁକି ? ହେ ଦେବରାଜ ! ମୋ ପ୍ରତି ପ୍ରସନ୍ନ ହୁଅନ୍ତୁ । ମାୟାକୁ ସଂକୁଚିତ କରନ୍ତୁ । ମୋତେ ଭୟରୁ ନିସ୍ତାର କରନ୍ତୁ । ଅତି କାତର ଓ ଆକୁଳ ଭାବରେ ମୁଁ ବାରଂବାର ଆପଣଙ୍କୁ ମିନତି କରୁଛି ।... ହେ ପ୍ରଭୁ, ଆପଣଙ୍କର ଏ ଯେଉଁ ଦିଗନ୍ତବ୍ୟାପୀ ପ୍ରକାଣ୍ଡ ରୂପ ମୁଁ ଦେଖିଲି – ହେ ଦେବବର ! ମୋତେ କୁହନ୍ତୁ ଆପଣ କିଏ ? ଚେଷ୍ଟାର ଅତୀତ ଓ ସର୍ବକାରଣ ଏହି ତତ୍ତ୍ୱକୁ ମୁଁ ଯେପରି ଜାଣିପାରିବି ଅନୁଗ୍ରହ କରନ୍ତୁ ।... ଦେଖୁଛି ଏ ବିଶ୍ୱରୂପ ତ ବିଶ୍ୱକୁ ଗ୍ରାସ କରିବାକୁ ବସିଲାଣି । ମୁଁ ଜାଣିବାକୁ ଚାହେଁ ପ୍ରକୃତରେ ଆପଣ କିଏ ? ଏପରି ରୂପ ଧରିଛନ୍ତି କାହିଁକି ?''...

## ଶ୍ରୀକୃଷ୍ଣଙ୍କ ଉତ୍ତର

''ମୁଁ କାଳରୂପ ଧରି ପୃଥିବୀର ସକଳ ଲୋକଙ୍କୁ କ୍ଷୟ କରେ । ଭୀଷ୍ମ, ଦ୍ରୋଣାଦି ଯେତେ ଯୋଦ୍ଧା, ଏମାନେ ସେହି କାଳ ବଳରେ ମରିବେ । କେବଳ ତୁ ନିମିତ୍ତ ମାତ୍ର, ତୁ ମାରିବୁ ବୋଲି ଯେ ତୋର ପାପ ହେବ, ଏକଥା ମନ ମଧ୍ୟରେ ଭାବନା କର ନାହିଁ । ବାସ୍ତବରେ ମୁଁ ହେଉଛି କାଳ ବା ମୃତ୍ୟୁ ସ୍ୱରୂପ । ଲୋକ ସଂହାର ଲାଗି ଏହି ବିରାଟ ମୂର୍ତ୍ତି ଧାରଣ କରିଛି । ବିଶ୍ୱବ୍ରହ୍ମାଣ୍ଡକୁ ଗ୍ରାସ କରିବା ଲାଗି ଆଁ କରି ରହିଛି । ଯେଉଁମାନଙ୍କୁ ଇଚ୍ଛା ସେମାନଙ୍କୁ ଗ୍ରାସ କରିବି ନିଶ୍ଚୟ ।... ହେ ପାଣ୍ଡବ, ତୁମେ ବ୍ୟସ୍ତ ହୁଅ ନାହିଁ । ମୁଁ ଯାହାକୁ ଭଲପାଏ, ତାକୁ ଗ୍ରାସ କରିବି ନାହିଁ । ତେଣୁ ତୁମେ ସଂହାର ରୂପକ ବିପଦରୁ ମୁକ୍ତ ।

...''ପ୍ରଜ୍ୱଳିତ ଅଗ୍ନି ଭିତରେ ଲହୁଣି ପଡ଼ିଲେ ଲହୁଣିର ଯେଉଁ ଦଶା ହୋଇଥାଏ ମୋ ମୁଖ ଭିତରେ ଜଗତର ଦଶା ମଧ୍ୟ ତଦନୁରୂପ ।... ଏହି ଆସ୍ଫାଳନରତ ସୈନ୍ୟମାନେ ନାମକୁ ମାତ୍ର ସୈନ୍ୟ । ଗୋଟିଏ ଗୋଟିଏ ପ୍ରାଣହୀନ କଣ୍ଢେଇ । ଏହି ରାଜା-ମହାରାଜାମାନେ ମଧ୍ୟ ସେହି ଭଳି । ନାମକୁ ମାତ୍ର ରାଜା । ଯେପରି କାନ୍ଥ ଦେହରେ ତୂଳିରେ ରାଜା-ମହାରାଜାଙ୍କ ଛବି ଅଙ୍କା ଯାଇଥାଏ, ସେହିଭଳି ପୃଥିବୀର କାନ୍ଥ ଦେହରେ ଏମାନେ ଜଣେ ଜଣେ ଚିତ୍ରିତ ଛବି ମାତ୍ର ।

...''ହେ ପାର୍ଥ ! ଏଣୁ ତୁ ଶୀଘ୍ର ଉଠି ଏ ଯୋଦ୍ଧାମାନଙ୍କୁ ବିନାଶ କରି ରାଜ୍ୟ ସୁଖ ଭୋଗ କର । ମୁଁ ସେମାନଙ୍କୁ ନାଶ କରି ସାରିଛି । ତୁ କେବଳ ନିମିତ୍ତମାତ୍ର ହୁଅ । ଏମାନଙ୍କ ଶରୀରରେ ଯେଉଁ ବଳବୀର୍ଯ୍ୟ ଥିଲା ତାକୁ ମୁଁ ହରଣ କରି ନେଇଛି । ସେମାନେ ବର୍ତ୍ତମାନ ଗୋଟିଏ ଗୋଟିଏ କଣ୍ଢେଇ ଭଳି । କଣ୍ଢେଇକୁ ସୂତାରେ ବନ୍ଧାଯାଇ ନଚା ଯାଇଥାଏ । ସୂତା

ଛିଣ୍ଡିଗଲେ ଏମାନଙ୍କ ନାଚିବା ବନ୍ଦ । ତଳେ ଗଡ଼ି ପଡ଼ନ୍ତି । ତେଣୁ ଏ ରାଜା-ମହାରାଜା, ଏହି ସୈନ୍ୟମାନଙ୍କ ଜୀବନ ଆଗରୁ ମୋ ଦ୍ୱାରା ହରଣ ହୋଇସାରିଛି, ସେମାନଙ୍କୁ ଧ୍ୱଂସ କରିବା ଅତି ସହଜ ।

''ହେ ଅର୍ଜୁନ ଏ ଯୁଦ୍ଧ ନଗଣ୍ୟ । ଏହା ନାମକୁ ମାତ୍ର ଯୁଦ୍ଧ । ଯୁଦ୍ଧର ଯେଉଁ ମୂଳ ରସ ତାକୁ ମୁଁ ଗ୍ରାସ କରିସାରିଛି । ତୁମେ ତ ନିଜେ ଦେଖିଲ ମୋ ମୁଖଗହ୍ୱରରେ ଏମାନେ କିପରି ପୋକ ମାଛି ପରି ପ୍ରବେଶ କଲେ । ପ୍ରବେଶ କରିବା ମାତ୍ରେ ଏମାନଙ୍କ ଆୟୁଷ ଶେଷ ହୋଇଗଲା । ସେମାନଙ୍କର ଖୋଳପା ମାତ୍ର ପଡ଼ିରହିଛି । ରସ ଚାଲିଯାଇଛି । ତେଣୁ ବୃଥା ଶୋକ କର ନାହିଁ । ବ୍ୟଥିତ ହୁଅ ନାହିଁ, ଶୀଘ୍ର ଯୁଦ୍ଧ କର । ଯେଉଁମାନଙ୍କୁ ମୁଁ ବଧ କରି ସାରି ଏଇଠି ରଖିଛି ସେମାନଙ୍କୁ ବଧ କର ।''

## ଅର୍ଜୁନଙ୍କ ସ୍ତୁତି

...''ଶ୍ରୀକୃଷ୍ଣଙ୍କ ଚରଣରେ କରପତ୍ର ଯୋଡ଼ି ପ୍ରଣାମ କରୁ କରୁ ଅର୍ଜୁନ କହିଲେ – ହେ ହରି ! ଏହି ପ୍ରକାଣ୍ଡ ବିଶ୍ୱସଂସାର ମଧ୍ୟରେ ଆପଣ ଏକମାତ୍ର ମହାତ୍ମା, ଆପଣଙ୍କର ଦେଶ-କାଳ-ପାତ୍ର କିଛି ନାହିଁ । ଆପଣ ବ୍ୟକ୍ତ ଓ ଅବ୍ୟକ୍ତ, ଆପଣ ପ୍ରକୃତି, ରୂପ, ଗୁଣ । ଆପଣ ସତ୍, ଅସତ୍ । ଆପଣଙ୍କୁ ପ୍ରଣାମ କରୁଛି ।... ମୁଁ ଆପଣଙ୍କୁ ଓ ଆପଣଙ୍କର ଗଭୀର ମହିମାକୁ ଭଲ ଭାବରେ ଚିହ୍ନି ନଥିଲି, ଜାଣି ନଥିଲି, ଏବେ ଜାଣିଲି । ଏବେ ନିଜ ଆଖିରେ ଦେଖିଲି, ଅନୁଭବ କଲି । ଯେଉଁ ମହାଭୂତ ବୀଜରୁ ବିବିଧ ସୃଷ୍ଟିରେ ବିଭାଗ ବିସ୍ତାରିତ ହୋଇଛି ସେହି ବୀଜ ଆପଣଙ୍କ ଇଚ୍ଛାରୁହିଁ ଉତ୍ପନ୍ନ । ଯେଉଁ ସୃଷ୍ଟି ଚାରିଆଡ଼େ ବ୍ୟାପି ରହିଛି, ଯେଉଁ ମାୟା ଏହି ସଂସାରକୁ ଧାରଣ କରିଛି, ସବୁ ହେଉଛି ପ୍ରଭୁ ଆପଣଙ୍କର କାରିଗରି... ଆପଣ ଅନନ୍ତ ରୂପ ଧାରଣ କରି ଆଦ୍ୟ ବୋଲାଉଛ । ପୁରୁଷ ପୁରାଣ, ଜଗତ୍ ବିଧାନ ଜ୍ଞାତା, ଜ୍ଞେୟ ବିଶ୍ୱରେ ସର୍ବସ୍ଥାନ ବ୍ୟାପି ରହିଛ । ଆପଣ ହେଉଛନ୍ତି ପ୍ରକୃତି ଓ ପୁରୁଷର ଆଦି କାରଣ । ଦୃଶ୍ୟ ଜଗତକୁ ମାୟାରେ ଢାଙ୍କି ନେଇ ଆପଣ ରହିଛନ୍ତି ତା'ର ସୀମା ଆରପଟେ । ଆପଣ ହେଉଛନ୍ତି ପୁରାତନ, ଅନାଦି ପୁରୁଷ ।

ପ୍ରଭୋ, ଆପଣହିଁ ସମଗ୍ର ବିଶ୍ୱର ଜୀବନ । ଅତୀତରେ କ'ଣ ଘଟିଥିଲା, ଭବିଷ୍ୟତରେ କ'ଣ ସବୁ ଘଟିବ ଆପଣହିଁ ସବୁକଥା ଜାଣିଛନ୍ତି । ସେଥିଲାଗି ଆପଣଙ୍କୁ ପରମ ଓ ମହାଧାମ କୁହାଯାଏ । ଶ୍ରୁତି ବା ବେଦକୁ ଆପଣ ଅର୍ଥ ପ୍ରଦାନ କରିଛନ୍ତି; ଆପଣହିଁ ପରମାନନ୍ଦ ।

''ପ୍ରଭୋ ଆପଣ କ'ଣ ନୁହନ୍ତି, କେଉଁଠି ନାହାନ୍ତି ଭାବି ହେଉ ନାହିଁ । ଯେଉଁ ରୂପରେ ଥାଆନ୍ତୁ ନା କାହିଁକି ମୋର ପ୍ରଣାମ ଗ୍ରହଣ କରନ୍ତୁ । ହେ ଅନନ୍ତ, ଆପଣ ହେଉଛନ୍ତି ବାୟୁ । ଶାସନକର୍ତ୍ତା ଯମ, ପ୍ରାଣୀମାନଙ୍କ ଜଠରାଗ୍ନି, ବରୁଣ, ଚନ୍ଦ୍ର, ସୃଷ୍ଟିକର୍ତ୍ତା ବ୍ରହ୍ମା, ଏବଂ ପିତାମହଙ୍କଠାରୁ ଶ୍ରେଷ୍ଠ ଜନକ । ହେ ଜଗନ୍ନାଥ, ଆପଣଙ୍କର ସାକାର, ନିରାକାର ଯେତେ ରୂପ ଅଛି ସବୁଗୁଡ଼ିକୁ ମୋର ପ୍ରଣାମ । ହେ ପ୍ରଭୋ, ନମସ୍କାର ନମସ୍କାର ।''

ଅର୍ଜୁନ ସେହି ଶ୍ରୀମୂର୍ତ୍ତିର ଆପାଦମସ୍ତକ ଲକ୍ଷ୍ୟ କରି ପୁଣି କହିଲେ, 'ନମସ୍କାର, ନମସ୍କାର ।' ପ୍ରତି ଅଙ୍ଗକୁ ଦର୍ଶନ କରି ଅର୍ଜୁନ ଅଭିଭୂତ ଭାବରେ ପୁଣି କହିଲେ, 'ନମସ୍କାର, ନମସ୍କାର ।' ସଚରାଚର ସମସ୍ତ ପ୍ରାଣ ଭିତରେ ସେହି ରୂପ ଦର୍ଶନ କରି କହିଲେ, 'ନମସ୍କାର, ନମସ୍କାର ।'... କିଭଳି ଯେ ସ୍ତୁତି କରିବେ ତା'ର ଭାଷା ସୁଦ୍ଧା ତାଙ୍କର ମନେ ପଡ଼ିଲା ନାହିଁ । ଚୁପ୍ ରହିବା ମଧ୍ୟ ସମ୍ଭବ ନୁହେଁ । ସେ ପ୍ରେମବିହ୍ୱଳ ଓ ଆତ୍ମହରା ହୋଇପଡ଼ିଲେ । ସହସ୍ରବାର ନମସ୍କାର କରି କହିଲେ, ''ହେ ଶ୍ରୀହରି ! ଆପଣଙ୍କର ସମ୍ମୁଖକୁ ନମସ୍କାର । ଆପଣଙ୍କର ପୁଣି ଆଗପଛ କ'ଣ ? ଯଦି ଥାଏ ଆଗକୁ ନମସ୍କାର, ପଛକୁ ବି ନମସ୍କାର ।

...''ହେ ହରି ! ମୁଁ ଆପଣଙ୍କର ମହିମା ନଜାଣି ଆପଣଙ୍କୁ ସଖା ଓ ବନ୍ଧୁ ଭାବରେ ଶୟନ, ଭୋଜନ, ଖେଳ ପରିହାସରେ ଯେତେ କଥା କହିଛି ମୋତେ କ୍ଷମା ଦେବେ ।... ହେ ପ୍ରଭୁ, ଏ ପର୍ଯ୍ୟନ୍ତ ଯାହାକିଛି କହିଛି ବା କରିଛି, ସେଥିଲାଗି ମାଆ ପୁଅକୁ କ୍ଷମା ଦେଲା ଭଳି ମୋତେ ଆପଣାର କୋଳକୁ ନେଇ କ୍ଷମା ଦିଅନ୍ତୁ । ନଦୀ ଯେତେ ଗୋଳିଆ ପାଣି ଧରି ଆସିଲେ ମଧ୍ୟ ସମୁଦ୍ର ତାକୁ ଆନନ୍ଦରେ ଗ୍ରହଣ କରିଥାଏ । କାରଣ ନଦୀର ଆଉ କୌଣସି ଉପାୟ ନାହିଁ, ସମୁଦ୍ରହିଁ ତା'ର ଏକମାତ୍ର ଭରସା । ହେ ମୁକୁନ୍ଦ ! ପ୍ରେମରେ ବା ଅପ୍ରେମରେ, କଥାଛଳରେ ବା କହୁକହୁ ଯାହା କହିଛି ବା କରିଛି ସେଥିଲାଗି ହେ ଅପ୍ରମେୟ, ଶରଣାଗତର ଅପରାଧ କ୍ଷମା କରନ୍ତୁ ।

...''ବାୟୁ ପଛରେ ଗୋଡ଼ାଇବା, ଆକାଶକୁ ପ୍ରଲେପ ଦେବା, ସମୁଦ୍ର ସହିତ ମିଶି ଜଳକ୍ରୀଡ଼ା କରିବା ଯେପରି ଅସମ୍ଭବ ସେହିଭଳି ଏହି ବିଶ୍ୱରୂପକୁ ଆଲିଙ୍ଗନ କରିବା ଅସମ୍ଭବ ।

ତା'ଛଡ଼ା ଆପଣଙ୍କର ଏ ରୂପକୁ ଦେଖି କାହିଁକି କେଜାଣି ବଡ଼ ଭୟ ହେଉଛି । ତେଣୁ କହୁଛି ତା' ପାଦକୁ ଲୁଚେଇ ଦେବା ଭଳି ଆପଣଙ୍କର ଏହି ବିଶ୍ୱରୂପକୁ ଲୁଚେଇ ଦେଇ ଯେଉଁ ଶ୍ରୀକୃଷ୍ଣ ରୂପରେ ଥିଲେ, ସେହି ଶ୍ରୀକୃଷ୍ଣ ରୂପ ଧାରଣ କରନ୍ତୁ । ତା'ହେଲେ ମନରୁ ଭୟ ଦୂର ହେବ । ବିଶ୍ୱବ୍ରହ୍ମାଣ୍ଡ ଶାନ୍ତି ପାଇବ । ମୋର ଦରକାର ଆପଣଙ୍କର ସେହି ଆନନ୍ଦମୟ ଚତୁର୍ଭୁଜ ମୂର୍ତ୍ତି । ହେ ପ୍ରଭୋ; ମୋର ନିବେଦନ ରକ୍ଷା କରନ୍ତୁ । ମୋତେ ଆପଣଙ୍କର କମନୀୟ, ନୟନାଭିରାମ ଶାନ୍ତ, ଶୀତଳ ମାନବରୂପ ପ୍ରଦର୍ଶନ କରନ୍ତୁ ।''

...ବିଶ୍ୱରୂପୀ ଶ୍ରୀକୃଷ୍ଣ କହିଲେ – ''ବର୍ତ୍ତମାନ ତୁମ ଇଚ୍ଛାନୁଯାୟୀ ପୂର୍ବ ରୂପକୁ ଫେରି ଯାଉଛି । ଆନନ୍ଦରେ ଦର୍ଶନ କର ।''... ଶ୍ରୀଭଗବାନ୍ ଯେଉଁ ଦିବ୍ୟତେଜଃ ପ୍ରକାଶ କରି ସାରା ବିଶ୍ୱକୁ ବ୍ୟାପି ରହିଥିଲେ, ସେହି ତେଜଃକୁ ନିଜର ଶ୍ରୀକୃଷ୍ଣ ରୂପକୁ ସଂକୁଚିତ କରି ନେଇ ଆସିଲେ । ବିଶାଳ ବିଶ୍ୱରୂପ ସୌମ୍ୟ ହୋଇ ଆସିଲା । ଶ୍ରୀକୃଷ୍ଣ ନିଜର କ୍ଷୁଦ୍ରାକୃତିକୁ ପ୍ରକାଶ କରି ଭୟଭୀତ ହୋଇ ପଡ଼ିଥିବା ଅର୍ଜୁନକୁ ଆଶ୍ୱାସ ପ୍ରଦାନ କଲେ ।... ଅର୍ଜୁନ ଅନ୍ତର ଭିତରେ ଆନନ୍ଦ ଅନୁଭବ କଲେ । ସେ କହିଲେ ଆପଣଙ୍କ ମନୁଷ୍ୟ ରୂପ ଦର୍ଶନ କରି ଆଶ୍ୱସ୍ତ ହେଲି । ମାଆ ଯେପରି ଅଝଟ ପିଲାକୁ ବୁଝେଇ ସୁଝେଇ ଶେଷକୁ ଭୟ ଦେଖାଇ ସ୍ତନ୍ୟ ପାନ କରାଇଥାଏ, ଏହି ସୌମ୍ୟରୂପ ପ୍ରଦର୍ଶନ ଠିକ୍ ସେହିଭଳି ।

ଅର୍ଜୁନ ପୁଣି କହିଲେ – ''ମୁଁ ବିଶ୍ୱରୂପକ-ସମୁଦ୍ରରେ ସନ୍ତରଣ କରି ଉତ୍ତୀର୍ଣ୍ଣ ହେବାକୁ ଚେଷ୍ଟା କରିଥିଲି । ଏବେ ସୌମ୍ୟମୂର୍ତ୍ତିର ତୀର ଦେଶରେ ପହଞ୍ଚିଛି । ହେ ଦ୍ୱାରକାଧୀଶ ! ମୁଁ ଥିଲି ଠିକ୍ ଏକ ଶୁଖିଲା ଥୁଣ୍ଟା ଗଛ ଭଳି । ବିଶ୍ୱରୂପ ପ୍ରଦର୍ଶନ କଲେ ନାହିଁ ଯେ ମେଘବର୍ଷା କଲେ । କାରଣ ଶୋଷ ଥିଲେ ବୁଝିଥା'ନ୍ତି ଯେ ମୋତେ ଅମୃତର ସମୁଦ୍ର ମିଳିଛି । ଯାହାହେଉ ପ୍ରାଣହାନିର ସଂଶୟ ଦୂର ହୋଇଛି, ମୋ ହୃଦୟରେ ହର୍ଷ-ଲତିକାର ଉଦ୍‌ଗମ ହୋଇଛି । ଆନନ୍ଦ ଓ ଚିତ୍ତ ମଧ୍ୟରେ ଯେଉଁ କଳହ ଲାଗି ରହିଥିଲା ତା'ର ସମାଧାନ ହୋଇଯାଇଛି ।''

## ଶ୍ରୀକୃଷ୍ଣ କହିଲେ

''ହେ ଅର୍ଜୁନ ! ତୁ ମୋର ପ୍ରଧାନ ଭକ୍ତ ହେତୁ ମୋର ଏ ବିଶ୍ୱରୂପ ଦେଖିଲୁ । ଦେବତାମାନେ ନିତି ଇଚ୍ଛା କରି ମଧ୍ୟ ଏହା ଦେଖି ପାରନ୍ତି ନାହିଁ ।... ଏହି ବିଶ୍ୱରୂପ ଦର୍ଶନ ଲାଗି ବେଦ ମଧ୍ୟ କୌଣସି ପନ୍ଥା ନିରୂପଣ କରି ନାହିଁ । ହେ ଧନୁର୍ଦ୍ଧର, ମୋ ବିଶ୍ୱରୂପ ଦର୍ଶନ ଲାଗି ସମସ୍ତ ପ୍ରକାର ତପସ୍ୟା ମଧ୍ୟ ଅଯୋଗ୍ୟ । ଦାନ, ବ୍ରତ ଆଦି ସାଧନାରେ ମଧ୍ୟ ମୋତେ ପାଇ ପାରିବେ ବୋଲି କେହି ନିଶ୍ଚିତ ନୁହନ୍ତି । ତୁ ଅକ୍ଳେଶରେ ମୋ ରୂପ ଦେଖି ପାରିଛୁ । ଯଜ୍ଞ ଦ୍ୱାରା ମଧ୍ୟ ଏହି ରୂପ ଦର୍ଶନ ସମ୍ଭବ ନୁହେଁ । କେବଳ ଗୋଟିଏ ମାତ୍ର ମାର୍ଗ ରହିଛି, ତାହା ହେଉଛି ଭକ୍ତି । ହୃଦୟରେ ଯେତେବେଳେ ଭକ୍ତି ଉଚ୍ଛୁଳି ଉଠେ, ସେତେବେଳେ ଯାଇ ମୋତେ ପାଇବା ସମ୍ଭବ ହୋଇଥାଏ ।

''ହେ ଅର୍ଜୁନ ! ଯେ ମୋତେ ନିଷ୍କାମ ଭାବରେ ମନ ସଂଯତ କରି ଏକାନ୍ତ ଭକ୍ତିରେ ଭଜେ, ସେ ଭକ୍ତି ବଳରେ ମୋର ଏହି ବିଶ୍ୱରୂପ ଦେଖିବାକୁ ସମର୍ଥ ହୁଏ । ଯେଉଁମାନେ ମୋର କୂଟଶୂନ୍ୟ ଏକାନ୍ତ ଭକ୍ତ, ସେମାନେ ମୋର ଶରୀରରେ ଲୀନ ହୁଅନ୍ତି । ବର୍ଷାର ଧାରା ପୃଥିବୀ ବ୍ୟତୀତ ଅନ୍ୟ କାହାକୁ ଜାଣେନା । ସମଗ୍ର ଜଳ-ସଂପଦକୁ ଧାରଣ କରି ଗଙ୍ଗା କେବଳ ସମୁଦ୍ର ଅଭିମୁଖେ ଧାଇଁଥାଏ ଏବଂ ଥରକୁ ଥର ତା' ସହିତହିଁ ମିଳିତ ହୋଇଥାଏ । ଏହି ଭକ୍ତି ମଧ୍ୟ ସେହିଭଳି ହେବା ଆବଶ୍ୟକ । ସଂପୂର୍ଣ୍ଣ ଭକ୍ତି ସହିତ ଭକ୍ତ ମୋତେ ପାଇବା ଲାଗି ତା'ର ପ୍ରେମ ଭାବକୁ ଚାରିଆଡ଼େ ବିସ୍ତାରି ଦେଇଥାଏ । ତା'ପରେ ମୁଁ ଆଉ ସିଏ ଏକ ହୋଇଯାଉ ।... ଯିଏ ସମସ୍ତ କର୍ମ ମୋଠାରେ ସମର୍ପଣ କରି ଦେଇଥାଏ, ମୋ ବ୍ୟତୀତ ଯାହା ପାଖରେ ଉପାଦେୟ ବୋଲି କିଛି ନାହିଁ, ଇହ ଓ ପରଲୋକରେ କେବଳ ମୁଁ ରହିଛି ବୋଲି ଯିଏ ଭାବେ, ଯାହାର ଜୀବନର ଫଳ ହେଉଛି ମୁଁ, ଯିଏ ପ୍ରାଣୀଙ୍କ ଭିତରେ ଭେଦ ଭାବକୁ ଭୁଲିଯାଏ, ଯାହାର ଦୃଷ୍ଟିରେ କେବଳ ମୁଁ ହିଁ ରହିଥାଏ, ଏବଂ ଯିଏ ଶତ୍ରୁହୀନ, ସର୍ବଦା ଭଜନଶୀଳ ସେହି ଭକ୍ତ କଫ, ବାତ, ପୀତାତ୍ମକ ଶରୀର ତ୍ୟାଗ କରି ମୋ ସ୍ୱରୂପତା ଲାଭ କରେ ।''

ଅର୍ଜୁନ ଏହି କଥା ଶୁଣି ଆନନ୍ଦରେ ଉଲ୍ଲସିତ ହୋଇ ଉଠିଲେ । ଶ୍ରୀକୃଷ୍ଣଙ୍କ ଚରଣୋପାସନାରେ ସେ ବେଶ୍ ଚତୁର । ଦୁଇରୂପ ଦର୍ଶନ ପରେ ମନରେ ଭଲ ଭାବରେ ଚିନ୍ତା କରି ଅର୍ଜୁନ ବିଶ୍ୱରୂପ ଦର୍ଶନଠାରୁ ଅଧିକ ଆନନ୍ଦ ଲାଭ କଲେ ଶ୍ରୀକୃଷ୍ଣ ରୂପରେ ।

ଅନୁବାଦ : ଶ୍ରୀ ଗୋରାଚାନ୍ଦ ମିଶ୍ର ✤

# ସୂକ୍ଷ୍ମଦର୍ଶନ

## (ଶ୍ରୀମା'ଙ୍କ ସହ ଏକ କଥୋପକଥନ)

*ପ୍ରଶ୍ନ : ସ୍ୱପ୍ନବିହୀନ ନିଦ୍ରାର ସ୍ୱରୂପ କ'ଣ ?*

**ଶ୍ରୀମା** : ସାଧାରଣତଃ ତୁମେ ଯାହାକୁ ସ୍ୱପ୍ନହୀନ ନିଦ୍ରା ବୋଲି କହିଥାଅ ସେ କ୍ଷେତ୍ରରେ ଦୁଇଟି ଜିନିଷରୁ ଗୋଟିଏ ଘଟିଥାଏ । ହୁଏତ ତୁମେ ଯାହା ସ୍ୱପ୍ନ ଦେଖିଥିଲ ତାହା ସଂପୂର୍ଣ୍ଣ ଭୁଲିଯାଅ କିଂବା ତୁମେ ଏପରି ଏକ ଅଚେତନତା ଭିତରେ ପଡ଼ିଯାଇଥିଲ ଯାହା ପ୍ରାୟ ମୃତ୍ୟୁ ସଦୃଶ – ମୃତ୍ୟୁର ଏକ ସ୍ୱାଦ । କିନ୍ତୁ ଏପରି ଏକ ନିଦ୍ରାର ସମ୍ଭାବନା ଅଛି ଯେଉଁଥିରେ ତୁମ ସତ୍ତାର ସମଗ୍ର ଅଂଶରେ ଏକ ପୂର୍ଣ୍ଣ ନିରବତା, ନିଶ୍ଚଳତା ଓ ପ୍ରଶାନ୍ତି ଭିତରକୁ ପ୍ରବେଶ କର ଏବଂ ତୁମର ଚେତନା ସଚ୍ଚିଦାନନ୍ଦ ଭିତରେ ଲୀନ ହୋଇଯାଏ । ତୁମେ ତାହାକୁ ଠିକ୍ ନିଦ୍ରା ବୋଲି କହିପାରିବ ନାହିଁ, କାରଣ ଏହା ଅତ୍ୟନ୍ତ ସଚେତ ରହିଥାଏ । ସେହି ଅବସ୍ଥାରେ ତୁମେ ମାତ୍ର କେଇ ମିନିଟ ରହିପାର, କିନ୍ତୁ ତାହା ତୁମକୁ ଘଣ୍ଟା ଘଣ୍ଟା ଧରି ହେଉଥିବା ସାଧାରଣ ନିଦ୍ରା ଅପେକ୍ଷା ଅନେକ ଅଧିକ ବିଶ୍ରାନ୍ତି ଓ ସ୍ଫୂର୍ତ୍ତି ଆଣିଦିଏ । ତୁମେ ଆକସ୍ମିକ ଭାବରେ ଏହା ପାଇପାରିବ ନାହିଁ, ଏଥିପାଇଁ ଦୀର୍ଘକାଳ ବ୍ୟାପୀ ଶିକ୍ଷା ବା ତାଲିମ ଆବଶ୍ୟକ ।

*ପ୍ରଶ୍ନ : ଏହା କିପରି ଘଟେ ଯେ ଆମେ ସ୍ୱପ୍ନରେ ଯେଉଁ ଲୋକମାନଙ୍କୁ ଭେଟୁ ଓ ଜାଣୁ, ପରେ ବାହ୍ୟଜଗତରେ ସେମାନଙ୍କ ସଙ୍ଗରେ ଭେଟ ହୁଏ ଓ ସେମାନଙ୍କ ସମ୍ବନ୍ଧରେ ଜାଣିବାକୁ ପାଉ ?*

**ଶ୍ରୀମା** : ମାନସିକ ଓ ପ୍ରାଣିକ ଜଗତରେ କେତେକ ଲୋକଙ୍କ ଭିତରେ ରହିଥିବା ମେଳ ବା ନିକଟ ସଂପର୍କହିଁ ଏହାର କାରଣ ଯାହାକି ସେମାନଙ୍କୁ ଆକର୍ଷଣ କରି ଯୋଗାଯୋଗ କରାଏ । ଅନେକ ସମୟରେ ପୃଥିବୀପୃଷ୍ଠରେ ଦେଖାସାକ୍ଷାତ୍ ହେବା ପୂର୍ବରୁ ସେମାନେ ଏହିସବୁ ସୂକ୍ଷ୍ମଜଗତରେ ପରସ୍ପରକୁ ଭେଟିଥାଆନ୍ତି । ସେହି ମାନସିକ ଓ ପ୍ରାଣିକ ଜଗତରେ ସେମାନେ ମିଳିତ ହୋଇପାରନ୍ତି, ପରସ୍ପର ସହିତ କଥାବାର୍ତ୍ତା ଓ ଭାବବିନିମୟ କରିପାରନ୍ତି, ପୃଥିବୀପୃଷ୍ଠରେ ଯେଉଁସବୁ ସମ୍ବନ୍ଧ ରଖାଯାଇପାରେ, ସେହି ସମସ୍ତ ସମ୍ବନ୍ଧ ସେ ଜଗତରେ ମଧ୍ୟ ରଖାଯାଇପାରେ । କେତେକେ ଏହି ସମ୍ବନ୍ଧ ବିଷୟରେ ଜାଣିଥାଆନ୍ତି ଆଉ କେତେକେ ଏସଂପର୍କରେ କିଛି ଜାଣି ନଥା'ନ୍ତି । କେତେକ ବ୍ୟକ୍ତି, କହିବାକୁ ଗଲେ ପ୍ରାୟ ଅଧିକାଂଶ ବ୍ୟକ୍ତି ନିଜର ଆନ୍ତରସତ୍ତା ସଂପର୍କରେ ଓ ଆନ୍ତର ଭାବ ବିନିମୟ ବା ଆଦାନ-ପ୍ରଦାନ ସଂପର୍କରେ କିଛି ଜାଣି ନଥା'ନ୍ତି, କିନ୍ତୁ ତଥାପି ଏପରି ଘଟେ ଯେ ବାହ୍ୟ ଜଗତରେ କୌଣସି ଅଚିହ୍ନା ନୂତନ ବ୍ୟକ୍ତିକୁ ଦେଖିଲେ ମନେହୁଏ ଯେପରିକି ସେ ତୁମର ଖୁବ୍ ଜଣାଶୁଣା ଓ ଖୁବ୍ ପରିଚିତ ଲୋକ ।

*ପ୍ରଶ୍ନ : କୌଣସି ମିଥ୍ୟା-ସୂକ୍ଷ୍ମଦର୍ଶନ ହେବା କେତେଦୂର ସମ୍ଭବ ?*

**ଶ୍ରୀମା** : ଏପରି ଅନେକ ସୂକ୍ଷ୍ମଦର୍ଶନ ହୋଇପାରେ ଯାହାକୁ ତା'ର ବାହ୍ୟ ରୂପରେ ମିଥ୍ୟାଦର୍ଶନ ବୋଲି କୁହାଯାଇ ପାରେ । ଉଦାହରଣସ୍ୱରୂପ ଶତସହସ୍ର ସଂଖ୍ୟାରେ ଏପରି ଲୋକ ଅଛନ୍ତି, ଯେଉଁମାନେ କହନ୍ତି ଯେ ସେମାନେ ଯିଶୁଖ୍ରୀଷ୍ଟଙ୍କର ଦର୍ଶନ ପାଇଛନ୍ତି । କିନ୍ତୁ ତହିଁ ଭିତରୁ ଯେଉଁମାନେ ପ୍ରକୃତରେ ଖ୍ରୀଷ୍ଟଙ୍କୁ ଦର୍ଶନ କରିଥିବେ ସେମାନଙ୍କ ସଂଖ୍ୟା ଡଜନକରୁ କମ୍ ହେବ । ଏବଂ ଏପରିକି ସେମାନେ ପ୍ରକୃତରେ କ'ଣ ଦର୍ଶନ କରିଛନ୍ତି ତାହା ମଧ୍ୟ ବିଚାର ସାପେକ୍ଷ । ଅନ୍ୟମାନେ ଯାହା ଦେଖିଥା'ନ୍ତି ତାହା ଏକ କିରଣଛଟା ହୋଇ ପାରିଥାଏ, ବା ଏକ ଚିନ୍ତା ହୋଇପାରିଥାଏ ବା ଏପରିକି ମନର ସ୍ମରଣରେ ଆସିଥିବା ଏକ ପ୍ରତିକୃତି ହୋଇପାରିଥାଏ । ଆଉ ମଧ୍ୟ ଏପରି ଅନେକ ଲୋକ ଅଛନ୍ତି ଯେଉଁମାନଙ୍କର ଖ୍ରୀଷ୍ଟଙ୍କ ସଂପର୍କରେ ଦୃଢ଼ ବିଶ୍ୱାସ ଅଛି ଏବଂ ସେମାନଙ୍କର ଯେତେବେଳେ ଏକ ସୂକ୍ଷ୍ମଦର୍ଶନ ହୁଏ ଯାହାକି କୌଣସି ଶକ୍ତି ବା ସତ୍ତାର ସୂକ୍ଷ୍ମଦର୍ଶନ ବା ସ୍ମୃତିପଥରେ ଉଦିତ ହେଉଥିବା କୌଣସି ପ୍ରତିକୃତିର ସୂକ୍ଷ୍ମଦର୍ଶନ ଏବଂ ଅତ୍ୟନ୍ତ ଉଜ୍ଜ୍ୱଳ ଓ ଆଲୋକମୟ ହୋଇ ତାହା ଯଦି ସେମାନଙ୍କ ଭିତରେ ଏକ ଗଭୀର ଛାପ ରଖିଯାଏ ତେବେ ସେମାନେ ତାହାକୁ ଖ୍ରୀଷ୍ଟଙ୍କ ଦର୍ଶନ ବୋଲି ଭାବନ୍ତି । ସେମାନେ ଏପରି କିଛି ଦେଖିଥାଆନ୍ତି ଯାହାକି ଅତିପ୍ରାକୃତ, ପାରଲୌକିକ ଜଗତର ଅନ୍ତର୍ଗତ ଏବଂ ତାହା ସେମାନଙ୍କର ଭିତରେ ଭୟ, ବିସ୍ମୟ ବା ଆନନ୍ଦର ଏକ ଭାବାବେଗ ସୃଷ୍ଟି କରିଥାଏ; ଏବଂ ଯେହେତୁ ସେମାନଙ୍କର

ଖ୍ରୀଷ୍ଟଙ୍କ ସଂପର୍କରେ ଦୃଢ଼ ବିଶ୍ୱାସ ଥାଏ ସେମାନେ ଆଉ କିଛି ନ ଭାବି କହନ୍ତି ଖ୍ରୀଷ୍ଟହିଁ ତାଙ୍କୁ ଦର୍ଶନ ଦେଇଥିଲେ । କିନ୍ତୁ ଠିକ୍ ସେହି ସମାନ ଧରଣର ଅନୁଭୂତି ବା ସୂକ୍ଷ୍ମଦର୍ଶନ ଯଦି ହିନ୍ଦୁ ବା ଇସଲାମ ବା ଅନ୍ୟ କୌଣସି ଧର୍ମରେ ବିଶ୍ୱାସ କରୁଥିବା ଲୋକର ହୁଏ ତେବେ ତାହା ଭିନ୍ନ ଏକ ନାମ ଓ ରୂପ ଗ୍ରହଣ କରିବ । ଯେଉଁ ଜିନିଷଟି ସଂପର୍କରେ ସୂକ୍ଷ୍ମଦର୍ଶନ ବା ଅନୁଭୂତି ଆସିଲା, ତାହା ମୂଳତଃ ସମାନ ହୋଇପାରେ, କିନ୍ତୁ ଦେଖିବା ଲୋକର ମନର ବିଭିନ୍ନ ଗଠନ ଅନୁସାରେ ତାହା ବିଭିନ୍ନ ରୂପରେ ଗଠିତ ହୁଏ । କେବଳ ଯେଉଁମାନେ ବିଶ୍ୱାସ, ପୂର୍ବକଳ୍ପିତ ଧାରଣା, ଧର୍ମମତ ଓ ପରମ୍ପରା ଆଦିର ଊର୍ଦ୍ଧ୍ୱକୁ ଉଠିଯାଇଥିବେ, ସେହିମାନେ କହିପାରିବେ ଜିନିଷଟି ପ୍ରକୃତରେ କ'ଣ ଥିଲା । ସୂକ୍ଷ୍ମଦର୍ଶନରେ ତୁମେ କ'ଣ ଦେଖିଲ, ତାହା ଠିକ୍ ଭାବରେ ଜାଣିବାକୁ ହେଲେ ତୁମକୁ ସମସ୍ତ ପ୍ରକାର ମାନସିକ ଗଠନରୁ ମୁକ୍ତ ରହିବାକୁ ହେବ ଏବଂ ସ୍ଥାନ ଓ କାଳର ପ୍ରଭାବକୁ ବାଦ୍ ଦେବାକୁ ହେବ ।

ଆଧ୍ୟାତ୍ମିକ ଅନୁଭୂତିର ଅର୍ଥ ହେଉଛି ନିଜ ଭିତରେ (ବା ବାହାରେ, ସେହି ଜଗତରେ ଉଭୟଟି ସମାନ ଜିନିଷ) ଭଗବାନଙ୍କ ସଙ୍ଗେ ସଂପର୍କ ସ୍ଥାପନ । ଏବଂ ଏହା ଏପରି ଏକ ଅନୁଭୂତି ଯାହାକି ସବୁଦେଶରେ, ସବୁଲୋକଙ୍କ ଭିତରେ, ଏବଂ ଏପରିକି ସବୁ ଯୁଗରେ, ସେହି ସମାନ ଅନୁଭୂତି । ତୁମେ ଯଦି ଭଗବାନଙ୍କ ଦର୍ଶନ ପାଅ ତେବେ ସର୍ବଦା ଓ ସର୍ବତ୍ର ତୁମେ ତାଙ୍କୁ ସେହି ସମାନ ଭାବରେହିଁ ଭେଟିଥାଅ । ପାର୍ଥକ୍ୟଟି ଆସିଥାଏ କାରଣ ସେହି ଅନୁଭୂତି ଓ ତା'ର ରୂପାୟିତ ପ୍ରକାଶ ଭିତରେ ଏକ ଅତଳ ବ୍ୟବଧାନ ରହିଥାଏ । ତୁମେ ଆଧ୍ୟାତ୍ମିକ ଅନୁଭୂତିଟିକୁ ସର୍ବଦା ନିଜ ଆନ୍ତର ଚେତନାରେ ପ୍ରତ୍ୟକ୍ଷ ଭାବରେ ପାଇଥାଅ, କିନ୍ତୁ ଯେତେବେଳେ ତୁମ ବାହ୍ୟଚେତନାରେ ତାହା ଅନୂଦିତ ହୋଇ ରୂପ ନିଏ, ସେତେବେଳେ ତୁମର ଶିକ୍ଷା, ବିଶ୍ୱାସ ଓ ମନର ପୂର୍ବଗଠନ ଅନୁଯାୟୀ ତୁମେ ତାହାର ସଂଜ୍ଞା ନିରୂପଣ କର । କେବଳ ଗୋଟିଏ ସତ୍ୟ ରହିଛି, ଗୋଟିଏ ବାସ୍ତବତା ରହିଛି, କିନ୍ତୁ ଯେଉଁ ରୂପ ଭିତର ଦେଇ ଏହାକୁ ପ୍ରକାଶ କରାଯାଏ ତାହା ବହୁଧା ଭିନ୍ନ ହୋଇପାରେ ।

*ପ୍ରଶ୍ନ : 'ଜୋଆନ୍ ଅଫ୍ ଆର୍କ'ଙ୍କ ସୂକ୍ଷ୍ମ ଦର୍ଶନ କେଉଁ ଧରଣର ଥିଲା ?*

**ଶ୍ରୀମା** : 'ଜୋଆନ୍ ଅଫ୍ ଆର୍କ' ସ୍ପଷ୍ଟତଃ ସେହିସବୁ ସତ୍ତାମାନଙ୍କ ସହ ସଂଯୋଗ ରଖିଥିଲେ, ଯେଉଁମାନେ, ଆମେ ଯାହାକୁ ଦେବତାମାନଙ୍କ ଜଗତ୍ ବୋଲି କହୁ (ବା କ୍ୟାଥଲିକ୍‌ମାନେ ଯାହାକୁ ମହାତ୍ମାମାନଙ୍କ ଜଗତ୍ ବୋଲି କୁହନ୍ତି, ଯଦିଓ ଏହା ଠିକ୍ ସେହି ସମାନ ଜଗତ୍ ନୁହେଁ) ତାହାର ଅନ୍ତର୍ଗତ । ସେ ଯେଉଁ ସତ୍ତାମାନଙ୍କୁ ଦେଖୁଥିଲେ ତାଙ୍କୁ ସେ ଆର୍କଏଞ୍ଜେଲ୍‌ସ ବୋଲି କହୁଥିଲେ । ଏହି ସତ୍ତାମାନେ ଶ୍ରୀଅରବିନ୍ଦଙ୍କ କଥିତ ଅଧିମାନସ ଜଗତର ଅନ୍ତର୍ଗତ, ଯେଉଁ ଜଗତଟି ଊର୍ଦ୍ଧ୍ୱମାନସ ଓ ଅତିମାନସର ମଧ୍ୟବର୍ତ୍ତୀ ସ୍ତରରେ ଅବସ୍ଥିତ । ଏହି ଜଗତଟି ହେଉଛି ସ୍ରଷ୍ଟାମାନଙ୍କର ଜଗତ୍ ।

ଯେଉଁ ଦୁଇଟି ସତ୍ତା ସର୍ବଦା 'ଜୋଆନ୍ ଅଫ୍ ଆର୍କ'ଙ୍କ ଆଗରେ ଆବିର୍ଭୂତ ହେଉଥିଲେ ଓ ତାଙ୍କ ସହ କଥାବାର୍ତ୍ତା କରୁଥିଲେ, ଯଦି ଜଣେ ଭାରତୀୟ ସେହି ସତ୍ତାଦ୍ୱୟଙ୍କୁ ଦେଖି-ଥାଆନ୍ତେ ତେବେ ତାଙ୍କ ପାଇଁ ସେମାନଙ୍କ ରୂପ ଓ ଆକୃତି ଭିନ୍ନ ପ୍ରକାରର ହୋଇଥାଆନ୍ତା, କାରଣ ସୂକ୍ଷ୍ମଦର୍ଶନ ସମୟରେ ଜଣେ ତା'ର ନିଜ ମନର ରୂପ ଗଠନଟିକୁ ପ୍ରକ୍ଷେପ କରିଥାଏ । ତୁମେ ଯେଉଁ ରୂପ ଦେଖିବା ପାଇଁ ଆଶା କରୁଥାଅ, ତୁମେ ଦେଖୁଥିବା ବିଷୟ ଉପରେ ସେହି ରୂପଟିକୁହିଁ ପ୍ରକ୍ଷେପ କରିଥାଅ । ଯଦି ସେହି ଗୋଟିଏ ସମାନ ସତ୍ତା, ସେହି ଏକ ସମୟରେ ଖ୍ରୀଷ୍ଟିଆନ, ବୌଦ୍ଧ, ହିନ୍ଦୁ ଓ ସିନ୍ତୋବାଦୀମାନେ ଏକତ୍ରିତ ହୋଇଥିବା ଏକ ଦଳ ଆଗରେ ଆବିର୍ଭୂତ ହୁଏ, ତେବେ ସେମାନେ ସେହି ସତ୍ତାକୁ ଭିନ୍ନ ଭିନ୍ନ ନାମରେ ନାମିତ କରିବେ । ସେହି ସତ୍ତାର ରୂପ ଓ ଆକୃତି ସଂପର୍କରେ ପ୍ରତ୍ୟେକେ ଯେଉଁ ବର୍ଣ୍ଣନା କରିବେ, ତା'ର ରୂପ ଏମିତି ବା ତା' ରୂପ ସେମିତି ବୋଲି, ସେଗୁଡ଼ିକ ପରସ୍ପରଠାରୁ ସଂପୂର୍ଣ୍ଣ ଭିନ୍ନ ହେବ, ଅଥଚ ଆବିର୍ଭାବଟି ହୋଇଥିଲା ସେହି ଏକ ଓ ସମାନ ସତ୍ତାର । ତୁମେ ଭାରତରେ ଯେଉଁ ଭଗବତୀ ଦିବ୍ୟଜନନୀଙ୍କ ଦର୍ଶନ ପାଇବ, ଠିକ୍ ତାହାଙ୍କୁହିଁ କ୍ୟାଥଲିକ୍‌ମାନେ କହିବେ ଭର୍ଜିନ୍ ମେରୀ ବୋଲି ଏବଂ ଜାପାନୀମାନେ କହିବେ କରୁଣାର ଦେବୀ କ୍ୱାନନ ବୋଲି, ଏବଂ ଅନ୍ୟମାନେ ତାଙ୍କୁ ଅନ୍ୟ ନାମରେ ଅଭିହିତ କରିବେ ।

ଶକ୍ତି ଓ କ୍ଷମତା ବରାବର ସେହି ଏକହିଁ, କିନ୍ତୁ ଭିନ୍ନ ଭିନ୍ନ ବିଶ୍ୱାସର ଅବଲମ୍ବୀମାନେ ତାହାର ଯେଉଁ ପ୍ରତିକୃତି ବା ରୂପ ଗଠନ କରନ୍ତି ତାହା ଭିନ୍ନ ଭିନ୍ନ ହୋଇଥାଏ ।

(CWM Vol. 3, pp. 16 -18)

ଶେଷ ପୃଷ୍ଠା :

# ନୂତନ ସୃଷ୍ଟି ପାଇଁ କ୍ରିୟାଶୀଳ ଏକ ନୂତନ ଚେତନା

## ଶ୍ରୀ ବିଶ୍ୱମ୍ଭର ସାମନ୍ତ

୧୯୬୯ ଏପ୍ରିଲ ପହିଲା ଦିନ ଆଶ୍ରମରେ କ୍ରୀଡ଼ା ପ୍ରତିଯୋଗିତା ଆରମ୍ଭ ଉପଲକ୍ଷେ ମା ଏକ ବାର୍ତ୍ତାରେ କହିଥିଲେ –''ଏହି ବର୍ଷର ଆରମ୍ଭରୁ ପୃଥିବୀରେ ଏକ ନୂତନ ଚେତନା, ମନୁଷ୍ୟମାନଙ୍କୁ ଏକ ନୂତନ ସୃଷ୍ଟି ନିମନ୍ତେ, ଅତିମାନବ ନିମନ୍ତେ ପ୍ରସ୍ତୁତ କରାଇବା ପାଇଁ କ୍ରିୟା କରୁଛି । ଏହି ସୃଷ୍ଟି ସେତିକିବେଳେ ସମ୍ଭବ ହେବ ଯେତେବେଳେ ମନୁଷ୍ୟର ଶରୀର ଯେଉଁ ଉପାଦାନରେ ଗଠିତ, ତହିଁରେ ଘଟିବ ଏକ ବିରାଟ ପରିବର୍ତ୍ତନ – ଫଳରେ ଏହା ଅର୍ଜନ କରିବ ନୂତନ ଚେତନାକୁ ଗ୍ରହଣ କରିବାର ଅଧିକତର ସାମର୍ଥ୍ୟ ଏବଂ ତା'ର କ୍ରିୟାର ପ୍ରଭାବରେ, ଅଧିକତର ନମନୀୟତା ।...''

("Since the beginning of this year a new consciousness is at work upon earth to prepare the men for a new creation, the superman. For this creation to be possible the substance that constitutes man's body must undergo a big change, it must become more receptive to the consciousness and more plastic under its working..." MCW - 12, p. 278)

ଉପରୋକ୍ତ ବାଣୀରେ କ୍ରିୟାଶୀଳ ଏହି ଯେଉଁ ନୂତନ ଚେତନା ବିଷୟରେ ମା କହିଛନ୍ତି, ତା'ର ଯଥାର୍ଥ ସ୍ୱରୂପ ଓ କ୍ରିୟା ସମ୍ପର୍କରେ କୌଣସି ବ୍ୟାଖ୍ୟା ଓ ମନ୍ତବ୍ୟ ଦେବା ବା କଳ୍ପନା-ଜଳ୍ପନା କରିବା ଆମ ପକ୍ଷେ ନିତାନ୍ତ ଧୃଷ୍ଟତା ମାତ୍ର । ଆମେ କେବଳ ଯଦି ଏହି ଚେତନାର ଆଗମନୀ ସମ୍ପର୍କରେ ମା ଯେଉଁ ଗୁରୁତ୍ୱ ଦେଇଛନ୍ତି, ସେ ବିଷୟରେ ସାମାନ୍ୟ ଅବହିତ ହୋଇପାରୁ, ତାହାହିଁ ଆମ ପାଇଁ ବଡ଼ କଥା ।

ପୃଥିବୀରେ ଏକ ନୂତନ ସୃଷ୍ଟି – ଅତିମାନବକୁ ରୂପାୟିତ କରିବା ପାଇଁ ମା ସୃଜନର ଯେଉଁ ଦିବ୍ୟଲୀଳାରେ ଅବତୀର୍ଣ୍ଣା ହୋଇଛନ୍ତି, ତା'ର ଗୂଢ଼ ରହସ୍ୟକୁ ବୁଝିପାରିବା ଆମ ପକ୍ଷରେ ସମ୍ପୂର୍ଣ୍ଣ ଅସମ୍ଭବ । ସ୍ଥୂଳ ଜଗତରେ, ବାହ୍ୟ ଦୃଷ୍ଟିରେ ଦେଖିପାରିଲା ଭଳି ଯେଉଁସବୁ ଘଟଣା ଘଟେ, ତାହା ପଛରେ ଅନ୍ତରାଳରୁ କିପରି ସୂକ୍ଷ୍ମ, ଅତି-ଭୌତିକ ଶକ୍ତି କାମ କରେ, ଆମେ ସେସବୁ କିଛି ବୁଝି ନାହୁଁ । ସୃଷ୍ଟିର ବିବର୍ତ୍ତନରେ ଯେଉଁସବୁ ଯୁଗାନ୍ତକାରୀ ଘଟଣା ଘଟେ, ତାହା ଘଟିବାର ବହୁ ଆଗରୁ ସେଥିପାଇଁ ସୂକ୍ଷ୍ମ ଜଗତରେ ନାନା କ୍ରିୟା ପ୍ରକ୍ରିୟା ଚାଲିଥାଏ । ଉଦାହରଣସ୍ୱରୂପ, ପୃଥିବୀରେ ମନୋମୟ ସତ୍ତା – ମାନବର ଆବିର୍ଭାବ ପୂର୍ବରୁ ସୂକ୍ଷ୍ମ, ଅନ୍ତରାଳର ଜଗତରେ କିପରି ମନର ଅବତରଣ ହୋଇଥିବ ଓ ପୃଥିବୀ ସଙ୍ଗେ ଜଡ଼ିତ ସ୍ଥୂଳ, ସୂକ୍ଷ୍ମ, ନାନା ଶକ୍ତିସହ ସହସ୍ର ସହସ୍ର ବର୍ଷ ଧରି ତା'ର ନାନା ପ୍ରକ୍ରିୟା ଚାଲି ଶେଷରେ ମଣିଷର ସୃଷ୍ଟି ହୋଇଥିବ, ସେସବୁର ରହସ୍ୟ ଆମ ସ୍ଥୂଳ ବିଚାର ବୁଦ୍ଧିରେ ଧରା ପଡ଼େ ନାହିଁ । କିନ୍ତୁ ଯେ ପ୍ରକୃତ ଦ୍ରଷ୍ଟା, ସୃଷ୍ଟି କ୍ରିୟାର ଗୋପନ ରହସ୍ୟ ସହିତ ଯାହାର ଗଭୀର ସମ୍ପର୍କ ଥାଏ, ସେସବୁକୁ ସେ ବୁଝିପାରେ । ଖାଲି ବୁଝିପାରେ ନାହିଁ, ଅନ୍ତରାଳରୁ ସୃଷ୍ଟିର କ୍ରିୟାରେ ମଧ୍ୟ ସେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ । ବାହ୍ୟଦୃଷ୍ଟି ଓ ବିଚାରରେ ଏପରି ଏକ ବ୍ୟକ୍ତି ହୁଏତ ପୃଥିବୀର ଅନ୍ୟାନ୍ୟ ମଣିଷଙ୍କ ପରି ଜଣେ ମଣିଷ ବୋଲି ମନେ ହୋଇ ପାରନ୍ତି; କିନ୍ତୁ ଯଥାର୍ଥରେ ତାଙ୍କ ଚେତନା ସ୍ରଷ୍ଟାର ଚେତନା ସହିତ ଏପରି ଭାବେ ଅଭିନ୍ନ ଓ ଯୁକ୍ତ ହୋଇଥାଏ ଯେ ତାଙ୍କ ଚେତନାରେ ଯାହା କିଛି ଘଟେ, ତାହା ଅବଶ୍ୟମ୍ଭାବୀ ରୂପେ ସୃଷ୍ଟିର କ୍ରିୟାକୁ ପ୍ରଭାବିତ ଓ ପରିଚାଳିତ କରେ, ନୂଆ ରୂପ ଦିଏ । କିନ୍ତୁ ସାଧାରଣତଃ ଯେଉଁମାନେ ଏହି ଦିବ୍ୟକ୍ରିୟାରେ ଭାଗ ନିଅନ୍ତି, ସେମାନେ ଅନେକ ସମୟରେ ମଣିଷର ଅଜ୍ଞ ଓ ସନ୍ଦେହୀ ମନ ନିକଟରୁ ଏସବୁକୁ ଗୋପନ ରଖିବାକୁ ପସନ୍ଦ କରନ୍ତି । ଆମ ପ୍ରତି ଅସୀମ କରୁଣାବଶତଃ ମା ମଝିରେ ମଝିରେ ଆମକୁ ସୂକ୍ଷ୍ମ ଜଗତର ସେହି ସବୁ ନିଗୂଢ଼ ଦିବ୍ୟକ୍ରିୟା ବିଷୟରେ ଅନେକ କଥା ଜଣାଇ ଦେଇଛନ୍ତି; ଯେପରିକି ଆମେ ସେସବୁର ଗୁରୁତ୍ୱ ବୁଝି ସେଥିରୁ ଯଥାର୍ଥ ଲାଭବାନ୍ ହେବା ପାଇଁ ସଚେଷ୍ଟ ହେବୁ ।

ମା ଅପ୍ରେଲ ୧ ତାରିଖ ବାର୍ତ୍ତାରେ ନୂତନ ସୃଷ୍ଟି ପାଇଁ କ୍ରିୟାଶୀଳ ଯେଉଁ ନୂତନ ଚେତନା ବିଷୟରେ କହିଛନ୍ତି ତାହାକୁ ସେ 'ଅତିମାନବ ଚେତନା' (Superman Consciousness)ର ଅବତରଣ ବୋଲି କହିଛନ୍ତି । ସେହି ବର୍ଷ ଜାନୁଆରୀ ପହିଲା ପ୍ରତ୍ୟୁଷରୁ (ଡିସେମ୍ବର ୩୧ ମଧ୍ୟ ରାତ୍ରିରୁ) ଏହାର ଅବତରଣ ହୋଇଥିଲା । ମା ଏ ସମ୍ପର୍କରେ କହିଛନ୍ତି, ''ରାତ୍ରିରେ ଏହା

ଧୀରେ ଧୀରେ ଆସିଲା ଏବଂ ସକାଳୁ ଉଠି ମନେ ହେଲା, ସତେ ଯେପରି ଏକ ସୁନେଲି ଉଷା; ବାତାବରଣ ଅନେକ ଉଶ୍ୱାସ ଥିଲା, ଶରୀର ଏହା ଅନୁଭବ କଲା : ବାସ୍ତବିକ ଏହା ଯଥାର୍ଥରେ ନୂତନ । ଏକ ସ୍ୱର୍ଣ୍ଣିମ ଆଲୋକ, ସ୍ୱଚ୍ଛ ଓ ହିତୈଷୀ (Benevolent) – ନିଶ୍ଚିତତାର ଅର୍ଥରେହିଁ ହିତୈଷୀ, ଏକ ସୁସମଞ୍ଜସ ନିଶ୍ଚିତତା ।''

ମା କହିଛନ୍ତି ସେ ଏହି ଚେତନାକୁ ରାତି ୨ଟା ବେଳେ ଓ ଅନ୍ୟ କେତେ ଜଣ ଭୋର ୪ଟାରେ ଅନୁଭବ କରିଥିଲେ । ମା କହିଥିଲେ ସେମାନେ ସମସ୍ତେ ଅନୁଭବ କରିଛନ୍ତି, ''ଏହା ଥିଲା ଆନନ୍ଦମୟ, କିନ୍ତୁ ସେ ଆନନ୍ଦ ଅତ୍ୟନ୍ତ ବନ୍ଧୁତ୍ୱପୂର୍ଣ୍ଣ, ଶକ୍ତିଶାଳୀ, ଅତ୍ୟନ୍ତ କୋମଳ; ସ୍ମିତ-ମଧୁର ଓ ହିତୈଷୀ ।'' ମା ପୁଣି କହିଛନ୍ତି, ''ଏକ ସ୍ୱର୍ଣ୍ଣିମ ଆଲୋକରେ ଏହା ଥିଲା ଦୀପ୍ତିମୟ, ଏହା ଥିଲା ଖୁବ୍ ଶକ୍ତିଶାଳୀ, ଖୁବ୍ ସମର୍ଥ; କିନ୍ତୁ ଏହାର ସ୍ୱଭାବରେ ପୂରି ରହିଥିଲା ଏକ ସ୍ମିତ ମଧୁର ହିତୈଷଣା, ଏକ ପ୍ରଶାନ୍ତ ଆନନ୍ଦ, ଆନନ୍ଦ ଓ ଆଲୋକ ଦିଗରେ ଏକ ଉନ୍ମୀଳନ ।'' ମା କହିଛନ୍ତି ତାଙ୍କୁ ମନେ ହୋଇଥିଲା, ''ଯେପରିକି ଏକ ଅତି ଶକ୍ତିଶାଳୀ ମହାନ୍ ଓ ବିପୁଳ ଦିବ୍ୟ-ବ୍ୟକ୍ତିତ୍ୱ ଆସିଥିଲା ପୃଥିବୀକୁ ସାହାଯ୍ୟ କରିବାକୁ । ସେ ବ୍ୟକ୍ତିତ୍ୱ ଏତେ ବିରାଟ ଥିଲା ଯେ ପୃଥିବୀଟା ତା' ପାଇଁ ଯେପରିକି ଅତି ଛୋଟ ପେଣ୍ଡୁଟିଏ ! ଏତେ ଶକ୍ତିଶାଳୀ, ଅଥଚ ଅତ୍ୟନ୍ତ କୋମଳ । ସତେ ଯେପରି ମହାନ୍ ଦେବତା କେହି ଆସିଥିଲେ, ପୃଥିବୀକୁ ଶୁଭ ନବବର୍ଷ ଜଣାଇବାକୁ ।''

ଏହି ଚେତନାର ଅବତରଣ ପରଠାରୁ ନିଜ ଶରୀରର ଅନୁଭୂତି ସମ୍ପର୍କରେ ମା କହିଛନ୍ତି, ''ମୋର ଶରୀର ସେହି ମୁହୂର୍ତ୍ତଠାରୁ ଖୁବ୍ ଅଧିକ ଆନନ୍ଦ ଅନୁଭବ କରୁଛି । ତାହା ଯେପରି ମୋର ଶରୀରର ଚାରିଆଡ଼େ ଗଭୀର ଭାବରେ ଅନୁପ୍ରବେଶ କରିଯାଇଛି । ଶରୀର କମ୍ ଏକାଗ୍ର ଓ ଏକ ଆନନ୍ଦମୟ ସ୍ମିତ-ମଧୁର ପ୍ରସାରତା ଭିତରେ ଅଧିକ ଜୀବନ୍ତ ହୋଇଉଠିଛି... ଏହା ଆସିବା ପରଠାରୁ ଶରୀରର ଅନୁଭୂତିରେ ଗୋଟାଏ ପ୍ରକାର ନିଶ୍ଚିତତା ଆସି ଯାଇଛି । ଶାରୀରିକ ଭାବରେ ଅତିମାନସ କ'ଣ, କିପରି ହେବ, ସେ ସମ୍ପର୍କରେ ଠିକ୍ ରୂପେ ଜାଣିବା ପାଇଁ ଯେଉଁ ଉଦ୍‌ବେଗ ଓ ଅନିଶ୍ଚିତତା ଥିଲା, ତା' ଆଉ ନାହିଁ । ଆଗରୁ ଏ ସମ୍ପର୍କରେ ଶରୀର ନିଜକୁ ବରାବର ପ୍ରଶ୍ନ କରୁଥିଲା । କିନ୍ତୁ ବର୍ତ୍ତମାନ ଆଉ ସେସବୁ କଥା ସେ ଭାବୁ ନାହିଁ । ସେ ତୃପ୍ତ ଓ ସନ୍ତୁଷ୍ଟ ହୋଇଯାଇଛି ।''

ଏହି ଚେତନା ସମ୍ପର୍କରେ ମା ଆହୁରି କହିଛନ୍ତି ଯେ, ''ମୁଁ ଅନୁଭବ କରୁଛି, ଚେତନାର ଏହି ଗଠନ ଶରୀରସବୁରେ ଅନୁପ୍ରବିଷ୍ଟ ଓ ଅଭିବ୍ୟକ୍ତ ହେବାକୁ ଯାଉଛି; ସେହିସବୁ ଶରୀରରେ ଏହା ଅନୁପ୍ରବେଶ କରିବ ଓ ନିଜକୁ ଅଭିବ୍ୟକ୍ତ କରିବ, ଯେଉଁ ସବୁ ଶରୀର ହେବ ଅତିମାନସ ଶରୀର ।

''... ... କିଂବା ବୋଧହୁଏ ଏହା ଅତିମାନବ ଚେତନା, ମୁଁ ଠିକ୍ ଜାଣେ ନାହିଁ । ହୁଏତ ଏ ଦୁଇଟିର ମଧ୍ୟବର୍ତ୍ତୀ ଅବସ୍ଥା । ବୋଧହୁଏ ଅତିମାନବ । ଏହା ଥିଲା ବେଶ୍ ମାନବୀୟ କିନ୍ତୁ ଦିବ୍ୟଭାବସମ୍ପନ୍ନ ମାନବତା । କୌଣସି ଛାୟା, କୌଣସି ଦୁର୍ବଳତା ନଥିବା ମାନବତା – ଏହା ଥିଲା ଆଲୋକରେ ଭରା, ଦୀପ୍ତିମୟ ଏବଂ ତହିଁ ସଙ୍ଗେ ସଙ୍ଗେ ସ୍ମିତ-ମାଧୁର୍ଯ୍ୟରେ ପରିପୂର୍ଣ୍ଣ । ବୋଧହୁଏ ଅତିମାନବର ଚେତନା ।''

କିନ୍ତୁ ଏହା ଅତିମାନସ ସତ୍ତାର ଚେତନା କି ଅତିମାନବର ଚେତନା, ସେ ସମ୍ପର୍କରେ ଥିବା ଅସ୍ପଷ୍ଟତା ଦୂର ହୋଇଯିବା ପରେ ମା କହିଛନ୍ତି, ''ଏହା ହେଉଛି ଅତିମାନବ ଚେତନାର ଅବତରଣ । ମୁଁ ପରେ ଏ ସମ୍ପର୍କରେ ନିର୍ଭର ନିଶ୍ଚିତତା ପାଇଛି ।... ମୁଁ ଜାଣିପାରିଲି ଏହା ଅତିମାନବର ଚେତନା ଅର୍ଥାତ୍ ମାନବ ଓ ଅତିମାନସ ସତ୍ତା, ଏ ଦୁଇଟିର ମଧ୍ୟବର୍ତ୍ତୀ ଅବସ୍ଥାର ଚେତନା ।''

ଏହି ବର୍ଷ ଆରମ୍ଭରୁ ଅତିମାନବ ଚେତନାର ଏହି ଯେଉଁ ଅବତରଣ ଘଟିଲା ଏହା କିପରି କ୍ରିୟା କରୁଛି, ମା ସେ ସମ୍ପର୍କରେ କହିଛନ୍ତି ଯେ ଏହା ଯେପରି ଏକ ସୁନ୍ଦର ପରାମର୍ଶଦାତା ବା ଚାଳକ ଓ ପଥପ୍ରଦର୍ଶକ ରୂପେ କାମ କରି ପ୍ରତିମୁହୂର୍ତ୍ତରେ ବୁଝାଇ ଦେଉଛି କ'ଣ କିପରି କରିବାକୁ ହେବ, ''...ଏହା ଶରୀରକୁ କହି ଦେଉଛି ଏହି କାମ କର, ସେହି ଭାବ ଗ୍ରହଣ କର, ଏହି କାମକୁ ଏହିପରି ଭାବରେ କର । ଫଳରେ ଶରୀର ସନ୍ତୋଷ ଓ ସମ୍ପୂର୍ଣ୍ଣ ନିର୍ଭର ନିଶ୍ଚୟତା ପାଇଛି । ଏହା ଆଉ ଆଦୌ କୌଣସି ଭୁଲ୍ କରିବ ନାହିଁ ।'' ଏହି ଚେତନାର କ୍ରିୟା ଫଳରେ ଟିକିନିଖି ସବୁକିଛି ଅଭ୍ରାନ୍ତ ଓ ନିର୍ଦ୍ଦିଷ୍ଟ, ନିଶ୍ଚିତ ଭାବରେ କିପରି ହେଉଛି ତାହା ବୁଝାଇ ମା କହିଛନ୍ତି ତାଙ୍କର ମନ ଓ ପ୍ରାଣ ଆଉ କ୍ରିୟା ନକରି ତା' ସ୍ଥାନରେ ଏହି ନୂତନ ଚେତନାହିଁ କାମ କରୁଛି । ମନ ଉପରେ ଏହି ଚେତନାର ପ୍ରଭାବ ସମ୍ପର୍କରେ ମା କହିଛନ୍ତି ଯେ ଏହା ମଣିଷକୁ ନିର୍ଭୁଲ ଚିନ୍ତା କରିବା ଦିଗରେ ଆଗେଇ ନେବ ।

ଆଉ ଏକ ପ୍ରଶ୍ନର ଉତ୍ତରରେ ମା କହିଛନ୍ତି ତାଙ୍କ ଭିତରେ ଏହି ଚେତନା ଯେପରି ଭାବରେ କାମ କରୁଛି ଅନ୍ୟମାନଙ୍କ ଭିତରେ ମଧ୍ୟ ଏହା ସେପରି ଭାବରେ କାମ କରିବ ।

ଏହି ଚେତନାର ସ୍ୱରୂପ ଓ କ୍ରିୟା ସମ୍ପର୍କରେ ମା ଆହୁରି ଅନେକ କଥା ବିଶଦଭାବରେ ବୁଝାଇଛନ୍ତି । ମା'ଙ୍କର ସବୁ କଥାର ଯଥାର୍ଥ ଅର୍ଥ ଓ ତାତ୍ପର୍ଯ୍ୟକୁ ଆମେ କେତେଟିକେ ବା ବୁଝିପାରିବୁ ! ମା'ଙ୍କୁ କେବଳ ପ୍ରାର୍ଥନା ଜଣାଉଛୁ, ସେହି ଚେତନାର କ୍ରିୟା ପ୍ରତି ଆମ ସତ୍ତାର ସମସ୍ତ ଅଂଶ ଯେପରି ଉନ୍ମୀଳିତ ଓ ଗ୍ରହଣଶୀଳ ହେଉ । ❖

Characteristically the old world, the creation of what Sri Aurobindo calls the Overmind, was an age of the gods, and consequently the age of religions. As I said, the flower of human effort towards what is above it gave rise to innumerable religious forms, to a religious relationship between the noble souls and the invisible world....

And now, all these old things seem so old, so out-of-date, so arbitrary – such a travesty of the real truth.

In the supramental creation there will no longer be any religions. The whole life will be the expression, the flowering into forms of the divine Unity manifesting in the world. And there will no longer be what men now call gods.

(MCW, Vol. 9, p. 150-151) – The Mother

ପୁରୁଣା ପୃଥିବୀ, ଯାହାକି ଶ୍ରୀଅରବିନ୍ଦଙ୍କ ଭାଷାରେ ଅଧିମାନସର ସୃଜନ, ତାହା ସ୍ୱଭାବତଃ ଥିଲା ଦେବତାମାନଙ୍କର ଯୁଗ, ଏବଂ ଫଳତଃ ଧର୍ମସମୂହର ଯୁଗ । ମୁଁ ଯାହା କହିଲି, ଏ ପୃଥିବୀର ଉର୍ଦ୍ଧ୍ୱରେ ଯାହା ଅଛି, ସେଦିଗରେ ମାନବିକ ପ୍ରୟାସର ନିର୍ଯାସ ଅସଂଖ୍ୟ ଧର୍ମଧାରାର, ମହତ୍ ଆତ୍ମାସବୁ ସହ ଅଦୃଶ୍ୟ ଜଗତର ଏକ ଧର୍ମନୈତିକ ସମ୍ପର୍କର ପ୍ରବର୍ତ୍ତନ କଲା ।...

ଏବଂ ବର୍ତ୍ତମାନ – ଏଯାବତ୍ ପୁରୁଣା କଥା ମନେହୁଏ ଏକାନ୍ତ ପୁରୁଣା, ଏକାନ୍ତ ସମୟ-ସଂଗତି-ରହିତ, ଏକାନ୍ତ ଅଯୌକ୍ତିକ – ପ୍ରକୃତ ସତ୍ୟର ଏକାନ୍ତ ବିକୃତି ।

ଅତିମାନସ ସୃଷ୍ଟିରେ କୌଣସି ଧର୍ମ ତିଷ୍ଠିବ ନାହିଁ । ସମଗ୍ର ଜୀବନହିଁ ହେବ ପୃଥିବୀରେ ଅଭିପ୍ରକାଶମାନ ଦିବ୍ୟ-ଏକତ୍ୱର ଅଭିବ୍ୟକ୍ତି, ତା'ର କ୍ରମ-ରୂପାୟନ । ଏବଂ ସେଠାରେ ମଣିଷ ବର୍ତ୍ତମାନ କହୁଥିବା 'ଦେବାଦେବୀ' ବୋଲି କିଛି ରହିବେ ନାହିଁ ।

- ଶ୍ରୀମା


1947

At the very moment when everything seems to go from bad to worse, it is then that we must make a supreme act of faith and know that the Grace will never fail us.

At the very moment when everything seems to go from bad to worse, it is then that we must make a supreme act of faith and know that the Grace will never fail us.

(CWM-15, pp. 168-169) - The Mother

''ଏପରି ଏକମୁହୂର୍ତ୍ତରେ, ଯେତେବେଳେ କି ସବୁକିଛି ଖରାପରୁ ଅଧିକ ଖରାପ ହୋଇ ଚାଲିଛି, ଠିକ୍ ସେତିକିବେଳେହିଁ ଆମେ ସର୍ବୋଚ୍ଚ ସକ୍ରିୟ ବିଶ୍ୱାସର ପରିଚୟ ଦେବା ଏବଂ ପରମକରୁଣା ଯେ ଆମକୁ କଦାପି ଛାଡ଼ି ଚାଲି ଯିବ ନାହିଁ, ସେହି କଥାଟିକୁ ଜାଣି ରଖିବା ।''

- ଶ୍ରୀମା

Vol. LX, No. 4, NAVAJYOTI – 24 November 2017, R. N. 8889/63

ନବଜ୍ୟୋତି ପ୍ରକାଶନ ବିଭାଗ ଦ୍ୱାରା ପ୍ରକାଶିତ ପୁସ୍ତକମାନ ତଥା ନବପ୍ରକାଶ, ନବଜ୍ୟୋତି ପତ୍ରିକା ପାଇବା ନିମନ୍ତେ Draft ପଠାଇଲେ **Navajyoti Publication** ନାମରେ Draft କରିବାକୁ ଅନୁରୋଧ ।

## ବିଶେଷ ସୂଚନା

## ବେଦରହସ୍ୟ




ଶ୍ରୀଅରବିନ୍ଦଙ୍କ ରଚିତ ‘The Secret of the Veda’ (Part One) ପୁସ୍ତକର ଓଡ଼ିଆ ଅନୁବାଦ ‘ବେଦରହସ୍ୟ’ (ପ୍ରଥମ ଭାଗ) ପ୍ରକାଶ ପାଇଲା । ଶ୍ରୀଅରବିନ୍ଦଙ୍କ ଭାଷାରେ ‘‘ଆମ ଆଧ୍ୟାତ୍ମିକ ଜ୍ଞାନର ଆଦି ଥିଲା ବେଦ; ତା’ର ଅନ୍ତରୂପେ ମଧ୍ୟ ରହିବ ବେଦ ।’’

ଆଶାକରୁ ପୂର୍ଣ୍ଣଯୋଗରେ ଅନୁରାଗୀ ଜିଜ୍ଞାସୁ ପାଠକମାନେ ବେଦ ଆଧାରିତ ଏହି ଉପାଦେୟ ପୁସ୍ତକଟି ଅଧ୍ୟୟନ କରି ଉପକୃତ ହେବେ ।

୩୦୫ ପୃଷ୍ଠା ସମ୍ବଳିତ ଏହି ପୁସ୍ତକଟିର ମୂଲ୍ୟ : **ଟ. ୧୬୦/-** ରଖାଯାଇଛି ।

### ପ୍ରାପ୍ତିସ୍ଥାନ :

**ନବଜ୍ୟୋତି କାର୍ଯ୍ୟାଳୟ, ଶ୍ରୀଅରବିନ୍ଦ ଆଶ୍ରମ, ପଣ୍ଡିଚେରୀ - ୬୦୫ ୦୦୨**
**ମାତୃଭବନ, ଶ୍ରୀଅରବିନ୍ଦ ମାର୍ଗ, କଟକ - ୭୫୩ ୦୧୩**

(ଯେଉଁମାନେ ଡାକ ଦ୍ୱାରା ଏହାକୁ ପାଇବାକୁ ଚାହାନ୍ତି ସେମାନେ ନବଜ୍ୟୋତି କାର୍ଯ୍ୟାଳୟ ଠିକଣାରେ ମନିଅଡ଼ର କରି ଟଙ୍କା ପଠାଇଲେ ସେମାନଙ୍କ ପାଖକୁ ଏହା Regd. Post ଯୋଗେ ପଠାଇ ଦିଆଯିବ ।)

Published by Manoj Das Gupta on behalf of Sri Aurobindo Ashram Trust for Navajyoti Publications, Sri Aurobindo Ashram, Pondicherry - 2 and Printed by Swadhin Chatterjee at Sri Aurobindo Ashram Press, Pondicherry - 2, India.

Editor : Biswambhara Samanta

**ପ୍ରତି ସଂଖ୍ୟା : ୨୦ ଟଙ୍କା, ବାର୍ଷିକ ଚାନ୍ଦା : ୮୦ ଟଙ୍କା, ଆଜୀବନ ସଭ୍ୟଚାନ୍ଦା (୨୦ ବର୍ଷ) : ୮୦୦ ଟଙ୍କା**

**Single Copy : Rs. 20.00, Annual Subscription : Rs. 80.00, Life Member (20 years) : Rs. 800.00**